THE MOST BLESSED EVENT

# VYASA-PUJA

13th July 2025



The 72nd Holy Appearance Day of
Our Beloved Spiritual Master

## HIS HOLINESS SRILA BHAKTI GAURAV NARAYAN SWAMI GURU MAHARAJ





His Divine Grace A.C. Bhaktivedanta Swami Prabhupada

Founder Acharya: International Society for Krishna Consciousness



His Holiness Tamal Krishna Goswami Maharaj
Spiritual Master of our Beloved Gurumaharaj



Offering garland to H.H. Bhakti Svarupa Damodar Maharaj at ISKCON Cuttack



Giving blessings to H.G. Anandmayee Devi Dasi at ISKCON Angul



With devotees at ISKCON Angul



With devotees at ISKCON Jaipur, Rajasthan



With H.H. Bhakti Purusotam Swami at ISKCON Bhubaneswar



Feeding cows at ISKCON New Town, Kolkata




With devotees at ISKCON Dhenkanal



With H.H. Bhakti prana Gopinath Swami and
HG. Sridham Govind Das at Jagannth Dham Puri



Offering Arati to Sr Sri Gaura Nitai
at ISKCON Baliapanda, Puri



With devotees at Hyderabad





With H.H. Bhakti Purusotam Swami, H.H. Bhakti Vijay Bhagavat Swami and H.G. Devakinandan Das
at ISKCON Gangasgar



Giving blessings to the family of
H.G. Radheshyama Das




With devotees at ISKCON Dumdum, Kolkata



At Prayagraj



With H.H. Bhakti Prana Gopinath Swami
at ISKCON Cuttack



With H.H. Bhakti sar Govind Ananda Swami Maharaj



With H.H. Guru Prasad Swami,
ISKCON Vrindavan




With H.G. Vallabha Chaitanya Das,
ISKCON Dumdum, Kolkata



With H.H. Radhanath Swami
at ISKCON Juhu



With H.H. Radhe Shyamananda Swami
at ISKCON Vrindavan



With H.G. Anangamohan Das and H.G. Vallabha
Chaitanya Das, at ISKCON Tolley Gaunge



With family members of H.G. Anupama Krishna Das
at his residence, Bhubaneswar



Offering garland to Srila Prabhupada
at ISKCON Dhenkanal



With H.H. Bhakti Prana Gopinath Swami and
H.H. Atmaramananda Swami at Howrah Railway station



Nrsimha Jagyan at ISKCON Dhenkanal



With H.G. Vraja Hari Das and
H.G. Devakinandan Das at Puri



With Brahmapur devotees
at Ram tala, Vrindavan



Offering garland to H.H. Tamal Krishna Goswami
at his quarters, Vrindavan



With H.H. Hari Das Swami Maharaj



With H.H. Radha Raman Maharaj
at ISKCON Vrindavan



With H.G. Vasu Ghosh Das Prabhuji
at ISKCON Ahmedabad



Honouring Jagannath Mahaprasad at Puri

୭୨ତମ ଶୁଭ ଆବିର୍ଭାବ ତିଥି

# ବ୍ୟାସପୂଜା ମହୋତ୍ସବ

**୧୩ ଜୁଲାଇ ୨୦୨୫**



ଓଁ ବିଷ୍ଣୁପାଦ ପରମହଂସ ପରିବ୍ରାଜକାଚାର୍ଯ୍ୟ
**ଶ୍ରୀ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜଙ୍କ**
ପବିତ୍ର ଆବିର୍ଭାବ ତିଥି ଉପଲକ୍ଷେ ଶିଷ୍ୟ/ଶିଷ୍ୟାମାନଙ୍କର
ସଶ୍ରଦ୍ଧ ଭକ୍ତି ପୁଷ୍ପାଞ୍ଜଳି ଶ୍ରୀଚରଣ କମଳରେ ଅର୍ପଣ କରୁଅଛୁ।
ଆଶାକରୁ, ପ୍ରସନ୍ନ ହୃଦୟରେ ସେ ଏହାକୁ ଗ୍ରହଣ କରିବେ।

**ଶ୍ରୀ ଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜଙ୍କ**

୭୨ତମ ଶୁଭ ଆବିର୍ଭାବ ଉତ୍ସବ

**ସମ୍ପାଦନା ମଣ୍ଡଳୀ**

ଶ୍ୟାମ କୃପା ଦାସ

ମୋହନ କୃଷ୍ଣ ଦାସ

**ପ୍ରକାଶକ**

ବ୍ୟାସପୂଜା ପରିଚାଳନା କମିଟି

**ମୁଦ୍ରଣ**

ପ୍ରିଣ୍ଟଟେକ୍ ଅଫସେଟ ପ୍ରା.ଲିଃ.

ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

# ଶ୍ରୀ ଗୁରୁବନ୍ଦନା



ଶ୍ରୀଗୁରୁଚରଣ ପଦ୍ମ କେବଳ ଭକତିସଦ୍ମ
ବନ୍ଦୌଁ ମୁଇଁ ସାବଧାନ ମତେ ।
ଯାହାର ପ୍ରସାଦେ ଭାଇ ଏ ଭବ ତରିୟା ଯାଇ
କୃଷ୍ଣପ୍ରାପ୍ତି ହୟ ଯାଁହା ହୈତେ ॥

ଗୁରୁମୁଖ ପଦ୍ମ ବାକ୍ୟ ଚିତ୍ତେତେ କରିୟା ଐକ୍ୟ
ଆର ନା କରିହ ମନେ ଆଶା ।
ଶ୍ରୀଗୁରୁଚରଣେ ରତି ଏହି ସେ ଉତ୍ତମ ଗତି
ଯେ ପ୍ରସାଦେ ପୂରେ ସର୍ବ ଆଶା ॥

ଚକ୍ଷୁଦାନ ଦିଲ ଯେଇ, ଜନ୍ମେ ଜନ୍ମେ ପ୍ରଭୁ ସେଇ
ଦିବ୍ୟଜ୍ଞାନ ହୃଦେ ପ୍ରକାଶିତ ।
ପ୍ରେମଭକ୍ତି ଯାହା ହୈତେ ଅବିଦ୍ୟାବିନାଶ ଯାତେ
ବେଦେ ଗାୟ ଯାଁହାର ଚରିତ ॥

ଶ୍ରୀଗୁରୁ କରୁଣାସିନ୍ଧୁ ଅଧମ ଜନର ବନ୍ଧୁ
ଲୋକନାଥ ଲୋକେର ଜୀବନ
ହା ହା ପ୍ରଭୁ କର ଦୟା ଦେହ ମୋରେ ପଦଛାୟା
ଏବେ ଯଶ ଘୁଷୁକ୍ ତ୍ରିଭୁବନ ॥

# ସୂଚୀପତ୍ର

## ଓଡ଼ିଆ ବିଭାଗ


| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|
| 1. | ଅଭିନନ୍ଦ ଦାସ | 3 |
| 2. | ଅନନ୍ତ ବାସୁଦେବ ଦାସ | 4 |
| 3. | ଅଜିତ୍ ହରିଦାସ | 6 |
| 4. | ଅଞ୍ଜନା ଦେବୀଦାସୀ | 6 |
| 5. | ଅଜିତକୃଷ୍ଣ ଦାସ | 8 |
| 6. | ଅକ୍ଷୟ ହରି ଦାସ, ଅନୁପମା ଦେବୀଦାସୀ | 8 |
| 7. | ଅରବିନ୍ଦାକ୍ଷ ଦାସ | 9 |
| 8. | ଆନନ୍ଦମୟୀ ଦେବୀଦାସୀ | 10 |
| 9. | ଇନ୍ଦିରା ଦେବୀଦାସୀ | 10 |
| 10. | କଳକଣ୍ଠ ଦେବୀଦାସୀ | 11 |
| 11. | କିଶୋରୀ ଦେବୀଦାସୀ | 12 |
| 12. | କିଶୋରୀ କୃଷ୍ଣା ଦେବୀଦାସୀ | 12 |
| 13. | କୃଷ୍ଣ କେଶବ ଦାସ | 13 |
| 14. | କୃଷ୍ଣକୀର୍ତ୍ତି ଦାସ, ସାଧ୍ୱୀ ଦେବୀଦାସୀ | 14 |
| 15. | କୃଷ୍ଣ ଶଖା ଦାସ | 14 |
| 16. | କୃଷ୍ଣ ବଲ୍ଲଭ ଦାସ | 15 |
| 17. | କୃଷ୍ଣ ବଲ୍ଲଭା ଦେବୀଦାସୀ | 16 |
| 18. | ଶ୍ରୀକୃଷ୍ଣ ପ୍ରିୟ ଦାସ | 17 |
| 19. | ଗୌରହରି ଦାସ | 18 |
| 20. | ଗାୟତ୍ରୀ ପଣ୍ଡା | 19 |
| 21. | ଚିନ୍ମୟୀ ପଣ୍ଡା | 19 |
| 22. | ଜଗନମୋହିନୀ ଦେବୀଦାସୀ | 20 |
| 23. | ଜଗନ୍ନାଥେଶ୍ୱରୀ ଦେବୀଦାସୀ | 21 |
| 24. | ଜଗନ୍ନାଥ ଦାସ | 22 |
| 25. | ଜୟ ବୃନ୍ଦେ ଦେବୀଦାସୀ | 23 |
| 26. | ଜୟ ଗୋପୀନାଥ ଦାସ | 24 |
| 27. | ଜୟଲକ୍ଷ୍ମୀ | 26 |
| 28. | ଜାହ୍ନବା ଦେବୀଦାସୀ | 27 |
| 29. | ଯମୁନା ଦେବୀଦାସୀ | 28 |
| 30. | ଜୟନ୍ତୀ ଦେବୀଦାସୀ | 28 |
| 31. | ଦୀପକ କୁମାର ଜେନା | 29 |
| 32. | ଦୀନକୃଷ୍ଣ ଦାସ | 30 |
| 33. | ଦେବପ୍ରିୟା ଦେବୀଦାସୀ | 31 |
| 34. | ଧରିତ୍ରୀ ଗୌଡ଼ | 32 |
| 35. | ନବକିଶୋର ଦାସ | 34 |
| 36. | ଦେବହୁତି ଦେବୀଦାସୀ | 34 |
| 37. | ନନ୍ଦ କୁମାର ଦାସ | 35 |
| 38. | ନାରାୟଣ ଦାସ | 36 |
| 39. | ନର୍ମଦା ନାହାକ | 37 |
| 40. | ନେତ୍ର ମଞ୍ଜରୀ ଦେବୀଦାସୀ | 38 |
| 41. | ପରାପକୃତି ଦେବୀଦାସୀ | 39 |
| 42. | ପୁରୁଷୋତ୍ତମ ଦାସ | 41 |
| 43. | ପ୍ରିୟବ୍ରତ ଦାସ, ମହାଭାବମୟୀ ଦାସୀ | 42 |
| 44. | ପ୍ରାଣବଲ୍ଲଭର ଦେବୀଦାସୀ, କୃଷ୍ଣ କମଳ ଦାସ | 42 |
| 45. | ପ୍ରେମ କିଶୋର ଦାସ | 43 |
| 46. | ପ୍ରେମନିକେତନ ଦାସ | 44 |
| 47. | ପ୍ରିୟସଖୀ ଦେବୀଦାସୀ | 45 |
| 48. | ପୃଥ୍ୱୀରାଜ ମହାପାତ୍ର | 46 |

| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|
| 49. | ବଳରାମ ଦାସ, ସୁକଣ୍ଠି ଦେବୀଦାସୀ | 47 |
| 50. | ବସନ୍ତ ରାସ ଦାସ | 48 |
| 51. | ବନିତା ଲେଙ୍କା | 49 |
| 52. | ବିଜୟ କୃଷ୍ଣ ଦାସ | 49 |
| 53. | ବିଶ୍ୱଜିତ୍ ସାହୁ | 50 |
| 54. | ବୈଷ୍ଣବାନନ୍ଦ ଦାସ | 52 |
| 55. | ବୃନ୍ଦାବନ ବାସିନୀ ଦେବୀଦାସୀ | 52 |
| 56. | ବ୍ରଜେନ୍ଦ୍ର ନନ୍ଦନ ଦାସ, ନିତ୍ୟା କିଶୋରି ଦେବୀଦାସୀ | 53 |
| 57. | ବ୍ରଜରାଜ ଦାସ, ପଦ୍ମା ଦେବୀଦାସୀ | 54 |
| 58. | ବୃନ୍ଦାବନ ଦାସ | 55 |
| 59. | ବୃନ୍ଦାରିକା ଦେବୀଦାସୀ | 56 |
| 60. | ବେଣୁଧାରୀ ଦାସ | 57 |
| 61. | ବୃନ୍ଦାବନ ନାଥ ଦାସ | 57 |
| 62. | ମଦନ ମୋହିନୀ ଦେବୀଦାସୀ | 58 |
| 63. | ମନମୋହନ ଦାସ | 59 |
| 64. | ମୋହନ କୃଷ୍ଣ ଦାସ | 59 |
| 65. | ମୁକୁନ୍ଦ ପ୍ରିୟା ଦେବୀଦାସୀ, ରଘୁବୀର ଦାସ | 60 |
| 66. | ରାଧାଜୀବନ ଦାସ, କାଳନ୍ଦୀ ଦେବୀଦାସୀ | 61 |
| 67. | ରାଧାପ୍ରିୟ ଦାସ | 63 |
| 68. | ରାଧିକା କିଶୋରୀ ଦେବୀଦାସୀ | 65 |
| 69. | ରାଜଶ୍ରୀ ଶତପଥି | 65 |
| 70. | ରସିକ ରାଜ ଦାସ | 66 |
| 71. | ରତିପ୍ରଭା ଦେବୀଦାସୀ | 67 |
| 72. | ରତ୍ନ ପ୍ରଭା | 68 |
| 73. | ରୁକ୍ମଣୀ ଦେବୀଦାସୀ | 70 |
| 74. | ରୁନୁ ମଲ୍ଲିକ | 70 |
| 75. | ଲକ୍ଷ୍ମୀ ସେବିକା ଦାସୀ | 72 |
| 76. | ଲୀଳା ମାଧୁରୀ ଦେବୀଦାସୀ | 72 |
| 77. | ଲୀଳାବତୀ ଦେବୀଦାସୀ | 73 |
| 78. | ଶ୍ରୀତମ୍ ପରିଡ଼ା | 74 |
| 79. | ଶ୍ରୀରାମ ଦାସ | 75 |
| 80. | ଷଡ଼ଭୁଜ ଦାସ | 75 |
| 81. | ସବ୍ୟା ଦେବୀଦାସୀ | 76 |
| 82. | ସଖି ଦେବୀଦାସୀ | 77 |
| 83. | ସନ୍ତୋଷ କୁମାର ସ୍ୱାଇଁ | 78 |
| 84. | ସର୍ବସାକ୍ଷୀ ଦାସଃ | 78 |
| 85. | ସରିତା ଶ୍ରେଷ୍ଠା ଦେବୀଦାସୀ | 79 |
| 86. | ସାର୍ବଭୌମ ଦାସ | 80 |
| 87. | ସତ୍ୟକାମ ଦାସ | 81 |
| 88. | ଶ୍ରୀ ଉପେନ୍ଦ୍ର ମିଶ୍ର ଦାସ | 81 |
| 89. | ସିହାଂଚଳ ନୃସିଂହ ଦାସ | 82 |
| 90. | ସୀତାପତି ଦାସ | 83 |
| 91. | ସ୍ମାଇଲ୍ ଓଝା | 83 |
| 92. | ସୃଷ୍ଟି ଦେବୀଦାସୀ | 84 |
| 93. | ସୁଦର୍ଶନ ଦାସ | 84 |
| 94. | ସୁମିତ୍ରା ଦେବୀଦାସୀ | 85 |
| 95. | ସୁମୁଖ ଦାସ | 87 |
| 96. | ସୁନ୍ଦର ଶ୍ୟାମ ପ୍ରଭୁ, ଲକ୍ଷ୍ମୀ ଦେବୀଦାସୀ | 87 |
| 97. | ସୂର୍ଯ୍ୟକୁଣ୍ଡ ଦେବୀଦାସୀ | 89 |
| 98. | ଶୁଭା ଦେବୀଦାସୀ | 89 |
| 99. | ସୁଶୀଲ କୃଷ୍ଣ ଦାସ | 90 |
| 100. | ହରିପଦ ଦାସ | 91 |
| 101. | ହେମଲତା, ବି.ହେମଲତା | 92 |
| 102. | କ୍ଷମା ଦେବୀଦାସୀ | 92 |

| କ୍ର.ନ | ଶିଷ୍ୟ / ଶିଷ୍ୟା | ପୃଷ୍ଠା |
|---|---|---|


## ENGLISH SECTION


| | | |
|---|---|---|
| 103. | Ajay Goyal and Seema Goyal | 96 |
| 104. | Aishani | 96 |
| 105. | Amritesh Gaura Das | 97 |
| 106. | Ananda Vrindavan Dasa | 99 |
| 107. | Ananya Devi Dasi | 99 |
| 108. | Ananta Rupa das | 101 |
| 109. | Aradhana Devi Dasi | 101 |
| 110. | Ashok Krisna Das | 102 |
| 111. | Barad Krishna Das | 105 |
| 112. | Bhagvat Das. | 105 |
| 113. | Sumitra Panda & Debasish Mishra | 106 |
| 114. | Charu Krishna (Nimai) | 106 |
| 115. | Deeptimayi Radhika Devi Dasi | 108 |
| 116. | Dipak Kumar Rout | 108 |
| 117. | Falguni Priya Devi Dasi | 109 |
| 118. | Ipsita | 111 |
| 119. | Jammula Susmita Kumari | 111 |
| 120. | Janak Maharaj Das | 113 |
| 121. | Keshava Krishna Das | 113 |
| 122. | Laxmipriya Devi Dasi | 114 |
| 123. | Manoj Kumar Subudhi | 116 |
| 124. | Mukesh Ojha | 116 |
| 125. | Madan Mohini Devi Dasi | 117 |
| 126. | Priya Devi Dasi | 118 |
| 127. | Radheshaym , Priyakishori & Priyashree. | 120 |
| 128. | Sabyasachi Das & Sugopi DeviDasi | 122 |
| 129. | Saloni | 122 |
| 130. | ShyamaSakhi Devi Dasi | 123 |
| 131. | Varsabhanavi (Krishna) | 124 |


## HINDI SECTION


| | | |
|---|---|---|
| 132. | अर्चना देवी दासी | 127 |
| 133. | आनंद कृष्ण दास | 128 |
| 134. | चारू कृष्ण दास | 129 |
| 135. | गोपाल प्रिया देवी दासी | 130 |
| 136. | कमला | 130 |
| 137. | कविता | 131 |
| 138. | मनिल यादव | 132 |
| 139. | मुत्कि दात्री देवि दासी | 133 |
| 140. | रमेश्वरी राधे देवीदासी | 133 |
| 141. | रोहिणी प्रिया लेंका | 134 |
| 142. | सविता | 134 |
| 143. | सर्वलक्ष्मीमयी देवी दासी | 135 |

# ଶିଷ୍ୟ / ଶିଷ୍ୟାଙ୍କ ଦ୍ୱାରା ଅର୍ପିତ ଅର୍ଘ୍ୟ
# (OFFERINGS BY DISCIPLES)

# ଓଡ଼ିଆ ବିଭାଗ

# ମହା ଆନନ୍ଦ ଉତ୍ସବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ପରମ ପୂଜ୍ୟ ଗୁରୁଦେବ ! ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଚରଣ କମଳରେ କୋଟି କୋଟି ଦଣ୍ଡବତ ପ୍ରଣାମ । ଆପଣଙ୍କ ଭଳି ମହାନ୍ ଗୁରୁଙ୍କ ଗୁଣକୀର୍ତ୍ତନ କରିବାପାଇଁ ମୁଁ ଅଯୋଗ୍ୟ ।

ମୁଁ ଆପଣଙ୍କ ସଙ୍ଗର ଅନୁଭୂତିରୁ ପଦେ ଲେଖୁଛି । ଗୁରୁଦେବ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାକୁ ପୁରୀ ଯାଇଥାନ୍ତି । ୨୦୨୪ ମସିହାରେ ମଧ୍ୟ ପୁରୀ ଯାଇଥିଲେ । ଜଗନ୍ନାଥ ମନ୍ଦିର ସାମ୍ନାରେ ରାଧାବଲ୍ଲଭ ମଠ ଅବସ୍ଥିତ । ସେହି ଛାତ ଉପରେ ବସି ଭଗବାନଙ୍କ ସ୍ନାନବେଶ ଦର୍ଶନ କରନ୍ତି । ସେଠି ସବୁ ଭକ୍ତମାନେ ଥିଲେ । ଶ୍ୟାମକୃପାପ୍ରଭୁ, ପୁରୁଷୋତ୍ତମ କୃଷ୍ଣ ପ୍ରଭୁ, ଜୟଗୋପାଳ ପ୍ରଭୁ, ପୁରୀର ଅଚ୍ୟୁତ ପ୍ରଭୁ ଥିଲେ । ଅଚ୍ୟୁତାନନ୍ଦ ପ୍ରଭୁ କହିଲେ, "ଗୁରୁଦେବ, ପୁରୀରେ ଜମା ବର୍ଷା ହେଉନି । ଜୋରରେ ବର୍ଷା ଉଠଉଚି । ବାଦଲ ଡାକୁଛି କିନ୍ତୁ କେବେ ବର୍ଷା ହେଉ ନାହିଁ । ଆଜି ମଧ୍ୟ ସେଇଆ ହେବ ।" ଏଇଟା ୧୦ଟା ସମୟର କଥା । ଗୁରୁଦେବ ହସିଲେ । କହିଲେ କି ଆଜି ହେଲା ସ୍ନାନପୂର୍ଣ୍ଣିମା ପ୍ରଥମେ ଇନ୍ଦ୍ରଦେବଙ୍କ ଜଳରେ ସ୍ନାନ କରିବେ । ତା'ପରେ ପଣ୍ଡାମାନଙ୍କ ଜଳରେ ସ୍ନାନ କରିବେ । ସତକୁ ସତ ୧୨ଟା ସମୟ ବେଳକୁ ସଙ୍ଗେ ସଙ୍ଗେ କଳାମେଘ ଘୋଟି ଆସିଲା । ଇନ୍ଦ୍ରଦେବ କୃପା କଲେ । ବର୍ଷା ପୁରା ଗାଳିଲା । ବଡ଼ଦାଣ୍ଡରେ ପାଦବୁଡ଼ି ପାଣିଚାଲିଲା । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ବର୍ଷା ଜଳରେ ସ୍ନାନ କଲେ ପ୍ରଥମେ । ତା'ପରେ ପଣ୍ଡାମାନଙ୍କ ଜଳରେ ସ୍ନାନ କଲେ । ଗୁରୁଦେବ ଯେଉଁ ଛାତରେ ବସିକି ଦେଖୁଥିଲେ ସେଠି ପାଣି ପାଦ ବୁଡ଼ିଗଲା ଭକ୍ତମାନେ କହିଲେ- ଗୁରୁଦେବ ଆପଣ ଓଦା ହୋଇଗଲେ ଭିତରକୁ ଆସନ୍ତୁ । ଗୁରୁଦେବ କହିଲେ- ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓଦା ହେଉଛନ୍ତି, ଆମେ ଓଦା ହେଲେ କ'ଣ ହେଲା, ଅସୁବିଧା କିଛି ନାହିଁ । ଗୁରୁଦେବ କହିଲେ, 'ଏଇଟା ହେଲା ମହା ଆନନ୍ଦ ଉତ୍ସବ ।' କହି ଠୋଠୋ ହୋଇ ହସିଲେ । ଗୁରୁଦେବ ବସିକି ସେମିତି ଦେଖୁଥାଆନ୍ତି, ହସୁଥାଆନ୍ତି ଓ ଜପ ବି କରୁଥାନ୍ତି । ଶ୍ୟାମକୃପା ପ୍ରଭୁ ଗୋଟେ ଛୋଟ ଛତା ଦେଇଥିଲେ । ସେଇ ଛତାକୁ ମୁଁ ଧରିଥାଏ । ଯେହେତୁ ଛତାଟି ଛୋଟ ଥିଲା ଆମେ ପୁରା ଓଦା ହୋଇଗଲୁ । ଗୁରୁଦେବ ବି ପୁରା ଓଦା । ବହୁ ସମୟପରେ ଭକ୍ତମାନଙ୍କ ଅନୁରୋଧକ୍ରମେ ତଳକୁ ଆସିଲେ ଓ ରୁମ୍‌କୁ ଯାଇ ପ୍ରସାଦ ପାଇଲୁ । ରାଧାନାଥ ପ୍ରଭୁ ପ୍ରସାଦ ବନେଇ ଥିଲେ, ସମସ୍ତେ ପାଇଲୁ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ମହାରାଣୀଙ୍କ ପାଖରେ ପ୍ରାର୍ଥନା କରୁଛି, ଗୁରୁଦେବଙ୍କୁ ସର୍ବଦା ସୁସ୍ଥ ରଖି ଥାଆନ୍ତୁ । ଗୁରୁଦେବ ପ୍ରତିବର୍ଷ ଏହିପରି ସ୍ନାନ ପୂର୍ଣ୍ଣିମାରେ ଦର୍ଶନ କରୁଥାନ୍ତୁ । ହେ ଗୁରୁଦେବ ! ଏ ଦୀନହୀନ ଅକିଞ୍ଚନକୁ ଆପଣଙ୍କ ଚରଣକମଳରେ ଧୂଳିକଣା ସଦୃଶ ସର୍ବଦା ସ୍ଥାନ ଦିଅନ୍ତୁ ।

*ଆପଣଙ୍କର ହତଭାଗା ପୁତ୍ର*
***ଅଭିନନ୍ଦ ଦାସ***

# ସଦ୍‌ଗୁରୁଙ୍କ ପାଦାଶ୍ରୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜ, ଆଜି ଆପଣଙ୍କର ପବିତ୍ର ୭୨ତମ ବ୍ୟାସ ପୂଜା ମହା ମହୋତ୍ସବରେ ଏହି ଅଧମ ଅଯୋଗ୍ୟ ଶିଷ୍ୟର କୋଟି କୋଟି ଦଣ୍ଡବତ ପ୍ରଣାମ। ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଶ୍ରୀଶ୍ରୀ ଶ୍ୟାମସୁନ୍ଦର ଭଗବାନଙ୍କ ନିକଟରେ ଅର୍ପଣ କରି ଆପଣଙ୍କର ଦୀର୍ଘ ନିରାମୟ ଜୀବନ କାମନା କରୁଛି।

ସପ୍ତମ ଗୋସ୍ୱାମୀ ଶ୍ରୀଲ ଭକ୍ତି ବିନୋଦ ଠାକୁର ଶ୍ରୀରୂପ ଗୋସ୍ୱାମୀ ବିରଚିତ "ଉପଦେଶାମୃତ' ପୁସ୍ତକର ଭାଷ୍ୟରେ ବର୍ଣ୍ଣନା କରିଛନ୍ତି ଯେ ଉଚ୍ଚାକାଂକ୍ଷୀ ଭକ୍ତମାନେ ସର୍ବପ୍ରଥମେ ଜଣେ ସଦ୍‌ଗୁରୁଙ୍କ ପାଦପଦ୍ମରେ ଆଶ୍ରିତ ହେବା ଉଚିତ। ସଦ୍ ଗୁରୁଙ୍କ ପାଦାଶ୍ରୟ ବ୍ୟତିରେକେ କୌଣସି ପ୍ରକାର ଶୁଭ ପ୍ରାପ୍ତି ସମ୍ପୂର୍ଣ୍ଣ ଭାବେ ଦୁରୂହ। ସାଧାରଣତଃ ଦୁଇ ପ୍ରକାର ମନୁଷ୍ୟ ଅଛନ୍ତି, ପ୍ରଥମଟି ହେଉଛି ଉନ୍ନତି ବୁଦ୍ଧି ସମ୍ପନ୍ନ ଏବଂ ଦ୍ୱିତୀୟଟି ହେଉଛି ଅନୁନ୍ନତ ବୁଦ୍ଧି ସମ୍ପନ୍ନ। ଯେଉଁମାନଙ୍କର ବୁଦ୍ଧି ଅନୁନ୍ନତ ସେମାନଙ୍କର ଆଧ୍ୟାତ୍ମିକ ବିକାଶ ବ୍ୟାହାତ ହୋଇ ସେମାନେ ତଥାକଥିତ ପାର୍ଥିବ ସୁଖ ସମୃଦ୍ଧିରେ ନିମଜ୍ଜିତ ହୋଇ ରହିଯାନ୍ତି। କିନ୍ତୁ ସେମାନେ ଦୈବୀ କ୍ରମେ ଯେତେବେଳେ ଜଣେ ମହାଜନ (ସଦ୍‌ଗୁରୁ)ଙ୍କ ସାନ୍ନିଧ୍ୟ ଲାଭ କରନ୍ତି ସେମାନଙ୍କର ବିଚାର ଶକ୍ତି ଉଦ୍ରେକ ହୋଇଥାଏ। ସେ ନିଜର ଭୁଲ ବୁଝିପାରେ ଯେ କିଭଳି ଏହି ଦୁର୍ବାର ଇନ୍ଦ୍ରିୟ ତୃପ୍ତିର କରାଗତ ହୋଇ ନୀଚଗାମୀ ହୋଇଥିଲି।

କୃଷ୍ଣଙ୍କ କୃପାରୁ ଜଣେ ସଦ୍‌ଗୁରୁ ପାଇଥାଏ ଏବଂ ସଦ୍‌ଗୁରୁଙ୍କ କୃପାରୁ ଜଣେ କୃଷ୍ଣ ପାଇଥାଏ। କୃଷ୍ଣଙ୍କ ଅପାର କୃପାରୁ ଆପଣଙ୍କୁ ମୋର ଆଧ୍ୟାତ୍ମିକ ଗୁରୁ ରୂପରେ ପାଇ ମୋ ଜୀବନର ଚରମ ସାର୍ଥକତା ଲାଭ କରିଛି। ଗୁରୁଦେବ ଆପଣଙ୍କଠାରୁ ଦୀକ୍ଷା ଗ୍ରହଣ ପରେ ଆପଣଙ୍କ ଅମୂଲ୍ୟ ଉପଦେଶମାନ ଶ୍ରବଣ କରି ନିଜକୁ ଅତ୍ୟନ୍ତ ଭାଗ୍ୟବାନ ମନେକରୁଛି।

ଗୁରୁମହାରାଜ ଭକ୍ତି ମାର୍ଗରେ ପରିଚାଳିତ ହେବାପାଇଁ ଆପଣ ସବୁବେଳେ ଉପଦେଶ ମାଧ୍ୟମରେ ମୋ ମନରେ ଆଧ୍ୟାତ୍ମିକ ଜ୍ଞାନର ଜାଗରଣ କରିଥାନ୍ତି। ଆପଣ ସର୍ବଦା ଶ୍ରୀକୃଷ୍ଣ ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଆତ୍ମସମର୍ପଣ କରି ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେବାପାଇଁ ଉପଦେଶ ଦେଇଥାନ୍ତି। କିନ୍ତୁ ଏହି ଭୌତିକ ଚେତନାରେ ନିମଜ୍ଜିତ ଅଧମ ଅଯୋଗ୍ୟ ଶିଷ୍ୟ ସମ୍ପୂର୍ଣ୍ଣଭାବେ ଏହାର ସତ୍ୟତାକୁ ଉପଲବ୍ଧି କରିପାରି ନାହିଁ।

ସତ୍‌ଗୁରୁ ସର୍ବଦା ନିଜର ଶିଷ୍ୟଙ୍କୁ ସମସ୍ତ ପ୍ରକାର ବିପଦରୁ ସୁରକ୍ଷା ଦେବାପାଇଁ ପ୍ରଚେଷ୍ଟା କରିଥାନ୍ତି। ଏହାର ପ୍ରତିଦାନ ସ୍ୱରୂପ ଶିଷ୍ୟ ମଧ୍ୟ ନିଜର ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିବା ଉଚିତ। ଏଭଳିକି ନିଜର ଧନ ସମ୍ପତ୍ତି ଓ ଜୀବନ ମଧ୍ୟ ଅର୍ପଣ କରିବାପାଇଁ ପଶ୍ଚାତ୍‌ପଦ ହେବା ଅନୁଚିତ। ମୋ ଜୀବନର ସାୟାହ୍ନରେ ଭଗବାନ ଶ୍ୟାମସୁନ୍ଦରଙ୍କ ନିକଟରେ ଏହି ୭୨ତମ ପୁଣ୍ୟ ବ୍ୟାସ ପୂଜାରେ ଏତିକି ପ୍ରାର୍ଥନା ଯେ ସେ ଆପଣଙ୍କୁ ଏକ ସୁଦୀର୍ଘ ନିରାମୟ ଜୀବନ ପ୍ରଦାନ କରିବା ସହିତ ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ ଏବଂ ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷାର ପ୍ରଚାର ପ୍ରସାରରେ ବ୍ରତୀ କରିଥାନ୍ତୁ।

ଜୟ ଶ୍ରୀଲ ଗୁରୁଦେବ !
ଜୟ ଶ୍ରୀଲ ପରମ ଗୁରୁମହାରାଜ !
ଜୟ ଶ୍ରୀଲ ପ୍ରଭୁପାଦ !

*ଆପଣଙ୍କର କୃପାଭିଳାଷୀ ସେବକ*
***ଅନନ୍ତ ବାସୁଦେବ ଦାସ***

# ପ୍ରତ୍ୟେକ୍ଷ ଉପଦେଶ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଗୁରୁଦେବ ! ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥିରେ ଦୀନହୀନ ଅଧୀନର ଆପଣଙ୍କର ଚରଣ କମଳରେ କୋଟି କୋଟି ଦଣ୍ଡବତ ପ୍ରଣାମ ।

ଆପଣଙ୍କର ଦିବ୍ୟଗୁଣ ବର୍ଣ୍ଣନା କରିବା ମୋଭଳି ଜ୍ଞାନହୀନ ଅଧମ ପକ୍ଷରେ ଅସମ୍ଭବ ତଥାପି ଆପଣଙ୍କ ଅହୈତୁକୀ କୃପାରୁ ଏ ଅଧମ କିଛି ଲେଖିବାର ପ୍ରୟାସ କରୁଛି ।

ସଂସାର ଦାବାନାଳରେ ଦଗ୍ଧିଭୂତ ଜୀବଜଗତର ସମସ୍ତେ ନିଜକୁ ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମାନବ ନିଜକୁ ଭୌତିକ ଦୁନିଆର ଦୁଃଖପୂର୍ଣ୍ଣ ସାଗରରେ ଅହଙ୍କାର ବଶତଃ ନିଜର ଅକ୍ଳାନ୍ତ ପ୍ରୟାସରେ ଭାବୁଚି ମୁଣ୍ଡଟେକି ଛିଡ଼ା ହେବାପାଇଁ । କିନ୍ତୁ ବୁଝିପାରେନି ଜୀବ ଏ ଦୁନିଆ ଅଜ୍ଞାନ ରୂପକ ଅନ୍ଧାରରେ ଭରା, ଯେଉଁଠାରେ କେବଳ ଝୁଣ୍ଟିବାଟା ହିଁ ହୋଇଥାଏ ।

ହେଲେ ହେ ଗୁରୁଦେବ ଯଦି କୌଣସି ଜୀବ ଆପଣଙ୍କ ଅହେତୁକୀ କୃପାରୁ କିଞ୍ଚିତ କୃପା ପାଇଥାଏ ତାହା ପାଖରେ ଏ ଦୁନିଆରେ ଆଗକୁ ଚାଲିବାର ଏକ ପ୍ରକାର ସାହସ ଦମ୍ଭ ଆସିଯାଇଥାଏ ।

ହେ ! ଗୁରୁଦେବ ମୋର ଜୀବନରେ ମାନେ ମଧ୍ୟ ସେହିଭଳି ଏକ ପ୍ରକାର ସମୟ ଆସିଥିଲା, ଯାହାକୁ ବୁଝିବାପାଇଁ ମୋତେ ଅନେକ ଦିନ ଲାଗିଯାଇଥିଲା । ମୋର ଦୈନନ୍ଦିନ ଜୀବନଚର୍ଯ୍ୟାରେ ଏକ ପ୍ରକାର ବାଧକ ସାଜି ଆସିଥିଲା । ଅପବାଦ, ନିନ୍ଦା, ଅର୍ଥବାଧକ, ଯାହା ଯୋଗୁଁ ମୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲି । ଖାଲି ସେତିକି ନୁହେଁ ମୋର ପରିବାରର ସମସ୍ୟା । ତା'ରି ଭିତରେ ମୁଁ ହଡ଼ବଡ଼ ହୋଇଗଲି କିପରି ମୋର ଆଧ୍ୟାତ୍ମିକ ଜୀବନକୁ ଭୌତିକ ଜୀବନ ସହିତ ତାଳଦେଇ ଚାଲିବି । ଭଗବାନଙ୍କ ଉପରେ ଅଭିମାନ କରିବା, ବିଶ୍ୱାସରେ କମଜୋର ହୋଇ ନିଜକୁ ଅସହାୟ ମନେ କରୁଥିଲି ।

ଗୁରୁଦେବ ! ମୋର ଗରୁଭ୍ରାତା ଏବଂ ମୋର ଶିକ୍ଷାଗୁରୁ (ଶ୍ରୀ ଶ୍ରୀମାନ ବିନ୍ଦୁମାଧବ ଦାସ)ଙ୍କ ସହିତ କଥୋପକଥନରୁ ମୁଁ ବୁଝିବାକୁ ପାଇଲି ଯେ ମୋର ସାଧନାରେ କିଛି କମି ରହିଯାଇଛି । ମୁଁ ଖୋଜିବାକୁ ଲାଗିଲି ।

ଗୁରୁଦେବ ବହୁତ ଖୋଜାଖୋଜି ବା ନିଜକୁ ତର୍ଜମା କରି ଆପଣଙ୍କ ଅହେତୁକୀ କୃପାରୁ ବୁଝିବାକୁ ପାଇଲି ଯେ ଆପଣଙ୍କ ସହିତ ଖଲିସାହି ଆଶ୍ରମରେ କଥୋପକଥନ ଅର୍ଥାତ୍ ଶିଷ୍ୟ ଶିଷ୍ୟାଙ୍କ କଥୋପକଥନ ସମୟରେ ମୋତେ ଆପଣ ଏକ ପ୍ରତ୍ୟେକ୍ଷ ଉପଦେଶ ଦେଇଥିଲେ, ଯେ ତୁମେ ନାମଜପ ସକାଳ ସମୟରେ ସାରିଦିଆ

ହେ ଗୁରୁଦେବ ! ଭାଗବତମ୍‌ରେ ଗୋଟେ କଥା ଶୁଣିବାକୁ ପାଇଥିଲି, ଯେ ଏତେ ସାରା ଶାସ୍ତ୍ର ଭାଗବତ ମହାଭାରତ ରଚନା କଲାପରେ ବ୍ୟାସଦେବ ସନ୍ତୁଷ୍ଟ ନ ଥିଲେ ଯାହାର ଶଙ୍କାକୁ ତାଙ୍କ ଗୁରୁଦେବ ନାରଦମୁନି ଆସି ଖଣ୍ଡନ କରିଥିଲେ । ସେହିଭଳି ଭାବରେ ମୋର ଏହି ଅଦ୍ୟାବଧି ଜୀବନକାଳ ମଧ୍ୟରେ ଯେତେବେଳେ ଯେଉଁ ପରିସ୍ଥିତି ଆସିଛି ଏବଂ ଯେତେବେଳେ ମୁଁ ହତବାକ୍ ହତାସମୟ ହୋଇପଡ଼ିଥାଏ, ସେତେବେଳେ ଆପଣଙ୍କ ଦିବ୍ୟବାଣୀ ପ୍ରବଚନର ଏକ ଝଲକ, ଆସିଥାଏ ଯାହା ଅଶାନ୍ତ ମନରେ ଏକ ମଲମ ସଦୃଶ କାର୍ଯ୍ୟ କରିଥାଏ ।

ହେ ଗୁରୁଦେବ ! ନାମଜପ କରିବାର ଯେଉଁ ସମୟ ବତାଇଥିଲେ, ସେହି ସମୟରେ କରିବା କ୍ଷଣି ସମସ୍ତ ପ୍ରକାର ମାନସିକ ଦୁଶ୍ଚିନ୍ତା ଦୂରୀଭୂତ ହେଇଛି । ଆପଣଙ୍କ ଦିବ୍ୟବାଣୀ ଜରିଆରେ ଯେଉଁ ବ୍ୟକ୍ତିର ଜୀବନରେ ଯେମିତି ପରିସ୍ଥିତି ଆସିଥାଏ, ଆପଣଙ୍କ ପ୍ରବଚନ ମାଧ୍ୟମରେ ସେହି ସେହି ପରିସ୍ଥିତିର ସମାଧାନର ସୂତ୍ର ମିଳିଯାଇଥାଏ ।

ହେ ଗୁରୁଦେବ ! ଆପଣଙ୍କର ଏହିପରି ଅହେତୁକୀ କୃପା ମୋ ଭଳି ବଦ୍ଧଜୀବ ଉପରେ ରଖିଥାଆନ୍ତୁ । ଯେ ଆପଣଙ୍କର ପ୍ରତିଟି ଦିବ୍ୟବାଣୀକୁ ପାଥେୟ କରି ଯେପରି ଆଗକୁ ବଢ଼ିବାରେ ପ୍ରୟାସ କରିବି ।

ଶେଷରେ ମୁଁ ରାଧାମାଧବ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ମହାରାଜ ନରସିଂହ ଦେବଙ୍କ ଚରଣକମଳରେ ପ୍ରାର୍ଥନା କରୁଛି ଯେ ଆପଣ ସୁସ୍ଥ ଦୀର୍ଘାୟୁ ଓ ଆରୋଗ୍ୟ ରୁହନ୍ତୁ ଏବଂ ଏହିଭଳି ଆମ୍ଭମାନଙ୍କ ଉପରେ କୃପାର ବର୍ଷା କରୁଥାଆନ୍ତୁ ।

**ଜୟ ଶ୍ରୀଲ ଗୁରୁଦେବ କି ଜୟ । ଶ୍ରୀଲ ପ୍ରଭୁପାଦ କି ଜୟ ।**

*ଆପଣଙ୍କ ଚରଣ ଆଶ୍ରିତ*

***ଅଜିତ୍ ହରିଦାସ***

*ଇସ୍କନ୍ ବାଟୋଳ (ଆଉଟ୍ ପୋଷ୍ଟ), ମୋଟରୀ*

# ଅନ୍ଧାରରର ଆଲୋକ ଦୀପ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁଦେବ ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି । ଆଜିର ଏହି ପାବନ ଦିବସରେ ଆପଣଙ୍କର ଶ୍ରୀଚରଣ କମଳରେ ଏହି ଅଧମର କୋଟି କୋଟି ପ୍ରଣାମ । ଆଜିର ଶୁଭ ଦିନରେ ଆପଣଙ୍କର କିଛି ଗୁଣଗାନ କରିବାର ସୁଯୋଗ ପାଇବାରୁ ନିଜକୁ ଧନ୍ୟ ମନେକରୁଛି । କିନ୍ତୁ ମୋର ଯୋଗ୍ୟତା ନାହିଁ ଆପଣଙ୍କର ଗୁଣଗାନ କରିପାରିବି, ତଥାପି ଏ ଅଜ୍ଞାନୀ ଶିଷ୍ୟ କିଛି କହିବାକୁ ଚାହୁଁଛି । ଗୁରୁଦେବ ଏଥିରେ କୌଣସି ତ୍ରୁଟି ଥିଲେ ମୋତେ କ୍ଷମା କରିଦେବେ ।

ଗତବର୍ଷ ହୋଇଥିବା ବ୍ୟାସ ପୂଜାରେ ମୁଁ ପ୍ରଥମଥର ଉପସ୍ଥିତ ଥିଲି । ମୋତେ ବହୁତ ଆନନ୍ଦ ମିଳିଲା । ଯେଉଁଦିନ ଦୀକ୍ଷା ଯଜ୍ଞ ଅନୁଷ୍ଠାନ ଆୟୋଜନ ହୋଇଥିଲା, ସେଦିନ ବହୁତ ମନରେ ଆସିଥିଲା ଏହିଦିନ ମୋର କେବେ ଆସିବ । ଏହି ଅଜ୍ଞାନୀ ଶିଷ୍ୟାକୁ ଗୁରୁଙ୍କ ଆଶ୍ରୟ କେଉଁଦିନ ମିଳିବ ? କୃଷ୍ଣ ଏବଂ ଗୁରୁଙ୍କ କୃପା ଦ୍ୱାରା ସେହିଦିନ ଆସିଲା ୩୦ ନଭେମ୍ବର ୨୦୨୪ । ସେହି ଦିନର ଆନନ୍ଦ ମୁଁ ଶବ୍ଦରେ ଜଣାଇ ପାରୁନି । ଜୀବନରେ ଏପରି ଆନନ୍ଦ ମୁଁ କେବେ ଅନୁଭବ କରିନଥିଲି । ଏହି ଅନ୍ଧକାରର ଜୀବନରେ ଆଲୋକ ପରି ଆସିଲେ ଗୁରୁଦେବ । ଗୁରୁ ଏତେ କୃପାଳୁ ଯେ ଏହି ଶିଷ୍ୟାର ପାପକୁ ନଷ୍ଟ କରିଲେ ଏବଂ ଶିଷ୍ୟାର ଭାର ବହନ କଲେ । କେହି ଦୁନିଆରେ ଏପରି ଦୟା କରିବେ ନାହିଁ । ଗୁରୁଦେବ ଆପଣ ପ୍ରତିଦିନ ଯେଉଁ ପ୍ରବଚନ ଦେଇଥାନ୍ତି ଏପରି ଲାଗେ ଆପଣ ମୋର ସମ୍ମୁଖରେ ଅଛନ୍ତି । ଆପଣଙ୍କ ପ୍ରବଚନରେ କିପରି ଭକ୍ତି ଏବଂ ସେବା କରିବା ଦରକାର । ନିଜକୁ ତୃଣଠାରୁ ହୀନ ବୋଲି ଭାବିବା ଦରକାର । ନିଜ ମନର ମଇଳା ସଫା କରିବାକୁ ଚାହଁ ତେବେ ମନ୍ଦିରରେ ଝାଡୁ, ପୋଛା କରିବା ଦରକାର ତାହା ଦ୍ୱାରା ମନ ସଫା ହେବ ।

ଗୁରୁଦେବ ଭକ୍ତିରେ ଆଗକୁ କିପରି ଗୋଟିଏ ଭକ୍ତ ଯିବା ଦରକାର ସେହି ଶିକ୍ଷା ପ୍ରଦାନ କରନ୍ତି । ଆପଣଙ୍କ ପ୍ରବଚନରେ ଏପରି ଲାଗେ ଯେ ବହୁତ ପ୍ରଶ୍ନର ଉତ୍ତର ମିଳିଥାଏ । ଭଗବାନ ରାଧାଶ୍ୟାମସୁନ୍ଦରଙ୍କ ପାଖରେ ଏତିକି ପ୍ରାର୍ଥନା ଯେ ଆପଣଙ୍କ ସ୍ୱାସ୍ଥ୍ୟ ଭଲରେ ରଖନ୍ତୁ ଏବଂ ଏହିପରି ଭାବରେ ଆପଣଙ୍କ ସଙ୍ଗ ଆମକୁ ମିଳୁଥାଉ ।

*ଆପଣଙ୍କ ଅଜ୍ଞାନୀ ଶିଷ୍ୟା*

***ଅଞ୍ଜନା ଦେବୀଦାସୀ***

*ହାଇଦ୍ରାବାଦ*

# ଭକତି ସଦ୍ମ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ।**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହରେ କୃଷ୍ଣ, ଗୁରୁମହାରାଜ । ଅନନ୍ତକୋଟି ଦଣ୍ଡବତ ପ୍ରଣାମ । ଆଜିର ପୁଣ୍ୟ ପବିତ୍ର ତିଥିରେ ଆପଣ ଗୋଲକ ବୃନ୍ଦାବନ ଧାମରୁ ଅବତରଣ କରି ଏହି ଧରାଧାମରେ ଆବିର୍ଭାବ ହୋଇଛନ୍ତି । ମୋ ଭଳି ପତିତ ବଦ୍ଧଜୀବମାନଙ୍କୁ ଉଦ୍ଧାର କରିବାପାଇଁ ଶ୍ରୀମତୀ ରାଧାରାଣୀ ଆପଣଙ୍କୁ ଏହି ଧରାଧାମକୁ ପ୍ରେରଣ କରିଛନ୍ତି ।

ମୁଁ ଅଜ୍ଞାନ, ଦୀନହୀନ ଓ ଅଯୋଗ୍ୟ, ଆପଣଙ୍କର ଗୁଣଗାନ କରିବାରେ ଅସମର୍ଥ । ଆପଣଙ୍କର ଗୁଣ ଅନନ୍ତ, ମୋତେ କୃପା କରି ମୋ ହୃଦୟରେ ଜ୍ଞାନ ଦିଅନ୍ତୁ, ଯଦ୍ୱାରା ମୁଁ ପତିତ ସେ ଅନନ୍ତ ଗୁଣରୁ କିଞ୍ଚିତ ଗୁଣଗାନ କରିବା ପାଇଁ ପ୍ରଚେଷ୍ଟା କରିବି ।

ମୋ ପରମ ପୂଜ୍ୟ ଗୁରୁମହାରାଜ, ଜୀବନକାଳ ଚକ୍ରରେ ମହା ଅନ୍ଧକାର ଭିତରେ ଭବ ମହାସାଗରରେ ପଡ଼ି ମୁଁ ଉବୁଟୁବୁ ହେଉଥିଲି । ଶ୍ରୀଶ୍ରୀ ଚନ୍ଦ୍ରଶେଖର ମହାଦେବ ଆପଣଙ୍କର ଶ୍ରୀଚରଣରେ ଆଶ୍ରୟ ପାଇଁ ପ୍ରେରଣ କରିଥିଲେ । ମୋତେ ହରିନାମ କରିବା ପାଇଁ ବୈଷ୍ଣବ କୃପା ମିଳିଥିଲା, କିନ୍ତୁ ମୁଁ ଶ୍ରଦ୍ଧା ସହକାରେ କରିପାରୁ ନଥିଲି । ଏମିତିକି ୧୦୮ ଥର ବି ଜପ କରିପାରୁ ନଥିଲି । ସେଦିନ ୩ ଡିସେମ୍ବର ୨୦୨୦, ଅନୁଗୁଳ ଇସ୍କନ୍‌ରେ ଆପଣଙ୍କ ସହ ସାକ୍ଷାତ କରିବାକୁ ପ୍ରଥମଥର ଯାଇଥିଲି । ମୋ ମନ ଭିତରେ ଅନେକ ପ୍ରଶ୍ନ ଆସୁଥିଲା ଏବଂ ଅଦ୍ଭୁତ ଉଦ୍ଦୀପନା ସୃଷ୍ଟି ହେଉଥିଲା । ସେ ଯାଏ ଜାଣିନଥିଲି ଗୁରୁମହାରାଜ କିଏ ? କ'ଣ ? କ'ଣ କରନ୍ତି ? ମୁଁ ଦେଖା ହେଲେ କ'ଣ ପଚାରିବି ? ଏମିତି ଅନେକ ପ୍ରଶ୍ନ ମୋ ମନରେ ସମୁଦ୍ରର ଅଶାନ୍ତ ଢେଉ ଭଳି ସୃଷ୍ଟି ହେଉଥିଲା । ମୁଁ ଅନୁଗୁଳ ଇସ୍କନ୍‌ରେ ପହଞ୍ଚିଲା ପରେ ଶ୍ରୀଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମା ସୁଭଦ୍ରା ଓ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କୁ ଦର୍ଶନ କରି ମନ୍ଦିର ହଲ୍‌ରେ ଜପ କଲି । ମୋତେ ଏପରି ଅନୁଭବ ହେଉଥିଲା କି ଶ୍ରୀ ଜଗନ୍ନାଥ ମୋତେ କିଛି କହୁଥିଲେ । ପ୍ରସାଦ ପାଇସାରିବା ପରେ ଆପଣଙ୍କ ସହ ସାକ୍ଷାତ କରିବାପାଇଁ ମୋତେ ଡକାଗଲା । ମୁଁ ଆପଣଙ୍କୁ ଦଣ୍ଡବତ ପ୍ରଣାମ କରି ଖାଲି ଆପଣଙ୍କୁ ହିଁ ଦେଖିବାକୁ ଲାଗିଲି । ମୋ ମନର ସମସ୍ତ ଉତ୍କଣ୍ଠା ଧିରେଧିରେ ଶାନ୍ତ ହୋଇ ଯାଉଥିଲା । ଏମିତି ଲାଗୁଥିଲା ଯେପରି ମୁଁ ଆପଣଙ୍କୁ ପୂର୍ବରୁ ଜାଣିଛି । ଆପଣ କିଛି ସମୟ ପରେ ମୋ ବିଷୟରେ ବିସ୍ତାର ଭାବରେ ପ୍ରଶ୍ନ କଲେ । ମୁଁ ଅଜ୍ଞାନୀ, ମୋର ସବୁ ଭୌତିକ କଷ୍ଟ ଆପଣଙ୍କୁ ଜଣାଇଲି । ଆପଣ ମୋତେ ଆଶ୍ୱାସନା ଦେଇ ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହେବାପାଇଁ ପରାମର୍ଶ ଦେଲେ । ଆମେ ଯେତେ ପ୍ରତିଶତ ଭଗବାନଙ୍କ ନିକଟରେ ଶରଣାଗତ ହେବା ଭଗବାନ ଆମକୁ ସେତିକି ପ୍ରତିଶତ କୃପା କରିବେ । ଯେପରି ୧୦ ପ୍ରତିଶତ ଶରଣାଗତ ହେଲେ, ୧୦ ପ୍ରତିଶତ କୃପା ମିଳିବ, ସମ୍ପୂର୍ଣ୍ଣ ୧୦୦ ପ୍ରତିଶତ ଶରଣାଗତ ହେଲେ ଶ୍ରୀକୃଷ୍ଣ ଆମକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଅନ୍ତି । ଏମିତି ଅନେକ ଉପଦେଶ ଶୁଣୁଶୁଣୁ ଯେପରି ସବୁ ଭୌତିକ କଷ୍ଟ ଧିରେଧିରେ ଦୂରେଇ ଯାଉଥିଲା ।

ଆପଣଙ୍କର ଅହେତୁକୀ କୃପା ଓ ଆଶୀର୍ବାଦ ପାଇ ମୁଁ ତା' ପରଦିନ ୧୬ମାଳା ପ୍ରାତଃ ମୁହୂର୍ତ୍ତରେ ଜପ କରିଥିଲି । ଆପଣଙ୍କର ସାକ୍ଷାତ ଦର୍ଶନ ମାତ୍ରକେ ମୋ ହୃଦୟରେ ଅନେକ ପରିବର୍ତ୍ତନ ଆସିଥିଲା । ସେଦିନଠାରୁ ଆଜିଯାଏଁ ମୁଁ ଆପଣଙ୍କର ଅସୀମ କୃପାର ସୁରକ୍ଷା ବଳୟ ସହ ଭକ୍ତିମାର୍ଗରେ ଅଗ୍ରସର ହେବାପାଇଁ ଚେଷ୍ଟା କରୁଛି । ଯେତେ ବହିରଙ୍ଗା ଶକ୍ତି ମୋର ଅନିଷ୍ଟ କରିବାପାଇଁ ଚେଷ୍ଟା କଲେ ବି ସବୁବେଳେ ବିଫଳ ହେଉଛନ୍ତି ।

ମୋର ଗୁରୁମହାରାଜ ! ଆପଣ କୃପା କରି ଏହି ଅଧମକୁ ଆପଣଙ୍କର ଶ୍ରୀଚରଣର ଛତ୍ରଛାୟାରେ ରଖିବେ । ମୋତେ ଶୁଦ୍ଧ ଭକ୍ତି କରିବାପାଇଁ ମୋର ମାର୍ଗଦର୍ଶନ କରିବେ ଏବଂ ଆପଣଙ୍କର ଓ ଶ୍ରୀରାଧାଗୋବିନ୍ଦଙ୍କର ନିଷ୍କାମ ସେବା କରିବାପାଇଁ ଶକ୍ତି ପ୍ରଦାନ କରିବେ । ଆପଣଙ୍କର ଶ୍ରୀଚରଣରେ ହେଉଥିବା ଅପରାଧକୁ କ୍ଷମା

କରିବେ। ଜନ୍ମଜନ୍ମାନ୍ତର ଅହଂକାର ରହିତ ଗୁରୁ ଆଉ କୃଷ୍ଣଙ୍କର ସେବା କରିପାରିବି।

ଶ୍ରୀଶ୍ରୀ ଜଗନ୍ନାଥ, ଶ୍ରୀବଳଦେବ, ମା’ ଶୁଭଦ୍ରା, ଶ୍ରୀଶ୍ରୀ ଗୌରନିତାଇ, ଶ୍ରୀଶ୍ରୀ କୃଷ୍ଣବଳରାମ ଓ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କର ଚରଣ କମଳରେ ପ୍ରାର୍ଥନା ଆପଣଙ୍କୁ ସେ ସୁନ୍ଦର ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ ପ୍ରଦାନ କରନ୍ତୁ। ଯାହାଫଳରେ ସମସ୍ତ ପତିତମାନଙ୍କର ଉଦ୍ଧାର ହୋଇପାରିବ ଏବଂ କୃଷ୍ଣଚେତନାର ପ୍ରଚାର ଓ ବିସ୍ତାର ହୋଇପାରିବ।

ଜୟ ଶ୍ରୀଳ ପ୍ରଭୁପାଦ । ଜୟ ଶ୍ରୀଳ ଗୁରୁଦେବ

*ଆପଣଙ୍କର ଅଯୋଗ୍ୟ ଶିଷ୍ୟ*
***ଅଜିତକୃଷ୍ଣ ଦାସ***
*ଢେଙ୍କାନାଳ*

# ଗୁରୁଦେବଙ୍କୁ କୃପାଭିକ୍ଷା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ।**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ, ପରମ ଆରାଧ୍ୟ ଶ୍ରୀଳ ଗୁରୁଦେବ। ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ଦିବସ। ଆଜି ଦିନଟି ଆମ୍ଭ ସମସ୍ତ ଶିଷ୍ୟ-ଶିଷ୍ୟାମାନଙ୍କ ପାଇଁ ବଡ଼ ସୌଭାଗ୍ୟର ଦିବସ। ଗୁରୁଦେବ ଆପଣ ଏହିଭଳି ପୁଣ୍ୟ ତିଥିରେ ଆବିର୍ଭାବ ହୋଇ ଆମଭଳି ପାପୀ ଦୁରାଚାରୀମାନଙ୍କୁ ଉଦ୍ଧାର କରିବାପାଇଁ ଭଗବାନଙ୍କର ପାର୍ଷଦ ରୂପେ ଏ ଧରାପୃଷ୍ଠରେ ଅବତରଣ କରିଛନ୍ତି।

ଗୁରୁଦେବ ଆପଣଙ୍କ ଶ୍ରୀଚରଣ କମଳରେ ଏ ଅଧମ ଦାସର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ନିବେଦନ। ଏହି ପୁଣ୍ୟ ତିଥିରେ ଏତିକି ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେକରୁଛି। କିନ୍ତୁ ଆପଣଙ୍କ ଭଳି ମହାନ୍ ବୈଷ୍ଣବଙ୍କ ଗୁଣଗାନ କରିବାପାଇଁ ମୋର ସେଭଳି କିଛି ଯୋଗ୍ୟତା ନାହିଁ। ମୁଁ ଜଣେ ମୁର୍ଖ-ଅଧମ ତଥାପି ଆପଣଙ୍କ କରୁଣା କୃପାଭିକ୍ଷା କରି କିଛି ପ୍ରୟାସ କରୁଛି। ଯଦି ତ୍ରୁଟି ଥାଏ ତାହାହେଲେ କ୍ଷମା କରିଦେବେ। ଗୁରୁଦେବ ଆପଣଙ୍କର କୃପାଭିକ୍ଷା ପାଇଁ ଅନ୍ତରରେ ସବୁ ସମୟରେ ସ୍ମରଣ କରୁଥାଏ। ହରିନାମ କୀର୍ତ୍ତନ କରୁଥିବା ସମୟରେ ବେଳେବେଳେ ଆପଣଙ୍କ ହସ ହସ ମୁଖମଣ୍ଡଳ ଦିବ୍ୟ ରୂପ ଦର୍ଶନ କରେ, ସେହି ସମୟରେ ବହୁତ ଆନନ୍ଦ ଅନୁଭବ କରେ ଏବଂ କୀର୍ତ୍ତନରେ ଏତେ ଆନନ୍ଦ ଆସେ ତାହା ବର୍ଣ୍ଣନା କରିହେବନି।

କିନ୍ତୁ ଗୁରୁଦେବ ମୋତେ କିଛି ଜଣା ନାହିଁ, ସେସବୁ ଆପଣଙ୍କ କୃପା। ମୁଁ ଯେତେବେଳେ କୀର୍ତ୍ତନ ଗାଏ ଆପଣଙ୍କ କୃପାଭିକ୍ଷା କରି କୀର୍ତ୍ତନ କରେ। ଏହିଭଳି ଏ ଅଧମ ଦାସ ପ୍ରତି କୃପା ସବୁ ଜନ୍ମପାଇଁ ମିଳୁ। ଗୁରୁଦେବ ଆପଣଙ୍କ ଗୁଣ ବର୍ଣ୍ଣନା କରିବା ପାଇଁ ମୋ ପାଖରେ କୌଣସି ଭାଷା ଆସେନା। ଶେଷର ଏତିକି ପ୍ରାର୍ଥନା ଶ୍ରୀ ରାଧାଶ୍ୟାମ ସୁନ୍ଦର ଶ୍ରୀ ଗୌରନିତାଙ୍କୁ ଗୁରୁଦେବଙ୍କ ଶରୀର ସୁସ୍ଥ ଓ ଦୀର୍ଘଜୀବୀ ହେଉ। ଶ୍ରୀ ଜଗନ୍ନାଥ ଆପଣଙ୍କୁ ସହାୟ ହୁଅନ୍ତୁ ଏବଂ ଆପଣଙ୍କ କୃପା ଏ ଅଧମ ଉପରେ ସଦା ସର୍ବଦା ରହୁ। ହରେକୃଷ୍ଣ।

ଶ୍ରୀଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ
ଗୁରୁମହାରାଜ କି ଜୟ
ଜୟ ଶ୍ରୀଳ ପ୍ରଭୁପାଦ କି ଜୟ

*ଆପଣଙ୍କ ଶ୍ରୀଚରଣ ଆଶ୍ରିତ ନିକୃଷ୍ଟ*
***ଅକ୍ଷୟ ହରି ଦାସ, ଅନୁପମା ଦେବୀଦାସୀ***
*ଆଙ୍କୁଶପୁର, ବ୍ରହ୍ମପୁର*

# ଶ୍ରୀଗୁରୁ ଚରଣ ସ୍ମରଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କର ଆଜି ୭୨ତମ ଶୁଭ ଆବିର୍ଭାବ ତିଥି। ଏହି ଆବିର୍ଭାବ ତିଥିରେ ମୋଭଳି ଅଧମର ଆପଣଙ୍କ ପାଦପଦ୍ମରେ ଶତ କୋଟି କୋଟି ଦଣ୍ଡବତ ପ୍ରଣାମ ନିବେଦନ କରୁଅଛି ଏବଂ ସମସ୍ତ ଗୁରୁଭାଇ ଓ ଗୁରୁ ଭଉଣୀମାନଙ୍କୁ ଦଣ୍ଡବତ ପ୍ରଣାମ ଜଣାଉଛି। ହେ ପରମପୂଜ୍ୟ ଗୁରୁଦେବ ! ଏହି ବ୍ୟାସପୂଜା ଅବସରରେ ମୋତେ କିଛି ଲେଖିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଗୁରୁଦେବ ! ମୋର ସଂସାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏବେ ମୋର କ'ଣ କରିବା ଦରକାର ? ଆପଣ ମୋତେ ଆଶୀର୍ବାଦ କରନ୍ତୁ।

ଜୟ ଗୁରୁଦେବ, ଗୁରୁଦେବ ଗୁରୁଦେବ, ଗୁରୁଦେବ
ଶ୍ରୀଗୁରୁ ଚରଣ କରିଣ ସ୍ମରଣ
ଯାଉ ମୋର ଏହି ଦିନ।
ଆପନାର ଦର୍ଶନେ ହୁଅଇ ପବିତ୍ର
ଦେହ ମୋର ଏହି ମନ।

ମୁହିଁ ଦୀନହୀନ ଜାଣି ନ ପାରଇ
ଗୁରୁକୃଷ୍ଣ ପ୍ରେମଧନ
ଧାଇଁ ତବ ପଛେ କରି ଏହି ଶିକ୍ଷା
ରୂପ ଲୀଳା ଗୁଣମାନ।
ତୁମି କୃପା କରି ଶ୍ରଦ୍ଧାବିନ୍ଦୁ ଦେଇ
ପତିତ ଉଦ୍ଧାର ଜାଣ
ଆମିତ ପତିତ ଆମିତ ଅଧମ
ଦୀନହୀନ ଅକିଞ୍ଚନ।
ତୁମି ଦେଇଅଛ କୃଷ୍ଣପ୍ରେମ ଧନ
ସାଗର ଲଙ୍ଘିବା ପାଇଁ
ଭଜି ନ ପାରଇ କୃଷ୍ଣପ୍ରେମ ଧନ
ସାଗରେ ଡୁବୁଛି ମୁହିଁ।

*ଆପଣଙ୍କ ଅଧମ ଶିଷ୍ୟ*
***ଅରବିନ୍ଦାକ୍ଷ ଦାସ***

# ଗୁରୁଦେବଙ୍କୁ କୃପାଭିକ୍ଷା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କର ବାସ୍ତରିତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣ କମଳରେ ମୋର ପ୍ରଣତି ନିବେଦନ କରୁଅଛି। ଆପଣ କୃପାର ସାଗର, ଆପଣ ଅନ୍ତର୍ଯ୍ୟାମୀ, ପ୍ରତ୍ୟେକ ଶିଷ୍ୟ ଶିଷ୍ୟାଙ୍କର ଆଧ୍ୟାତ୍ମିକ ଆବଶ୍ୟକତା ଆପଣ ଜାଣିଥାନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ମୁଁ ଆପଣଙ୍କର ଦର୍ଶନ କରିଥିଲି। ସେତେବେଳେ ଆପଣ ମୋତେ ବହୁତ ସୁନ୍ଦର ଉପଦେଶ ପ୍ରଦାନ କରିଥିଲେ।

ଆପଣ କହିଥିଲେ, "ସବୁବେଳେ ଭାବିବ ଗୁରୁ କୃଷ୍ଣ ତୁମ ନିକଟରେ ଅଛନ୍ତି। ତୁମେ କେବେ ହେଲେ ଏକା ନୁହଁ। ଶ୍ରୀଲ ପ୍ରଭୁପାଦ ସବୁବେଳେ କହୁଥିଲେ ଗୁରୁ ଓ କୃଷ୍ଣ ତାଙ୍କ ନିକଟରେ ଅଛନ୍ତି। ଏହା ତାଙ୍କୁ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରୁଥିଲା ଓ ସେ କୃଷ୍ଣ ଭାବନାମୃତ ପ୍ରଚାରରେ ଅଭୂତପୂର୍ବ ସଫଳତା ପ୍ରାପ୍ତ କରିଥିଲେ। ଅଧିକ ଜପକର, ଭଜନ କର ଓ କୃଷ୍ଣକଥା ଶ୍ରବଣ କର। ଶୁକଦେବ ଗୋସ୍ୱାମୀଙ୍କର ପରୀକ୍ଷିତ ମହାରାଜଙ୍କ ପ୍ରତି ଶେଷ ଉପଦେଶ ଥିଲା- "ରାଜନ୍ ! ତୁମେ

ଭାବ ନାହିଁ ତୁମର ମୃତ୍ୟୁ ହେବ, ଏହି ଚିନ୍ତାଧାରା ପଶୁ ପ୍ରବୃତ୍ତି ଅଟେ।" ସବୁବେଳେ କୃଷ୍ଣଙ୍କୁ ସ୍ମରଣ କର, ମନୁଷ୍ୟ ଜନ୍ମ ପ୍ରାପ୍ତକରି ସର୍ବଦା କୃଷ୍ଣ ଚେତନାରେ ରହି, ସାଧୁ, ଗୁରୁ, କୃଷ୍ଣଙ୍କର ସେବା କରିବା ଜୀବନର ଲକ୍ଷ୍ୟ ହେବା ଉଚିତ।" ଏହି ଉପଦେଶକୁ ହୃଦୟରେ ଧାରଣ କରି କାର୍ଯ୍ୟ କରିବାପାଇଁ ଆମେ ଯେତେ ଶକ୍ତି ପ୍ରଦାନ କରିବୁ ଏହା ହିଁ ପ୍ରାର୍ଥନା। ଆପଣଙ୍କର ଶୁଭ ଆବିର୍ଭାବ ଦିବସରେ ଆପଣଙ୍କ ମୁଖନିସୃତ କଥାମୃତରୁ କଣିଚାଏ ଅର୍ଘ୍ୟ ଆପଣଙ୍କ ଚରଣକମଳରେ ନିବେଦନ କରୁଛି। ଏହି ଅବସରରେ ଉପସ୍ଥିତ ଶ୍ରୀଲ ପ୍ରଭୁପାଦଙ୍କର ଶିଷ୍ୟ-ଶିଷ୍ୟାବୃନ୍ଦ, ବରିଷ୍ଠ ସନ୍ନ୍ୟାସୀ ଓ ଗୁରୁବୃନ୍ଦ ଏବଂ ସମସ୍ତ ଭକ୍ତମାନଙ୍କର ଚରଣକମଳରେ ମୋର ପ୍ରଣତି ନିବେଦନ କରୁଅଛି। ଶ୍ରୀରାଧାଶ୍ୟାମସୁନ୍ଦରଙ୍କ ଚରଣକମଳରେ ଆପଣଙ୍କର ସୁସ୍ଥ ଓ ଦୀର୍ଘ ଜୀବନର ପ୍ରାର୍ଥନା କରୁଛି।

*ଆପଣଙ୍କର ଚରଣାଶ୍ରିତା*

***ଆନନ୍ଦମୟୀ ଦାସୀ***

# କୃପାମୟ ଗୁରୁଦେବଙ୍କର ଚରଣ କମଳରେ ଦାସୀର ପ୍ରାର୍ଥନା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ କୃପାମୟ ହେ ପରମପୂଜ୍ୟ ଗୁରୁଦେବ ଆପଣଙ୍କ ଚରଣ କମଳରେ ଏ ଅଧମ, ଅଯୋଗ୍ୟା, ପତିତା ଦାସୀର ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରିବାର କୃପା କରିବେ। ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଚରଣ କମଳରେ ଏତିକି ପ୍ରାର୍ଥନା କି, ସର୍ବଦା ଏହି ଅଯୋଗ୍ୟା, ଅଧମା, ପତିତା ଦାସୀକୁ ଆପଣଙ୍କର ସେବା ଏବଂ ଆପଣଙ୍କର ଦର୍ଶନ ଲାଭ କରିବାର ଏବଂ ଆପଣଙ୍କର ମଧୁର ବାଣୀ ଏବଂ କୃଷ୍ଣଙ୍କର ଭକ୍ତିରେ ଆଗେଇବାକୁ ପ୍ରେରଣାଦାୟକ ପ୍ରବାଚନ ଶୁଣିବାର ସୁଯୋଗ ପ୍ରଦାନ କରିଥିବାରୁ ଆପଣଙ୍କର ଚରଣରେ ସର୍ବଦା ଏ ଦାସୀ ଋଣୀ। ଏହି ସୁଯୋଗ ସଦାସର୍ବଦା ପ୍ରଦାନ କରିବାପାଇଁ ଅନୁରୋଧ ଏବଂ ପ୍ରାର୍ଥନା।

ହେ ଗୁରୁଦେବ ଆପଣଙ୍କର ଗୁଣ, ମହିମା ଏବଂ କୃପା ତ ଅସୀମ, ମୁଁ ହୀନ କି ଗୁଣଗାନ କରିବି ? କିନ୍ତୁ ଆପଣ ମୋତେ କୃପା କରନ୍ତୁ ଯାହାଦ୍ୱାରା ମୁଁ ଆପଣଙ୍କର ଗୁଣଗାନ କରି ମୋ ମନ ଏବଂ ହୃଦୟରେ ଥିବା ମଇଳାକୁ ସଫାକରି ଏ ଆସକ୍ତିମୟ ମାୟାର ସଂସାରରେ କୃଷ୍ଣଙ୍କର ପ୍ରେମକୁ ବା ଭକ୍ତିକୁ ପାଇ ପାରିବାର ଚେଷ୍ଟା, ଧୈର୍ଯ୍ୟହରା ନ ହୋଇ କରିପାରିବି। ଆପଣଙ୍କର ଅସୀମ କୃପା ଦ୍ୱାରା ଆପଣଙ୍କଠାରୁ ଦୀକ୍ଷାପ୍ରାପ୍ତ ହେବାର ସୁଯୋଗ ପାଇ ଧନ୍ୟ ହୋଇଗଲି। ଯେତେବେଳେ ମଧ୍ୟ ଏ ମନ ବା ହୃଦୟ ଭୌତିକ ମାୟାଭରା ସଂସାରରେ ବିଚଳିତ ହୁଏ, ଆପଣଙ୍କର ମଧୁରବାଣୀ ଏବଂ ଦର୍ଶନ ଦ୍ୱାରା ଏ ହୃଦୟକୁ ଶୀତଳତା ପ୍ରାପ୍ତ ହୁଏ। ତେଣୁ ହେ ଗୁରୁଦେବ, ଏହି କୃପା ମୋ ଉପରେ ଏବଂ ଢେଙ୍କାନାଳର ସମସ୍ତ ଭକ୍ତଙ୍କ ଉପରେ ସଦାସର୍ବଦା ରଖିବାର କୃପା କରନ୍ତୁ। ଏହା ହିଁ ମୋର ଆପଣଙ୍କ ଚରଣକମଳରେ ମାଗୁଣି।

ଆପଣ ତ କୃପାର ସାଗର, ଏ ଅଧମ, ପତିତା, ଅଯୋଗ୍ୟା ହୀନ ଦାସୀ ପାଖରେ କିଛି ଶବ୍ଦ ହିଁ ନାହିଁ କେବଳ ଏ ଦାସୀର ଚକ୍ଷୁର ଅଶ୍ରୁ ହିଁ ଅଛି। ଆପଣଙ୍କର ଦର୍ଶନ କଲେ ଲାଗେ ଯେମିତି ଭଗବାନଙ୍କର ଦର୍ଶନ କରୁଛି। ଯେପରି ଶ୍ରୀମନ୍ଦିରରେ ଭଗବାନ ଜଗନ୍ନାଥଙ୍କର ଦର୍ଶନ କରିବା ସମୟରେ କିଛି ବି ମନେପଡ଼େ ନାହିଁ, କେବଳ ଅଶ୍ରୁ ହିଁ ନିର୍ଗତ ହେଉଥାଏ। ଠିକ୍ ସେମିତି ଆପଣଙ୍କର ଗୁଣଗାନ କରିବା ପାଇଁ ଚେଷ୍ଟା କରିବା ସମୟରେ କିଛି ଶବ୍ଦ ହିଁ ଆସୁ ନାହିଁ। ଆପଣ ତ ଅନ୍ତର୍ଯ୍ୟାମୀ ସବୁ ବୁଝିପାରିବେ ବୋଲି ମୋର ଆଶା।

ତେଣୁ ହେ କୃପାମୟ ଗୁରୁଦେବ ଆପଣଙ୍କର ଚରଣ କମଳରେ କେବଳ ଏତିକି ହିଁ ପ୍ରାର୍ଥନା, ଆପଣ ଏ ଅଧମ, ପତିତା, ଅଯୋଗ୍ୟା ଶିଷ୍ୟା ବା ଆପଣଙ୍କର ଏ ହୀନ ସନ୍ତାନ କୃପା କରନ୍ତୁ ଯେ ମୁଁ ମୋ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣଙ୍କର ଦର୍ଶନ, ସେବା ଏବଂ ଆପଣଙ୍କର ଆଦେଶର ପାଳନ କରିପାରିବାର ଚେଷ୍ଟା କରିପାରିବି।

ଶେଷରେ ଯଦି ଏ ଅଧମ ଅଜ୍ଞାନୀର କିଛି ଅପରାଧ ହୋଇଥାଏ, ହେ କୃପାମୟ ଗୁରୁଦେବ କ୍ଷମା କରିବେ ଏବଂ କୃପାଦୃଷ୍ଟି ରଖିଥିବେ।

*ଆପଣଙ୍କର ଅଜ୍ଞାନୀ ଦାସୀ*

***ଇନ୍ଦିରା ଦେବୀଦାସୀ***

*ଢେଙ୍କାନାଳ, ଓଡ଼ିଶା*

# ଗୁରୁ ବିନା ଏ ସଂସାରେ ନାହିଁ ଅନ୍ୟ ଗତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପୂଜ୍ୟ ଗୁରୁଦେବ, ଆଜି ଆପଣଙ୍କର ୭୨ତମ ଶୁଭ ଆର୍ବିଭାବ ଉତ୍ସବରେ ଏହି ଅଯୋଗ୍ୟା ଶିଷ୍ୟା ଆପଣଙ୍କ ଚରଣ କମଳରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ବ୍ୟାସପୂଜା ଅବସରରେ ମୋତେ ଆପଣଙ୍କର ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ହେ ଗୁରୁଦେବ, ମୁଁ କିପରି ଆପଣଙ୍କ ଆଦେଶ ପାଳନ କରିବି ମୋତେ ଆଶୀର୍ବାଦ ପ୍ରଦାନ କରନ୍ତୁ। ଗୁରୁଦେବ ମୁଁ ଆପଣଙ୍କୁ ଗୁରୁରୂପେ ପାଇ ନିଜକୁ ଧନ୍ୟ ମନେକରୁଛି। କାରଣ ଆପଣଙ୍କ ଶିଷ୍ୟମାନଙ୍କ ପ୍ରତି ଯେଉଁଭଳି ଭଲପାଇବା, ତାହା ବାପା, ମା ମଧ୍ୟ ଦେଇ ନ ଥାନ୍ତି। ଗୁରୁ ଆମକୁ ଜନ୍ମ, ମୃତ୍ୟୁରୁ ଉଦ୍ଧାର କରିଥାନ୍ତି।

ଗୁରୁମାତା ଗୁରୁପିତା ଗୁରୁହନ ପତି
ଗୁରୁ ବିନା ଏ ସଂସାରେ ନାହିଁ ଅନ୍ୟଗତି।

ଏ ଭୌତିକ ଜଗତରେ ଯେତେ ଦୁଃଖକଷ୍ଟ, ରୋଗବ୍ୟାଧି ରହିଛି ସବୁ ଗୁରୁ କୃଷ୍ଣଙ୍କ କୃପାରୁ ଦୂରୀଭୂତ ହୋଇଛି ଆପଣ ହେଉଛନ୍ତି ଅନ୍ତର୍ଯ୍ୟାମୀ, ମହାଭାଗବତ, ଆପଣଙ୍କ ଦୟାମୟ ଦିଗକୁ ଆମର ଏହି କ୍ଷୁଦ୍ର ବୁଦ୍‌ଧିରେ ବୁଝିବା ଅସମ୍ଭବ। ଆମେ ଯେତେବେଳେ ଗୁରୁଙ୍କ ଚରଣରେ ଆସୁଛନ୍ତି, ସେତେବେଳେ ଗୁରୁ ଆମକୁ ସ୍ନେହସଂଯୁକ୍ତ ନାମ ଦିଅନ୍ତି। ଆମେ ଆମର ଇନ୍ଦ୍ରିୟଦ୍ୱାରା ଭଗବାନଙ୍କୁ ପ୍ରାପ୍ତ ହୋଇ ପାରିବା ନାହିଁ, ସେବାଅନୁମୁଖି ହେବାଦ୍ୱାରା ଆମର ସବୁ ଈର୍ଷା ଓ ଅହଂକାର କଟିବ, ତେବେ ଗୁରୁଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା।

ତେଣୁ ହେ ଗୁରୁଦେବ ! ସବୁବେଳେ ଆମ ଉପରେ କୃପାଦୃଷ୍ଟି ରଖିଥାନ୍ତୁ। ଏ ଅଜ୍ଞାନୀ, ଅଧମା ଶିଷ୍ୟାର କୌଣସି ଯୋଗ୍ୟତା ନାହିଁ ଆପଣଙ୍କ ଗୁଣଗାନ କରିବା ପାଇଁ।

ଶେଷରେ ଏତିକି ରାଧାକାନ୍ତଙ୍କଠାରେ ପ୍ରାର୍ଥନା ଆପଣଙ୍କୁ ଦୀର୍ଘାୟୁ କରନ୍ତୁ ଓ ସୁସ୍ଥ, ସବଳ, ଆରୋଗ୍ୟ ରଖିଥାନ୍ତୁ।

*ଆପଣଙ୍କ ଚରଣାଶ୍ରିତା ଦାସୀ*
***କଳକଣ୍ଠ ଦେବୀଦାସୀ***

# ଗୁରୁଦେବଙ୍କ କୃପା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଗୁରୁଦେବ କୃପାକର ମୋ ଅଧମ ପ୍ରତି ।
ତୁମ୍ଭ କୃପାବଳେ ଲଭି ଶିଷ୍ୟତ୍ୱ ଶକତି ॥

ହୀନ ଦୃଷ୍ଟି ହୀନମତି ହୀନ ମୋ ଆଚାର ।
ହୀନ କର୍ମେ ରତ ସଦା ହୀନ ବ୍ୟବହାର ॥

ଅତି ମନ୍ଦ ଭାବନା ମୋ ମାନସେ ଜାଗଇ ।
ତୁମ୍ଭ ଦତ୍ତ ଉପଦେଶ ମନେ ନ ଆସଇ ॥

ଶିଷ୍ୟ ଭାବି ଗୁରୁଦେବ ସର୍ବସ୍ୱ ଅର୍ପଣ ।
ସର୍ବଶ୍ରେଷ୍ଠ ସାଧନର ଏଇ ଯେ ଲକ୍ଷଣ ॥

ସ୍ୱପ୍ନେ ମୋର ଗୁରୁଭାବ ନ ଆସୁ ମୋ ମନେ ।
ତୁମ୍ଭ କୃପା ବଞ୍ଚିତ ମୁଁ ହୋଇବି ଜୀବନେ ॥

ନରକରେ ବାସ ହେଉ ଜୀବନେ ଜୀବନେ ।
ଦୁଃଖ ନାହିଁ ଗୁରୁଦେବ ପତୀତ ଜୀବନେ ॥

ଦମ୍ଭଭାବ ପ୍ରଦର୍ଶନେ ଲାଭ ଯେ କେବଳ ।
ମନଲଭେ ପ୍ରତିଷ୍ଠା ଭକ୍ତିହୀନ ଫଳ ॥

ଶିଷ୍ୟଭାବେ କୃପାଭିକ୍ଷା ସର୍ବଦା କରିବି ।
ତୁମ୍ଭ ଶିଷ୍ୟ ଭାବି ମନେ କୃତାର୍ଥ ହୋଇବି ॥

ଦୀନଭାବେ କିପରି ମୁଁ ଲଭିବି ଜୀବନେ ।
ଦୀନଭାବେ ନାମ କରୁଥିବି ରାତ୍ରିଦିନେ ॥

ଆଶା ମୋର ମହାମେରୁ ହେବ କି ପୁରଣ ।
ତୁମ୍ଭ ପଦ ଦ୍ୱୟ ମୁଁଇ କରିଛି ବରଣ ॥
କୁଳଦେବ ଶ୍ରୀ ଗୋପାଳ କରନ୍ତୁ କରୁଣା ।
ତୁମ୍ଭ କୃପା ଏ ଅଧମେ ନ ହେଉଟି ଊଣା ॥

*ଆପଣଙ୍କର ଚରଣାଶ୍ରିତ*
***କିଶୋରୀ ଦେବୀଦାସୀ***
*ଇସ୍କନ, ଭୁବନେଶ୍ୱର*

# ମନକୁ ନିୟନ୍ତ୍ରଣ କରିବାର ଉପାୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କ ଶ୍ରୀ ଚରଣ କମଳରେ ଏଇ ଅଧମ ଦାସୀ ଶତକୋଟି ପ୍ରଣାମ ଅର୍ପଣ କରୁଛି । ଆପଣଙ୍କ ପରି ପରମ କାରୁଣିକ ବୈଷ୍ଣବ ତଥା ଶ୍ରୀକୃଷ୍ଣଙ୍କ ଅନ୍ତରଙ୍ଗ ପାର୍ଷଦଙ୍କ ଗୁଣଗାନ ମୋ ପରି ମାୟାକ୍ଲିଷ୍ଟ ସ୍ତ୍ରୀ କ'ଣ ବା କରିପାରିବ ? ତଥାପି ଆପଣଙ୍କ ଅହୈତୁକୀ କୃପାରୁ ଆପଣଙ୍କ ଗୁଣ କୀର୍ତ୍ତନ କରିବାର ସୁଯୋଗ ପ୍ରାପ୍ତ ହୋଇଛି । ଭାଗବତର ୫ମ ସ୍କନ୍ଧରେ ବର୍ଣ୍ଣନା ହୋଇଛି-

ଭ୍ରାତୃବ୍ୟମେନଂ ତଦ୍ ଅଦଭ୍ରବୀର୍ଯ୍ୟମ୍
ଉପକ୍ଷେୟା ଧ୍ୟେଧିତମ୍ ଅପ୍ରମତ୍ତଃ ।
ଗୁରୋର୍ହରେଶ୍ଚରଣୋପାସନାସ୍ତ୍ରୋ
ଦହି ବ୍ୟଳୀକଂ ସ୍ୱୟମାତ୍ମା ମୋଷମ୍ । (ଶ୍ରୀ.ଭା.୫.୧୧.୧୭)

ଏ ଅସଙ୍ଗତ ମନ ଜୀବର ଏକ ମହାନ୍ ଶତ୍ରୁ ଅଟେ । ଯଦି ଆମେ ଏହାକୁ ଉପେକ୍ଷା କରିବା, ତାହାହେଲେ ଆମେ ଅଧିକ ଶକ୍ତିଶାଳୀ ଏବଂ ମନ ଉପରେ ବିଜୟ ଲାଭ କରିପାରିବା । ନଚେତ୍ କୌଣସି ନା କୌଣସି ଦୁଃଶ୍ଚିନ୍ତା ମନରେ ଆସି ଆମକୁ ପଥଭ୍ରଷ୍ଟ କରିଦିଏ । ଆମେ ଭୁଲ ନିର୍ଣ୍ଣୟ ନେଇଥାଉ । ଆମ ଭକ୍ତିରେ ବାଧା ଆସେ । ତେଣୁ ହରି ଗୁରୁଚରଣ ଉପାସନା ରୂପକ ଅସ୍ତ୍ର ଦ୍ୱାରା ବଡ଼ ସତର୍କତାର ସହିତ ଏହାର ବିନାଶ କରିପାରିବା । ଆମ ମନକୁ ଗୁରୁଙ୍କ ବାଣୀ ସେବାଦ୍ୱାରା ଓ ବାଣୀକୁ ପାଳନ କରି ହରିଙ୍କ ସେବା ଦ୍ୱାରା ମନକୁ ନିୟନ୍ତ୍ରଣ କରିପାରିବା । ଅନ୍ୟଥା କୌଣସି ଉପାୟରେ ମଧ୍ୟ ମନକୁ ନିୟନ୍ତ୍ରଣ କରିବା ବହୁତ ଦୁଃସାଧ୍ୟ । ଏହି ପ୍ରସଙ୍ଗରେ ମହାପ୍ରଭୁ କହିଛନ୍ତି-

ବ୍ରହ୍ମାଣ୍ଡ ଭ୍ରମିତେ କୋନ୍ ଭାଗ୍ୟବାନ୍ ଜୀବ,
ଗୁରୁ କୃଷ୍ଣ ପ୍ରସାଦେ ପ୍ରାୟ ଭକ୍ତିଲତା ବୀଜ ।

ଯେତେବେଳେ ବ୍ୟକ୍ତି ଗୁରୁ ଓ କୃଷ୍ଣଙ୍କ କୃପାରୁ ଭକ୍ତିଲତାର ବୀଜ ଲୋଭ କରେ, ସେତେବେଳେ ତାହାର ପ୍ରକୃତ ଜୀବନ ଆରମ୍ଭ ହୁଏ । ଯଦି କୌଣସି ବ୍ୟକ୍ତି ଶ୍ରୀ ଗୁରୁଦେବଙ୍କ ଆଦେଶ ପାଳନ କରନ୍ତି ତା'ହେଲେ କୃଷ୍ଣଙ୍କ କୃପାରୁ ସେ ମନର ସେବାରୁ ମୁକ୍ତ ହୋଇଥାନ୍ତି ।

ହେ ଗୁରୁଦେବ ମୋତେ ଶକ୍ତି ଦିଅନ୍ତୁ ଯେ ଆପଣଙ୍କ ବାଣୀକୁ ମୁଁ ପାଳନ କରିବାକୁ ସକ୍ଷମ ହେବି । ଏହି ବାଣୀ ଦ୍ୱାରା ମୁଁ ହରିଙ୍କ ସେବା କରି ମୋ ମନକୁ ସଞ୍ଜତ କରିପାରିବି ।

ଆଜିକାର ଏହି ଶ୍ରାବଣ କୃଷ୍ଣ ତୃତୀୟା ତିଥି ଆପଣଙ୍କ ଶୁଭ ଆବିର୍ଭାବ ଉତ୍ସବରେ ମୁଁ ଶ୍ରୀରାଧା ରାଧାକାନ୍ତଙ୍କ ନିକଟରେ ପ୍ରାର୍ଥନା କରେ କି ଆପଣ ଦୀର୍ଘାୟୁ ହୁଅନ୍ତୁ, ସୁସ୍ଥ ରୁହନ୍ତୁ ଆମଭଳି ଅଯୋଗ୍ୟ ଶିଷ୍ୟାଙ୍କ ଉପରେ କୃପା କରୁଥାନ୍ତୁ ।

*ଆପଣଙ୍କ ସଦା ଆଶୀର୍ବାଦ ଭିକ୍ଷା ଅଭିଳାଷୀ*
***କିଶୋରୀ କୃଷ୍ଣା ଦେବୀଦାସୀ***
*ନାମହଟ୍ଟ କେନ୍ଦ୍ର ଶ୍ରୀ ରାଧାରାଧାକାନ୍ତ ମନ୍ଦିର, ନିମଖଣ୍ଡି*

# ଦୟାର ସାଗର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି ବ୍ୟାସପୂଜା ମହାମହୋତ୍ସବରେ ଆପଣଙ୍କ ଚରଣ କମଳରେ କୋଟିକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଆପଣଙ୍କ ଗୁଣଗାନ କରିବାର ଯୋଗ୍ୟତା ଏ ଅଧମ ଦାସର ନାହିଁ, ତଥାପି ମୋର ନିଜର ଶୁଦ୍ଧିକରଣ ପାଇଁ ଆପଣଙ୍କର ଗୁଣଗାନ କରିବା ପାଇଁ ଚେଷ୍ଟା କରୁଛି।

ଗୁରୁଦେବ, ଥରେ ଆପଣ ପୁରୀରେ ଆମ ଘରକୁ ଆସିଥିଲେ, ମୋତେ ରାଧାନାଥ ପ୍ରଭୁ ସେବା ଦେଇଥିଲେ ଆପଣଙ୍କର ଗୁରୁପୂଜା କରିବା ପାଇଁ, ମୁଁ ପ୍ରଥମେ ଆପଣଙ୍କୁ ଫୁଲମାଳ ପିନ୍ଧେଇଥିଲି। ତା'ପରେ ଯେତେବେଳେ ମୁଁ ଆପଣଙ୍କ ମଥାରେ ଚନ୍ଦନ ଲଗେଇଥିଲି। କିନ୍ତୁ ଚନ୍ଦନ ସବୁ ବୋହିଯାଇ ଆପଣଙ୍କ ଚଷମାରେ ଯାଇ ଲାଗିଯାଇଥିଲା। ମୁଁ ପୁରା ଡରି ଯାଇଥିଲି ଆପଣ ମୋତେ ଗାଳି କରିବେ ବୋଲି। କିନ୍ତୁ ଆପଣ ମୋତେ କିଛି ନ କହି ନିଜେ ଚଷମାକୁ ପୋଛି ପିନ୍ଧିଥିଲେ। ଗୁରୁଦେବ ମୁଁ ଅଯୋଗ୍ୟ। ଆପଣଙ୍କର ସେବା ମୁଁ ଠିକ୍‌ରେ କରିପାରୁନି। କିନ୍ତୁ ସବୁବେଳେ ଆପଣ ମୋତେ ସେବାର ସୁଯୋଗ ପ୍ରଦାନ କରିଛନ୍ତି।

ଶେଷରେ ମୋର ରାଧାଶ୍ୟାମ ସୁନ୍ଦରଙ୍କ ନିକଟରେ ପ୍ରାର୍ଥନା, ସେ ଆପଣଙ୍କୁ ସର୍ବଦା ସୁସ୍ଥ ରଖନ୍ତୁ ଏବଂ ମୋତେ ଗୁରୁକୃଷ୍ଣଙ୍କ ସେବାରେ ସବୁବେଳେ ନିୟୋଜିତ ରଖିଥାନ୍ତୁ।

*ଆପଣଙ୍କର ଅଧମ ଶିଷ୍ୟ*
***କୃଷ୍ଣ କେଶବ ଦାସ***
*ପୁରୀ*

# ଗୁରୁମୁଖ୍ୟ ପଦ୍ମ ବାକ୍ୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କ ଶ୍ରୀଚରଣରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ସମସ୍ତ ଭକ୍ତବୃନ୍ଦ ଓ ଅନନ୍ତକୋଟି ବୈଷ୍ଣବଙ୍କୁ ମୋର ଦଣ୍ଡବତ ପ୍ରଣାମ। ମୋର ଯୋଗ୍ୟତା ନାହିଁ ଆପଣଙ୍କ ଗୁଣଗାନ କରିବାକୁ, ତଥାପି ଆପଣଙ୍କ କୃପାରୁ କିଛି ଲେଖିବାକୁ ଚେଷ୍ଟା କରୁଛି। କିଛି ତ୍ରୁଟି ଥିଲେ ଗୁରୁଦେବ କ୍ଷମା କରିଦେବେ ମୋର ବିନମ୍ର ନିବେଦନ।

ପ୍ରଥମେ ପ୍ରଥମେ ଗୁରୁଦେବଙ୍କ କଥା ଶୁଣିବାକୁ ଆଗ୍ରହ ଆସୁ ନଥିଲା, କିନ୍ତୁ ଆଗ୍ରହ ନଥିଲେ ବି ମୁଁ ଆପଣଙ୍କ କଥା ଶୁଣେ। ଯେମିତି କଥାରେ ଅଛି "ରୁଚୁ ନ ରୁଚୁ ଖା ପିତା, ବୁଝୁ ନ ବୁଝୁ ପଢ଼ ଗୀତା"। ସେମିତି ଆଗ୍ରହ ନଥିଲେ ବି ପ୍ରତ୍ୟେକ ଦିନ ଆପଣଙ୍କ କଥା ଶୁଣେ। ଥରେ ମନ୍ଦିର ଯିବାସମୟରେ ଗୁରୁଦେବ ଆପଣଙ୍କ କଥା ଶୁଣି ଶୁଣି ଆମେ ଯାଉଥିଲୁ। ଆମ ସହିତ ଜଣେ ବରିଷ୍ଠ

ଗୃହସ୍ଥ ଭକ୍ତ ଥିଲେ। ସେ କହିଲେ, "ଗୁରୁଦେବଙ୍କ ପ୍ରତିଟି କଥାରେ ବହୁତ କିଛି ଶିଖିବାର ଅଛି। ଯେ ଧ୍ୟାନର ସହିତ ସେ ହିଁ ବୁଝିପାରିବ: ସେହି ଦିନଠାରୁ ଗୁରୁଦେବ ମୁଁ ଆପଣଙ୍କ କଥା ଧ୍ୟାନ ପୂର୍ବକ ଶୁଣିବାକୁ ଆରମ୍ଭ କଲି। ଆଉ ଅନୁଭବ କଲି ଯେ ସତରେ ଧୀରପାଣି ପଥର କାଟେ। ଆପଣଙ୍କ ପ୍ରତିଟି କଥା ଭଗବାନ କୃଷ୍ଣଙ୍କ ନିକଟରେ ହେବା ସହ ପ୍ରେମପୂର୍ଣ୍ଣ ସେବାରେ ନିଯୁକ୍ତ ହେବାରେ ସହାୟକ ହେଉଛି। ଗୁରୁଦେବଙ୍କ ବାଣୀରୁ ପଦେ- "ଆମେ ଯେତେ ଅଧିକ ଭଗବାନ କୃଷ୍ଣଙ୍କର ଲୀଳା ଶ୍ରବଣ କରିବା, ଭଗବାନଙ୍କୁ ସ୍ମରଣ କରିବା, ତାଙ୍କ ନାମରୂପ ଗୁଣ କୀର୍ତ୍ତନ ଆଦି ଶ୍ରବଣ କରିବା ତାହା ଆମ ହୃଦୟକୁ ଶୁଦ୍ଧ କରିବା ସହିତ ଆମ ହୃଦୟରେ କୃଷ୍ଣ ପ୍ରେମ ଜାଗ୍ରତ କରିବ।" ଗୁରୁଦେବ, ଆପଣଙ୍କ ଅହେତୁକି କୃପାରରୁ ଆପଣଙ୍କ କଥା ଶ୍ରବଣ କରିପାରୁଛି। ଆପଣ ସର୍ବଦା ଆମ ଉପରେ ଏମିତି କୃପା ରଖିଥାନ୍ତୁ। ଆପଣ କୃପା କରନ୍ତୁ ଆପଣଙ୍କ କଥା ଶ୍ରବଣ ଦ୍ୱାରା ଆମର ହୃଦୟ ଶୁଦ୍ଧିକରଣ ହେବା ସହିତ କୃଷ୍ଣପ୍ରେମ ପ୍ରାପ୍ତ ହେଉ। ଗୁରୁଦେବ, ଆପଣଙ୍କ ଅହୈତୁକି କୃପାରୁ ଆମେ ଆପଣଙ୍କ ଚରଣ କମଳରେ ସ୍ଥାନ ପାଇଛୁ। ଆଜି ଆପଣଙ୍କ ଶୁଭ ଆବିର୍ଭାବ ତିଥିରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ପାଖରେ ଏତିକି ବିନତୀ ସେ ଆପଣଙ୍କ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ। ଆପଣଙ୍କ ପାଦ ପଦ୍ମରେ ଏତିକି ପ୍ରାର୍ଥନା ଆମ ଉପରେ କୃପା କରନ୍ତୁ ଯେପରି ଆମ ମନ ସଦାସର୍ବଦା ଗୁରୁକୃଷ୍ଣଙ୍କ ପାଦ ପଦ୍ମରେ ସ୍ଥିର ରହୁ।

*ଆପଣଙ୍କ ଚରଣାଶ୍ରୀତ*

***କୃଷ୍ଣକୀର୍ତ୍ତୀ ଦାସ, ସାଧ୍ୱୀ ଦେବୀଦାସୀ***

# ଗୁରୁଙ୍କ କୃପା କୃଷ୍ଣଙ୍କ କୃପା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ସର୍ବ ପ୍ରଥମେ ପତିତ ପାବନ ଶ୍ରୀଲ ଗୁରୁଦେବଙ୍କ ଚରଣ କମଳରେ ଏ ଅଧମର କୋଟି କୋଟି ଦଣ୍ଡବତ୍ ପ୍ରଣାମ। ଗୁରୁମହାରାଜ ଆପଣଙ୍କ ଏହି ପବିତ୍ର ଆବିର୍ଭାବ ତିଥିରେ ଏ ଅଧମ ଶିଷ୍ୟର ପ୍ରଥମ ସଶ୍ରଦ୍ଧ ଭକ୍ତି ପୁଷ୍ପାଞ୍ଜଳି ଶ୍ରୀ ଚରଣ କମଳରେ ଅର୍ପଣ କରୁଅଛି। ଏ ପୁଷ୍ପାଞ୍ଜଳି ପତ୍ରରେ କୌଣସି ତ୍ରୁଟି ଥିଲେ ଏ ଅଜ୍ଞାନୀ ଶିଷ୍ୟକୁ କ୍ଷମା କରିବେ ବୋଲି ଏ ଅଧମର ଆଶା।

ଗୁରୁମହାରାଜ୍ ଆପଣଙ୍କ ଭଳି ଗୁରୁଙ୍କ ଶିଷ୍ୟ ହେବା ଏ ଅଧମର କୌଣସି ଯୋଗ୍ୟତା ନାହିଁ। କିନ୍ତୁ ଆପଣ ମତେ ଶିଷ୍ୟ ରୂପେ ଗ୍ରହଣ କରିକି ମୋ ଭକ୍ତି ମାର୍ଗରେ ଆଗକୁ ବଢ଼ିବା ପାଇଁ ଯେଉଁ କୃପା ପ୍ରଦାନ କରିଛନ୍ତି, ସେ କୃପା ଓ କରୁଣା ମୋ ପାଇଁ ଅମୂଲ୍ୟ ଓ ଅମୃତ ଧାରା। ଗୁରୁମହାରାଜ୍ ଆପଣଙ୍କ ପ୍ରଥମ ଦର୍ଶନ ହାଇଦ୍ରାବାଦ୍‌ର ରାମପଲ୍ଲି-ଇସ୍କନ ଭକ୍ତି ସେଣ୍ଟରରେ ହେଲା। ପରେ ୨୦୨୧ ଠାରୁ ଆପଣଙ୍କ ପ୍ରବଚନ ଶୁଣିବା ଆରମ୍ଭ କଲି। ଆପଣଙ୍କର ମଧୁର ହରି କଥା ଶୁଣିବାରେ ଆନନ୍ଦ ଓ ଆପଣଙ୍କ ଶ୍ରୀ ମୁଖର ହସ ଓ ଆପଣଙ୍କ ଗମ୍ଭୀର ପ୍ରବଚନ ମୋ ମନରେ ଆପଣଙ୍କୁ ଗୁରୁରୂପେ ପାଇବାର ଆସକ୍ତି ବୃଦ୍ଧି କରିଥିଲା। ୨୦୨୨ ମସିହାରେ ଆପଣ ହାଇଦ୍ରାବାଦ ଆସିଲା ପରେ ମୁଁ ଅଜ୍ଞାନୀ ଆପଣଙ୍କ ଚରଣକମଳରେ ଆଶ୍ରୟ ନେବାପାଇଁ ଅନୁରୋଧ କଲି। ଆପଣ ମୋତେ ୨୦୨୪ ନଭେମ୍ବର ୩୦ ତାରିଖ ଦିନ ଦୀକ୍ଷା ପ୍ରଦାନ କରି ମୋ ଜୀବନର ଗତି ଭକ୍ତି ମାର୍ଗରେ ଚାଲିବା ପାଇଁ ଯେଉଁ କୃପା ପ୍ରଦାନ କରିଛନ୍ତି, ଏଥିପାଇଁ ଆପଣଙ୍କ ଚରଣ କମଳରେ ଏ ଅଧମ ଶିଷ୍ୟର କୋଟି କୋଟି ଦଣ୍ଡବତ ପ୍ରଣାମ।

*ଆପଣଙ୍କ ଅଜ୍ଞାନୀ ଶିଷ୍ୟ*

***କୃଷ୍ଣ ଶଖା ଦାସ***

*ହାଇଦ୍ରାବାଦ*

# କର୍ମ ବନ୍ଧ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ପୂଜ୍ୟ ଶ୍ରୀଲ ଗୁରୁଦେବ। ଆଜି ଆପଣଙ୍କ ଶୁଭ ଆବିର୍ଭାବ ତିଥିରେ ଏ ଅଧମା ଶିଷ୍ୟା ଆପଣଙ୍କ ଚରଣକମଳରେ ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଏ ଅଧମ ପତିତ ଆପଣଙ୍କ ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରି ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା ଜଣାଉଛି।

ମୁଁ, ଆପଣଙ୍କ ବାଣୀ ଟେଲିଗ୍ରାମ ଗ୍ରୁପ୍‌ରେ ଶୁଣେ। ଭାଗବତର ୧୨.୧୨.୫୨ତମ ଶ୍ଳୋକଟିର ଆପଣଙ୍କ ଉପଦେଶ ବହୁତ ଆକର୍ଷଣୀୟ ଥିଲା। କିପରି ଜୀବାତ୍ମା ସହନଶୀଳ ହେବ, ଏଥିରେ ଆପଣଙ୍କର ଶିକ୍ଷା ରହିଛି। ଏହି ଶିକ୍ଷାରୁ ଜଣେ କର୍ମ ବନ୍ଧନରୁ ସହଜରେ ମୁକ୍ତ ହୋଇପାରିବ। ଯଦି କେହି ଦୁଃଖ ଅନୁଭବ କରେ, ତାହାର କାରଣ ସେ ନିଜେ। କାରଣ, ପୂର୍ବରୁ ତା'ର ଖରାପ କର୍ମର ପ୍ରତିକ୍ରିୟା ବର୍ତ୍ତମାନ ଭୋଗକରେ। କିନ୍ତୁ, ଅଜ୍ଞାନର ବଶବର୍ତ୍ତୀରେ ଅନ୍ୟକୁ ଦୋଷ ଦେଇଥାଏ।

ଉଦାହରଣ ସ୍ୱରୂପ ଆପଣ କହିଥିଲେ, ଯଦି କେହି ଆମ ଉପରେ ବିନା ଦୋଷରେ ଆକ୍ରମଣ କରେ ଏବଂ ସେହି ଆକ୍ରମଣକୁ ସହନ କରିନେଲେ, ତାହାର ପ୍ରତିକ୍ରିୟା ବଢ଼େ ନାହିଁ। ଆକ୍ରମଣର ଉତ୍ତରରେ ଆମେ ପ୍ରହାର କରିଲେ, ତାହା ନୂତନ କର୍ମ ସୃଷ୍ଟି କରେ। ଯଦି କେହି ଭଗବାନଙ୍କ ସେବା କରେ, ତାହାର ନୂତନ କର୍ମ ସୃଷ୍ଟି ହୁଏ ନାହିଁ।

ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ
ତଦର୍ଥଂ କର୍ମ କୌନ୍ତେୟ ମୁକ୍ତ ସଙ୍ଗଃ ସମାଚାର

(ଭ. ଗୀତା ୨.୯)

ଆପଣଙ୍କର ଏହି ଶିକ୍ଷାରୁ ମୋ ଜୀବନରେ ବହୁତ କିଛି ପରିବର୍ତ୍ତନ ହୋଇପାରିଛି। ସେଥିପାଇଁ ଅଶେଷ ଅଶେଷ ଧନ୍ୟବାଦ ଆପଣଙ୍କ ପାଦରେ।

ହେ ଗୁରୁଦେବ, ଏ ଅଧମ ଶିଷ୍ୟ ଯିଏକି ବଦ୍ଧ ଜୀବ, ସେ ଆପଣଙ୍କୁ ସମ୍ମାନ ଦେବାର ମଧ୍ୟ ଜାଣିନି ସିଏ ବା କ'ଣ ଆପଣଙ୍କ ଗୁଣ ଗାନ କରିବ। ଏହି ମୂର୍ଖର ଯାହା ଅପରାଧ ଥାଏ ତାକୁ କ୍ଷମା ଦେବାକୁ ମୋର ବିନୀତ ଅନୁରୋଧ। ଶ୍ରୀଶ୍ରୀ ରାଧା ଶ୍ୟାମ ସୁନ୍ଦରଙ୍କ ଶ୍ରୀ ଚରଣରେ ଆପଣଙ୍କ ଦୀର୍ଘାୟୁ ପାଇଁ କାମନା କରୁଛି।

*ଆପଣଙ୍କ ଦାସ*
**କୃଷ୍ଣ ବଲ୍ଲଭ ଦାସ**
*ମଙ୍ଗଳଗିରି, ବିଜୟୱାଡ଼ା, ଆନ୍ଧ୍ରପ୍ରଦେଶ*

# ଗୁରୁଦେବ ବିନା ଆର ଗତି ନାହିଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ! ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ତିଥିରେ, ଏ ଦାସୀ ଆପଣଙ୍କର ଶ୍ରୀଚରଣ କମଳରେ ଭକ୍ତିପୂତ ପ୍ରଣତି ନିବେଦନ ଜଣାଉଛି। ଆପଣଙ୍କର ଗୁଣକୀର୍ତ୍ତନ କରିବା ମୋ ପରି ଜଣେ ଅଜ୍ଞାନୀ ଭକ୍ତିହୀନା ପକ୍ଷରେ ସମ୍ଭବପର ନୁହେଁ। ତଥାପି ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଗୁଣକୀର୍ତ୍ତନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି।

ଆପଣଙ୍କ ସବୁ ଶିଷ୍ୟ, ଶିଷ୍ୟାଙ୍କ ଭିତରୁ ସବୁଠୁ ଖରାପ ଶିଷ୍ୟା ମୁଁ ଅଟେ। ଏଇଟା ମୁଁ ଜାଣିଛି। ତା'ପରେ ବି ଆପଣଙ୍କର ଏତେ ଅହେତୁକୀ କୃପା ମୋ ଉପରେ ଗୁରୁମହାରାଜ, ଯାହା କି ଏ ଜୀବନରେ ସେବା କରିଆସୁଛି, କରୁଛି ସବୁ ଆପଣଙ୍କ କୃପା ଯୋଗୁ। ଆପଣଙ୍କ କୃପାରୁ ଭଲ, ଉତ୍ତମ, ଗୁରୁ କୃଷ୍ଣଙ୍କ ସେବକଙ୍କୁ ମୁଁ ମୋ ଜୀବନରେ ଜୀବନସାଥୀ ରୂପରେ ପାଇଛି। ଏତିକି ବି ନୁହଁ ଆପଣଙ୍କ କୃପା ଏତେ ଯେ ବୃନ୍ଦାବନ ଭଳି ଧାମରେ ସ୍ଥାନ ମୋ ଭଳି ଅତି ତୁଚ୍ଛ ଜୀବକୁ ସ୍ଥାନ ମିଳିଲା। ମୁଁ କ'ଣ କରିଛି ମୋ ଜୀବନକାଳରେ ମୁଁ ଜାଣିନି ଗୁରୁମହାରାଜ। କିନ୍ତୁ ମୋ ଗୋପାଳ, ଆପଣ ଏତେ କୃପା କରୁଛନ୍ତି। ମୁଁ ଯେବେଠୁ ମୋ ପିତା, ମାତାଙ୍କ ସାହାଯ୍ୟରେ ଆପଣଙ୍କ ଦର୍ଶନ ପାଇଛି ସେବେଠୁ ମୁଁ ଜାଣିଛି ଆପଣ ମୋ ଉପରେ କେତେ ଅଧିକ କୃପା କରିଆସୁଛନ୍ତି।

ଗୁରୁମହାରାଜ ମୁଁ କ'ଣ କହିବି, କ'ଣ ଲେଖିବି ମୁଁ ଜାଣିପାରୁନି। ଯେବେଠୁ ମୋ ଗୋପାଳ ଆପଣଙ୍କ ଦର୍ଶନ ମୋ ସ୍ୱପ୍ନରେ କରେଇଥିଲେ, ଦୀକ୍ଷା ନେବା ପୂର୍ବରୁ ସେବେଠୁ ମୁଁ ଏତେ ମୋହିତ, ମୋହଗ୍ରସ୍ତ ଆପଣଙ୍କ ପ୍ରତି। ଆପଣ ବ୍ୟବହାର କରିଥିବା କିଛି ଜିନିଷ ମତେ ମିଳିଗଲେ ସେ କୃପାକୁ ମୁଁ ପୂଜା କରେ।

"ଗୁରୁଦେବ ବିନା ଆର ଗତି ନାହିଁ"

ହେ ଗୁରୁଦେବ! ମୋତେ ସର୍ବଦା ଆପଣଙ୍କ ସେବାରେ ଲଗାଇ ରଖନ୍ତୁ। ଏ ଅଧମ ଶିଷ୍ୟ ଯାହା ଦୋଷତ୍ରୁଟି ବା ଅପରାଧ କରିଛି ତାହା କ୍ଷମା କରିଦିଅନ୍ତୁ।

ମୋ ଗୁରୁଦେବ ଆଜି ଏହି ପବିତ୍ର ବ୍ୟାସପୂଜା ତିଥିରେ ଏ ଅଧମ ଶିଷ୍ୟା ଶ୍ରୀଶ୍ରୀ ଜଗନ୍ନାଥ, ବଳଦେବ, ମା' ସୁଭଦ୍ରା ମହାରାଣୀ, ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ଶ୍ରୀଶ୍ରୀ ନୃସିଂହ ଦେବ, ଶ୍ରୀଶ୍ରୀ ଗୌରନିତାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି, ଯେ ଆପଣଙ୍କ ଶରୀରରକୁ ସଦାସର୍ବଦା ସୁସ୍ଥ ରଖନ୍ତୁ ଏବଂ ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ। ଯେମିତି କି ଆପଣ ପ୍ରଭୁପାଦ, ଗୁରୁକୃଷ୍ଣଙ୍କ ସେବା ଅଧିକରୁ ଅଧିକ କରିବେ ଏବଂ ପତିତ ଶିଷ୍ୟ, ଶିଷ୍ୟାଙ୍କ ଦୋଷ ତ୍ରୁଟିକୁ ମାର୍ଜନ କରି ଆପଣଙ୍କ, କୃଷ୍ଣଙ୍କ ସେବାରେ ପ୍ରେରଣ କରିବେ।

*ଆପଣଙ୍କ ଅଯୋଗ୍ୟା ଶିଷ୍ୟା*

***କୃଷ୍ଣ ବଲ୍ଲଭା ଦେବୀଦାସୀ***

*ଭୁବନେଶ୍ୱର*

# ଗୁରୁଦେବ ମନ କଥା ଜାଣନ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁମହାରାଜ ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଏହି ଅଯୋଗ୍ୟ ଶିଷ୍ୟ ଆପଣଙ୍କ ଶ୍ରୀଚରଣ କମଳରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ହେ ଗୁରୁଦେବ ଆପଣଙ୍କ ଭଳି ଶୁଦ୍ଧ ଭକ୍ତଙ୍କ ମହିମା କୀର୍ତ୍ତନ କରିବାର ସୁବର୍ଣ୍ଣ ସୁଯୋଗ ଲାଭ କରିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ୨୦୨୫ ମସିହା ଫେବୃୟାରୀ ମାସରେ ଆମ୍ଭର ବାର୍ଷିକ ଉତ୍ସବ ରହିଥିଲା। ଗୁରୁଦେବ ଆପଣଙ୍କ ଏହି ବାର୍ଷିକ ଉତ୍ସବରେ ଦୁଇଦିନ ରହି ହରିକଥା ଶ୍ରବଣ କରାଇଥିଲେ। ବାର୍ଷିକ ଉତ୍ସବରେ ବହୁତ ମାତ୍ରାରେ ସେବା ରହିଥିବାରୁ ମୁଁ ଗୁରୁଦେବଙ୍କ ସ୍ୱାଗତ ସମୟରେ ଏବଂ ମଙ୍ଗଳ ଆଳତୀରେ ମଧ୍ୟ ରହିପାରି ନଥିଲି। ଯାହାଫଳରେ ମୋତେ ବହୁତ ଖରାପ ଲାଗିଲା ଏବଂ ନିଜକୁ ଘୃଣା ବି ଲାଗିଲା କାରଣ ମନରେ ଇଚ୍ଛା ଥିଲା ଟିକେ ଗୁରୁଦେବଙ୍କୁ ପାଖରେ ଦେଖିବି ଆଉ ଗୁରୁଦେବଙ୍କ ଚରଣରେ ପୁଷ୍ପ ଅର୍ପଣ କରିବି। କିନ୍ତୁ ସବୁ ଫସର ଫାଟିଗଲା। ତା'ପରେ ମୁଁ ନିଜ ମନକୁ ବୁଝାଇଲି ଯେ ମୋର ଭାଗ୍ୟରେ ନାହିଁ। ମୁଁ ତା'ପରେ ପ୍ରୋଗ୍ରାମ ହୋଇଥିବା ଜାଗାଗୁଡ଼ାକ ସକାଳେ ସଫା କରୁଥାଏ ହଠାତ୍ ସେହି ସମୟରେ ସକାଳେ ବାହାରେ ଚାଲିବାପାଇଁ ବିନ୍ଦୁମାଧବ ପ୍ରଭୁଜୀଙ୍କ ସହିତ ଗୁରୁମହାରାଜ ଆସୁଛନ୍ତି ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ପାଖରେ ଦେଖି ଦଣ୍ଡବତ୍ ପ୍ରଣାମ କଲି। ତାପରେ ଗୁରୁଦେବ ପଚାରିଲେ ତୁମ ନାମ ମୁଁ କହିଲି ଶ୍ରୀ କୃଷ୍ଣପ୍ରିୟ ଦାସ। ଆଉ ପଚାରିଲେ ସେହି ଚାକିରି ଚାଲିଛି ମୁଁ କହିଲି ଆଜ୍ଞା। ତା'ପରେ ଗୁରୁଦେବ ହସିଦେଇ ଆଗକୁ ଚାଲିଲେ। ତାପରେ ମୁଁ ଭାବିଲି ଗୁରୁଦେବ କିପରି ମନ କଥା ଜାଣିପାରନ୍ତି। ଏହା ମୋ ଜୀବନର ଗୋଟେ ଆଶ୍ଚର୍ଯ୍ୟକର ଅନୁଭୂତି। ହରେକୃଷ୍ଣ।

*ଶ୍ରୀକୃଷ୍ଣ ପ୍ରିୟ ଦାସ*
*ଇସ୍କନ୍ ବାତୋଳ, ମୋଟରି*

# ହରିକୃପା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁଦେବ, ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଶ୍ରୀଚରଣ କମଳରେ ଏ ଅଧମପତିତର ଶତକୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କ ବିଷୟରେ ଗୁଣଗାନ କରିବାକୁ ଏ ଅଧମର ଯୋଗ୍ୟତା ନାହିଁ। ତଥାପି କିଛି ଲେଖୁଛି।

ଆମ୍ଭେ ଶୁଣିଥିଲୁ, ହରିକୃପା ହେଲେ ସାଧୁ ମିଳନ୍ତି। ସେହି ପରମ କାରୁଣିକ ଭଗବାନ୍‌ଙ୍କ କୃପାରୁ ଆପଣଙ୍କ ଭଳି ଜଣେ ମହାନ୍ ସାଧୁଙ୍କର ସନ୍ଧାନ ପାଇଲି। ଆପଣ ହେଉଛନ୍ତି ଆମର ଆଧ୍ୟାତ୍ମିକଗୁରୁ ଏବଂ ପିତାମାତା। ଆପଣ ଆମକୁ ଏ ଭବସାଗରରୁ ଉଦ୍ଧାର କରି ଭଗବାନ୍‌ଙ୍କ ପାଖକୁ ନେଇପାରିବେ। ଆପଣ ହେଲେ ଆମ୍ଭ

ଜୀବନରେ ଅନ୍ଧକାରମୟ ମଧ୍ୟରେ ପ୍ରଦୀପର ଜ୍ୟୋତିଶିଖା। ଗୁରୁଦେବ ! ଆପଣଙ୍କ ଦର୍ଶନମାତ୍ରେ ଚକ୍ଷୁ ଏବଂ ହୃଦୟ ପୁଲକିତ ହୋଇଉଠେ। ଜୀବନରେ ଥିବା ଦୁଃଖକଷ୍ଟ ସଙ୍ଗେସଙ୍ଗେ ଦୂରୀଭୂତ ହୋଇଯାଏ। ଆପଣ ସଦାସର୍ବଦା ଶାନ୍ତଭାବ ପ୍ରଦର୍ଶନ କରିଥାନ୍ତି। କୌଣସି ପରିସ୍ଥିତିରେ ଆପଣ ବ୍ୟତିବ୍ୟସ୍ତ ହୁଅନ୍ତି ନାହିଁ। ଆପଣଙ୍କଠାରୁ ଏହି ଗୁଣ ଏ ଅଧମ ଦାସ ଶିଖି ଯେକୌଣସି ପରିସ୍ଥିତିରେ ସ୍ଥିର ଚିତ୍ତ ହୋଇ ଭଗବାନଙ୍କୁ ସ୍ମରଣ କରୁଛି।

ହେ ମୋର ପ୍ରିୟ ଗୁରୁଦେବ, ଆପଣ ଏ ଅଧମ ଦାସ ଉପରେ କୃପା କରନ୍ତୁ, ଯେପରି ଭକ୍ତିମାର୍ଗରେ ଅଗ୍ରଗତି କରିପାରିବି। ଶେଷରେ ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ, ଆପଣଙ୍କୁ ସର୍ବଦା ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ।

*ଆପଣଙ୍କର ଅଧମ ଶିଷ୍ୟ*

***ଗୌରହରି ଦାସ***

*ଇସ୍କନ୍ ଅନୁଗୋଳ*

# କୃପାମାଳ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଆମର ପରମ ଆରାଧ୍ୟ ପରମ ପୂଜନୀୟ ଶ୍ରୀଲ ଗୁରୁଦେବ, ସର୍ବ ପ୍ରଥମେ ଏ ଅଧମ ଦାସୀ ଆଜିର ଏ ତିଥିରେ ଆପଣଙ୍କର ଚରଣ କମଳରେ କୋଟିକୋଟି ଦଣ୍ଡବତ ଜଣାଉଛି। ଆମକୁ ଆପଣଙ୍କର ୭୨ତମ ଶୁଭ ବ୍ୟାସପୂଜା ଅବସରରେ ଆପଣଙ୍କର ଗୁଣଗାନ କରିବା ଆମର ଏତେ ଯୋଗ୍ୟତା ନାହିଁ। ଯେପରି ଭକ୍ତଗଣ ଭଗବାନଙ୍କୁ ହୃଦୟରେ ଗ୍ରହଣ କରନ୍ତି। ସେହିପରି ଭଗବାନ ମଧ୍ୟ ନିଜ ଭକ୍ତଙ୍କୁ ଆଶ୍ରୟ ପ୍ରଦାନ କରନ୍ତି। ଯେଉଁ ଭକ୍ତମାନେ ସଦାସର୍ବଦା ଗୁରୁଦେବଙ୍କୁ ହୃଦୟରେ ଧାରଣ କରିଥାନ୍ତି। ଶ୍ରୀଲ ଗୁରୁଦେବ ସେମାନଙ୍କ ହୃଦୟର ପରିଭାଷାକୁ ବୁଝିପାରନ୍ତି। ଯାହା କି ପ୍ରତି ପାଦେ ପାଦେ ମୁଁ ଅନୁଭବ କରିଛି।

ଆପଣଙ୍କର ଚରଣରେ ଏହି ଅଧମର ଆନ୍ତରିକ ଅନୁରୋଧ। ମୁଁ ଆପଣଙ୍କ ସଂସ୍ପର୍ଶରେ ଆସି ମୋ ଜୀବନରେ ଅନେକ ପରିବର୍ତ୍ତନ ଆସିଲା। ମୁଁ ଭକ୍ତି କ'ଣ ଜାଣିଲି। ସକାମ କର୍ମମୟ ଜୀବନରୁ ଆଧ୍ୟାତ୍ମିକ ଜୀବନକୁ ପାଦ ବଢ଼େଇଲି।

ମୁଁ ପ୍ରଥମେ ସୂର୍ଯ୍ୟକୁଣ୍ଡୀ ମାତାଜୀଙ୍କର ଗୃହରେ ଆପଣଙ୍କୁ ପ୍ରଥମ ସାକ୍ଷାତ କରିଥିଲି ଓ ଆପଣଙ୍କର ଶ୍ରୀମୁଖରୁ କିଛି ଅମୃତବାଣୀ ଶୁଣି ମୋର ମନ ଭିତରେ ଭକ୍ତି ଜାଗ୍ରତ ହୋଇଥିଲା। ମୁଁ ମଧ୍ୟ ଭକ୍ତି କରିବି ବୋଲି ଆଗକୁ ପାଦ ବଢ଼େଇଲି। କିନ୍ତୁ ମାୟାଦେବୀଙ୍କର ପ୍ରକୋପ ମୋ ଉପରେ ବାରମ୍ବାର ପଡୁଥିଲା। ଭକ୍ତିରେ ବହୁତ ବାଧାପ୍ରାପ୍ତ ହେଉଥିଲା। ସେତେବେଳେ ନିଜେ ଭାବି ନେଇଥିଲି, ଆଉ ମୁଁ ଭକ୍ତିରେ ଆଗକୁ ଯାଇପାରିବି ନାହିଁ। କିନ୍ତୁ ମୋତେ ସୂର୍ଯ୍ୟକୁଣ୍ଡୀ ମାତାଜୀ ଓ ଦୀନକୃଷ୍ଣ ପ୍ରଭୁ କହିଲେ। ରାଧାଶ୍ୟାମ ସୁନ୍ଦର ଓ ଗୁରୁମହାରାଜଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଭକ୍ତିକୁ ମାନସିକ ଧାରାରେ କର ଓ ପ୍ରତିଦିନ ୧୬ ମାଳ ଜପ କର। ଭଗବାନ ନିଶ୍ଚୟ କୃପା କରିବେ।

ତା'ପରେ ବହୁତ ଦିନପରେ ଏହି ଅଧମ ଭାଗ୍ୟରେ ପୁଣି ଆଉଥରେ ଆପଣଙ୍କର ସହିତ ପୂର୍ଣ୍ଣ ସାକ୍ଷାତ କରିବାର ସୁଯୋଗ ମିଳିଲା। ରାଉରକେଲା ଷ୍ଟେସନରେ ମୁଁ ଯେତେବେଳେ ଆପଣଙ୍କୁ ପୁନର୍ବାର ସାକ୍ଷାତ କରିଲି ସେତେବେଳେ ମୋର ଆଖିରୁ ଅନର୍ଗଳ ଅଶ୍ରୁଧାରା ବୋହିବାରେ ଲାଗିଲା ଓ ମୋର କଣ୍ଠ ରୁଦ୍ଧ ହୋଇଗଲା ମୁଁ ଆପଣଙ୍କ ପଛେ ପଛେ ମହାମନ୍ତ୍ର ଉଚ୍ଚାରଣ କରିକରି ପଛରେ ପଛରେ ଗଲି। ସେଠାରେ ଆପଣ ଯେତେବେଳେ କାରରେ ବସିବା ପୂର୍ବରୁ ଆପଣ କୃପାମାଳା ଦେବାରେ ଲାଗିଲେ। ମୁଁ ସେତେବେଳେ ବହୁତ ଚେଷ୍ଟା କରୁଥାଏ। ମୁଁ ମଧ୍ୟ ମାଳର କୃପାପାଇ ପାରିବି କି ? କିନ୍ତୁ ମତେ ମିଳିଲା ନାହିଁ। ତା'ପରେ ମୁଁ ଅନ୍ତରରେ ବହୁତ ପ୍ରାର୍ଥନା କଲି ହେ ପ୍ରଭୁ ମତେ ମଧ୍ୟ କୃପାମାଳା ମିଳୁ ବୋଲି। ଆପଣ

ଏତେ କୃପାଳୁ ଯେ ଏ ଅଧମ ଭକ୍ତର ଅନ୍ତରର ଡାକ ଶୁଣିପାରିଲେ। କିଛି ସମୟ ମୋର ମନ ଦୁଃଖ ହୋଇଗଲା। ମୁଁ ଯେତେବେଳେ ମାଳାର କୃପା ପାଇପାରିଲି ନାହିଁ, ସେତେବେଳେ ମୁଁ ଜାଣି ନ ଥିଲି ଆପଣ ଏତେ ଦୟାଳୁ ଓ ଅନ୍ତର୍ଯ୍ୟାମୀ ବୋଲି ସର୍ବଶେଷରେ ଗୋଟିଏ ପଦ୍ମଫୁଲର କୃପାମାଳା ଆସି ଏହି ଅଧମର ଗଳାରେ ପଡ଼ିଥିଲା। ମୁଁ ବହୁତ ଖୁସିରେ କାନ୍ଦିବାକୁ ଲାଗିଲି। ତା'ପରେ ମୁଁ ଜାଣିଲି ଯେ ଆପଣ ଏହି ଅଧମ ଉପରେ କୃପା କଲେ ବୋଲି।

"ସାଧୁ ସଙ୍ଗ ସାଧୁ ସଙ୍ଗ ସର୍ବ ଶାସ୍ତ୍ର କଏ।
ଲବେ ମାତ୍ର ସାଧୁ ସଙ୍ଗେ ସର୍ବସିଦ୍ଧି ହଏ।

ସର୍ବ ଶେଷରେ, ମୋର ରାଧା ଶ୍ୟାମସୁନ୍ଦରଙ୍କ ପାଖରେ ଏତିକି ପ୍ରାର୍ଥନା କି ମୋର ଗୁରୁଦେବଙ୍କ ଶରୀର ସୁସ୍ଥ ରହୁ ଓ ଗୁରୁଦେବ ଦୀର୍ଘାୟୁ ହୁଅନ୍ତୁ। ଆପଣ ଆମପରି ପାପୀ ଅଧମମାନଙ୍କୁ ଉଦ୍ଧାର କରି ଶ୍ରୀଚୈତନ୍ୟ ମହାପ୍ରଭୁ ଓ ଶ୍ରୀଲ ପ୍ରଭୁପାଦଙ୍କ ଆନ୍ଦୋଳନକୁ ସଫଳ କରନ୍ତୁ।

*ଆପଣଙ୍କର ଅଯୋଗ୍ୟ ଶିଷ୍ୟା*
***ଗାୟତ୍ରୀ ପଣ୍ଡା***
*ରାଉରକେଲା-୩*

# ଗୁରୁକୃପା ହିଁ କେବଳଂ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀ ଗୁରୁଦେବ ଆପଣଙ୍କ ଶ୍ରୀଚରଣରେ ମୋର କୋଟି କୋଟି ପ୍ରଣାମ ନିବେଦନ କରୁଛି। ହେ ଗୁରୁମହାରାଜ ଆପଣଙ୍କ ଗୁଣଗାନ କରିବା ପାଇଁ ମୁଁ ଅଯୋଗ୍ୟ ଭାବୁଛି। ଆପଣ କରୁଣା କରିଥିବାରୁ ଏହି ସୁଯୋଗକୁ ହାତଛଡ଼ା ନକରି କିଞ୍ଚିତ ଗୁଣଗାନ କରିବାକୁ ପ୍ରୟାସ କରିଛି।

ମୁଁ ପ୍ରଥମଥର ଯେତେବେଳେ ଗୁରୁମହାରାଜଙ୍କ ସହିତ ସାକ୍ଷାତ କଲି, ତାହା ବୃନ୍ଦାବନ ପରି ଏକ ପବିତ୍ର ତୀର୍ଥ ସ୍ଥାନ ଥିଲା। ସେଠାରେ ଆପଣଙ୍କ ହାସ୍ୟବଦନ, ନିର୍ମଳ, ସରଳ ସ୍ୱଭାବ ଦେଖି ମୋତେ ଭକ୍ତି ପଥରେ ଆଗକୁ ଯିବାପାଇଁ ପ୍ରେରଣା ଓ ଉତ୍ସାହ ମିଳିଥିଲା।

ଯେତେବେଳେ ମୋର କୌଣସି ଅସୁବିଧା କାରଣରୁ ମୁଁ ହସ୍ପିଟାଲରେ ଆଡ଼ମିଟ୍ ହୋଇଥିଲି ମୋର ୧୬ ମାଳ ଜପ କରିବା ଅସମ୍ଭବ ହୋଇପଡ଼ିଥିଲା। ତାହା କାର୍ତ୍ତିକ ମାସପରି ପବିତ୍ର ମାସ ଥିଲା। ତେଣୁ ମୁଁ ମନେ ମନେ ଗୁରୁମହାରାଜଙ୍କୁ ପ୍ରାର୍ଥନା କରୁଥିଲି କି ମୋର ଅନ୍ତତଃ ୧୬ ମାଳା ହୋଇଯିବା ପାଇଁ କୃପା କରନ୍ତୁ। ସମସ୍ତ ଭକ୍ତ କାର୍ତ୍ତିକ ମାସରେ ୧୬ ମାଳାରୁ ଅଧିକ ଜପ କରୁଥିଲେ। କିନ୍ତୁ ମୁଁ ୧୬ ମାଳା ମଧ୍ୟ କରିପାରୁନି, ଏପରି ଭାବିଭାବି ଯେତେବେଳେ ମୁଁ ଜପ କରୁଥିଲି ମୋର ପୁରା କାର୍ତ୍ତିକ ମାସରେ ୧୬ ମାଳା ଜପ ମୁଁ କରିପାରିଲି। ସେ ଦିନରୁ ମୁଁ ଏହା ବୁଝିଲି ଯେ ଗୁରୁମହାରାଜ କେତେ ଦୂରରେ ଥିଲେ ମଧ୍ୟ ତାଙ୍କର ଶିଷ୍ୟମାନଙ୍କ ପ୍ରତି ସେ ସବୁବେଳେ କୃପା ପ୍ରଦର୍ଶନ କରିଥାନ୍ତି। ସେହି ଦିନରୁ ମୁଁ ଜାଣିଲି ଯେ ଭକ୍ତି ମାର୍ଗରେ ଆଗକୁ ଯିବା ପାଇଁ ଆମର ସମସ୍ତ ପଦକ୍ଷେପ ଗୁରୁଙ୍କ କୃପାରୁ ହିଁ ମିଳିବ। ଗୁରୁଙ୍କ କୃପାରୁ ହିଁ ମୋର ଅସମ୍ଭବ କାମ ସମ୍ଭବ ହୋଇପାରିଲା।

ଶେଷରେ ଗୁରୁଦେବଙ୍କ ନିକଟରେ ମୋର ଏହି ଅନୁରୋଧ ଯେ ତାଙ୍କର ଆଶୀର୍ବାଦ ମୋର ପରିବାର ଉପରେ ସଦାସର୍ବଦା ରଖିଥାନ୍ତୁ ଯାହା ଦ୍ୱାରା ଆମେ ସପରିବାର ସର୍ବଦା ହରି, ଗୁରୁ, ବୈଷ୍ଣବଙ୍କ ସେବା ବିନା କୌଣସି ଅପରାଧର ସହିତ ସମ୍ପାଦନ କରିବୁ।

*ଆପଣଙ୍କ ସେବାରେ*
***ଚିନ୍ମୟୀ ପଣ୍ଡା***
*ହାଇଦ୍ରାବାଦ*

# ଜନ୍ମ ଜନ୍ମାନ୍ତର ଗୁରୁଙ୍କ ସେବା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।।**

ହେ ମୋର ପରମ ଆରାଧ୍ୟ ଗୁରୁଦେବ। ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥି ତଥା ବ୍ୟାସପୂଜା ମହୋତ୍ସବ। ଏହି ମହୋତ୍ସବରେ ଆପଣଙ୍କ ଶ୍ରୀପାଦପଦ୍ମରେ ମୋର ଶତକୋଟି ଦଣ୍ଡବତ ପ୍ରଣାମ।

ହେ ମୋର ଗୁରୁଦେବ। ଆପଣଙ୍କ ଭଳି ଶୁଦ୍ଧ ସାଧୁ, ଗୁରୁ ବୈଷ୍ଣବଙ୍କ ଗୁଣଗାନ କରିବାକୁ ଏ ଅଧମା ଶିଷ୍ୟାର ଯୋଗ୍ୟତା ନାହିଁ। ଏ ସଂସାର ବନ୍ଧନରେ ଛଟପଟ ହେଉଥିବା ମୋ ଭଳି ଅଧମା ଜୀବକୁ ଆପଣଙ୍କର ପାଦପଦ୍ମରେ ଆଶ୍ରୟ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

ଶାସ୍ତ୍ରରେଅଛି କୃଷ୍ଣ କୃପାକଲେ ଶୁଦ୍ଧଗୁରୁ ମିଳନ୍ତି ଏବଂ ଗୁରୁ କୃପାକଲେ କୃଷ୍ଣ ମିଳନ୍ତି। ଏ ସଂସାର ରୂପୀ ଭବସାଗରରେ ଜୀବ ଅନ୍ଧଭାବରେ ଘୁରି ବୁଲିବାପରେ ଯେତେବେଳେ ଭାଗ୍ୟବଶତଃ ସଦ୍‌ଗୁରୁଙ୍କ କୃପା ପ୍ରାପ୍ତ ହୁଏ ଏ ଭବ ସାଗରରୁ ପାରିହେବା ପାଇଁ ପଥ ପାଇଯାଏ।

ବ୍ରହ୍ମାଣ୍ଡେ ଭ୍ରମିତେ କୋନ ଭାଗ୍ୟବାନ ଜୀବ
ଗୁରୁ କୃଷ୍ଣ କୃପାତେ ପାଏ ଭକ୍ତି ଲତା ବୀଜ।

ଗୁରୁଦେବ ଆପଣଙ୍କୁ ପାଇବାପରେ ମୁଁ ନିଶ୍ଚିତ ହୋଇଗଲି ଯେ ମୋତେ ଭଗବାନ ମୋର ଇପ୍‌ସିତ ଗୁରୁ ପ୍ରଦାନ କରିଛନ୍ତି। ରାଧାରାଣୀଙ୍କ କୃପାରୁ ଆମ ପରିବାର ସମ୍ପୂର୍ଣ୍ଣରୂପେ ଆପଣଙ୍କ ପାଦପଦ୍ମରେ ଆଶ୍ରିତ ହୋଇପାରିଛୁ। ଆପଣଙ୍କ ଭଳି ସଦ୍‌ଗୁରୁ ବିରଳ ଓ ଦୁର୍ଲ୍ଲଭ। ଆପଣଙ୍କ ଭଳି ସଦ୍‌ଗୁରୁ ପାଇ ଆମର ଜୀବନ ଧନ୍ୟ ଓ ସାର୍ଥକ ହୋଇଛି।

ହେ ମୋର ଗୁରୁଦେବ, ଆପଣଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଯେ ଏ ଅଧମା ଦାସୀ କିପରି ଆପଣଙ୍କ ଶାସନର ଅଧିନରେ ରହେ। ଜୀବନର ଲକ୍ଷ ମୋକ୍ଷ ପ୍ରାପ୍ତି ନ ହେଉ କେବଳ ଜନ୍ମଜନ୍ମାନ୍ତର ଗୁରୁଦେବଙ୍କ ସେବା ପ୍ରାପ୍ତି ହେଉ। ଗୁରୁଦେବଙ୍କ ବାଣୀ ପ୍ରଚାର, ପ୍ରସାରରେ ଦିନ କଟିଯାଉ। ମୋତେ ଏହି ଆଶୀର୍ବାଦ କରନ୍ତୁ। କିପରିଭାବରେ ଆପଣଙ୍କ ଇଚ୍ଛାକୁ ପୂରଣ କରିବାରେ କିଞ୍ଚିତ୍ ମାତ୍ରାରେ ନିଜକୁ ନିୟୋଜିତ କରିପାରିବି।

ହେ ମୋର ଗୁରୁଦେବ ଆପଣଙ୍କୁ ସଦାସର୍ବଦା ରାଧାରାଣୀଙ୍କ ପୁତ୍ରରୂପେ ଦେଖେ, ଯେତେବେଳେ କିଛି ସେବାପାଇଁ ବାହାରେ ରାଧାରାଣୀଙ୍କୁ ଜଣାଏ। ହେ ରାଧାରାଣୀ ତୁମ ପୁତ୍ରର କିଛି ସେବା ଉଦ୍ଦେଶ୍ୟରେ ଯାଉଛି। ତୁମେ କୃପା କରିବ କେମିତି ଭଲରେ ସେବା ହୋଇପାରିବ।

ସେହି ରାଧା ଶ୍ୟାମସୁନ୍ଦରଙ୍କ ପାଖରେ ଏତିକି ନିବେଦନ। ଆପଣଙ୍କୁ ସୁସ୍ଥ, ଦୀର୍ଘାୟୁ ରଖନ୍ତୁ। ଯାହାଦ୍ୱାରା ମହାପ୍ରଭୁଙ୍କର ବାଣୀକୁ ଗ୍ରହଣ କରି ଅସଂଖ୍ୟ ବଦ୍ଧଜୀବ ଉଦ୍ଧାର ପାଇପାରିବେ।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ
ଜୟ ଶ୍ରୀଲ ଗୁରୁଦେବ କି ଜୟ
ହରେ କୃଷ୍ଣ

*ଆପଣଙ୍କ ଅଧମା ଶିଷ୍ୟା*
***ଜଗନମୋହିନୀ ଦେବୀଦାସୀ***

# ଅମୃତ ରସ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହରେକୃଷ୍ଣ, ଆପଣଙ୍କର ଶ୍ରୀଚରଣ କମଳରେ ମୋର ଅନନ୍ତ କୋଟି କୋଟି ପ୍ରଣାମ। ଆପଣଙ୍କର ଏହି ୭୨ତମ ଶୁଭ ବ୍ୟାସପୂଜା ଅବସରରେ କିଛି ଲେଖିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

ହେ ଗୁରୁଦେବ! ୮୪ ଲକ୍ଷ ଜନ୍ମ ନେବାପରେ ଏ ଜନ୍ମରେ ମୁଁ ମଣିଷ ଜନ୍ମନେଇ ନିଜକୁ ଧନ୍ୟ ମନେକରୁଛି। ପୂର୍ବଜନ୍ମର କିଛି ପାପକର୍ମ ଯୋଗୁଁ ମୁଁ କିଛି ବର୍ଷ ଅନ୍ଧକାରରେ ରହିଥିଲି। ପୁଣି କିଛି ପୁଣ୍ୟ ଯୋଗୁଁ ଆପଣଙ୍କର ଦର୍ଶନ ଲାଭକରି ଅନ୍ଧକାରରୁ ଆଲୋକପଥେ ପାଦ ଦେଇଛି।

ହେ ଗୁରୁଦେବ, କୃପାକରି ମୋତେ ଏତିକି ଆଶୀର୍ବାଦ ପ୍ରଦାନ କରନ୍ତୁ କି ମୁଁ ଯେପରି ଦୃଢ଼ତାର ସହିତ ଏବଂ ଏକାଗ୍ରତା ସହିତ ଭକ୍ତିର ପଥରେ ଆଗକୁ ଆଗକୁ ହିଁ ଅତିକ୍ରମ କରିଯାଏ। ସତରେ ଗୁରୁଦେବ ଏ ସଂସାର ହେଉଛି ଦୁଃଖର ଗନ୍ତାଘର ଏବଂ ମାୟାର ଜାଲ। କାରଣ ଏ ମୟାର ଜାଲରେ ଯିଏ ଥରେ ପଡ଼ିଛି ସେ ଦୁଃଖ ହିଁ ଦୁଃଖ ଭୋଗିଛି। ତଥାପି ବୁଦ୍ଧିହୀନ ବ୍ୟକ୍ତି ବୁଝିପାରେନି କି ଦୁଇଦିନ ଏ ମଣିଷ ଜୀବନ ଦିନେ ନା ଦିନେ ତାକୁ ମୃତ୍ୟୁକୁ ସମ୍ମୁଖୀନ କରିବାକୁ ପଡ଼ିବ। ଶ୍ରୀକୃଷ୍ଣଙ୍କ ମୁଖରୁ ବାହାରିଥିବା ବାଣୀ ହେଉଛି ଅମୃତ ରସ। ସେହି ଅମୃତ ରସକୁ ପାନ ନକରି ଏ ବଦ୍ଧଜୀବ ସମୟକୁ ଅପଚୟ କରୁଛି।

ହେ ଗୁରୁଦେବ, ଜଣେ ଶୁଦ୍ଧ ଭକ୍ତ ଆପଣ ଏବଂ ଆପଣଙ୍କର ହୃଦୟରେ ଦୟା, କ୍ଷମା, ସହନଶୀଳତା, ନମ୍ରତା, କରୁଣା, କୃପା ଗୁଣଗୁଡ଼ିକ ବିଦ୍ୟମାନ। ତେଣୁ ଆପଣ ଅଜ୍ଞାନୀ ମୂର୍ଖ ଜୀବମାନଙ୍କୁ ଭଗବତବାଣୀ ଶୁଣାଇ ଏ ଭବସାଗରରୁ ପାର କରିବା ପାଇଁ ବହୁ ଚେଷ୍ଟା ଜାରି ରଖିଛନ୍ତି। ଏ ଭବସାଗରରୁ ପାର ହେବାପାଇଁ କି ଆପଣଙ୍କ ପରି ଜଣେ ପୁଣ୍ୟ ଆତ୍ମା ଏବଂ ଶୁଦ୍ଧ ଭକ୍ତ ନିହାତି ଆବଶ୍ୟକ। ଯାହାକି ରାଧାକୃଷ୍ଣଙ୍କ କୃପାରୁ ମୋତେ ମିଳିସାରିଛି। ତେଣୁ ନିଜକୁ ମୁଁ ବହୁତ ଭାଗ୍ୟବାନ ବୋଲି ମନେକରୁଛି। ଏ ଭୌତିକ ରୂପକ ସଂସାରର ଉପବନରେ ମୁଁ ଗୋଟିଏ ବୃକ୍ଷର ଛୋଟ କଳିଟିଏ ହୋଇ ଝୁଲୁଥିଲି। ହେ ଗୁରୁଦେବ, ଆପଣଙ୍କ କୃପାଦୃଷ୍ଟି ଏବଂ ବାଣୀ ଶୁଣି ଛୋଟ କଳିରୁ ଫୁଲଟିଏ ହୋଇ ଫୁଟିଛି। ହେ ଅନ୍ତର୍ଯ୍ୟାମୀ, ଆପଣ ତ ସମସ୍ତଙ୍କ ମନକଥା ଜାଣିପାର। ହେ ଦୟାମୟ ମୋ ଉପରେ ଏତିକି ଦୟା କର କି, ମୁଁ ଯେପରି ଭକ୍ତିର ପଥରେ ଆଗକୁ ଯାଇ ଏ ଦୁର୍ଲ୍ଲଭ ମଣିଷ ଜୀବନକୁ ସାର୍ଥକ କରିବାକୁ ସମର୍ଥ ହୋଇପାରେ। ଅନେକ ଅନୁଭବରୁ ଏବେ ଜାଣୁଛି ଭକ୍ତି ବହୁତ ଶକ୍ତିଶାଳୀ। ଯାହା ପାଖରେ ଭକ୍ତି ଅଛି ତା'ର ସବୁ ଅଛି। ତେଣୁ ଆପଣଙ୍କ ପାଖରେ ମୋର ଏତିକି ଅଳିକି ଅଧିକରୁ ଅଧିକ ଭକ୍ତି ବଢ଼ିବାପାଇଁ ମୋତେ ଆଶିଷ ପ୍ରଦାନ କରନ୍ତୁ।

ହେ ଗୁରୁଦେବ! ଶେଷରେ ମୋର 'ବାଲ ଗୋପାଲ'ଙ୍କ ପାଖରେ ଏତିକି ପ୍ରାର୍ଥନା କି ଆପଣଙ୍କୁ ସେ ସୁସ୍ଥ, ଦୀର୍ଘାୟୁ, ଶକ୍ତିଶାଳୀ କରି ଆମ୍ଭ ନିକଟରେ ରଖିଥାନ୍ତୁ। କାରଣ ଆପଣ ସଦାସର୍ବଦା ରାଧାଶ୍ୟାମ ସୁନ୍ଦରଙ୍କ ସେବା କରନ୍ତୁ ଏବଂ ଆମ୍ଭମାନଙ୍କୁ ଭଗବତ ବାଣୀ ଶୁଣାଇ ଏ ଭବସାଗରରୁ ଉଦ୍ଧାର କରନ୍ତୁ। ମୁଁ ଆପଣଙ୍କର ଜ୍ଞାନହୀନ, ଅଯୋଗ୍ୟା ସନ୍ତାନଟିଏ। ତେଣୁ ଲେଖିବାର ଯଦି କିଛି ତ୍ରୁଟି ଥାଏ ହେ କ୍ଷମାମୟ ପୁଣ୍ୟଆତ୍ମା ମୋତେ ଦୟାକରି ଏ ଦାସୀକୁ କ୍ଷମା କରିଦେବ। ହରେକୃଷ୍ଣ।

*ଆପଣଙ୍କ ଶ୍ରୀଚରଣର ଅଯୋଗ୍ୟ ଦାସୀ*
***ଜଗନ୍ନାଥେଶ୍ୱରୀ ଦେବୀଦାସୀ***
*ଇସ୍କନ, ଢେଙ୍କାନାଳ*

# ସମାଶ୍ରିତା ଯେ ପଦ ପଲ୍ଲବ ପ୍ଲବଂ...

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଶ୍ରୀ ଗୁରୁଦେବ, ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି। ଆପଣଙ୍କର ଶିଷ୍ୟ-ଶିଷ୍ୟାବୃନ୍ଦ ୧୮ତମ ବାର୍ଷିକ ବ୍ୟାସପୂଜା ରୂପେ ପାଳନ କରୁଅଛୁ। ଏହି ପୁଣ୍ୟତିଥିରେ ଆପଣଙ୍କ ଶ୍ରୀଚରଣେ ଏ ଅଧମ ଶିଷ୍ୟ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ନିବେଦନ କରୁଛି।

ହେ ଗୁରୁଦେବ ! ଆପଣ ଏତେ ଦୟାଳୁ, କୃପାମୟ ଓ ପଥ ପ୍ରଦର୍ଶକ, ଶ୍ରୀମଦ୍ ଭାଗବତମ୍‌ର ନିମ୍ନ ଶ୍ଳୋକ ସାହାଯ୍ୟରେ ଆମ୍ଭମାନଙ୍କୁ ଉଦ୍ଧାର ନିମନ୍ତେ ଆପଣ ଖୁବ୍ ସହଜରେ ବୁଝାଇଥାନ୍ତି।

ସମାଶ୍ରିତା ଯେ ପଦ ପଲ୍ଲବ ପ୍ଲବଂ
ମହତ୍ ପଦଂ ପୂଣ୍ୟ ଯଶୋ ମୁରାରେଃ ।
ଭବାମ୍ବୁଧିର ବତ୍ସପଦମ୍ ପରମ୍ ପଦଂ
ପଦଂ ପଦଂ ଯତ୍ ବିପଦାଂ ନ ତେଷାମ୍। (ଶ୍ରୀ.ଭା.୧୦.୧୪.୫୮)

ଅର୍ଥାତ୍- ଯିଏ ଜଡ଼ ଜଗତରେ ଆଶ୍ରୟ ସ୍ୱରୂପ ଏବଂ ମୁର ଦାନବର ଶତ୍ରୁ ମୁରାରି ରୂପେ ଖ୍ୟାତ, ସେହି ଭଗବାନଙ୍କର ପାଦପଦ୍ମ ରୂପକ ନୌକାରେ ଯେଉଁମାନେ ଆଶ୍ରୟ ଗ୍ରହଣ କରିଛନ୍ତି, ସେମାନଙ୍କ ନିକଟରେ ଏହି ଭବ- ସମୁଦ୍ର ଗୋଷ୍ପଦ ତୁଲ୍ୟ ଅଟେ। ପରମ ପଦ ବୈକୁଣ୍ଠ ଲାଭ ହି ସେମାନଙ୍କର ଲକ୍ଷ୍ୟ। ପଦେ ପଦେ ବିପଦସଙ୍କୁଳ ଏହି ଜଡ଼ ଜଗତ ସେମାନଙ୍କ ପାଇଁ ନୁହେଁ। ଶ୍ରୀ ବ୍ରହ୍ମାଙ୍କର ଏହି ସ୍ତବକୁ ବୁଝାଇବାକୁ ଯାଇ ଗୁରୁମହାରାଜ କହନ୍ତି- ଶିଷ୍ୟ ଶିଷ୍ୟାମାନେ ଗୁରୁ ଗ୍ରହଣ କଲାପରେ ନିଶ୍ଚିତ ହୋଇଯାନ୍ତି ଆମେ ଗୁରୁ ଗ୍ରହଣ କରିସାରିଲୁ, ବାକି ଜୀବନ ସେ (ଗୁରୁମହାରାଜ) ଆମର ସବୁ ପ୍ରକାର ଦାୟିତ୍ୱ ଗ୍ରହଣ କରିବେ। ମାତ୍ର ତାହା ଠିକ୍ ନୁହେଁ। ଗୁରୁମହାରାଜ ଆମକୁ ସାଧନ କରିବାର ଉପାୟ ବତାଇଥାନ୍ତି, ମାତ୍ର ସାଧନା କରିବା ଆମର କର୍ତ୍ତବ୍ୟ। ଆମ ସମସ୍ତଙ୍କ ମନରେ ଗୋଟିଏ ସାଧାରଣ ପ୍ରଶ୍ନଥାଏ- ହେ ଗୁରୁମହାରାଜ, ଆମ୍ଭେମାନେ କିପରି ଏ ବିରାଟ ଭବ ସାଗର ପାରିହେବୁ। ତା ଉତ୍ତରରେ ଗୁରୁମହାରାଜ ଏ ଶ୍ଳୋକ ଯାହାକି ବ୍ରହ୍ମାଙ୍କର ଏକ ସ୍ତବ, ତା ମାଧ୍ୟମରେ ଆମକୁ ବୁଝାନ୍ତି। ଆମର ଏକମାତ୍ର ଆଶ୍ରୟ ସେହି ଭଗବାନ। ଆମକୁ କେବଳ ତାଙ୍କ ପାଦପଦ୍ମରୂପକ ନୌକାର ଆଶ୍ରୟ ନେବାକୁ ପଡ଼ିବ। ତା'ଦ୍ୱାରା ଭବ ସମୁଦ୍ର ଗୋଷ୍ପଦଜଳ ତୁଲ୍ୟ ହୋଇଯିବ ଓ ଆମେ ସହଜରେ ତାକୁ ପାର ହୋଇଯିବା। କିନ୍ତୁ ଭଗବାନଙ୍କ ପାଦପଦ୍ମକୁ କିପରି ଆଶ୍ରୟ କରିବା। ଏବେଠାରୁ ଆମେ ଯଦି ଗୁରୁମହାରାଜଙ୍କୁ ଭଗବାନଙ୍କ ପ୍ରତିନିଧି ବୋଲି ଗ୍ରହଣ କରିବା ତା'ହେଲେ ସହଜରେ ଭଗବାନଙ୍କ ପାଦ ପଦ୍ମକୁ ଆଶ୍ରୟ କରି ପାରିବା ଓ ଏ ଭବ ସମୁଦ୍ର ପାର ହୋଇଯିବା। ଜନ୍ମମୃତ୍ୟୁ ଚକ୍ରରୁ ରକ୍ଷା ପାଇପାରିବା। ଆପଣଙ୍କୁ ଭଗବାନ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ।

ଜୟ ଶ୍ରୀଲ ଗୁରୁମହାରାଜଙ୍କ ଜୟ।

*ଆପଣଙ୍କର ଅଧମ ଶିଷ୍ୟ*
***ଜଗନ୍ନାଥ ଦାସ***
*ବୃନ୍ଦାବନ*

# ଏ ଅଧମା ଶିଷ୍ୟାର ନାମ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଗୁରୁଦେବ ! ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥି ଅବସରରେ ଏ ଅଧମା ଶିଷ୍ୟାର ଅନନ୍ତ କୋଟି ସାଦର ପଞ୍ଚାଙ୍ଗ ପ୍ରଣାମ ନିବେଦନ କରୁଛି ।

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣ ଏତେ ଦୟାଳୁ ଯେ, ଏ ଅଧମା, ପାପୀକୁ କୃପାକରି ଶିଷ୍ୟା ରୂପେ ଗ୍ରହଣ କରିଛନ୍ତି । କିନ୍ତୁ ମୋର ସେ ଯୋଗ୍ୟତା ନାହିଁ । ଏ ଜନ୍ମରେ ଆପଣଙ୍କ ଋଣ ପରିଶୋଧ କରିପାରିବି ନାହିଁ । ଆପଣଙ୍କ କୃପା ଅଧମା ଶିଷ୍ୟା ପ୍ରତି ସଦାବେଳେ ରହିଥାଉ । ଗୁରୁଦେବ, ଏ ଅଧମା ଶିଷ୍ୟାର ଅନେକ ଦୋଷତ୍ରୁଟି ରହିଛି । ଆପଣ କୃପା କରନ୍ତୁ ଯେମିତି ମୋର ସମସ୍ତ ଦୋଷ ତ୍ରୁଟି ସୁଧାରି ପାରିବି । ଗୁରୁଦେବଙ୍କର ଅନେକ ଦିବ୍ୟଗୁଣ ରହିଛି । ଗୁରୁଦେବ, ତାଙ୍କର ସମସ୍ତ ଶିଷ୍ୟ ଓ ଶିଷ୍ୟାଙ୍କ ନାମମାନ ସବୁ ମୁଖରେ ରହିଥାଏ । ହଜାର ହଜାର ଶିଷ୍ୟ ଶିଷ୍ୟା ଅଛନ୍ତି । ମୁଁ ଭାବେ ଗୁରୁଦେବ ସମସ୍ତଙ୍କ ନାମକୁ କିପରି ମୁଖରେ ରଖିଛନ୍ତି । ଗୁରୁଦେବ, ଇସ୍କନ କଟକର ଭୂମିପୂଜାରେ ଆସିଥାନ୍ତି । ସେଠାରେ ଯେଉଁମାନେ ଜାଗା କିଣିବା ପାଇଁ ଲକ୍ଷ୍ମୀ ଦେଇଥାନ୍ତି, ସେମାନଙ୍କୁ ଷ୍ଟେଜ ଉପରକୁ ଡାକି ସମ୍ବର୍ଦ୍ଧନା କରାଯାଉଥିଲା । ଆମର ଜଣେ ପ୍ରଭୁଜୀ ସମସ୍ତଙ୍କର ନାମକୁ ଡାକୁଥାନ୍ତି । ଯେତେବେଳେ ମୋର ପାଳି ପଡ଼ିଲା, ମତେ ପ୍ରଭୁଜୀ ଜଣଙ୍କ ମୋର ନାମ ଜୟନ୍ତୀ ଦେବୀ ଦାସୀ ବୋଲି ମାଇକ୍‌ରେ ଡାକିଥିଲେ । ମୁଁ ଯାଇକି ଗିଫ୍ଟ ଧରିଆସିଲି । କିନ୍ତୁ ଗୁରୁଦେବ ସେଠାରେ ନାମ ଡାକୁଥିବା ପ୍ରଭୁଜୀଙ୍କୁ ଡାକି କହିଲେ, "ତୁମେ ନାମ ଭୁଲ ଡାକିଲ, ତାଙ୍କ ନାମ ଜୟ ବୃନ୍ଦେ ଦେବୀ ଦାସୀ', ସେ ପ୍ରଭୁଜୀ ଏତେ ଲଜ୍ଜିତ ହୋଇ ମତେ କହିଥିଲେ, "ମାତାଜୀ, ଆପଣଙ୍କ ଗୁରୁଦେବ ଆପଣଙ୍କ ନାମ ଭୁଲ ଡାକିଥିବାରୁ ମତେ କହିଲେ" । ମୁଁ ସେଠାରୁ ଜାଣିପାରିଲି ଗୁରୁଦେବ ଏ ଅଧମା ଶିଷ୍ୟାର ନାମକୁ କିପରି ମନେ ରଖିଛନ୍ତି । ଗୁରୁଦେବ ! ଆପଣ ଅନ୍ତର୍ଯ୍ୟାମୀ । ମୁଁ ବହୁତ ମନ ମଧ୍ୟରେ କାନ୍ଦିଥିଲି । କାରଣ ହେ ଗୁରୁଦେବ, ଏ ଅଧମାର ନାମକୁ କିପରି ମନେରଖିଛନ୍ତି ବୋଲି । ଗୁରୁଦେବ, ଆପଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୋର କୌଣସି ଯୋଗ୍ୟତା ନାହିଁ । ନା ପାଠରେ, ନା ସାଠରେ । ଆପଣଙ୍କୁ ଗୁରୁ ରୂପେ ପାଇ ନିଜକୁ ଧନ୍ୟ ମନେକରୁଛି । ଗୁରୁଦେବ, ଆପଣଙ୍କର ଏତେ ଦିବ୍ୟ ଗୁଣାବଳୀକୁ ବର୍ଣ୍ଣନା କରିବାପାଇଁ ଏ ଅଯୋଗ୍ୟା ଶିଷ୍ୟାର କୌଣସି ଯୋଗ୍ୟତା ନାହିଁ । ସ୍ୱଳ୍ପବୁଦ୍ଧିରେ ଯାହା ଗୁଣକୀର୍ତ୍ତନ କରୁଛି ମତେ କ୍ଷମା କରିଦେବେ । ଆପଣଙ୍କ ଗୁଣକୀର୍ତ୍ତନ କରିବା ଦ୍ୱାରା ଶିଷ୍ୟ ଶିଷ୍ୟାଙ୍କ ହୃଦୟ ଶୁଦ୍ଧ ହୋଇଥାଏ । କେତେକ ଭାବନ୍ତି ଦୀକ୍ଷା ନେଇଗଲେ ଯେ ଗୁରୁଙ୍କ ଦର୍ଶନ ମାତ୍ରେ ଗୁରୁଦେବ ପଚାରନ୍ତି, 'ଜପ କିପରି ଚାଲିଛି ? ଶାସ୍ତ୍ର ଅଧ୍ୟୟନ କରୁଛ ନା ନାହିଁ ?" ଆମେ ଭାବିବା ଦରକାର ଗୁରୁଦେବ କେତେ ଦୟାଳୁ, କରୁଣାମୟ । ସେ ଚିଦ୍ ଜଗତରୁ ଆସିଛନ୍ତି ଆମ ପରି ଅଧମା ଅଧମମାନଙ୍କୁ ଉଦ୍ଧାର କରିବାପାଇଁ । କିଏ ଜ୍ଞାନୀ, କିଏ ଅଜ୍ଞାନୀ ତାହା ଭାବି ନ ଥାନ୍ତି, ସମସ୍ତଙ୍କୁ କୃପା କରିଥାନ୍ତି ।

ହେ ଗୁରୁଦେବ, ଆପଣଙ୍କ ପରି ମହାନ୍ ତତ୍ତ୍ୱଦର୍ଶୀ, ସଦ୍‌ଗୁରୁଙ୍କ ଶିଷ୍ୟତ୍ୱ ଲାଭ କରି ଆପଣଙ୍କ ସାନ୍ନିଧ୍ୟ ଦର୍ଶନ ତଥା କୃପା ପ୍ରାପ୍ତ ହୋଇ ମୁଁ ନିଜକୁ ଭାଗ୍ୟବତୀ ମନେକରୁଛି । ଆପଣଙ୍କ ପୁଣ୍ୟତିଥି ବ୍ୟାସପୂଜାରେ ମୁଁ ଶ୍ରୀରାଧା ଶ୍ୟାମସୁନ୍ଦରଙ୍କୁ ଠାରେ ପ୍ରାର୍ଥନା କରୁଛି ଆପଣଙ୍କୁ କୋଟି ପରମାୟୁ ଦିଅନ୍ତୁ । ଆପଣ ଆମମାନଙ୍କ ନିକଟରେ ବିରାଜମାନ ରହିଥାନ୍ତୁ ।

*ଆପଣଙ୍କ ଚରଣାଶ୍ରୀତା*
***ଜୟ ବୃନ୍ଦେ ଦେବୀଦାସୀ***
*ଇସ୍କନ, କଟକ*

# ଏ ବାର କରୁଣା କରୋ ବୈଷ୍ଣବ ଗୋସାଇଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀ ଶ୍ରୀମଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁମହାରଜ କି ଜୟ। ପରମ ପୂଜ୍ୟ ଶ୍ରୀ ଶ୍ରୀମଦ୍ ତମାଲ କୃଷ୍ଣ ଗୋସ୍ୱାମୀ ପରମ ଗୁରୁମହାରାଜ କି ଜୟ। କୃଷ୍ଣ କୃପା ଶ୍ରୀମୂର୍ତ୍ତି ଶ୍ରୀ ଶ୍ରୀମଦ୍ ଅଭୟ ଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ଶ୍ରୀଲ ପ୍ରଭୁପାଦ କି ଜୟ।

ହେ ମୋର ପରମ ପୂଜ୍ୟ ଗୁରୁଦେବ, ଆପଣଙ୍କ ଅଭୟ ଚରଣରେ ମୋର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ସ୍ୱୀକାର କରନ୍ତୁ।

ଯେପରି ଗୋଟେ ଅନ୍ଧର ସାହା ତା'ର ଆଶାବାଡ଼ି ହୋଇଥାଏ ଠିକ୍ ସେହିପରି ଆପଣ ମୋ ଜୀବନର ଏକମାତ୍ର ସାହାରା। ଆପଣ ମାତେ ଶିଷ୍ୟରୂପେ ସ୍ୱୀକାର କରିଥିବାରୁ ମୁଁ ନିଜକୁ ଅତ୍ୟନ୍ତ ଧନ୍ୟ ମନେକରୁଛି। ମୁଁ ଅତ୍ୟନ୍ତ ଭାଗ୍ୟବାନ ଯେ, ଆପଣଙ୍କ ସଙ୍ଗ ମୁଁ ଲାଭ କରିପାରୁଛି। ଆପଣଙ୍କ ଦିବ୍ୟ ବାଣୀକୁ ଶ୍ରବଣ କରିପାରୁଛି, ଆପଣଙ୍କ ପଦୋଦକ ମୋଭଳି ଗୋଟେ ମୂର୍ଖର ପ୍ରାଣକୁ ପରିପୁଷ୍ଟ କରିଛି। ମୋ ଭଳି ଗୋଟେ ହୀନ ଏବଂ ଅତ୍ୟନ୍ତ ପତିତ ଜୀବକୁ ଆପଣ କରୁଣା କରିଛନ୍ତି, ଆପଣ କରୁଣାସାଗର।

ଆପଣଙ୍କ ବାଣୀ ଅତ୍ୟନ୍ତ ପ୍ରଭାବଶାଳୀ, ଯେପରି ଜ୍ୟୋସ୍ନା ରାତ୍ରିର ଅନ୍ଧକାରର କଳା ହୋଇଯାଇଥିବା ସାଗରର ଜଳକୁ ପାଦଧଉତ ସଦୃଶ୍ୟ କିରିପାରେ ଠିକ୍ ସେହିପରି ଆପଣଙ୍କ ବାଣୀ ମୋ ହୃଦୟରେ ଥିବା କୁଢ଼ କୁଢ଼ ମଇଳାକୁ ଦୂର କରି ଦେଇପାରେ। ହେ ଦୟାର ସାଗର, ଆପଣଙ୍କ ବିନମ୍ରତା ମୋତେ ସଦା ସର୍ବଦା ବିନମ୍ର ହେବାକୁ ପ୍ରେରଣା ଯୋଗାଇଛି। ଆପଣ ହେଉଛନ୍ତି କୃଷ୍ଣଙ୍କ ଜନ, କୃଷ୍ଣଙ୍କୁ ପ୍ରାପ୍ତ ହେବାର ମୋ ପାଇଁ ଏକମାତ୍ର ମାଧ୍ୟମ ହେଉଛନ୍ତି ଆପଣ। ଆପଣଙ୍କ ଆଦେଶ ମୋ ପାଇଁ ମୋର ପ୍ରାଣ। ଆପଣ ହେଉଛନ୍ତି ମୋର ଅନ୍ଧକାରମୟ ଜୀବନରେ ଦିବାକର ସଦୃଶ୍ୟ। ଆପଣଙ୍କ ବିନା ମୋ ଜୀବନ ମିଥ୍ୟା, କାରଣ ଆପଣ ହେଉଛନ୍ତି ମୋ ଜୀବନରେ ଏକମାତ୍ର ସତ୍ୟ। ହେ ମୋର ପରମ ପୂଜ୍ୟ ଗୁରୁଦେବ, ଆପଣ ମାତେ ଏହି କୃପା କରନ୍ତୁ ଯେ ମୁଁ ସଦା ସର୍ବଦା ଆପଣଙ୍କ ସ୍ତୁତି ଗାଇ ବୁଲିବି ଓ ମୋର ମନ ସର୍ବଦା ଆପଣଙ୍କ ଚରଣରେ ଅବସ୍ଥିତ ହୋଇ ରହିବ। ହେ ମୋର ପରମ ପୂଜ୍ୟ ଗୁରୁଦେବ ଏହି କରୁଣା କରନ୍ତୁ ଯେ କୋଟି ସୂର୍ଯ୍ୟ ସମ ଆପଣଙ୍କ କାନ୍ତି ସଦା ସର୍ବଦା ମୋ ପାଇଁ ହେଉ ଆକର୍ଷଣର ଏକମାତ୍ର କେନ୍ଦ୍ରବିନ୍ଦୁ। ଆପଣଙ୍କ ସେବାରେ ସଦାସର୍ବଦା ମୁଁ ରତ ହୋଇ ରୁହେ। ଶେଷରେ ଏତିକି କହିବି "ଆମାର ବୋଲିତେ ପ୍ରଭୁ ଆର କିଛୁ ନାହିଁ, ତୁମି ଆମର ମାତ୍ର ପିତା ବନ୍ଧୁ ଭାଇ। "ମୋ ପରି ମୂର୍ଖ, ପତିତ, ଅଧମ, ବିଦ୍ୟାହୀନ, ଭକ୍ତିହୀନ ଓ ଗତିହୀନର ଆପଣ ହେଉଛନ୍ତି ଏକମାତ୍ର ଗତି।

*ଆପଣଙ୍କର ଅଧମ ଶିଷ୍ୟ*

***ଜୟ ଗୋପୀନାଥ ଦାସ***

# ଭକ୍ତର ଭାବ ଗୁରୁକୃଷ୍ଣଙ୍କ ପ୍ରତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**
**ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପଚାରିଣେ**
**ନିର୍ବିଶେଷ ଶୂନ୍ୟବାଦୀ ପାଶ୍ଚାତ୍ୟ ଦେଶ ତାରିଣେ ॥**

**ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ**
**ଶ୍ରୀ ଅଦ୍ୱୈତ ଗଦାଧର ଶ୍ରୀବାସାଦି ଗୌରଭକ୍ତ ବୃନ୍ଦ ॥**
**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହେର ହରେ**
**ହରେ ରାମ ହରେ ରାମ ରାମ ରାମ ହରେ ହରେ ॥**

ପ୍ରାତଃ ସ୍ମରଣୀୟ ବନ୍ଦନୀୟ ପୂଜନୀୟ ଶ୍ରୀଲ ଗୁରୁଦେବଙ୍କ ଚରଣକମଳରେ ଜୟ ଲକ୍ଷ୍ମୀ ଦେବୀ ଦାସୀର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ। ଆଜିର ଏଇ ପବିତ୍ର ବ୍ୟାସପୂଜା, ଯାହାକି ପ୍ରତିବର୍ଷ ଶ୍ରାବଣ କୃଷ୍ଣପକ୍ଷ ତୃତୀୟା ତିଥିରେ ପାଳିତ ହୋଇଥାଏ। ତାହା ଆମପାଇଁ ଏକ ଅବିସ୍ମରଣୀୟ ତିଥି ଅଟେ। ଆମ୍ଭେମାନେ ଅର୍ଥାତ୍ ସମସ୍ତ ଗୁରୁଭ୍ରାତା ଓ ଗୁରୁଭଗ୍ନୀଗଣଙ୍କ ହୃଦୟରେ ଏକ ଆନନ୍ଦ ଲହରୀର ଉର୍ମିମାଳା ଦେଖାଦେଇଥାଏ। ସମସ୍ତଙ୍କ ମନରେ ଭରି ଦେଇଥାଏ ଭାତୃତ୍ୱ ଭାବନା।

ଉତ୍କଳ ମାତାଙ୍କର ବରପୁତ୍ର ରୂପରେ ଆପଣଙ୍କ ଖ୍ୟାତିନାମା ଚତୁର୍ଦ୍ଦିଗରେ ବିସ୍ତୃତ ଲାଭ କରିସାରିଛି। ଏହିପରି ଆପଣ ସର୍ବତ୍ର ପ୍ରକଟିତ ହୋଇ ହରିନାମର ବାଣୀ ପ୍ରଚାର ପ୍ରସାରରେ ସକ୍ଷମ ହୁଅନ୍ତୁ, ଏହା ମୋର ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଗୁରୁଦେବ ଆପଣଙ୍କଠାରେ ଅଧମା ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ଭୁଲ କରିଛି। ତାକୁ ହେ କ୍ଷମାସାଗର କ୍ଷମା କରିଦେବେ। ଅବୋଧ ବାଳିକାଟିଏ ମୁଁ ଏକ ବଣୁଆ ଝିଅ ଛନ୍ଦ କପଟ କିଛି ଜାଣେନି। ମୋର କେହି ଶତ୍ରୁ ନାହାନ୍ତି। ସମସ୍ତେ ମୋର ନିଜର ବୋଲି ଭାବି ମୁଁ ମିଶିଯାଏ। କିଏ କ'ଣ ଭାବନ୍ତି ମୁଁ କିଛି ଜାଣିପାରେନି। ଆପଣଙ୍କ ଚରଣକମଳରେ ଆଶ୍ରୟ ପାଇବା ପରଠାରୁ ଆହୁରି ଏଇ ଆତ୍ମୀୟତା ଭାବ ସମସ୍ତଙ୍କ ପ୍ରତି ନିବିଡ଼ରୁ ନିବିଡ଼ତର ହୋଇଆସୁଛି। ଶାସ୍ତ୍ରୋକ୍ତି ସତ୍ୟରେ ପରିଣତ ହେବାକୁ ଯାଉଛି। ଗୁରୁଦେବ !

"ବ୍ରହ୍ମାଣ୍ଡେ ଭ୍ରମିତେ କୋନ୍ ଭାଗ୍ୟବାନ୍ ଜୀବ।
ଗୁରୁ କୃଷ୍ଣ ପ୍ରସାଦେ ପାଏ ଭକ୍ତିଲତା ବୀଜ।"

ଆପଣଙ୍କ ଆଶିର୍ବାଦରୁ ଭକ୍ତିର ବୀଜକୁ ପ୍ରାପ୍ତ କରିବାର ସୌଭାଗ୍ୟ ଆପଣ ହିଁ ପ୍ରଦାନ କରିଛନ୍ତି। ଆତ୍ମକଲ୍ୟାଣ ନିମନ୍ତେ ଆପଣ ପ୍ରାୟତଃ ପ୍ରତ୍ୟେକ ସତ୍‌ସଙ୍ଗରେ ବଦ୍ଧଜୀବଙ୍କୁ (ଆମ୍ଭମାନଙ୍କୁ) ଶିକ୍ଷା ଦେଇଥାନ୍ତି– ମୃତ୍ୟୁକୁ ଭୟ ନ କରି କିପରି ଗୁରୁ କୃଷ୍ଣଙ୍କ ଚରଣ କମଳରେ ସମ୍ପୂର୍ଣ୍ଣ ବିଶ୍ୱାସକୁ ରଖାଯିବ ତା'ର ଦିଗ୍‌ଦର୍ଶନ ପ୍ରଦାନ କରିଥାନ୍ତି। ଜନ୍ମ-ମୃତ୍ୟୁ-ଜରା-ବ୍ୟାଧି ଚକ୍ରରୁ ଉଦ୍ଧାର ପାଇବାର ଶିକ୍ଷା ପ୍ରଦାନ କରିଥାନ୍ତି। 'ପଦ୍ମପତ୍ରମିବାମ୍ଭସି'ର ଉଦାହରଣ ଦେଇ ନିର୍ଲିପ୍ତ ଭାବ (ଆସକ୍ତି ଶୂନ୍ୟ)ରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାର ଶିକ୍ଷା, ତ୍ୟାଗର ମହିମା, **'ତରୋରଽପି ସହିଷ୍ଣୁନା'** ଭାବର ଶ୍ରବଣ ଆପଣଙ୍କର ଶ୍ରୀମୁଖରୁ ଶ୍ରବଣ କରିବାମାତ୍ରେ- ହୃଦୟରୁ ଏକ ଅଦ୍ଭୁତ ଶିହରଣର ଅନୁଭୂତି ଲାଭ ହୋଇଥାଏ। ଦିଗହରା ପଥଟି ପରିଷ୍କାର ହୋଇଯାଏ। ବାରମ୍ବାର ହୃଦୟରେ ଏଇ ଭାବ ଜାଗ୍ରତ ହେବାରୁ ଅଭିଳାଷ ତଥା ସର୍ବଦା

କର୍ଣ୍ଣ ଗହ୍ୱରରେ ଆପଣଙ୍କ ବାଣୀର ଝଙ୍କାର ଶ୍ରବଣରେ ବ୍ୟାକୁଳତା ଜାଗ୍ରତ ହୋଇଥାଏ। 'ମନ' ଗୁରୁକୃଷ୍ଣଙ୍କୁ ଖୋଜିବୁଲେ।

ସତରେ ଗୁରୁଦେବ ଆପଣ ପ୍ରକୃତରେ ଦୟାର ସାଗର ପରମ କାରୁଣିକ। ଯିଏ ବି ଆପଣଙ୍କ ସହିତ ସତ୍ୟ ମନୋଭାବରେ ସଂସ୍ପର୍ଶ ଲାଭ କରିଥାଏ, ସେ ହିଁ ଜାଣିପାରିଥାଏ ଯେ, ସେ ଆପଣଙ୍କ ଠାରୁ କ'ଣ ପ୍ରାପ୍ତ କରିଛି। ଆଉ ଯିଏ ସେହି କୃପା ପାଇପାରିଛି- ତା'ର ପ୍ରତିପଦକ୍ଷେପରେ ଆସୁଥିବା ବାଧାବିଘ୍ନ ଅଚିରେ ଦୂରୀଭୂତ ହୋଇଯାଇଛି। ମୋ ଜୀବନର ସମସ୍ତ ବାଧାବିଘ୍ନ ମଧ୍ୟ ଆପଣଙ୍କ କୃପାରୁ ଧୀରେଧୀରେ ଅପସାରିତ ହୋଇଛି। ଆପଣଙ୍କ ସଙ୍ଗ ଦ୍ୱାରା ଶକ୍ତିଙ୍କର କୃପା ପ୍ରାପ୍ତ ହୋଇଛି। ତାଙ୍କରି କରୁଣାରୁ 'ଗୁରୁତତ୍ତ୍ୱ'ର ଦିଗ୍‌ଦର୍ଶନ ପ୍ରାପ୍ତ ହୋଇପାରିଛି। ଏମିତି ଅନେକ ଅଭୂଲା ସ୍ମୃତି, ଅପାସୋରା ଭାବ ଯାହାକି ଅବିସ୍ମରଣୀୟ ଅଟେ। ହେ ମୋର ରାଧାରାଣୀ ପ୍ରିୟ ମଞ୍ଜରୀ ମତେ ଆପଣଙ୍କର ଦାସାନୁଦାସ-ଦାସାନୁଦାସ-ଦାସାନୁଦାସୀର ଦାସୀ ହେବାର ସୌଭାଗ୍ୟ ପ୍ରଦାନ କରନ୍ତୁ। ଏହି ପ୍ରାର୍ଥନା ଏଇ ଶୁଭବେଳରେ ଶୁଭ ତିଥିରେ ଆପଣଙ୍କର ଶ୍ରୀଚରଣରେ କରୁଛି... ସାଦରେ ସ୍ୱୀକାର କରନ୍ତୁ। ଆପଣଙ୍କ ହୃଦୟରେ ସଦାସର୍ବଦା ଶ୍ୟାମା ଶ୍ୟାମ (ଶ୍ରୀଚୈତନ୍ୟ)ଙ୍କର ବାସ। ଆପଣଙ୍କୁ ଦେଖିବା ମାତ୍ରେ ସେହି ଦର୍ଶନର ସ୍ମୃତି ଲାଭ ହୋଇଥାଏ। ତେଣୁ- ବାରମ୍ବାର ଆପଣଙ୍କର ଦର୍ଶନର ଅଭିଳାଷା ହୃଦୟରେ ଜାଗ୍ରତ ହୋଇଥାଏ। ଏଥିପାଇଁ ହେ କ୍ଷମାନିଧି ଦୟାର ସାଗର, କୃପାର ସାଗର, କ୍ଷମାର ସାଗର- 'କ୍ଷମା' କରିଦେବେ।

ପାଗଳ ଏ ମନ ମୋର ପାଳଗି ହେଉଛି।
ଗୁରୁକୃଷ୍ଣ ପଦେ ସଦା ମନ ମୋ ଧାଉଁଛି।
କିପରି ପାଇବି ତାଙ୍କ ସାନିଧ୍ୟ ମୁହିଁ।
ଜାଣି ତ ପାରୁନି ପ୍ରଭୁ ଜାଣି ମୁଁ ପାରୁନି।
ଶରୀର ରହିଛି ଏଠି ମନ ମୋର ନାହିଁ।
ଗୁରୁକୃଷ୍ଣ ସାନ୍ନିଧ୍ୟରେ ଯାଇ ରହେ ସେହି।
ସେବା କରିବା ପାଇଁ କି ଛଟପଟ ହୁଏ
କିପରି ପାଇବା 'ସେବା' ସେଇ ଭାବେ ଥାଏ।
ହରିକଥା ଶ୍ରବଣରେ ଗୁରୁମୁଖ ତା'ର
ଅଭିପ୍ରାୟ ସଦା ରହିଥାଏ ନିରନ୍ତର।
ଗୁରୁଙ୍କ ମୁଖରୁ ଯେବେ ଶ୍ରବଣ କରଇ
ମନ ଉଲ୍ଲାସରେ ସଦା ନାଚୁଥା ସେହି।
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ।
ଏହି ଭାବନା ନିରନ୍ତର ଥାଏ ହୃଦ୍‌ଗତେ
ଗୁରୁକୃଷ୍ଣ ପାଦାମୃତେ ଥାଏ ସେ ଉଲ୍ଲାସେ।

ହରି ବୋଲ ହରି ବୋଲ ହରି ହରି ବୋଲ- ଗୁରୁଦେବ ଗୁରୁଦେବ ଜୟ ଗୁରୁଦେବ। ହରି ବୋଲ... ହ... ରି ବୋଲ ହ... ରି ହ... ରି ବୋଲ।

ଶେଷରେ ଲେଖନୀ ମନୁକୁ ବିଶ୍ରାମ ଦେବା ପୂର୍ବରୁ ଏତିକି ପ୍ରାର୍ଥନା କରୁଛି- ପ୍ରଭୁ ଜଗନ୍ନାଥ- ଶ୍ରୀରାଧାଶ୍ୟାମସୁନ୍ଦର ଆପଣଙ୍କୁ ଶତକୋଟି ଦୀର୍ଘାୟୁ ପ୍ରଦାନ କରନ୍ତୁ। ନୃସିଂହଦେବ ସମସ୍ତ କୁଟକୁ ବିନଷ୍ଟ କରନ୍ତୁ, ନିତାଇ ଗୌରଙ୍କ କୃପା, ଶ୍ରୀଲ ପ୍ରଭୁପାଦଙ୍କ କୃପାରୁ ଆପଣ ସୁସ୍ୱାସ୍ଥ୍ୟ ସମ୍ପନ୍ନ ହୁଅନ୍ତୁ। ଲେଖାରେ କିଛି ତ୍ରୁଟି ଥିଲେ କ୍ଷମା କରିବେ। ହରିବୋଲ.... ହରେକୃଷ୍ଣ...!

ଜୟ ବ୍ୟାସ ପୂଜା ମହାମହୋତ୍ସବ କି ଜୟ...
ଜୟ ଶ୍ରୀଲ ଗୁରୁଦେବ କି ଜୟ...

*ଆପଣଙ୍କର ଅଧମା ଦାସୀ*

***ଜୟଲକ୍ଷ୍ମୀ***

# ମଧୁର ଶ୍ରୀପାଦେ ଗଲି ଶରଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପ୍ରାଣପ୍ରିୟ ଶ୍ରୀଲଗୁରୁଦେବ, ଆଜିର ଏହି ପବିତ୍ର ବ୍ୟାସପୂଜା ମହାମହୋତ୍ସବରେ ଏ ଅଧମ ଆପଣଙ୍କ ସେହି ମଧୁର ପାଦପଦ୍ମରେ ଅନନ୍ତ ବାର ଦଣ୍ଡବତ ପ୍ରଣାମ ଜଣାଉଛି। ଏଠାରେ ଉପସ୍ଥିତ ଥିବା ସମସ୍ତ ସନ୍ନ୍ୟାସୀବୃନ୍ଦ, ବୈଷ୍ଣବବୃନ୍ଦ, ଭକ୍ତବୃନ୍ଦ, ମାତୃବୃନ୍ଦଙ୍କ ଶ୍ରୀଚରଣେ ଯଥାଯଥ ପ୍ରଣାମ ଜଣାଉଛି।

ହେ ଗୁରୁଦେବ ! ଆପଣଙ୍କ ମଧୁରପାଦପଦ୍ମ କେତେ ମହାନ୍, ପ୍ରଶସ୍ତ, ଶୀତଳ, ନିର୍ଭୟତା, ଉଦାର, ଆଶ୍ୱାସନା, ଭଲପାଇବା, ବାତ୍ସଲ୍ୟ ରସ, ସ୍ମିତହାସ୍ୟ, ଅକୁଣ୍ଠିତ ଚିତ୍ତରେ କୃଷ୍ଣ ପ୍ରେମ ପ୍ରଦାନ, ପାତ୍ର ଅପାତ୍ର ନ ଦେଖି ସ୍ନେହ, କରୁଣା ବିତରଣ, ମୁଁ ଛାର ଜୀବ କି ବର୍ଣ୍ଣି ପାରିବି। ଆହେ ଦୟାମୟ ଆପଣ ସ୍ୱୟଂ ନିତ୍ୟାନନ୍ଦ, ଶ୍ରୀମତୀ ରାଧାରାଣୀଙ୍କ ସ୍ୱରୂପ। ଆପଣଙ୍କ ମଧୁର ପାଦର ଛାୟା ବିନା ମୁଁ ଝାଉଁଳିଯିବି। ହୃଦୟରୁ କେତେ ଆଶା, ଭରସା ଏବଂ ବିଶ୍ୱାସ ନେଇ ଏହି ମଧୁର ଗୀତ ପଦଟିକୁ ଅର୍ପଣ କରୁଛି, ସେହି ମଧୁର ପାଦରେ, ଅର୍ଘ୍ୟଟିକୁଗ୍ରହଣ କରିବେ ବୋଲି ମୋର ସମ୍ପୂର୍ଣ୍ଣ ଆଶା ଭରସା।

ମଧୁର ଶ୍ରୀଗୁରୁପାଦ ଅତି ଚମତ୍କାର
ଅତ୍ୟନ୍ତ ବିନୟେ ମୁହିଁ କରେ ନମସ୍କାର ।୧।

ମଧୁର ପଦ ଛାୟାରେ ଆଶ୍ରୟ ଲଭିତ
ଅଭୟ ଶୀତଳ ପାଦେ କରେ ଦଣ୍ଡବତ ।୨।

ମଧୁର ସେ ପାଦ ଦ୍ୱୟ କରିଛି ବରଣ
ବିଷୟୀ ମନ୍ଦ ବୁଦ୍ଧି ମୁଁ ପଶିଲି ଶରଣ ।୩।

ମଧୁର ଶ୍ରୀମୁଖେ ହସ ମଧୁର ଭାଷଣ
ମଧୁର ପାଦରେ ରତି ମାଗେ ଅନୁକ୍ଷଣ ।୪।

ମଧୁର ପାଦେ ଗମନ କରି ପର୍ଯ୍ୟଟନ
ହରେ କୃଷ୍ଣ ମହାମନ୍ତ୍ର କରନ୍ତି ସେ ଦାନ ।୫।

ମଧୁର ପାଦ ମହିମା ବୁଝି ପାରୁ ନାହିଁ
ହୃଦୟ-ସଂଯମ ହୁଏ ମନେ ଦମ୍ଭ ବହି ।୬।

ମଧୁର ପାଦରେ ପ୍ରତିକ୍ଷଣ ରହୁ ମତି
ଶ୍ରୀଗୁରୁ ଚରଣ ତଳେ କରଇ ପ୍ରଣତି ।୭।

କେତେ ଜନ୍ମ ସୁକର୍ମରେ ପାଇଛି ଏଇତ୍ୱ
ମତିଭ୍ରଷ୍ଟ ହୁଏ ମୋର ନକରେ ମୁଁ ଯତ୍ନ ।୮।

ଦୁର୍ଲଭ ମଧୁର ପାଦେ ସଦା ମନ ରହୁ
ମଧୁର ଚରଣ ସ୍ମରି ମୋର ଦିନ ଯାଉ ।୯।

ଏ ବ୍ୟାସ ପୂଜାରେ ଡାକେ ହେ କଳା ସାଆନ୍ତ
ମଧୁର ପାଦକୁ ଦିଅ କୋଟି ଆଶୀର୍ବାଦ ।୧୦।

ଶ୍ରୀଲ ଗୁରୁଦେବଙ୍କ ଜୟ ହେଉ
ହରିବୋଲ।

*ଆପଣଙ୍କ ଅଧମା*
***ଜାହ୍ନବୀ ଦେବୀଦାସୀ***
ବ୍ରହ୍ମପୁର

# କୃପାମୟ ଏବଂ କରୁଣାମୟ ଗୁରୁଦେବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ। ଆଜି ଆପଣଙ୍କର ୭୨ତମ ମଙ୍ଗଳ ଆବିର୍ଭାବ ତିଥିରେ ଆପଣଙ୍କ ଚରଣ କମଳରେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କ ବିଷୟରେ ଲେଖିବାର କ୍ଷମତା ଏ ଅଧମ ଅଜ୍ଞାନୀର ସେତେଟା ଜ୍ଞାନ ନାହିଁ, ତଥାପି ଆପଣଙ୍କ କୃପା ଏବଂ କରୁଣାବଳରେ କିଛି ଲେଖିବାପାଇଁ ପ୍ରୟାସ କରିବି। ତେଣୁ କିଛି ଭୁଲ ଥିଲେ ଦୟାକରି ଏ ଅଧମକୁ କ୍ଷମା କରିଦେବେ।

କଥାରେ ଅଛି ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ 'ଯେତେବେଳେ ଜଣେ ବ୍ୟକ୍ତି ଦୁଃଖରେ ଭାଙ୍ଗିପଡ଼ିଥାଏ, ବେସାହାରା ମନେକରେ, ଦୁଃଖ ଯନ୍ତ୍ରଣାରେ ଜର୍ଜରିତ ହୋଇଯାଏ, ଦୁନିଆର କୌଣସି ଜିନିଷ ବି ତାକୁ ଭଲ ଲାଗିନଥାଏ। ଠିକ୍ ସେହି ସମୟରେ ଆପଣ ଭଗବାନଙ୍କ ଦୂତ ସାଜି, ସେହି ବ୍ୟକ୍ତିର ମନରେ ଆପଣଙ୍କ ବାଣୀ ସାହାଯ୍ୟରେ ଅସରନ୍ତି ବଳ, ଧୈର୍ଯ୍ୟ, ସାନ୍ତ୍ୱନା, ପ୍ରେରଣା, ଉତ୍ସାହ ସବୁକିଛି ଭରି ଦିଅନ୍ତି। ଯାହାଫଳରେ ସେ ବ୍ୟକ୍ତି ତା'ର ସମସ୍ତ ଦୁଃଖ ଭୁଲିଯାଇ ଭଗବାନଙ୍କ ଶରଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇଥାଏ, ତା'ଦ୍ୱାରା ତାକୁ ଚିର ଆନନ୍ଦ ମିଳିଥାଏ। ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ଅଗ୍ରସର ହୋଇଥାଏ। ପ୍ରକୃତ ଜୀବନର ମୂଲ୍ୟ ତାକୁ ପ୍ରାପ୍ତ ହୋଇଥାଏ। ତେଣୁ ଭଗବାନଙ୍କ ପାଖରେ ମୋର ବିନମ୍ର ପ୍ରାର୍ଥନା କି ଆମ ଗୁରୁଦେବଙ୍କୁ ସଦା ସର୍ବଦା ସୁସ୍ଥ ଓ ସବଳ କରି ରଖିଥାନ୍ତୁ। ସେ ଯେପରି ଆମ୍ଭମାନଙ୍କୁ ଭଗବାନଙ୍କର ଶୁଦ୍ଧ ଗୁଣଗାନ କଥା ଓ ଭକ୍ତିମାର୍ଗରେ ଆମକୁ ନେଇ ଭଗବତ୍ ଧାମକୁ ଯିବାର ମାର୍ଗ ପ୍ରଦର୍ଶନ କରାନ୍ତୁ। ଆଉ ଅଧିକ କିଛି ଲେଖିବାର କ୍ଷମତା ଏ ଅଧମ ଶିଷ୍ୟାର ନାହିଁ। ଯେପରି ହରି ଅନନ୍ତ ତାଙ୍କ କଥା ଅନନ୍ତ ସେପରି ଭଗବାନଙ୍କ ଦ୍ୱାରା ପ୍ରେରିତ ଶୁଦ୍ଧ ଭକ୍ତଙ୍କ ଗୁଣଗାନ ମଧ୍ୟ ଅନନ୍ତ। ଶ୍ରୀଶ୍ରୀ ଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା ମା'ଙ୍କ ଶ୍ରୀଚରଣରେ ଆପଣଙ୍କର ଦୀର୍ଘାୟୁ ପାଇଁ କାମନା କରୁଅଛି। ଜୟ ଶ୍ରୀଲ ଗୁରୁମହାରାଜାଙ୍କର ଜୟ।

*ଆପଣଙ୍କ ଅଧମା ଶିଷ୍ୟା*
***ଯମୁନା ଦେବୀଦାସୀ***
*ମୋଟରି*

# ହରେ କୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପ୍ରିୟ ଗୁରୁମହାରାଜ ଆପଣଙ୍କର ଚରଣ କମଳରେ ଏହି ଅଭାଗୀନୀ ଦାସୀର ପ୍ରଣାମ। ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ପାଦପଦ୍ମରେ ସହସ୍ର କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ମୁଁ ଗୋଟିଏ ଅଜ୍ଞାନୀ, ମୋତେ ଲେଖିବାର ଯୋଗ୍ୟତା କିଛି ନାହିଁ, କିନ୍ତୁ ମୋତେ ଆପଣଙ୍କର ଗୁଣଗାନ କରିବା ପାଇଁ ମିଳିଲା। ମୋର ଗୁରୁମହାରାଜଙ୍କର ମୁହଁରେ ସବୁବେଳେ ହସ ଥାଏ। ଯେତେବେଳେ ଝୁଲି ଝୁଲି ହସ ମୁହଁରେ ପ୍ରବଚନ ଦେଉଥିବେ ସେଇଟା ମୋତେ ବହୁତ ମନକୁ ପ୍ରଫୁଲ୍ଲିତ କରୁଥିବ। ମୋତେ ଲେଖିବାର କିଛି ଜଣା ନାହିଁ କିନ୍ତୁ ଲେଖୁଛି। ମୁଁ ଭାବି ନଥିଲି ଇସ୍କନ ପରି ପରିବାର ମିଳିବ। ଭକ୍ତି କରିବା ମୋତେ କିଛି ଜଣା ନ ଥିଲା। ମୋର ଲେଖିବାରେ କ'ଣ ଭୁଲ ଥିଲେ କ୍ଷମା ପ୍ରାର୍ଥନା କରୁଛି। ମୋର ଶ୍ରୀରାଧାଶ୍ୟାମସୁନ୍ଦରଙ୍କର ପାଖରେ ଏତିକି ପ୍ରାର୍ଥନା ସବୁବେଳେ ମୋର ଗୁରୁଦେବଙ୍କୁ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ।

*ଆପଣଙ୍କ ଏହି ଅଜ୍ଞାନୀ*
***ଜୟନ୍ତୀ ଦେବୀଦାସୀ,*** *ହାଇଦ୍ରାବାଦ*

# ପୂଜ୍ୟ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜ କୀ ଜୟ

**"ନମୋଂଅମ୍ ବିର୍ଷ୍ଣୁପାଦାୟ କ୍ରିଷ୍ଣା ପ୍ରିଷ୍ଟାୟ ଭୁତଲେ ଶ୍ରୀମତେ ଭକ୍ତି ଗୌର ନାରାୟଣ ସ୍ୱାମୀନ୍ ଇତି ନିମେତ**
**ନମୋଂ ଓ ବିଷ୍ଣୁପାଦାୟ କ୍ରିଷ୍ଣା ପିଷ୍ଟାୟ ଭୂତଲେ, ଶ୍ରୀମତେ ତାମଲ କୃଷ୍ଣ ଗୋ ସ୍ୱାମୀଂ ଇତି ନାମ୍ନିବେ**
**ନମୋ ମେ ବିର୍ଷ୍ଣୁ ପାଦାୟ କ୍ରିର୍ଷ୍ଣା ପ୍ରିଷ୍ଟାୟ ଭୂତଲେ, ଶ୍ରୀମତେ ଭକ୍ତି ବେଦାନ୍ତ ସ୍ୱାମୀନ୍ ଇତି ନାମିନେ।**
**ନମସ୍ତେ ସରସ୍ୱତେ ଦେବି ଗୌରବାଣି ପଚାରିଣି। ନିର୍ବିଶେଷ ଶୂନ୍ୟ ଜାନି ପାଷ୍ଚାତ ଦେଶ ତାରିଣି।"**

ହେ ଗୁରୁ ମହାରାଜ ପ୍ରଥମେ ଏ ଅଧମର ପ୍ରଣାମ ସ୍ୱୀକାର କରନ୍ତୁ। ଆପଣଙ୍କ ବିଷୟରେ ମୋର ମନର ଭାବକୁ ମୁଁ ଆପଣଙ୍କ ପାଦତଳେ ଅର୍ପଣ କରିବାକୁ ଇଚ୍ଛା କରୁଛି, ମୋତେ ସେ ଜ୍ଞାନ ପ୍ରଦାନ କରନ୍ତୁ।

ମୁଁ ଗୋଟିଏ ବହୁତ ବଡ଼ ପାପୀ, ଅଜ୍ଞାନୀ, ମୋତେ ଆପଣ କ୍ଷମା କରନ୍ତୁ ଏବଂ ଜ୍ଞାନ ପ୍ରଦାନ କରନ୍ତୁ, ଯାହାକି ମୁଁ ଅନ୍ଧକାରରୁ ବାହାରକୁ ଆସିପାରିବି। ମୁଁ ମୋ ନିଜକୁ ଧନ୍ୟ ମନେ କରୁଛି ଯେ ମୁଁ ଆପଣଙ୍କୁ ମୋର ଗୁରୁମହାରାଜ ରୂପରେ ମୋର ହୃଦୟରୁ ଚୟନ କରିଛି। ଆପଣ ମୋତେ ସ୍ୱୀକାର କରନ୍ତୁ। ମୁଁ ଏତେ ଅଯୋଗ୍ୟ ଏବଂ ମୋର ଭିତରେ ଏତେ ଶୁଦ୍ଧତା ନାହିଁ ଯେ ଆପଣ ମୋତେ ଆପଣଙ୍କର ଶିଷ୍ୟ ରୂପରେ ସ୍ୱୀକାର କରିବେ। ତଥାପି ମୁଁ ଆପଣଙ୍କର ପାଦତଳେ କୋଟି ନମସ୍କାର କରୁଛି ଏବଂ ନେହୁରା ହୋଇ ଆପଣଙ୍କୁ କୃପାଭିକ୍ଷା ମାଗୁଛି, ଆପଣ ମୋତେ କୃପା କରନ୍ତୁ ଏବଂ ଏ ଅନ୍ଧାରରୁ ମୋତେ ବାହାର କରନ୍ତୁ। ଯେମିତି ମୁଁ କୃଷ୍ଣଙ୍କ ପ୍ରତି ପ୍ରେମ ଏବଂ ଭକ୍ତି କରିପାରିବି। ହେ ଗୁରୁମହାରାଜ ଆପଣଙ୍କୁ ମୁଁ ଦୁଇ ବର୍ଷ ହେଲା ଜାଣିଛି। ସେଥିମଧରେ ଆପଣଙ୍କର ଦିବ୍ୟ ଦର୍ଶନର ସୁଯୋଗ ମୋତେ ପାଞ୍ଚଥର ପ୍ରାପ୍ତ ହୋଇଛି। ଆପଣଙ୍କର ଦିବ୍ୟଦର୍ଶନ ଦ୍ୱାରା ମୋତେ ବହୁତ କୃପା ପ୍ରାପ୍ତ ହୋଇଛି ଏବଂ କୃଷ୍ଣ ଭକ୍ତିରେ ବଢ଼ିବା ପାଇଁ ମୋତେ ବହୁତ ଆନନ୍ଦ ଲାଗିଛି ଏବଂ ମୋର ହୃଦୟରେ ପରିବର୍ତ୍ତନ ଦେଖାଦେଇଚି।

ହେ ଗୁରୁମହାରାଜ ଆପଣଙ୍କର କୃପା ସର୍ବଦା ମୋ ଉପରେ ପ୍ରଦାନ କରନ୍ତୁ, ଯାହାକି ମୁଁ ମୋର ଜୀବନର ସମସ୍ତ ଭୁଲକୁ ସୁଧାରି ପାରିବି ଏବଂ କୃଷ୍ଣ ଭକ୍ତିରେ ଆଗକୁ ବଢ଼ିପାରିବି। ଆପଣଙ୍କର ଆଶୀର୍ବାଦ ବିନା ମୁଁ ମୋର ଜୀବନରେ କିଛି ବି ଆଗକୁ ବଢ଼ିପାରିବି ନାହିଁ। ଆପଣଙ୍କର କୃପା ମୋତେ ପ୍ରଦାନ କରନ୍ତୁ ଏବଂ ସର୍ବଦା ମୋ ହୃଦୟରେ ରହିଥାଆନ୍ତୁ। ମୁଁ ଏତିକି ଆପଣଙ୍କ ପାଖରେ ବିନମ୍ର ହୋଇ ପ୍ରାର୍ଥନା କରୁଛି ମୋତେ ଏବଂ ମୋର ପରିବାରକୁ କୃପା କରନ୍ତୁ।

*ଆପଣଙ୍କର ସେବ*
***ଦୀପକ କୁମାର ଜେନା***
*ହାଇଦାରବାଦ*

# ଗୁରୁଦେବ - ପରମ ଦୟାଳୁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ପୂଜ୍ୟ ଗୁରୁମହାରାଜ୍! ଆପଣଙ୍କର ଆଜି ୭୨ତମ ଶୁଭ ଆବିର୍ଭାବ ଆପଣଙ୍କର ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଗୁରୁମହାରାଜ ଆପଣଙ୍କର ସରଳତା, ନମ୍ରତା, ସାଧୁ ସ୍ୱଭାବ ଦେଖି ମୋତେ ଭକ୍ତିରେ ଉତ୍ସାହ ଆସେ। ଆପଣଙ୍କର ପ୍ରବଚନ ହୃଦୟସ୍ପର୍ଶୀ ଏବଂ ବହୁତ କିଛି ଶିକ୍ଷା ମଧ ଦେଇଥାନ୍ତି। ଗୁରୁମହାରାଜ, ଆପଣ ସଦାବେଳେ ସୁନ୍ଦର ଶ୍ରୀଲ ପ୍ରଭୁପାଦଙ୍କର ପୁସ୍ତକରୁ ଅସଲି କୃଷ୍ଣ କଥା ପ୍ରସ୍ତୁତ କରନ୍ତି। ଆଉ ଆପଣ ପ୍ରଭୁପାଦଙ୍କର ନିୟମାବଳୀକୁ କଠୋରଭାବରେ ପାଳନ କରନ୍ତି। ଆପଣ ସଦାସର୍ବଦା ପ୍ରଚାରରେ ବ୍ୟସ୍ତ ରହି ମଧ ଶିଷ୍ୟମାନଙ୍କୁ ଏତେ ସମୟ ଦେବା ସହ ନିଜ ଶିଷ୍ୟକୁ ଉଚିତ ଶିକ୍ଷା

ଦେବା ସହ ଦାୟିତ୍ୱ ମଧ୍ୟ ଗ୍ରହଣ କରିଥାନ୍ତି। ଏହା ଆମର ପରମ ସୌଭାଗ୍ୟ।

ଆପଣ ଆମ ଠାରୁ ଦୂରରେ ଥାଇ ମଧ୍ୟ ଆମ ଭକ୍ତିମୟ ଜୀବନ, ସାଧନ ଏବଂ ଗୃହସ୍ଥ ଜୀବନ ଏପରିକି ସ୍ୱାସ୍ଥ୍ୟ କଥା ମଧ୍ୟ ବେଶ୍ ଭାବରେ ଜାଣିଥାନ୍ତି, ବର୍ତ୍ତମାନ ବରଦ କୃଷ୍ଣ ପ୍ରଭୁ ରାଉରକେଲା ଆସିଥିଲେ ସେ ସବୁ ଗୁରୁ ଭାଇ, ଭଉଣୀଙ୍କ ଗୃହକୁ ଯାଇ ସମସ୍ତ ସାଧନା ସହ ଭୁଲ ଠିକ୍ର ନିବାର ମଧ୍ୟ ଦେଖି ବୁଝାଇ ଫେରିଥିଲେ; ଯାହାକି ସେ ଆପଣଙ୍କୁ ଏହାର ସବୁ ସୂଚନା ପ୍ରଦାନ କରୁଥିବେ। ଆପଣ ଗତ ବର୍ଷ ଜୁନ୍ ମାସରେ ଯେତେବେଳେ ରାଉରକେଲା ଆସିଥିଲେ ମଙ୍ଗଳ ଆରତୀ ଶେଷ ହେଲା ପରେ ସମସ୍ତ ଗୁରୁ ଭାଇ-ଭଉଣୀ ଏକାଠି ବସିଥିଲୁ; ଆପଣ ପ୍ରତ୍ୟେକ ଜଣଙ୍କର ସୁଖ, ଦୁଃଖ, ଅସୁବିଧା, ସୁବିଧା, ଭକ୍ତିମୟ ଜୀବନର ସାଧନ ଶୁଣି ଉପଯୁକ୍ତ, ନିବାରଣ ମଧ୍ୟ କରାଇଥିଲେ। ଏହା ଦେଖି ମୋ ହୃଦୟରେ ଏହି କଥା ସଦାସର୍ବଦା ଥାଏ କି ଆମ ଗୁରୁମହାରାଜ ବହୁତ ଦୟାଳୁ ଏବଂ ତାଙ୍କ ଭାବନା ବେଶ୍ ଉଚ୍ଚକୋଟୀର। ଆମମାନଙ୍କର କିଛି ଯୋଗ୍ୟତା ନ ଥାଇ ମଧ୍ୟ ଆମ ପରି ଅଧମମାନଙ୍କ ଉପରେ ସଦାସର୍ବଦା କୃପା କରୁଥାନ୍ତି। ଶେଷରେ ଗୁରୁଦେବ ଆପଣଙ୍କ ନିକଟରେ ଯଦି କିଛି ଅପରାଧ କରିଥାଏ, ମୋତେ କ୍ଷମା କରିଦିଅନ୍ତୁ। ଶ୍ରୀରାଧାଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖିଥାନ୍ତୁ। ଆପଣ ନିରାମୟ ରହିଥାନ୍ତୁ।

*ଆପଣଙ୍କର ଶିଷ୍ୟ*
***ଦୀନକୃଷ୍ଣ ଦାସ***
*ରାଉରକେଲା*

# ଆଦେଶ ମାଧ୍ୟମରେ କୃପା ଆଶୀର୍ବାଦ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ ! ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣକମଳରେ ମୋର ଭକ୍ତିପୂର୍ଣ୍ଣ ଦଣ୍ଡବତ ପ୍ରଣାମ। ଏହି ବ୍ୟାସପୂଜା ଅବସରରେ ସମସ୍ତ ସନ୍ନ୍ୟାସୀ ଓ ବୈଷ୍ଣବମାନଙ୍କର ଚରଣରେ ମୋର ଦଣ୍ଡବତ ପ୍ରଣାମ।

ହେ ଗୁରୁଦେବ, ଆପଣଙ୍କର ଦିବ୍ୟଗୁଣ ଓ ଲୀଳାର ଗୁଣଗାନ କରିବାର ଯୋଗ୍ୟତା ମୋ ପାଖରେ ନାହିଁ। ଆପଣ ହେଲେ ମୁକ୍ତାତ୍ମା, ମୋପରି ବଦ୍ଧଜୀବ କିପରି ଗୁଣଗାନ କରିପାରିବ। କେବଳ ଆପଣଙ୍କ କୃପା ମାଧ୍ୟମରେ ମୁଁ ଆଜି ଆପଣଙ୍କର ଦିବ୍ୟଲୀଳା ସବୁ ମୋର ଅନୁଭୂତିକୁ ବ୍ୟକ୍ତ କରିବାକୁ ଚେଷ୍ଟା କରୁଛି। ଯେପରି ପାଣି ବିନା ସାଗରର କୌଣସି ଅର୍ଥ ନାହିଁ, ବାୟୁ ବିନା ବାୟୁମଣ୍ଡଳର କିଛି ଅର୍ଥ ନାହିଁ, ହେ ଗୁରୁଦେବ ! ଆପଣଙ୍କର ହୃଦୟଭରା କୃପା ବିନା ମୋର ଏହି ବଦ୍ଧଜୀବନର ମଧ୍ୟ କୌଣସି ଅର୍ଥ ନାହିଁ, ମୂଲ୍ୟ ନାହିଁ। କେବଳ ଆପଣଙ୍କର ପଦ୍ମମୁଖରୁ ଯେଉଁ ଆଦେଶ ମୋ ପାଇଁ ସ୍ଫୁରିତ ହୋଇଥାଏ, ସେହି ଆଦେଶ ହିଁ ମୋ ଜୀବନର ପାଥେୟ ହୋଇଥାଏ। ସେହି ଆଦେଶ ମାଧ୍ୟମରେ ହିଁ ଆପଣ ମୋତେ ଶକ୍ତି ପ୍ରଦାନ କରିଥାନ୍ତି, ବଳପ୍ରଦାନ କରିଥାନ୍ତି, ସାହାସ ମଧ୍ୟ ଦେଇଥାନ୍ତି। ମୋ ପରି ଅଧମ ପତିତ ବଦ୍ଧଜୀବ ନିକଟରେ କୌଣସି ସଦ୍‌ଗୁଣର ଆଭାସ ମୁଁ ପାଇପାରୁ ନଥିଲି। କିନ୍ତୁ ମୁଁ ଅନୁଭବ କରିଛି, ମୁଁ ଯେତେବେଳେ ଆପଣଙ୍କ ନିକଟରୁ ଆଦେଶ ରୂପକ କୃପା ପ୍ରାପ୍ତି କରେ, ସେତେବେଳେ ଏହି ଶରୀର ମଧ୍ୟରେ ଶକ୍ତି ସଞ୍ଚାରିତ ହୋଇଥାଏ। ଏକ ସତ୍‌କାର୍ଯ୍ୟ, ଭଗବତ୍ କର୍ମ କରିବାର ଦିବ୍ୟ ଅନୁଭୂତି ପ୍ରକଟିତ ହୋଇଥାଏ। ଆପଣଙ୍କର ଏହି ବାକ୍ୟ ମୋପାଇଁ ପଦ୍ମବାକ୍ୟ ଅଟେ। ଯଦି ଜୀବ ଗୁରୁଙ୍କର ଏହି ବାକ୍ୟକୁ ନିଜ ଜୀବନରେ ଲକ୍ଷ୍ୟ ବୋଲି ମନେକରେ, ତେବେ ଦିବ୍ୟମାର୍ଗରେ ଅଗ୍ରଗତି କରିଚାଲେ।

ଗୁରୁମୁଖ ପଦ୍ମବାକ୍ୟ, ଚିତ୍ତେତେ କରିୟା ଐକ୍ୟ
ଆରନା କରିହ ମନେ ଆଶା।
ଶ୍ରୀଗୁରୁ ଚରଣେ ରତି, ଏହି ସେ ଉତ୍ତମ ଗତି
ଯେ-ପ୍ରସାଦେ ପୂରେ ସର୍ବ ଆଶା।

୨୦୧୨ ମସିହା, ତୁରଙ୍ଗଠାରେ ଆମ ମନ୍ଦିରରେ ସେବା ଚାଲିଥାଏ। ସେହି ବର୍ଷ ଗୁରୁଦେବଙ୍କର ବିଶେଷ କୃପାରୁ ମୁଁ ହରିନାମ ଦୀକ୍ଷା ଗ୍ରହଣ କରିଥାଏ। ପ୍ରତ୍ୟେକ ଗୁରୁବାର ଓ ରବିବାର ଆମ୍ଭେମାନେ ମନ୍ଦିର ଆସୁ, ଭାଗବତ୍ କଥା ଶ୍ରବଣ କରୁ। କିନ୍ତୁ ଅଳ୍ପଦିନ ହେବ ଆମେ ମନ୍ଦିର ଆସିଥିବାରୁ ଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ ମୋର ଅଧିକ ନଥିଲା। ବୈଷ୍ଣବମାନଙ୍କର କଥା ଶୁଣି ଯେତିକି ମନେରଖିଥାଏ। କେବଳ ଭଗବତ୍ ଗୀତା ମୁଁ ସେତେବେଳେ ପଢୁଥିଲି, ଭାଗବତମ୍ ପଢ଼ିବା ଆରମ୍ଭ କରିଥିଲି। ଦିନେ ଅକିଞ୍ଚନ ପ୍ରଭୁଜୀ (ଭକ୍ତିଜୀବନ ବ୍ରଜାନନ୍ଦ ସ୍ୱାମୀ ମହାରାଜ) ଭାଗବତ୍ ପ୍ରଭୁଙ୍କୁ ଫୋନ୍‌କରି କହିଲେ, ଗୁରୁଦେବ କହିଛନ୍ତି, ଦେବପ୍ରିୟା ମାତାଜୀ ମନ୍ଦିରରେ ଝିଅମାନଙ୍କର କ୍ଲାସ ଦେବେ। ପ୍ରଭୁଜୀ ମୋତେ କହିବା ପରେ ମୁଁ ସମ୍ପୂର୍ଣ୍ଣ ରୂପେ ମନା କରିଦେଲି, କାରଣ ମୁଁ ଭଲଭାବରେ ଜାଣିଥିଲି ମୋର କୌଣସି ଭଗବତ୍ କଥା କହିବାର ଯୋଗ୍ୟତା ନାହିଁ। କ୍ଲାସ ଦେବାପରି କୌଣସି ଜ୍ଞାନ ମଧ୍ୟ ମୋ ପାଖରେ ନାହିଁ। ଭାଗବତମ୍ ଦିନେ ମଧ୍ୟ ପଢ଼ି ନାହିଁ, ଭାଗବତ୍ ଜ୍ଞାନ ହେଉଛି ଅଗାଧ ଜ୍ଞାନର ଭଣ୍ଡାର। ସେଥିରେ ମୁଁ କିପରି କିଛି କଥା କହିପାରିବି। ଏହା ସମ୍ପୂର୍ଣ୍ଣ ଅସମ୍ଭବ। କିନ୍ତୁ ଭାଗବତ ପ୍ରଭୁ ମୋତେ କହିଲେ, ବ୍ୟସ୍ତ ହୁଅ ନାହିଁ, ଆମେ ଗୁରୁଦେବଙ୍କୁ ସାକ୍ଷାତ କରିବା, ଗୁରୁଦେବ ତୁମକୁ କୃପା କରିବେ, କିପରି କ୍ଲାସ୍ ଦେବାକୁ ହେବ, ସେ ବିଷୟରେ ସମସ୍ତ ଜ୍ଞାନ ମଧ୍ୟ ପ୍ରଦାନ କରିବେ। ଗୁରୁଦେବଙ୍କୁ ସାକ୍ଷାତ କରିବା ପରେ ସବୁକିଛି ଠିକ୍ ହୋଇଯିବ। ତା'ପରଦିନ ସକାଳେ ଆମେ ଗୁରୁଦେବଙ୍କୁ ସାକ୍ଷାତ କରିବାକୁ ଗଲୁ। ଗୁରୁଦେବଙ୍କୁ ପ୍ରଣାମ କରିବା ପରେ ଗୁରୁଦେବ ବହୁତ ଖୁସି ହୋଇ ପଚାରିଲେ, ଭାଗବତ୍, କେମିତି ଅଛ ? ପ୍ରକୃତପକ୍ଷେ ଗୁରୁଦେବଙ୍କୁ ମୁଖରୁ ଯେତେବେଳେ ଏହି ପ୍ରଶ୍ନ ଆମେ ଶୁଣୁ ଆମକୁ ଅମୂଲ୍ୟ କୋଟିରତ୍ନ ମିଳିବାପରି ଆମେ ଅନୁଭବ କରୁ। ଯେପରି ଅନୁଭବ ହୁଏ, ଏ ସଂସାରରେ ସବୁଠାରୁ ଶ୍ରେଷ୍ଠ ସମ୍ପଦ, ସବୁଠାରୁ ଅତି ଆପଣାର ଆଉ କେହି ବି ନୁହଁନ୍ତି, ଅପୂର୍ବ ଆନନ୍ଦର ଅନୁଭୂତି ହୃଦୟ ମଧ୍ୟରେ ପ୍ରକାଶିତ ହୋଇଥାଏ। ପ୍ରକୃତପକ୍ଷେ ଗୁରୁଦେବ କେତେ ସ୍ନେହରେ, କେତେ ଆଦରର ସହିତ ଆମ କଥା ବୁଝନ୍ତି। ସେହି ତୁଳନାରେ ଆମେ ଗୁରୁଦେବଙ୍କ ପାଇଁ କିଛି ବି କରିପାରୁନୁ।

ଗୁରୁଦେବ କିଛି ସମୟ ଆମ ସହିତ ଅଫିସ୍ ସମ୍ବନ୍ଧରେ କଥାହେଲେ। ତା'ପରେ ଗୁରୁଦେବଙ୍କୁ ସାହାସ କରି ମୁଁ ପଚାରିଲି, ଗୁରୁଦେବ, କାଲି ଅକିଞ୍ଚନ ପ୍ରଭୁଜୀ ଫୋନ୍ କରିଥିଲେ, ମନ୍ଦିରରେ ବାଳିକା କ୍ଲାସ ହେବ ବୋଲି। ଗୁରୁଦେବ କହିଲେ, ହଁ, ମୁଁ କହିଥିଲି ତୁମକୁ ଫୋନ୍ କରିବାପାଇଁ। ମୁଁ କହିଲି ଗୁରୁଦେବ, ମୁଁ କିନ୍ତୁ ଜାଣିନି ମୁଁ ଏହି ସେବା କରିପାରିବି କି ନାହିଁ ? ମୋ ପାଖରେ ତ ଏତିକି ଶାସ୍ତ୍ର ଜ୍ଞାନ ନାହିଁ, ମୁଁ ଅଳ୍ପଦିନ ହେବ ମନ୍ଦିର ଆସୁଛି, ମୋର ସାହସ ହେଉଛି ଗୁରୁଦେବ।

ଗୁରୁଦେବ କହିଲେ, ତୁମେ ବ୍ୟସ୍ତ ହୁଅନି, ମୋର ଆଶୀର୍ବାଦ ସର୍ବଦା ତୁମ ଉପରେ ରହିଛି। ଏହା ପ୍ରଭୁମାନଙ୍କର ମଧ୍ୟ ଇଚ୍ଛା। ତୁମର ସେବା ତୁମେ କରିଚାଲ, ଗୁରୁ କୃଷ୍ଣଙ୍କ ମାଧ୍ୟମରେ ତୁମ ନିକଟରେ ଶକ୍ତି ସଞ୍ଚାରିତ ହେବ। ପ୍ରଭୁପାଦଙ୍କର କୃପା ମଧ୍ୟ ରହିଛି, ଶ୍ରୀଲପ୍ରଭୁପାଦ ଏହା ହିଁ ଚାହୁଁଛନ୍ତି। ଏହି କଥା ଶୁଣି ମୋର ହୃଦୟ ଏତେ ଆନନ୍ଦରେ ବିଭୋର ହୋଇଗଲା, ତାହା ବର୍ଣ୍ଣନାତୀତ। ମୋତେ ଏହି ଅନୁଭବ ହେଲା ଯେ, ମୋତେ ଗୁରୁଦେବଙ୍କର କୃପା ମାଧ୍ୟମରେ ଆଧ୍ୟାତ୍ମିକ ଶକ୍ତି, ଜ୍ଞାନ, ଆଶୀର୍ବାଦ ସବୁ ମିଳିସାରିଛି। ଆତ୍ମବଳ ମୋତେ ମିଳିଗଲା ଏବଂ ଏହାପରେ ଝିଅମାନଙ୍କର କ୍ଲାସ ମଧ୍ୟ ଆରମ୍ଭ ହେଲା ଏବଂ ଗୁରୁଦେବଙ୍କ ଆଶୀର୍ବାଦରୁ କ୍ଲାସ ଗୁଡ଼ିକ ମଧ୍ୟ ମୋ ପାଇଁ ସହଜ ହୋଇଯାଇଥିଲା।

ପ୍ରକୃତପକ୍ଷେ, ଭଗବାନ ଯେବେବେଳେ ଭକ୍ତକୁ କୃପା କରନ୍ତି; ସେତେବେଳେ ନିଜର ଗୁଣ ଓ ଶକ୍ତି, ଜ୍ଞାନ ମଧ୍ୟ ପ୍ରଦାନ କରିଥାନ୍ତି। ସେହିପରି ଭାବରେ ଗୁରୁଦେବ ଯେତେବେଳେ ଶିଷ୍ୟଙ୍କୁ ସେବା କରିବାର ଆଦେଶ ପ୍ରଦାନ କରନ୍ତି, ସେହି ଆଦେଶ ମାଧ୍ୟମରେ ନିଜର ଆଶୀର୍ବାଦ, କୃପା, ଜ୍ଞାନ, ଶକ୍ତି ଓ ସାମର୍ଥ୍ୟ ମଧ୍ୟ ପ୍ରଦାନ କରିଥାନ୍ତି।

ଜୟ ଶ୍ରୀଲ ଗୁରୁଦେବ କି ଜୟ, ଜୟ ଶ୍ରୀଲ ପ୍ରଭୁପାଦ କି ଜୟ।

*ଆପଣଙ୍କର କୃପାଭିଳାଷୀ*
***ଦେବପ୍ରିୟା ଦେବୀଦାସୀ***
*ଅନୁଗୁଳ*

# ଗୁରୁ କୃଷ୍ଣଙ୍କ ଆଗମନ- ଉଲ୍ଲସିତ ମନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା
ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ; ଆଜି ଆପଣଙ୍କ ଶୁଭ ୭୨ତମ ଆବିର୍ଭାବ ଦିବସରେ ଏହି ଅଯୋଗ୍ୟ ସେବିକାର ପ୍ରଣାମ ଗ୍ରହଣ କରନ୍ତୁ। ଆଜି ଏହି ପରମ ପବିତ୍ର ତିଥିରେ ଆମମାନଙ୍କ ପରି ମହାନ୍ ବୈଷ୍ଣବଙ୍କ ଗୁଣଗାନ କରିବା ମୋ ପରି ଏକ ବଦ୍ଧଜୀବ ପକ୍ଷରେ ସମ୍ଭବ ନଥିଲେ ଆପଣଙ୍କ କୃପାରୁ କିଛି ପ୍ରୟାସ କରିଛି, ଭୁଲକୁ କ୍ଷମା କରିବେ କରୁଣାନିଧାନ।

ହେ ଶ୍ରୀଲ ଗୁରୁଦେବ! ମୁଁ ଆପଣଙ୍କର ପ୍ରଥମ ଦର୍ଶନ ରାଉରକେଲାକୁ ଆପଣ ଯେତେବେଳେ ପ୍ରଥମେ ଆସିଥିଲେ ସେଠାରେ କରିଥିଲି ଓ ସେବେଠାରୁ ମୋ ମନରେ ଏହି ଅଭିଳାଷ କି ମୁଁ ଆପଣଙ୍କର କିଛି ସେବାକାର୍ଯ୍ୟରେ ନିୟୋଗ ହୋଇପାରେ। କିଛି ସମୟରେ ଦୀକ୍ଷା ନ ନେଇଥିବାରୁ ସେବା କରିବାରେ ବଞ୍ଚିତ ଓ କେତେବେଳେ କିଛି ଅସୁବିଧା ଥିବାରୁ। ଆପଣ ଯେତେବେଳେ ରାଉରକେଲା ଆସିବା ଶୁଣିଲି। ମୋ ମନ ଆନନ୍ଦରେ ଉଲ୍ଲସିତ ହେଉଥିଲା, ସେଥିଲାଗି ମୁଁ ସୁରଥରୁ ରାଉରକେଲା ଆସିଥିଲି ଆପଣଙ୍କର ଦର୍ଶନ ଓ ସେବା କରିବା ନିମନ୍ତେ, ମୁଁ ମୋ ମନରେ ଆନନ୍ଦ ଓ ଦର୍ଶନ ଆଶାରେ ଆସିଥିଲି। ଆପଣଙ୍କ ପ୍ରତ୍ୟକ୍ଷ ଦର୍ଶନ ଓ ସେବା କରି ମୋ ମନ ବହୁତ ଆନନ୍ଦିତ ଓ ମୋ ଆଶା ପୂର୍ଣ୍ଣ ହୋଇଥିଲା। ଆପଣଙ୍କ ଆଗମନ ଯେପରି ମୋ ପାଇଁ କିଛି ଉତ୍ସବର ଆନନ୍ଦ ପରି ଉଲ୍ଲସିତ ଭାବନା ଥିଲା। କିନ୍ତୁ ଆପଣଙ୍କ ବିଦାୟ ସମୟ ଯେପରି ମୋ ପାଇଁ ବହୁତ ଦୁଃଖ ଓ ଉଲ୍ଲସିତ ମନର ସ୍ତବ୍ଧ ହୋଇଗଲା। ଆପଣ ରାଉରକେଲରୁ ବିଦାୟ ନେବା ସମୟରେ ମୋ ପାଇଁ ବିରହର ସମୟ ଥିଲା। ଆପଣ ନୀତିନିୟମରେ କଠୋର ଥିଲେ ମଧ୍ୟ ଆପଣଙ୍କର ନରମ ସ୍ୱଭାବ ଓ ବୁଝେଇବା ଶୈଳୀ ବେଶ୍ ପ୍ରଭବଶାଳୀ। ମୋର ସବୁଠାରୁ ଅଭୁଲା ସ୍ମୃତି ବୃନ୍ଦାବନରେ ଆପଣଙ୍କ ଦର୍ଶନ ସମୟରେ ଜପ ନିୟମିତ ଠିକ୍ ନୀତି ନିୟମରେ ହେଉ ନ ଥିଲା, ଯାହାକି ଆପଣ ବୁଝାଇବା ପରେ ଆପଣଙ୍କୁ କଥା ଦେଇଥିଲି ଜପ ନିୟମିତ ନୀତିନିୟମରେ ଶେଷ କରିବି, ଯାହା ମୋର ଏବେ ପାଇଁ ଓ ଆଗକୁ ମଧ୍ୟ ନିୟମିତ ହେଉଥିବ।

ଶେଷରେ ଆଜି ଆପଣଙ୍କର ଏହି ପବିତ୍ର ବ୍ୟାସପୂଜା ଅବସରରେ ଆପଣଙ୍କର ଶ୍ରୀଚରଣ କମଳରେ ଏତିକି ନିବେଦନ କରୁଛି କି ଆପଣ ମୋତେ ଆଶୀର୍ବାଦ କରନ୍ତୁ ମୁଁ କିପରି ମୋର ସାଧନା ଠିକ୍ ରୂପେ କରିପାରିବି। ଶେଷରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ଚରଣରେ ଆପଣଙ୍କର ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ପ୍ରାର୍ଥନା କରୁଛି।

*ଆପଣଙ୍କର ଅଯୋଗ୍ୟ ସେବିକା*
***ଧରିତ୍ରୀ ଗୌଡ଼***
*ସୁରଥ, ଗୁଜୁରାଟ*

# ସାଧବଃ ପ୍ରାୟୋଶ ଜନାଃ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁମହାରାଜ, ଆଜି ଆପଣଙ୍କର ୭୨ତମ ପବିତ୍ର ଶୁଭ ଆବିର୍ଭାବ ତିଥି ବ୍ୟାସପୂଜା ମହୋତ୍ସବରେ ଏହି ଅଧମ ଆପଣଙ୍କର ପାଦପଦ୍ମରେ ଭକ୍ତିପୂତ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଜଣାଉଛି।

ଗୁରୁମହାରାଜ ଆପଣ ସଦାବେଳେ ସୁନ୍ଦର ଶ୍ରୀଲ ପ୍ରଭୁପାଦଙ୍କର ପୁସ୍ତକରୁ ଅସଲି କୃଷ୍ଣକଥା ପ୍ରସ୍ତୁତ କରିଥାନ୍ତି। ମୁଁ ପ୍ରେରଣା ପାଇଥାଏ, ଗୁରୁମହାରାଜ ଆପଣ ପ୍ରଚାର କାର୍ଯ୍ୟରେ ଏତେ ବ୍ୟସ୍ତ ରହି ମଧ୍ୟ ଶିଷ୍ୟମାନଙ୍କୁ ଏତେ ସମୟ ଦେଉଛନ୍ତି ଏହା ଆମର ସୌଭାଗ୍ୟ।

ଶ୍ରୀ.ଭା. ୧୧.୩.୨୧ – ତସ୍ମାତ୍ ଗୁରୁଂ ପ୍ରପଦ୍ୟେତ ଜିଜ୍ଞାସୁ ଶ୍ରେୟ ଉତ୍ତମଂ। ଶାବ୍ଦେ ପରେ ଚ ନିଷ୍ଣାତଂ ବ୍ରହ୍ମଣି ଉପଶମାଶ୍ରୟମ୍।

ଏହି ଶ୍ଳୋକଟି ପାଠକଲାବେଳେ ଆପଣଙ୍କ କଥା ସ୍ମରଣ ଆସିଲା। ଶ୍ଳୋକ ଅନୁଯାୟୀ ଆପଣ ସେହି ଅଧିକୃତ ଗୁରୁ ଯିଏ ଆମ ସଦୃଶ ଜୀବମାନଙ୍କୁ ଶାସ୍ତ୍ରର ଗୁହ୍ୟ ସିଦ୍ଧାନ୍ତଗୁଡ଼ିକୁ ଅତି ସରଳ ଏବଂ ବୋଧଗମ୍ୟ ଉପାୟରେ ପ୍ରସ୍ତୁତ କରି ଶିକ୍ଷା ଦେଇଥାନ୍ତି।

ଚଳିତ ବର୍ଷ ଫେବୃଆରୀ ମାସରେ ଆପଣ ଇସ୍କନ ବାତୋଳ ଆସିଥିଲେ। ଏହି ସମୟରେ ଏହି ତୁଚ୍ଛ ଦାସକୁ ବପୁ ସେବାର କିଞ୍ଚିତ ସୁଅବସର ପ୍ରାପ୍ତ ହୋଇଥିବାରୁ ନିଜକୁ ହର୍ଷ, ଗର୍ବାନ୍ୱିତ ମନେକରୁଛି। ଏହି ସମୟରେ ଆପଣଙ୍କର ଏକ ବିଶେଷ ଗୁଣର ସାକ୍ଷାତ୍କାର ହେଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଆପଣ ଏଠାରେ ଦୂର ଦୂରାନ୍ତରୁ ଆସିଥିବା ଗୁରୁଭାଇ ଗୁରୁଭଗିନୀ ଏବଂ ଅନ୍ୟ ବୈଷ୍ଣବମାନଙ୍କ ସହିତ ଆପଣ ଯେଉଁଭଳି ସାକ୍ଷାତକାର କରୁଥାନ୍ତି ଏବଂ ସେମାନଙ୍କର ଛୋଟ ଛୋଟ ଅଳି ଶୁଣୁଥାନ୍ତି ତତ୍ସହିତ ନିଜର ବହୁମୂଲ୍ୟ ଅଭିଜ୍ଞତା ଏବଂ ଶାସ୍ତ୍ରରୁ ପାଣ୍ଡିତ୍ୟକୁ ନେଇ ସେମାନଙ୍କୁ ସମାଧାନର ମାର୍ଗ ଦେଖାଉଥାନ୍ତି, ତାହା ମୋତେ ବିସ୍ମିତ କରିବା ସହିତ ଏକପ୍ରକାର ଆନନ୍ଦ ଓ ପ୍ରେରଣା ଦେଇଛି ଏବଂ ମୁଁ ସର୍ବଦା ଏହା ଅନୁଭବ କରେ ଯେ ଗୁରୁଦେବ କୃପାମୟ ଏବଂ ଶିଷ୍ୟ ପାଇଁ ଯଥେଷ୍ଟ ସମୟ ଏବଂ ସାନ୍ନିଧ୍ୟ ପ୍ରଦାନ କରନ୍ତି। ଏଥକର ଆମର ବାର୍ଷିକ ଉତ୍ସବରେ ଦୁଇପହରରେ ଅସହ୍ୟ ଗରମ ପରିବେଶ ଭିତରେ ଆପଣ ପ୍ରବଚନ ପରେ ଅସୁବିଧା ସତ୍ତ୍ୱେ ଦୀର୍ଘସମୟ ବସି ରହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ଏବଂ ସମସ୍ତ କଳାକାରମାନଙ୍କୁ ନିଜର କରକମଳରେ ପୁରସ୍କୃତ କରିଥିଲେ। ଦୀର୍ଘ ସମୟ ବସିରହିବା ସତ୍ତ୍ୱେ ଆପଣ କୌଣସି ବ୍ୟସ୍ତତା କିମ୍ବା ଅସହ୍ୟତା ପ୍ରଦର୍ଶନ କରିନଥିଲେ। ମୁଁ ଅନୁଭବ କରିଥିଲି ସାଧୁ ସନ୍ନ୍ୟାସୀ କିଭଳି ଅନ୍ୟଙ୍କୁ ସୁଖ ପ୍ରଦାନ କରିବା ପାଇଁ ନିଜେ କଷ୍ଟ ସ୍ୱୀକାର କରିଥାନ୍ତି।

'ତପ୍ୟନ୍ତେ ଲୋକତାପେନ, ସାଧବଃ ପ୍ରାୟସଃ ଜନାଃ।'

ଗୁରୁମହାରାଜ ଆପଣ ଚୈତନ୍ୟ ଚରିତାମୃତ କଥା ପ୍ରସ୍ତୁତ କରନ୍ତି ବହୁତ ଆନନ୍ଦ ଲାଗେ ଏବଂ ବହୁତ ଶିକ୍ଷା ମଧ୍ୟ ଦେଇଥାନ୍ତି। ମୋର ଭାଗ୍ୟ, ଏମିତି ଏକ ସାଧୁଙ୍କ ଚରଣକମଳରେ ଆଶ୍ରୟ ପ୍ରାପ୍ତ ହୋଇଛି।

ଗୁରୁମହାରାଜ ଆପଣ ଏତେ ଦୟାଳୁ ଯେ ମୋ ପରି ଅପଦାର୍ଥକୁ ଶିଷ୍ୟରୂପେ ଗ୍ରହଣ କଲେ, ଏହା ମୋର ସୌଭାଗ୍ୟ ଆପଣଙ୍କ କୃପାଦୃଷ୍ଟି ଯୋଗୁ ବୈଷ୍ଣବ ପରମ୍ପରାରେ ଜଡ଼ିତ ହୋଇପାରିଛି।

ମୁଁ ଆପଣଙ୍କର ଏଭଳି ଶିଷ୍ୟ ଆପଣଙ୍କର ଉଚିତ୍ ରୂପେ ସେବା କରିପାରୁ ନାହିଁ। ଭାବୁଛି ଆଜି ବାକ୍ୟ ମାଧ୍ୟମରେ ଆପଣଙ୍କର କିଛି ଗୁଣଗାନ କରିବାକୁ।

ଗୁରୁମହାରାଜ ଆପଣ ଗୋବର୍ଦ୍ଧନ ଇକୋ ଭିଲେଜରେ ଜି.ବି.ସି. ମିଟିଙ୍ଗରେ ଆସିଥିଲେ ମୋର ଆପଣଙ୍କ ସହ ଦେଖା

ହୋଇଥିଲା ଏବଂ ଆପଣ ବହୁତ ସମୟ ଦେଇଥିଲେ । ଗୁରୁଦେବ ଆପଣଙ୍କ ସହିତ ଜପ କରିବାକୁ ମୋତେ ସୁଯୋଗ ମିଳିଥିଲା ମୋତେ ଆନନ୍ଦ ଲାଗିଥିଲା ।

ଗୁରୁମହାରାଜ ମନ୍ଦିର ପରିଚାଳକ ମୋତେ ଆପଣଙ୍କର ଗୁଣଗାନ କରିବାକୁ ସୁଯୋଗ ଦେଇଥିବା ହେତୁ ମୁଁ ନିଜକୁ କୃତଜ୍ଞ ମଣୁଛି ।

ଗୁରୁଦେବ ଆଜି ଆପଣଙ୍କର ପବିତ୍ର ଶୁଭ ଆବିର୍ଭାବ ବ୍ୟାସପୂଜା ମହୋତ୍ସବରେ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଗନ୍ନାଥ, ବଳଦେବ, ସୁଭଦ୍ରା, ଗୌର ନିତାଇ, ରାଧାମାଧବଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛି ।

ଗୁରୁମହାରାଜ ମୋତେ ଆଶୀର୍ବାଦ କରିବେ ଦାସାନୁଦାସ ଭାବରେ ଶ୍ରୀଲ ପ୍ରଭୁପାଦଙ୍କ ଆନ୍ଦୋଳନରେ ଆପଣଙ୍କ ଆଦେଶ ଅନୁସାରେ ଜୀବନ ଅତିବାହିତ କରିବି, ଗୁରୁମହାରାଜ ମୋତେ ଆଶୀର୍ବାଦ କରନ୍ତୁ ।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ । ଜୟ ଶ୍ରୀଲ ଗୁରୁଦେବ କି ଜୟ ।

*ଆପଣଙ୍କର ଅଧମ ଶିଷ୍ୟ*
***ନବକିଶୋର ଦାସ***

# ଦର୍ଶନେ ପବିତ୍ର କର...

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କୁ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ । ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ କିଛି ଗୁଣ କୀର୍ତ୍ତନ କରିବାକୁ ଆପଣଙ୍କ କୃପାଲାଭ ଚାହୁଁଛି । କାରଣ ମୋର ନିଜର କିଛି ଯୋଗ୍ୟତା ନାହିଁ ।

ହେ ମୋର ଗୁରୁମହାରାଜ, ମୋତେ କିଛି ଗୁରୁ ସେବା ଆସେ ନାହିଁ, ମାତ୍ର ଆପଣଙ୍କୁ ଦର୍ଶନ କରିବାକୁ ମୁଁ ସବୁଦିନ ଚାହେଁ । ଆପଣ ବୃନ୍ଦାବନରେ ପ୍ରାୟ ରହନ୍ତି ଏବଂ ମୁଁ ମଧ୍ୟ ବୃନ୍ଦାବନରେ ରହେ । ଆପଣ ସବୁଦିନ ମଙ୍ଗଳ ଆରତୀ ଆସନ୍ତି, ମୁଁ ମଧ୍ୟ ସବୁଦିନେ ମଙ୍ଗଳ ଆରତୀ ଦର୍ଶନ କରେ । ଏହି ସୁଯୋଗର ସୁବିଧା ମୁଁ ପାଇଥାଏ ଆପଣଙ୍କୁ ଦର୍ଶନ କରିବାକୁ । ମୋତେ ମାତ୍ର ୨୪ ଘଣ୍ଟା ସମୟ ଲାଗେ ପୁନଃ ଦର୍ଶନ କରିବାକୁ, ବୃନ୍ଦାବନ ଏତେ ବଡ଼ ମନ୍ଦିର ଓ ପ୍ରାୟ ସବୁବେଳେ ଭିଡ଼ ଲାଗିଥାଏ । ତଥାପି ମୁଁ ପ୍ରଭୁପାଦଙ୍କ ସମାଧିରେ ଆପଣଙ୍କ ଭଲଭାବେ ଦର୍ଶନ କରି ଆନନ୍ଦ ପାଏ ଓ ମୋ ଜୀବନ ସାର୍ଥକ ହୋଇଯାଏ । କାରଣ ଦର୍ଶନେ ପବିତ୍ର କର, ଏହି ତୁମାର ଗୁଣ ।

***ଦେବହୂତୀ ଦେବୀଦାସୀ***
*ବୃନ୍ଦାବନ*

# ଗୁରୁଙ୍କ ଅହୈତୁକି କୃପା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପତୀତ ପାବନ ଶ୍ରୀଲ ଗୁରୁଦେବ, ଆପଣଙ୍କ ଚରଣରେ ମୋର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ମୋର ପ୍ରଣାମ ସ୍ୱୀକାର କରନ୍ତୁ। ଗୁରୁମହାରାଜ ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥି। ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ମୋର ଭୁଲ ଥିଲେ କ୍ଷମା କରିବେ ଗୁରୁମହାରାଜ।

ଗୁରୁଦେବ! ଯେତେବେଳେ ମୁଁ ଅସତ୍ ସଙ୍ଗ କରି ବହୁତ ଖରାପ ରାସ୍ତାକୁ ଯାଉଥିଲି, ସେତେବେଳେ ସବୁ ବୈଷ୍ଣବମାନେ ଆସି ମତେ ଶିକ୍ଷାପ୍ରଦାନ କରି କହିଥିଲେ କି ତୁମେ ସବୁବେଳେ ୧୬ ମାଳା ଜପ କର, ଗୀତା ପଢ଼ ଓ ପ୍ରବଚନ ଶୁଣ। ତଥାପି ମୁଁ ଏତେବଡ଼ ପତିତ ବୈଷ୍ଣବମାନଙ୍କ ଆଦେଶକୁ ଅବମାନନା କରିଥିଲି। ପୁଣି ଖରାପ ରାସ୍ତାକୁ ଚାଲିଆସୁଥିଲି। ସେଇ ସମୟରେ ସଖି ମାତାଜୀ ଓ ରାଧିକା କିଶୋରୀ ମାତାଜୀ ପ୍ରେମକିଶୋର ପ୍ରଭୁଜୀଙ୍କୁ ମୋ ବିଷୟରେ ସବୁ ଜଣେଇଲେ। ପ୍ରଭୁଜୀ ଆମ ଘରକୁ ଆସି ମତେ କହିଥିଲେ, ତୁମର ଏବେ ପରୀକ୍ଷା ସରିଯାଇଛି ତମେ ଏବେ ଇସ୍କନକୁ ଆସ। ସେଇ ସମୟରେ ଥିଲା ଗୌରପୂର୍ଣ୍ଣିମା ୭,୮ ଦିନ ପୂର୍ବରୁ। ତଥାପି ମୁଁ ପ୍ରଭୁଜୀଙ୍କର ଆଦେଶ ଅବମାନନା କରି ମନାକରି କହିଲି ଗୌରପୂର୍ଣ୍ଣିମା ପରେ ଜିବି।

କିଛିଦିନ ପରେ ମୁଁ ଇସ୍କନକୁ ଯାଇଥିଲି। ଇସ୍କନ୍‌କୁ ଯାଇ ଭକ୍ତ ସଙ୍ଗ କଲାପରେ ମଧ୍ୟ ମୋ ଭିତରୁ ସେସବୁ ଖରାପ ଚିନ୍ତାଧାରା ଓ କଳୁସ ଦୂରିଭୂତ ହେଉନଥିଲା। ତା' ପରେପରେ ଭାଗବତ କଥା ଇସ୍କନ ଢେଙ୍କାନାଳରେ ଥିଲା, ସେତେବେଳେ ଗୁରୁମହାରାଜ ଆପଣ ଇସ୍କନକୁ ଆସିଥିଲେ। ସେତେବେଳେ ମତେ ପ୍ରଭୁଜୀ ଆସି କହିଥିଲେ, ତମକୁ ଆଜି ଗୁରୁମହାରାଜଙ୍କ ସହ ସାକ୍ଷାତ କରାଇବି। ତା'ପରେ ମୁଁ ଗୁରୁମହାରାଜଙ୍କ ସାକ୍ଷାତ କରିବାକୁ ଗଲି। ଆପଣ ମତେ ପଚାରିଥିଲେ କି କ'ଣ ପ୍ରଶ୍ନ ଥିଲା ତୁମର ପଚାର, ମୁଁ ପଚାରିଥିଲି– କିପରି ଭକ୍ତିରେ ଅଗ୍ରଗତି କରିପାରିବି ? ଗୁରୁମହାରାଜ ଆପଣ ଆଦେଶ ଦେଇ ମତେ କହିଥିଲେ ପ୍ରତ୍ୟେକ ଦିନ ଭାଗବତ, ଗୀତା ପାଠ କରିବ ଓ ଭକ୍ତିକୁ ୧୦୦% ଓ ପାଠକୁ ୧୦୦ % ଦେବ। ଗୁରୁମହାରାଜ ଆପଣଙ୍କ ଦର୍ଶନ ପରେ ମୋ ଭିତରେ ଥିବା ସବୁ ଖରାପ ଗୁଣ ଓ ଖରାପ ଚିନ୍ତାଧାରା, ଖରାପ ଅଭ୍ୟାସ ଦୂରୀଭୂତ ହେବାକୁ ଲାଗିଲା।

ଗୁରୁମହାରାଜ ଆପଣଙ୍କ ଚରଣ କମଳରେ ଏହା ପ୍ରାର୍ଥନା କରୁଛି, ଆପଣ ମତେ ଯାହା ଯାହା ବି ଆଦେଶ ଦେଇଛନ୍ତି ସେଇ ଆଦେଶକୁ ମୁଁ ଠିକ୍ ଭାବରେ ପାଳନ କରିପାରିବି। ରାଧାମାଧବ ଓ ମୋର ପ୍ରିୟ ଗୁରୁମହାରାଜଙ୍କର କିପରି ପୂର୍ଣ୍ଣ ସମର୍ପିତ ଭାବ ରଖି ସେବା କରିପାରିବି। ଆପଣ ମତେ କୃପା କରନ୍ତୁ ଗୁରୁଦେବ। ଆପଣଙ୍କ ଚରଣକମଳରେ ସବୁବେଳେ ଆଶ୍ରୟ ପ୍ରଦାନ କରନ୍ତୁ, ମୋ ମନ ଗୁରୁ ଓ କୃଷ୍ଣଙ୍କ ଚରଣରେ ସବୁବେଳେ ରହୁ ଗୁରୁଦେବ।

ଆଜିର ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ରାଧାମାଧବଙ୍କ ଚରଣରେ ପ୍ରାର୍ଥନା କରୁଛି ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ। ହରେକୃଷ୍ଣ।

ଜଗତ ଗୁରୁ ଶ୍ରୀଲ ପ୍ରଭୁପାଦଙ୍କୀ ଜୟ
ପତିତ ପାବନ ଶ୍ରୀଲ ଗୁରୁ ଦେବଙ୍କୀ ଜୟ।

*ଆପଣଙ୍କ ଚରଣାଶ୍ରିତ*
***ନନ୍ଦ କୁମାର ଦାସ***

# ବ୍ରଜ ବାସ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ମୋର ପରମପୂଜ୍ୟ ଆରାଧ୍ୟତମ ଗୁରୁଦେବ ଆପଣଙ୍କର ଏ ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କୁ ମୋର ଶତକୋଟି ଦଣ୍ଡବତ ପ୍ରଣାମ। କୃଷ୍ଣଦାସ କବିରାଜ ଗୋସ୍ୱାମୀ ଲେଖିଛନ୍ତି- ଏ ଘୋର ସଂସାରେ ପଡ଼ିୟା ମାନବ, ନ ପାୟ ଦୁଃଖେର ଶେଷ।

ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ସଂସାର କେତେ ଦୁଃଖମୟ, ତଥାପି ଆମକୁ ଆନନ୍ଦ ଲାଗେ। ଯେପରି କଣ୍ଟା ବୃକ୍ଷ ଖାଇବାରେ ଓଟକୁ ଆନନ୍ଦ ଲାଗେ, ସେ ଜାଣିପାରେ ନାହିଁ ଯେ ନିଜର ରକ୍ତକୁ ଖାଇବା ତାକୁ ମିଠା ଲାଗୁଛି, ସଂସାର ଠିକ୍ ସେମିତି।

ଥରେ ଗୁରୁଦେବଙ୍କୁ ମୁଁ କହିଲି, “ଗୁରୁଦେବ ମୋତେ ଟିକେ କୃପା କରନ୍ତୁ, ସଂସାର ବହୁତ କଷ୍ଟ ହେଉଛି। ତା’ପରେ କିଛି ଦିନ ଚାଲିଗଲା...। ଗୁରୁଦେବଙ୍କର କୃପାଦୃଷ୍ଟି ମୋ ଉପରେ ପଡ଼ିଲା, ହେଲେ ମୁଁ ତାହାକୁ ଧାରଣ କରିପାରିବି କି ନାହିଁ ଚିନ୍ତାରେ ପଡ଼ିଲି। ଗୁରୁଦେବ ମୋତେ ଶ୍ରୀଧାମ ବୃନ୍ଦାବନରେ ରହିବା ପାଇଁ ଅନୁମତି ଦେଲେ। ଖାଲି ସେତିକି ନୁହେଁ ରହିବାର ସମସ୍ତ ବନ୍ଦୋବସ୍ତ ମଧ୍ୟ କରିଦେଲେ। ‘ଆଜି ପର୍ଯ୍ୟନ୍ତ ଘର ଠାରୁ ମୁଁ କେବେ ଦୂରରେ ରହି ନାହିଁ।’ ବ୍ୟାପାର କ୍ଷେତ୍ରରେ ପୁତ୍ରକୁ ସବୁକିଛି ଜଣା ନ ଥାଏ। ଗୁରୁଦେବଙ୍କ କୃପାରୁ ଖୁବ୍ କମ୍ ଦିନରେ କାମ ଶିଖିଗଲା। ତା’ପରେ ମୁଁ ଦୃଢ଼ ନିଶ୍ଚିତ ହେଲି ଶ୍ରୀ ବୃନ୍ଦାବନ ଧାମରେ ରହିବା ପାଇଁ।

ଗୁରୁଦେବଙ୍କର ଅତି ପ୍ରିୟ ଶିଷ୍ୟ ରାଧାଚରଣପ୍ରଭୁ ନାମ ଯେମିତି ତାଙ୍କର କାମ ବି ସେମିତି। ତାଙ୍କରି ଆଶ୍ରୟରେ ରହି କାମ କରିବା ପାଇଁ ମୋତେ ଅନୁମତି ମିଳିଲା। ମୋତେ ଲାଗୁଥାଏ ସତେ ଯେପରି ମୁଁ ରାଧାରାଣୀଙ୍କ ଚରଣରେ ଆଶ୍ରୟ ନେଇଛି। ପ୍ରତି ଅସୁବିଧାରେ ପ୍ରଭୁ ମୋତେ ସାହାଯ୍ୟ କରିଥାନ୍ତି।

କଷ୍ଟ୍ରକସନ୍ କାମ ବିଷୟରେ ମୋର କୌଣସି ଅଭିଜ୍ଞତା ନ ଥାଏ, କିନ୍ତୁ ଗୁରୁଦେବ ଯେହେତୁ ମୋତେ ଆଦେଶ ଦେଇଥିଲେ ମୋର ବିଶ୍ୱାସ ଥାଏ ଯେ ଗୁରୁଦେବ ମୋର ହୃଦୟରେ ରହି ମୋତେ ପ୍ରେରଣା ଦେବେ। ସୁଚାରୁ ରୂପରେ କାମ ଆଗେଇ ଚାଲିଥାଏ। ତା’ ଭିତରେ ଗ୍ରୀଷ୍ମ ଋତୁ ଆସି ଚାଲିଗଲା। ଆପଣମାନେ ଜାଣିଥିବେ ଶ୍ରୀ ବୃନ୍ଦାବନ ଧାମରେ କେତେ ଗରମ ହୁଏ। ତାହା ବି ମୋତେ ମୋର କାମରେ ବାଧା ଦେଇ ନ ଥିଲା। ଗୁରୁଦେବଙ୍କ କୃପାରୁ ଦିନଗୁଡ଼ିକ କେମିତି ଅତିକ୍ରମ କରିଯାଉଥିଲା ତାହା ମୁଁ ଜାଣିପାରୁ ନଥିଲି। ଗୁରୁଦେବ ଥରେ କହିଲେ ‘ନାରାୟଣ ତ ବ୍ରଜବାସୀ’ କଥାଟା ମୋତେ କେମିତି କେମିତି ଲାଗିଲା। କାହିଁ ଆକାଶ କାହିଁ ପାତାଳ, କାହିଁ ବାମନ କାହିଁ ଚନ୍ଦ୍ର, କାହିଁ ବ୍ରଜବାସୀ କାହିଁ ଏ ଅଧମ। କଥାଟା ମୋ ମନକୁ ପାଇଲା ନାହିଁ। ଗୁରୁଦେବଙ୍କର ବାକ୍ୟ ମିଥ୍ୟା ହୋଇ ନ ପାରେ। ଏ ଅଧମ କ’ଣ ବ୍ରଜରେ ବାସ କରିପାରିବ ? କିନ୍ତୁ ମୁଁ ଜାଣିଛି, ଗୁରୁଦେବଙ୍କ ବାକ୍ୟରେ ବା କୃପାରେ ଏତେ ଶକ୍ତିଥାଏ ଯେ ତାହା ପଙ୍ଗୁକୁ ବି ଗିରି ଅତିକ୍ରମ କରାଇ ଦେଇପାରେ।

ଯାହାହେଉ ଆଜି ଗୁରୁଦେବଙ୍କ କୃପାରୁ, ଶ୍ରୀମତୀ ରାଧାରାଣୀଙ୍କ କୃପାରୁ ଏବଂ ଆପଣଙ୍କ ସମସ୍ତ ଗୁରୁଭାଇ ଏବଂ ଗୁରୁଭଉଣୀମାନଙ୍କ କୃପାରୁ ଏବଂ ବରିଷ୍ଠ ବୈଷ୍ଣବମାନଙ୍କ କୃପାରୁ ବିନା ଅସୁବିଧାରେ ଏ ଅଧମ ଧାମରେ ବାସକରି ଚାଲିଛି। ଯେ ପର୍ଯ୍ୟନ୍ତ ଗୁରୁଦେବଙ୍କର କୃପା ତଥା ଆପଣମାନଙ୍କର କୃପା ମୋ ଉପରେ ଅଛି ମୁଁ ସେତିକି ଦିନ ପର୍ଯ୍ୟନ୍ତ ଏ ଧାମରେ ରହିପାରିବି ଅନ୍ୟଥା ନୁହେଁ। ଏ ପବିତ୍ର ତିଥି ଅବସରରେ ଶ୍ରୀରାଧାଶ୍ୟାମସୁନ୍ଦର ତଥା ଶ୍ରୀଜଗନ୍ନାଥଙ୍କ ଚରଣରେ ମୋର ଏତିକି ପ୍ରାର୍ଥନା ମୋର ଗୁରୁଦେବଙ୍କୁ ଦୀର୍ଘାୟୁ ପ୍ରଦାନ କରିବା ସହିତ ଶରୀରକୁ ସୁସ୍ଥ ରଖନ୍ତୁ।

*ଆପଣଙ୍କର ଅଧମ ଶିଷ୍ୟ*
***ନାରାୟଣ ଦାସ***
*ଭୁବନେଶ୍ୱର*

# ଶ୍ରୀ ରାଧେ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଶ୍ରୀଲ ପ୍ରଭୁପାଦ ତାଙ୍କର ଅନେକ ପ୍ରବଚନରେ କୁହନ୍ତି- ବୈକୁଣ୍ଠ ପ୍ରିୟ ଶୁଦ୍ଧ ଭକ୍ତଙ୍କର ଦର୍ଶନ ଓ ସଙ୍ଗ ଧାମରେ ସହଜରେ ମିଳେ ନାହିଁ। ଭବସାଗରରେ ପତିତ ଜୀବମାନଙ୍କର ଦୁଃଖ ଦେଖି ସହି ନ ପାରି ପ୍ରଭୁ ନିଜେ ପତିତପାବନ ଗୁରୁଙ୍କ ରୂପରେ ଓ ଜୀବମାନଙ୍କୁ ସିଦ୍ଧାନ୍ତ କରିବା ନିମନ୍ତେ ଏ ଧରାଧାମରେ ଅବତରଣ କରିଥାନ୍ତି।

ସେଥିପାଇଁ କୁହାଯାଏ ଯେ-

"ଗଙ୍ଗା ପାପଂ ଶଶୀ ତାପଂ ଦୈନ୍ୟଂ କଳ୍ପତରୁ ତଥା
ପାପ ଗପଂ ଚ ଦୈନ୍ୟଂ ଚ ହନ୍ତି ସାଧୁ ସମ୍ୟଗମଃ"

ହେ ଗୁରୁଦେବ ଏହଇ ଅଭାଗିନୀକୁ ଆପଣ ଶିଷ୍ୟା ଭାବରେ ଗ୍ରହଣ କରିଛନ୍ତି। ଏହି ଭବସାଗରରୁ ଉଦ୍ଧାର ହେବାପାଇଁ ରାସ୍ତା ଦେଖାଇଛନ୍ତି। ପିତାମାତା ଜନ୍ମ ଦେଇଥାନ୍ତି ଏବଂ ନିଜ ଭାଗ୍ୟ ଅନୁସାରେ ବଞ୍ଚିବା ପାଇଁ ଦେଇଥାନ୍ତି। କିନ୍ତୁ ଆପଣ ଗୁରୁଭାବରେ ଆସି ମୋର ପଥ ପ୍ରଦର୍ଶକ ହୋଇ ଉଚିତ୍ ରାସ୍ତାରେ ଚାଲିବା ପାଇଁ ବାଟ ଦେଖାଇଛନ୍ତି।

ଶ୍ରୀଲ ଗୁରୁଦେବ ଓ ବୈଷ୍ଣବମାନଙ୍କର ମୁଖରୁ ମୁଁ ଶ୍ରବଣ କରିଥିଲି ଯେ ଅନେକ ଜନ୍ମ ଭକ୍ତି ଉନ୍ମୁଖୀ ସୁକୃତି, ବୈଷ୍ଣବ ଓ ଭକ୍ତଙ୍କର କୃପାରୁ ଜୀବକୁ ଭକ୍ତି କରିବାକୁ ସୁଯୋଗ ମିଳେ ଓ ପ୍ରାମାଣିକ ଗୁରୁଙ୍କର ଦର୍ଶନ ଓ ସାନ୍ନିଧ୍ୟ ମିଳେ।

ଅନାଦିକାଳରୁ ଏ ସଂସାରରେ ଆମେ ଅନେକ ଗଭୀର ପରିବର୍ତ୍ତନ ଦେଖି ଆସିଛୁ। ସେ ପଶୁପକ୍ଷୀ ହେଉ ବା ତରୁଲତା ହେଉ କିମ୍ବା ଦେବତା ବା ମନୁଷ୍ୟ ଶରୀର ହେଉ ପ୍ରତ୍ୟେକ ଜନ୍ମରେ ମାତ, ପିତ, ପତି, ପୁତ୍ରଂ, ବନ୍ଧୁ ବାନ୍ଧବ ମିଳିଥାଏ। କିନ୍ତୁ ପ୍ରତ୍ୟେକ ଜନ୍ମରେ ଯେଉଁ ପରିବାର ସମ୍ବନ୍ଧ ମିଳେ ତାହା ବାସ୍ତବିକ ନୁହେଁ ଏକ ଜୀବାତ୍ମାର ବାସ୍ତବିକ ସମ୍ବନ୍ଧ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ ତାଙ୍କ ସହିତ ଯିଏ ପରିଚିତ କରେଇ ଦିଏ ସେ ହେଉଛନ୍ତି ଗୁରୁଦେବ।

ଆପଣଙ୍କର ଦିବ୍ୟ ଶ୍ରୀଚରଣରେ ସର୍ବଦା ମୋର ଏହି ଗୋଟିଏ ପ୍ରାର୍ଥନା ମୋର ମନରେ ଓ ହୃଦୟରେ ସର୍ବଦା ଆପଣଙ୍କର ଦିବ୍ୟ ଶ୍ରୀଚରଣରେ ସେବା ଓ ଭଗବାନଙ୍କ ପ୍ରତି ରୁଚି ଜାଗ୍ରତ ହେଉ ଓ ସେବା ମନୋବୃତ୍ତି ଭିତରେ ଅଧିକରୁ ଅଧିକ ବୃଦ୍ଧି ପ୍ରାପ୍ତ ହେଉ। କୌଣସି ପରିସ୍ଥିତିରେ ଏ ସେବା ମନୋବୃତ୍ତି ମୋ ଭିତରେ କ୍ଷୀଣ ନ ହେଉ ଏବଂ ଏହି ସେବା ମାଧ୍ୟମରେ ମୁଁ ମୋର ପ୍ରିୟ ଗୁରୁଦେବଙ୍କୁ କେମିତି ସନ୍ତୁଷ୍ଟ କରିପାରିବି ଏତିକି ମୋର ଭଗବାନ କୃଷ୍ଣଙ୍କର ଚରଣକମଳରେ ପ୍ରାର୍ଥନା।

ହେ ଗୁରୁଦେବ ! ଆପଣଙ୍କର ଗୁଣ ଅସୀମ ଅନନ୍ତ। ମୋର ଶକ୍ତି ସାମର୍ଥ୍ୟ ନାହିଁ ଆପଣଙ୍କ ଗୁଣଗାନ କରିବା ପାଇଁ କିଛି ତ୍ରୁଟି ଥିଲେ କ୍ଷମା ପ୍ରଦାନ କରିବେ।

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହେରେ ହରେ।

*ଆପଣଙ୍କ ଅଧମା ଦାସୀ*
***ନର୍ମଦା ନାହାକ***
*ନିମଖଣ୍ଡି ନାମହଟ୍ଟ କେନ୍ଦ୍ର*

# ଗୁରୁ-କୃଷ୍ଣଙ୍କ ଆନନ୍ଦ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମାରାଧ୍ୟ ଗୁରୁଦେବ ଆପଣଙ୍କ ଏହି ୭୨ତମ ଶୁଭ ଆବିର୍ଭାବ ତିଥି ଅବସରରେ ଆପଣଙ୍କ ଶ୍ରୀଚରଣରେ ମୋର ଶତକୋଟି ଦଣ୍ଡବତ ପ୍ରଣାମ। ହେ ଗୁରୁଦେବ ଆପଣଙ୍କ ପରି ଗୁରୁଙ୍କ ଗୁଣକୀର୍ତ୍ତନ କରିବାର ଏ ଅଧମା ଶିଷ୍ୟାର କୌଣସି ମଧ୍ୟ ଯୋଗ୍ୟତା ନାହିଁ। ତଥାପି ଦୁଃସାହାସ କରୁଛି- ଜଣେ ଶିଷ୍ୟ କିମ୍ବା ଶିଷ୍ୟାଙ୍କ ହୃଦୟ ଶୁଦ୍ଧ ହୁଏ କେବଳ ମାତ୍ର ଶୁଦ୍ଧବୈଷ୍ଣବମାନଙ୍କ ଗୁଣକୀର୍ତ୍ତନ କରିବା ଦ୍ୱାରା।

ତୃଣା ଦପି ସୁନିଚେନ ତରୋରପି ସହିଷ୍ଣୁନା।
ଅମାନିନ ମାନଦେନ କୀର୍ତନୀୟ ସଦାହରିଃ ॥

ବିନମ୍ର ହୋଇ ଭଜନ ସାଧନ କରି ଭକ୍ତିରେ ଦୃଢ଼ତାର ସହିତ ଗୁରୁନିଷ୍ଠା ରହିବା ଦରକାର। ନିଜର ଶୁଦ୍ଧତା ପାଇଁ ନମ୍ରତାର ସହିତ ଗୁରୁ ଓ ଗୌରାଙ୍ଗଙ୍କ ପ୍ରୀତାର୍ଥେ ସେବା କରିବା ଦରକାର ଯାହା ଫଳରେ ଆମ ମନ ଓ ଚିତ୍ତ ଶୁଦ୍ଧ ହୋଇପାରିବ। ଶିଷ୍ୟ ହୋଇ ରହିବା ଅର୍ଥ ନିତ୍ୟ ଜିନିଷ ତଥା ନିତ୍ୟ ଭାବେ ସେବା କରିବା, ମୁଁ ଗୁରୁଙ୍କ ବାଣୀ କିପରି ଭାବେ ସେବା କରିପାରିବି। ଗୁରୁଙ୍କ ମୁଖରୁ କୃଷ୍ଣଙ୍କ କଥା ଶ୍ରବଣ କରିବା, ଗୁରୁଙ୍କୁ ନିଷ୍ଠାର ସହିତ ଚିନ୍ତା କରିବା ଶିଷ୍ୟର କର୍ତ୍ତବ୍ୟ। ବ୍ୟକ୍ତିର ଏ ଦୁର୍ଲଭ ସୁଯୋଗଟିକୁ ହାତମୁଠାରେ ରଖିବା ଉଚିତ ଏହା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ନିଜର ସୁଖ ନ ଚାହିଁ ଗୁରୁ ଓ ଗୌରାଙ୍ଗଙ୍କ ସୁଖ ଚାହିଁବା ଦରକାର।

କୃଷ୍ଣ ପ୍ରେମେର ଏଇ ଏକ ଅପୂର୍ବ ପ୍ରଭାବ।
ଗୁରୁ-ସମ- ଲଘୁକେ କରାୟ ଦାସ୍ୟ ଭାବ ॥

ଆମେ ଗୁରୁଙ୍କଠାରେ ଶରଣାଗତ ଦାସ ହୋଇ ରହିବା, ମୁଁ 'ଦାସ' ଏହାକୁ ମନରେ ଭାବି କୃଷ୍ଣଙ୍କର ଓ ଗୁରୁଙ୍କର ସେବା କରିବା ଓ ଆମର ସମସ୍ତ କାର୍ଯ୍ୟ ଗୁରୁ ଓ କୃଷ୍ଣଙ୍କ ଆନନ୍ଦ ନିମିତ୍ତ ହେବା ଉଚିତ।

ହେ ଗୁରୁଦେବ ଆଜିର ଏହି ଶ୍ରାବଣ କୃଷ୍ଣ ତୃତୀୟା ତିଥି, ଆପଣଙ୍କର ଶୁଭ ଆବିର୍ଭାବ ଉତ୍ସବରେ ମୁଁ ଶ୍ରୀଶ୍ରୀ ରାଧାକାନ୍ତଙ୍କୁ ଏହି ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ନିରାମୟ, ସୁସ୍ଥ ଶରୀରର ଓ ଦୀର୍ଘାୟୁ କରନ୍ତୁ।

*ଆପଣଙ୍କ ଅଧମା ଶିଷ୍ୟା*
***ନେତ୍ର ମଞ୍ଜରୀ ଦେବୀଦାସୀ***
*ରାଧାରାଧାକାନ୍ତ ନାମହଟ୍ଟ କେନ୍ଦ୍ର ନିମଖଣ୍ଡି*

# ମାତାପିତାଙ୍କ ସ୍ନେହ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ପୂଜ୍ୟ ଗୁରୁଦେବ ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ଦିବସରେ ଆପଣଙ୍କ ଚରକମଳରେ ଏ ଅକିଞ୍ଚନ ଦାସୀର କୋଟି କୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କ ବ୍ୟାସପୂଜା ଉପଲକ୍ଷେ ଉପସ୍ଥ ସାଧୁ, ସନ୍ନ୍ୟାସୀ, ଗୁରୁ ବୈଷ୍ଣବ, ବୈଷ୍ଣବୀ ଓ ଭକ୍ତ ସଜ୍ଜନ ବୃନ୍ଦଙ୍କୁ ପ୍ରଣାମ।

ହେ ମୋର ଗୁରୁଦେବ ଆପଣଙ୍କ ଭଳି ଶୁଦ୍ଧସାଧୁ ବୈଷ୍ଣବଙ୍କ ଗୁଣଗାନ କରିବାକୁ ମୋଭଳି ପତିତ ଏ ଅଧମ ଶିଷ୍ୟର ଯୋଗ୍ୟତା ନାହିଁ, ଏହି ସଂସାର ବନ୍ଧନରେ ଛଟପଟ ହେଉଥିବା ମୋ ଭଳି ପତିତ ବଦ୍ଧ ଜୀବକୁ ଆପଣଙ୍କ ପାଦପଦ୍ମରେ ଆଶ୍ରୟ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

ଜଣେ ମା' ଯେପରି ତା'ର ସ୍ନେହ ପ୍ରେମ ଦେଇ ତା' ସନ୍ତାନର ଲାଳନପାଳନ କରେ ସେ କେମିତି ରହିବ, ଖାଇବ ସବୁବେଳେ ଚିନ୍ତାକରେ। ଠିକ୍ ସେହିପରି ଗୁରୁଦେବ ଆପଣ ଆମ୍ଭମାନଙ୍କର ମା' ଆଉ ବାପା। ପୁରୀରେ ଯେତେବେଳେ ବ୍ୟାସପୂଜା ଚାଲିଥାଏ, ସେତେବେଳେ ପ୍ରବଳମାତ୍ରାରେ ବର୍ଷା ହେଉଥାଏ। ବ୍ୟାସ ପେଣ୍ଡାଲଠାରୁ କିଛି ଦୂରରେ ଆମ୍ଭମାନଙ୍କର ରହିବା ବ୍ୟବସ୍ଥା ହୋଇଥାଏ। ଆପଣ ସବୁବେଳେ ଖବର ନିଅନ୍ତି ଯେ ଆମ୍ଭମାନଙ୍କର ଯିବା ଆସିବାର କୌଣସି ଅସୁବିଧା ହେଉନାହିଁ ତ, ଠିକ୍ ସମୟରେ ପ୍ରସାଦ ପାଇବା ପାଇଁ ଅସୁବିଧା ହେଉନାହିଁ ତ ତା'ର ମଧ୍ୟ ଖବର ନିଅନ୍ତି।

କୌଣସି ଧାମ ଯାତ୍ରା କରିବା ଏବଂ ଗୁରୁଙ୍କ ସଙ୍ଗ ଲାଭ କରିବା ସହିତ ସେହି ଧାମର ମହିମା ଏବଂ ହରିକୀର୍ତ୍ତନ ଗୁରୁଙ୍କ ମୁଖରୁ ଶ୍ରବଣ କରିବା ତା'ଠାରୁ ପରମ ସୌଭାଗ୍ୟ ଆନନ୍ଦ ଆଉ କିଛି ନାହିଁ।

ଗୁରୁଦେବ ଆଜି ଏହି ପବିତ୍ର ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଶିଷ୍ୟା ଶ୍ରୀଶ୍ରୀ ଜଗନ୍ନାଥ, ମା' ସୁଭଦ୍ରା, ରାଧାଶ୍ୟାମସୁନ୍ଦର, ନୃସିଂହଦେବ, ଗୌର ନିତାଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛି କି ସେ ଆପଣଙ୍କୁ ସଦାସର୍ବଦା ସୁସ୍ଥ ରଖନ୍ତୁ ଓ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ। ହେ ପରମପୂଜ୍ୟ ଗୁରୁଦେବ ମୋତେ କୃପା କରନ୍ତୁ ଆପଣଙ୍କର ଅହୈତୁକି କୃପା ବଳରେ ମୋର ଏହି ଭକ୍ତିଲତା ବୀଜ ଅଧିକରୁ ଅଧିକ ବୃଦ୍ଧିପ୍ରାପ୍ତ ହେଉ।

*ଆପଣଙ୍କର ଚରଣାଶ୍ରିତ ଅଧମ ଶିଷ୍ୟା*
***ପରାପକୃତି ଦେବୀଦାସୀ***
*ଇସ୍କନ, ଢେଙ୍କାନାଳ*

# ବୈଷ୍ଣବଙ୍କ ସେବା କିପରି କରିବାକୁ ହୁଏ ତାହା ଶିକ୍ଷା ପ୍ରଦାନ କଲେ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା
ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥

ହେ ମୋର ପରମ ପୂଜ୍ୟ ଗୁରୁଦେବ, ଆପଣଙ୍କର ଆର୍ବିଭାବ ତିଥିରେ ଏ ଦାସ ଅଧମର ଦଣ୍ଡବତ ପ୍ରଣାମ ଗ୍ରହଣ କରିବେ। ଆପଣ ଗୌରାଙ୍ଗ ମହାପ୍ରଭୁ ଓ ନିତ୍ୟାନନ୍ଦ ପ୍ରଭୁଙ୍କ ପ୍ରିୟଜନ, ଯଦିଓ ଆପଣଙ୍କର ଗୁଣ ଗାନ ଅସୀମ ଅଟେ, ଏହି ଅସୀମ ଗୁଣରୁ ମୁଁ କିଛି ବର୍ଣ୍ଣନା କରିବାକୁ ଚେଷ୍ଟା କରୁଛି। ମନ୍ଦିର ପରିଚାଳକ ଭାବେ ଅନେକ ସୁବିଧା ଅସୁବିଧା ଆସୁଥାଏ, ତାହା ମଧ୍ୟରେ ଆପଣ ଥରେ ବୈଷ୍ଣବ ସେବା କିପରି କରିବାକୁ ହେବ ତାହା ଶିକ୍ଷା ପ୍ରଦାନ କରିଥିଲେ। ଆଜିକୁ କିଛି ମାସ ପୂର୍ବେ ଶ୍ରୀଶ୍ୟାମାନନ୍ଦ ପ୍ରଭୁ ମନ୍ଦିରକୁ ଆସିଥିଲେ। ଯଦିଓ ସମାନେ ପୂର୍ବରୁ ଜଣାଇଥିଲେ, ମୁଁ ମଧ୍ୟ ସେଥିପାଇଁ ପ୍ରସ୍ତୁତ ଥିଲି। କିନ୍ତୁ କିଛି ଭୁଲ ବୁଝାମଣା ଯୋଗୁଁ ଠିକ୍ ଭାବେ ସେବା ହୋଇ ପାରି ନଥିଲା। ସେଥିପାଇଁ ମୋହନ କୃଷ୍ଣ ପ୍ରଭୁ ଓ ମୋ ମଧ୍ୟରେ ମତଭେଦ ହେଲା। ଯେଉଁ ଦିନ ପ୍ରଭୁଜୀ ଆସି ପହଞ୍ଚିଲେ, ଯଦିଓ ମୁଁ ତାଙ୍କୁ ଆଣିବାକୁ ଷ୍ଟେସନ୍ ଯାଇଥିଲି, ଟ୍ରେନ୍ ପାଖାପାଖି ୧ ଘଣ୍ଟା ୪୫ ମିନିଟ୍ ବିଳମ୍ବରେ ଚାଲୁଥିଲା। ମୁଁ ଭାବିଲି, ସେମାନେ ଆସିଲେ ରାଜଭୋଗ ପ୍ରସାଦ ନେବେ, ସେଦିନ ମଧ୍ୟ ପାଗ ଖରାପ ଥିଲା। ସକାଳେ ମନ୍ଦିରରେ ପଖାଳ ପ୍ରସାଦ ହୋଇଥିଲା, ମୁଁ ସେଥିପାଇଁ ସକାଳର ପ୍ରସାଦ ରଖି ନଥିଲି। ଯେତେବେଳେ ମୁଁ ୧୦ଟା ସମୟରେ ମନ୍ଦିରରୁ ବାହାରିଲି ପ୍ରଭୁଜୀଙ୍କୁ ଆଣିବା ପାଇଁ, ମୁଁ ଟେମ୍ପଲ କମାଣ୍ଡରଙ୍କୁ ପଚାରିଲି, ପ୍ରଭୁ କେତେ ନମ୍ବର ରୁମରେ ରହିବେ ଓ ସେ କହିଲେ ୧୦ ନମ୍ବର ରୁମରେ ରହିବେ। ମୁଁ ଯେତେବେଳେ ଆସି ମନ୍ଦିରରେ ପହଞ୍ଚିଲି ସେତେବେଳକୁ ପାଖାପାଖି ୧୧:୪୫ ହୋଇଯାଇଥିଲା ଓ ଟେମ୍ପଲ କମାଣ୍ଡର କହିବା ଅନୁସାରେ ମୁଁ ତାଙ୍କୁ ୧୦ ନମ୍ବର ରୁମକୁ ଯିବାକୁ କହିଲି। କିନ୍ତୁ ପ୍ରଭୁଙ୍କ ସେବକ କହିଲେ, ସେ ରୁମଟି ସଫା ନାହିଁ। ମୁଁ ଆମ ମନ୍ଦିର ଭକ୍ତ ହିରେନ ପ୍ରଭୁଙ୍କୁ ସଫା କରିବା ପାଇଁ ପଠାଇଲି। କିନ୍ତୁ ପ୍ରଭୁଜୀଙ୍କ ସେବକ କହିଲେ, ମୁଁ କରିଦେବି ଓ ପରବର୍ତ୍ତୀ ସମୟରେ ସେ, ମୋହନକୃଷ୍ଣ ପ୍ରଭୁଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ। ଯାହା ଫଳରେ ମୋହନକୃଷ୍ଣ ପ୍ରଭୁ ଓ ମୋ ଭିତରେ ମତ ଭେଦ ହେଲା। ତାହା ସମାଧାନ ପାଇଁ ଗୁରୁଦେବଙ୍କୁ ପାଖକୁ ଗଲା। ଶ୍ରୀଲ ଗୁରୁଦେବ ସବୁ ଶ୍ରବଣ କଲା ପରେ ମଧ୍ୟ, ସେ ମୋତେ ପଚାରିଥିଲେ -

ପ୍ରଥମ ପ୍ରଶ୍ନ - ତୁମେ ରୁମ ଦେବା ପୂର୍ବରୁ ରୁମ ଦେଖିଥିଲ କି ନାହିଁ?

ଦିତୀୟ ପ୍ରଶ୍ନ - ତାଙ୍କ ପାଇଁ କାହିଁକି ସକାଳର ପ୍ରସାଦ ରଖି ନ ଥିଲ?

ମୁଁ ଉତ୍ତର ଦେଇଥିଲି, ଗୁରୁଦେବ ଟ୍ରେନ ପାଖାପାଖି ୧ ଘଣ୍ଟା ୪୫ ମିନିଟ୍ ବିଳମ୍ବରେ ଚାଲୁଥିଲା। ମୁଁ ଭାବିଲି, ସେମାନେ ଆସିଲେ ରାଜଭୋଗ ପ୍ରସାଦ ପାଇବେ।

ତୃତୀୟ ପ୍ରଶ୍ନ - ତୁମେ ତାଙ୍କୁ ସକାଳରେ ପ୍ରସାଦ ବିଷୟରେ ପଚାରି ଥିଲ କି ନାହିଁ?

ମୁଁ ମନା କଲି। ମୁଁ ଭାବିଥିଲି ସେ ମଧ୍ୟାହ୍ନରେ ନେବେ। ଗୁରୁଦେବ ଆପଣ କହିଥିଲେ, ତୁମେ ମନେମନେ ଭାବିଦେଲେ ହେବ ନାହିଁ।

ଏହା ବାସ୍ତବିକ ବୈଷ୍ଣବ ଅପରାଧ ଅଟେ। ମୁଁ ସେତେବେଳେ ଭାବୁଥିଲି, ମୁଁ ଠିକ୍ ଅଛି ବୋଲି କିନ୍ତୁ ଆପଣଙ୍କର ପାଖରୁ ସେଦିନ ମୁଁ ଶିକ୍ଷା କଲି, ଯେଉଁ ବୈଷ୍ଣବମାନେ ଭଗବତ୍

ସେବାରେ ନିଯୁକ୍ତ ଅଛନ୍ତି, ସେମାନେ ମହାନ ଅଟନ୍ତି ଏବଂ ବୈଷ୍ଣବ ସେବା କିପରି କରିବାକୁ ହେବ। ବୈଷ୍ଣବ ଅପରାଧ ସମ୍ବନ୍ଧରେ ଶ୍ରୀମଦ୍ ଭାଗବତ ୧୦.୦୪.୪୬ରେ କୁହାଯାଇଛି-

ଆୟୁ: ଶ୍ରିୟଂ ଯଶୋ ଧର୍ମଂ ଲୋକାନାଶିଷ ଏବ ଚ।
ହନ୍ତି ଶ୍ରେୟାଂସି ର୍ସାଣି ପୁଂସୋ ମହଦତିକ୍ରମଃ ॥୪୬॥

ଅନୁବାଦ- କେହି ଯେତେବେଳେ କୌଣସି ମହାତ୍ମାଙ୍କ ପ୍ରତି ଦୁର୍ବ୍ୟବହାର କରନ୍ତି ସେତେବେଳେ, ତାଙ୍କର ଆୟୁ, ଐଶ୍ୱର୍ଯ୍ୟ, ଯଶ, ଧର୍ମ, ସମ୍ପତ୍ତି ଓ ସୌଭାଗ୍ୟ, ସବୁ କିଛି ନଷ୍ଟ ହୋଇଯାଏ। ବୈଷ୍ଣବମାନଙ୍କର ଭଲ ଭାବେ ସେବା କଲେ ଜଣେ ଭକ୍ତିରେ ଅଗ୍ରସର କରିବ ଏବଂ ଭଗବାନ୍ ତାଙ୍କ ଉପରେ ପ୍ରସନ୍ନ ହେବେ।

ସ୍କନ୍ଧ ପୁରାଣ -

ବିଷ୍ଣୁମ୍ ଉଦ୍ଦିଶ୍ୟ ଯତ୍ କିଞ୍ଚିତ୍ ବିଷ୍ଣୁ ଭକ୍ତାୟ ଦିୟତେ
ଦାନମ୍ ତଭି ମଲାର୍ହଃ ପ୍ରୋକ୍ତଂ କେବଲଂ ମୋକ୍ଷ ସାଧନମ୍ ॥

*ହରି ଭକ୍ତି ବିଳାସ (୧୧.୬୪)*

ଭଗବାନ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ବିଷ୍ଣୁ ଭକ୍ତଙ୍କୁ ଦିଆ ଯାଇଥିବା ଯେ କୌଣସି ବସ୍ତୁ ମୁକ୍ତି ପ୍ରଦାନ କରିଥାଏ।

ମୁକ୍ତାନାମପି ସିଦ୍ଧାନାଂ ନାରାୟଣପରାୟଣଃ ।
ସୁଦୁର୍ଲଭଃ ପ୍ରଶାନ୍ତାତ୍ମା କୋଟିଷ୍ଣୁ ଅପି ମହାମୁନେଃ ॥

*(ଶ୍ରୀ. ଭା.- ୬.୧୪.୫ )*

ହେ ମହର୍ଷି କୋଟି କୋଟି ମୁକ୍ତ ଏବଂ ସିଦ୍ଧି ପୁରୁଷ ମଧ୍ୟରେ ଜଣେ ନାରାୟଣ ଭକ୍ତ ବା କୃଷ୍ଣ ଭକ୍ତ ମିଳି ପାରନ୍ତି। ଏ ପ୍ରକାର ଭଗବତ୍ ଭକ୍ତ ଅତ୍ୟନ୍ତ ଦୁର୍ଲ୍ଲଭ। ବୈଷ୍ଣବଙ୍କ ପଦ ଜ୍ଞାନୀମାନଙ୍କ ଠାରୁ ଉର୍ଦ୍ଧ୍ୱରେ, ତେଣୁ ଅଦ୍ୱୈତ ଆର୍ଚ୍ଚର୍ଯ୍ୟ ଦାନ ପ୍ରଦାନ କରିବା ପାଇଁ ହରିଦାସ ଠାକୁରଙ୍କୁ ଉପଯୁକ୍ତ ପାତ୍ର ବୋଲି ମନେ କରିଥିଲେ। ଶ୍ରୀମଦ୍ ଭାଗବତ ୧.୨.୧୬ରେ କୁହାଯାଇଛି ବୈଷ୍ଣବ ସେବା କଲେ, ହୃଦୟରେ ବାସୁଦେବଙ୍କ କଥା ପ୍ରତି ପ୍ରୀତି ଉତ୍ପନ୍ନ ହୁଏ।

ସେଦିନ ଆପଣ ବୈଷ୍ଣବ ସେବା କିପରି କରିବାକୁ ହୁଏ ମୋତେ ଯେଉଁ ଶିକ୍ଷା ଦେଇଥିଲେ, ତାହା ମୋ ପାଇଁ ବହୁତ ବଡ଼ ଶିକ୍ଷା ଅଟେ। ଗୁରୁଦେବ, ଅନେକ ସମୟରେ ବହୁତ ଜିନିଷ ଗ୍ରହଣ କରିହୁଏ ନାହିଁ, ଏହି ଭୌତିକ ଜଗତ ବଡ଼ ଭୟଙ୍କର ଅଟେ। ଆପଣଙ୍କର କୃପାରୁ ଯେତେ ବିପଦ ଆସିଲେ ବି ମୁଁ ଆପଣଙ୍କର କୃପା ବଳରେ ବଞ୍ଚି ଯାଉଛି। ଆପଣଙ୍କର ଚରଣରେ ମୋତେ କ୍ଷୁଦ୍ର ଅଣୁ ସ୍ୱରୂପ ସ୍ଥାନ ଦେଇଥାନ୍ତୁ, କିପରି ଆପଣଙ୍କର ଚରଣରେ ରହି ଆପଣଙ୍କୁ ପ୍ରସନ୍ନ କରି ପାରିବି ଏହି ଆପଣଙ୍କର ଚରଣରେ ମୋର ବିନିତ ପ୍ରାର୍ଥନା।

*ଆପଣଙ୍କର ନିତ୍ୟ ସେବକ*
***ପୁରୁଷୋତ୍ତମ ଦାସ***
*ଇସ୍କନ୍ ଅନୁଗୁଳ*

# ସମୟ ଅପେକ୍ଷାରେ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ପରପ ପୂଜ୍ୟ ଗୁରୁଦେବ! ଆପଣଙ୍କ ଶ୍ରୀଚରଣ କମଳରେ କୋଟିକୋଟି ଦଣ୍ଡବତ ପ୍ରଣାମ। ଆଜି ଏହି ୭୨ତମ ବ୍ୟାସପୂଜା ଉତ୍ସବରେ ଆପଣଙ୍କର ଚରଣାଶ୍ରୀତା ଅଜ୍ଞାନୀ ଶିଷ୍ୟା ଶ୍ରୀଶ୍ରୀ ରାଧାଶ୍ୟାମ ସୁନ୍ଦରଙ୍କ ଏବଂ ଶ୍ରୀଶ୍ରୀ ଜଗନ୍ନାଥ, ବଳଦେବ, ସୁଭଦ୍ରା ମହାରାଣୀଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛି ମୋର ଗୁରୁଦେବଙ୍କୁ ଦୀର୍ଘାୟୁ ଏବଂ ସୁସ୍ଥ ରଖନ୍ତୁ।

ଆପଣଙ୍କର ତ ଅନେକ ଗୁଣାବଳୀ ଅଛି, ଯେତେ କହିଲେ ବି ସରିବ ନାହିଁ, ଆପଣ ହେଉଛନ୍ତି ସୁଦ୍ଧ, ପବିତ୍ର ଓ ମହାନ୍, କେତେ କେତେ ଜନ୍ମର ପୂଣ୍ୟଫଳ ହେତୁ ଆମେ ଦୁଇଜଣ ଆପଣଙ୍କ ଭଳି ସଦ୍‌ଗୁରୁଙ୍କୁ ପ୍ରାପ୍ତ ହୋଇ ନିଜ ଜୀବନକୁ ଧନ୍ୟ ମନେକରୁଛୁ। ମୋ ଭଳି ଜଣେ ଦୀନ, ହୀନା ଅଧମା ଦାସୀ ଆପଣଙ୍କର ଗୁଣଗାନ କରିବାକୁ କୌଣସି ଯୋଗ୍ୟତା ନ ଥାଇ ମଧ୍ୟ ଆପଣଙ୍କର କୃପାଭିକ୍ଷା କରୁଛି।

ଆମର ମନେଅଛି ତିନିବର୍ଷ ପୂର୍ବରୁ ଆପଣ ରେମୁଣା ଇସ୍କନ୍ ମନ୍ଦିରକୁ ଆସିଥିଲେ। ଏହି ସୁଯୋଗରେ ଆପଣଙ୍କୁ ଦର୍ଶନ କରିବାକୁ ଯାଇଥିଲୁ। ଆପଣ ଆମକୁ ପଚାରିଥିଲେ ଭକ୍ତି ଠିକ୍‌ଠାକ୍ ଚାଲିଛି ତ ?

ସବୁଦିନ ଗୀତା, ଭାଗବତ ଅଧ୍ୟୟନ କରୁଥିବା ସହିତ ଗୁରୁଦେବଙ୍କ ଓ ଶ୍ରୀଲ ପ୍ରଭୁପାଦ ମହାରାଜଙ୍କ ପ୍ରବଚନ ଶ୍ରବଣ କରୁଥିବ ! ଠିକ୍ ସେହିଦିନଠାରୁ 'ଗୁରୁଦେବ ଉବାଚ' Device ଓ You tube ମାଧ୍ୟମରେ ଶାସ୍ତ୍ରବାଣୀ ଆପଣଙ୍କ ପଦ୍ମମୁଖରୁ ଶ୍ରବଣ କରୁଥିଲୁ ।

ଏହାର କିଛିଦିନ ପରେ ଅନୁଗୋଳ ମନ୍ଦିରରୁ Message ପାଇଲୁ Telegram Channel ମାଧ୍ୟମରେ "ଗୁରୁମୁଖ ପଦ୍ମବାକ୍ୟ' ପ୍ରସାରଣ ହେବ, ଏହି ଖବର ଆମକୁ ବହୁତ ଆନନ୍ଦିତ କରିଥିଲା । ପ୍ରସାରଣ ହେବା ଦିନଠାରୁ ପ୍ରତିଦିନ ସମୟକୁ ଅପେକ୍ଷା କରିଥାଉ କିପରି ଆପଣଙ୍କ ଶ୍ରୀମୁଖରୁ ଭଗବାନଙ୍କ କଥା ଶ୍ରବଣ କରିବୁ । ଜୀବନର ଶେଷ ପର୍ଯ୍ୟନ୍ତ ଏ ପାପୀ ଦୁଇଜଣଙ୍କ ଉପରେ ଆପଣଙ୍କ କୃପା ଏବଂ ଆଶିର୍ବାଦ ରହିଥାଉ । ଏଭଳି ଭାବରେ କୃପା କରନ୍ତୁ ଯେପରି ଆମେ ଶୁଦ୍ଧ ଭକ୍ତିକୁ ପ୍ରାପ୍ତ ହୋଇପାରିବୁ ।

ସ୍ୱଳ୍ପବୁଦ୍ଧିରେ ଆପଣଙ୍କର ଶ୍ରୀଚରଣ କମଳରେ ଯଦି କିଛି ଭୁଲ ହୋଇଥାଏ ଆପଣଙ୍କ ପାଦପଦ୍ମରୁ ଆମକୁ ଦୂରେଇ ଦେବେ ନାହିଁ, ସେଥିପାଇଁ ଆମକୁ କାନଧରି ଶାସ୍ତି ଦେବେ ।

*ଆପଣଙ୍କର ଚରଣାଶ୍ରିତ*

***ପ୍ରିୟବ୍ରତ ଦାସ, ମହାଭାବମୟୀ ଦାସୀ***

*ବାଲେଶ୍ୱର*

# ଶ୍ରୀଗୁରୁକୃଷ୍ଣଙ୍କର ଦର୍ଶନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**

**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁମହାରାଜ । ଆଜି ଆପଣଙ୍କର ପବିତ୍ର ବ୍ୟାସପୂଜା ତିଥିରେ ଶ୍ରୀଶ୍ରୀ ରାଧା ଶ୍ୟାମସୁନ୍ଦରଙ୍କ ଆଶୀର୍ବାଦ ଭିକ୍ଷା କରି ଆପଣଙ୍କ ଚରଣ କମଳରେ, ଅଧମ ଦାସୀର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ । ଆପଣଙ୍କ ବିଷୟରେ କିଛି ଲେଖିବାକୁ ମୋର କିଛି ଯୋଗ୍ୟତା ନାହିଁ । ତଥାପି କିଛି ଲେଖୁଛି ।

ଗୁରୁଦେବ, ଆପଣଙ୍କୁ ସର୍ବପ୍ରଥମେ ବୃନ୍ଦାବନର ଇସ୍କନ ମନ୍ଦିରର ପ୍ରଭୁପାଦଙ୍କ କକ୍ଷ ସମ୍ମୁଖରେ ମୋ ସ୍ୱାମୀ ଦର୍ଶନ କରିଥିଲେ । ଆପଣଙ୍କୁ ଦର୍ଶନ କଲାମାତ୍ରେ ମୋ ସ୍ୱାମୀଙ୍କ ମନରେ ଆପଣଙ୍କଠୁ ଶିଷ୍ୟତ୍ୱ ଗ୍ରହଣ କରିବାର ଇଚ୍ଛା ସହ ଦୃଢ଼ ନିଷ୍ପତ୍ତି ନେଇଥିଲେ କି ଯଦି ସେ ଦୀକ୍ଷା ନେବେ ତେବେ ଆପଣଙ୍କଠାରୁ ହିଁ ଦୀକ୍ଷା ନେବେ । ମୁଁ ସେହି ସମୟରେ ଆପଣଙ୍କର ଦର୍ଶନରୁ ବଞ୍ଚିତ ହୋଇଥିଲି । ଆପଣଙ୍କ ଦର୍ଶନ ପରେ ମୋ ସ୍ୱାମୀଙ୍କର ପରିବର୍ତ୍ତନ ଦେଖି ମୋ ମନରେ ଆପଣଙ୍କୁ ଦର୍ଶନ କରିବା ପାଇଁ ବ୍ୟାକୁଳତା ବଢ଼ିଯାଇଥିଲା । ତା'ପରେ ସୂର୍ଯ୍ୟକୁଣ୍ଡ ମାତାଜୀ ଯେତେବେଳେ କହିଲେ ଗୁରୁଦେବ ରାଉରକେଲା ଆସୁଛନ୍ତି, ମୋ ମନରେ ଆନନ୍ଦର ଲହରି ଖେଳିଯାଇଥିଲା । ହେ ମୋର ପ୍ରିୟ ଗୁରୁଦେବ ଆପଣ ହେଉଛନ୍ତି ଅନ୍ତର୍ଯ୍ୟାମୀ । ମୋ ହୃଦୟର ବ୍ୟାକୁଳତା ବୁଝି, ମୋତେ ରାଉରକେଲା ଆସି ଆପଣ ଦର୍ଶନ ଦେଇଥିଲେ । ମୋତେ ଏମିତି ଲାଗିଲା ଯେମିତି ଭଗବାନ ଆସି ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଆପଣଙ୍କର ମୁଖନିଃସୃତବାଣୀ ମୋତେ ସବୁବେଳେ ଭଗବାନଙ୍କ ଭକ୍ତି ଓ ପ୍ରଚାର କାର୍ଯ୍ୟରେ ଉଲ୍ଲସିତ କରୁଥାଏ । ଆପଣଙ୍କର ଦର୍ଶନ ବଳରେ ମୋ ସ୍ୱାମୀଙ୍କର ହୃଦୟର ପରିବର୍ତ୍ତନ, ଭକ୍ତିର ଅଗ୍ରଗତି ହୋଇଥିଲା । ଯାହାକି ମୋ ଭକ୍ତିକୁ ସରଳତାପୂର୍ଣ୍ଣ ଆଗକୁ ବଢ଼ାଇଲା ।

ଶେଷରେ ହେ ଗୁରୁଦେବ । ଏତିକି ବିନମ୍ର ଅନୁରୋଧ ମୋତେ ପାପୀ ଜୀବନରୁ ଭକ୍ତି ମାର୍ଗକୁ ଆଣିବାପାଇଁ ଯେ ମଧ୍ୟ କିଞ୍ଚିତ ପ୍ରୟାସ କରିଛନ୍ତି ଏବଂ ବିଶେଷକରି ଯେଉଁ ବୈଷ୍ଣବ ଭକ୍ତଗଣ ଆପଣଙ୍କ ଚରଣରେ ଶରଣାପନ୍ନ ହେବା ନିମନ୍ତେ ଅଶେଷ ସହଯୋଗ କରିଛନ୍ତି ହେ ଅନ୍ତର୍ଯ୍ୟାମୀ ଗୁରୁଦେବ, ସେହି ବୈଷ୍ଣବଙ୍କ ଉପରେ ଏବଂ ମୋ ପରି ପାପିନୀକୁ କୃପା ଚକ୍ଷୁରେ ରଖିବେ ଯେମିତି ମନ ଆପଣଙ୍କ ଚରଣ କମଳରେ ସର୍ବଦା ଲାଗିରହି ଅପାର କୃଷ୍ଣ ପ୍ରେମ ପ୍ରାପ୍ତିହେଉ ।

ମୁଁ ଶ୍ରୀଶ୍ରୀଶ୍ୟାମସୁନ୍ଦରଙ୍କ ଆଗରେ ପ୍ରାର୍ଥନା କରୁଛି ସେ ଯେମିତି ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ ଓ ଆପଣଙ୍କ ଶ୍ରୀମୁଖରେ ଏହିପରି ହସ ଫୁଟୁଥାଉ ।

*ଆପଣଙ୍କର ଶ୍ରୀଚରଣାଶ୍ରିତ*

***ପ୍ରାଣବଲ୍ଲଭର ଦେବୀଦାସୀ, କୃଷ୍ଣ କମଳ ଦାସ***

*ରାଉରକେଲା*

# ଆପଣ ଜଣେ ଶୁଦ୍ଧ ଭକ୍ତ, ମୁଁ ଆପଣଙ୍କ ଆଦେଶ ପାଇଁ ଅପେକ୍ଷାରତ

ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥

ଶ୍ରୀଲ ପ୍ରଭୁପାଦ କି ଜୟ !! ଶ୍ରୀଲ ଗୁରୁଦେବ କି ଜୟ !!

ହେ ଗୁରୁଦେବ, ଆଜି ଆପଣଙ୍କ ଶୁଭ ଆର୍ବିର୍ଭାବ ତିଥି। ମୋର ରାଧା ଶ୍ୟାମସୁନ୍ଦରଙ୍କ ଠାରେ ଏହି ପ୍ରାର୍ଥନା ଆପଣ ଦୀର୍ଘାୟୁ ଓ ସୁସ୍ଥ ରୁହନ୍ତୁ ଓ ଆମକୁ କୃଷ୍ଣ ଭକ୍ତି ମାର୍ଗରେ ଏଇଭଳି ମାର୍ଗ ପ୍ରଦର୍ଶନ କରନ୍ତୁ।

ହେ ଗୁରୁଦେବ, ଆପଣଙ୍କର ଅନେକ ସାଧୁ ଗୁଣ ଯାହା ମୁଁ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଦେଖି ଆସୁଛି। ଆପଣଙ୍କର ସରଳତା, ବିନମ୍ର ସ୍ୱଭାବ, ସର୍ବଦା କୃଷ୍ଣ କୈନ୍ଦ୍ରିକ କଥା, ଭଗବାନ୍ କୃଷ୍ଣଙ୍କ ଉପରେ ପୂର୍ଣ୍ଣ ସମର୍ପଣ ଭାବ ଆମ ହୃଦୟକୁ ସ୍ପର୍ଶ କରିଥାଏ। ସେହି ଗୁଣରେ ଆପଣ ସର୍ବଦା ପରିପୂର୍ଣ୍ଣ।

ଆପଣ ଜଣେ ଶୁଦ୍ଧ ଭକ୍ତ। ଆଗରୁ ମୋର ଅନେକ ଅନୁଭୂତି ମୁଁ ବ୍ୟକ୍ତ କରିଛି। ଆଜି ଆପଣଙ୍କର ଆଉ ଏକ ବିଶେଷ କଥା ମୁଁ ବ୍ୟକ୍ତ କରିବାକୁ ଯାଉଛି।

୨୦୨୧ ମସିହାରେ ଯେବେ ଆପଣ ମୋତେ ଢେଙ୍କାନାଳ ପଠାଇଲେ, ସେହି ସମୟରେ ଅନୁଗୋଳରେ ମୋତେ କହିଥିଲେ କି, ଆପଣ ଯେତେବେଳେ ୨୦୧୦ ମସିହାରୁ ଭୁବନେଶ୍ୱରରୁ ଅନୁଗୋଳ ଯାଆନ୍ତି, ଏହି ଢେଙ୍କାନାଳ ପଥଦେଇ ଯିବାବେଳେ ଆପଣ ଏହି ବନ ପାହାଡ ଘେରା ସୁନ୍ଦର ପରିବେଶ ଦେଇ ଚିନ୍ତା କରିଥିଲେ କି, ଯଦି ଆମକୁ ଏହି ଜାତୀୟ ରାଜପଥ ପାଖରେ ଏକ ଭୂମି ମିଳେ ତେବେ ଆମେ ଏଠାରେ ଏକ ମନ୍ଦିର ସ୍ଥାପନା କରନ୍ତେ।

ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଢେଙ୍କାନାଳ ଆସିଥିଲେ, ସପ୍ତଶଯ୍ୟା ରାସ୍ତାରେ ଗାଡ଼ି ଯିବାବେଳେ ଆପଣ କହିଥିଲେ କି ଏହି ସପ୍ତଶଯ୍ୟା ରାସ୍ତାରେ, ଜାତୀୟ ରାଜପଥ ପାଖାପାଖି ଏକ ଭୂମି ମିଳିଲେ ଆମେ ଏଠାରେ ଆମର ମନ୍ଦିର ସ୍ଥାପନ କରିପାରିବା।

ଯେପରି କୁହାଯାଏ କି କୃଷ୍ଣ ଶୁଦ୍ଧ ଭକ୍ତଙ୍କ ଇଚ୍ଛା ପୂର୍ଣ୍ଣ କରନ୍ତି, ସେହିଭଳି ଭଗବାନ କୃଷ୍ଣ ୨୦୨୫ ମସିହାରେ ଆପଣଙ୍କ ଇଚ୍ଛାକୁ ପୂର୍ଣ୍ଣ କରି, ଆପଣ ଯେଉଁ ଭଳି ଚାହୁଁଥିଲେ ଆମକୁ ସେହିଭଳି ଏକ ସ୍ଥାନ ପ୍ରାପ୍ତ ପ୍ରଦାନ କରିଛନ୍ତି। ଆପଣଙ୍କର ପ୍ରିୟ ଶିଷ୍ୟ ଶିଷ୍ୟ ଶ୍ରୀ ବ୍ରଜମୋହନ ପ୍ରଭୁ, ଇନ୍ଦିରା ମାତାଜୀ ଓ ତାଙ୍କ ପୁତ୍ର ପ୍ରଶନ୍ନାତ୍ମା ପ୍ରଭୁ ସେହି ସପ୍ତଶଯ୍ୟା ରାସ୍ତାରେ, ରାସ୍ତା ପାଖରେ, ଜାତୀୟ ରାଜପଥଠାରୁ ନିକଟରେ ଏକ ଭୂମି ମନ୍ଦିର ପାଇଁ ଦାନ ଦେଇଛନ୍ତି। ତେଣୁ କୃଷ୍ଣ ଆପଣଙ୍କ ଇଚ୍ଛାକୁ ପୂର୍ଣ୍ଣ କରିଲେ। ଏବେ ଆପଣଙ୍କର ଆଉ ଯେଉଁ ଇଚ୍ଛା ଥିଲା କି ଏଠି ଏକ ମନ୍ଦିର ହେଉ, ସେହି ପ୍ରୟାସରେ ଢ଼େଙ୍କାନାଳ ଭକ୍ତମାନେ ଉତ୍ସାହିତ ହୋଇ ମନ୍ଦିର ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ କରି ସାରିଲେଣି। ଆପଣ କୃପା କରନ୍ତୁ କିଭଳି ଖୁବ୍ ଶୀଘ୍ର ଏହି ଢ଼େଙ୍କାନାଳ ଇସ୍କନ୍‌ର ମନ୍ଦିର କାର୍ଯ୍ୟ ସମାପନ ହେଉ। ଆମର ଏହି ଇଚ୍ଛା ଆପଣଙ୍କ ହସ୍ତରେ ଏହି ମନ୍ଦିର ଉଦ୍‌ଘାଟନ ହେଉ।

ଶେଷରେ ଏହି ବୀନତି, ହେ ଗୁରୁଦେବ କୃପା କରନ୍ତୁ ମୁଁ ଯେଭଳି ସାରା ଜୀବନ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଆଶ୍ରମରେ ଏହି ବୈରାଗୀ ଜୀବନରେ ରହି ଆପଣଙ୍କର ସେବା କରିପାରେ। ମାୟାର ପ୍ରଭାବ ବଡ ପ୍ରବଳ, ଆପଣଙ୍କର ଚରଣରେ ସର୍ବଦା ମୋତେ ସ୍ଥାନ ଦେଇଥିବେ, କେବେ ଭୁଲ କଲେ ସେହି ଦଣ୍ଡକୁ ଗ୍ରହଣ କରିବାକୁ ମୁଁ ପ୍ରସ୍ତୁତ। ଆପଣଙ୍କର କିଛି ବିଶେଷ ଆଦେଶ ପାଇଁ ମୁଁ ସର୍ବଦା ଅପେକ୍ଷାରତ।

*ଆପଣଙ୍କ ଚରଣାଶ୍ରିତ*
***ପ୍ରେମ କିଶୋର ଦାସ***
*ଇସ୍କନ୍ ଢ଼େଙ୍କାନାଳ*

# ମୁଁ ଶୂଦ୍ର କୁଳରେ ଜାତ...

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁଦେବ, ଆପଣଙ୍କ ଶ୍ରୀଚରଣରେ ମୋର କୋଟି କୋଟି ପ୍ରଣାମ ନିବେଦନ କରୁଛି । ଉପସ୍ଥିତ ସାଧୁ, ସନ୍ନ୍ୟାସୀ, ଗୁରୁ, ବୈଷ୍ଣବ, ବୈଷ୍ଣବୀ ଓ ଭକ୍ତ ସଜ୍ଜନବୃନ୍ଦଙ୍କୁ ମୋର ପ୍ରଣାମ ଜଣାଉଛି । ଆଜିର ଶୁଭ ଅବସରରେ, ଶ୍ରୀରାଧାଶ୍ୟାମସୁନ୍ଦର ଆପଣଙ୍କୁ ଦୀର୍ଘାୟୁ ପ୍ରଦାନ କରନ୍ତୁ । ଏତିକି କାମନା କରୁଛି ଯେପରି, ଆପଣ ପ୍ରଭୁପାଦ ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମିଶନକୁ ପୂର୍ଣ୍ଣ କରିବାରେ ସଫଳ ହୁଅନ୍ତୁ । ମୋପରି ଏକ ନୀଚ ଆଉ ଅଧମ ପକ୍ଷରେ ଆପଣଙ୍କ ଅସୀମ ଗୁଣ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ତଥାପି ଆପଣଙ୍କର କୃପା ବସତଃ ସୁଯୋଗ ପ୍ରଦାନ କରିଥିବାରୁ କିଞ୍ଚିତ୍ ଗୁଣଗାନ କରିବାକୁ ପ୍ରୟାସ କରିଅଛି ।

ଗୁରୁଦେବ ଆପଣଙ୍କର ସାଧୁତା ଏହିକି ଯେ, ଆପଣ କୌଣସି ବାଛବିଚାର ନ ରଖି ମୋ ପରି ଏକ ନୀଚ ଏବଂ ଶୁଦ୍ରକୁଳରେ ଜାତ ଅଧମକୁ ଆପଣଙ୍କର ସଙ୍ଗ ପ୍ରଦାନ କରିଥିଲେ । ଆପଣଙ୍କର ମହାନତା ଏହିକି ଯେ, ମୋ ଭଳି ଏକ ଜଡ଼ବାଦୀ ଅଜ୍ଞାନୀକୁ, ଆପଣଙ୍କର ଶ୍ରୀଚରଣରେ ଆଶ୍ରୟ ଦେଇ ଶିଷ୍ୟତା ପ୍ରଦାନ କରିଥିଲେ । ମୁଁ ଆପଣଙ୍କର ଚରଣରେଣୁ ପ୍ରାପ୍ତ ହୋଇ ନିଜକୁ ଧନ୍ୟ ମନେକରୁଛି । ମୁଁ ବେଳେ ବେଳେ ଭାବେ, ମୋ ପରି ଶୁଦ୍ର ଆଉ ନୀଚ କୁଳରେ ଜାତ ଅଜ୍ଞାନୀ ଭୌତିକବାଦୀ ପକ୍ଷରେ ଏହା କିପରି ସମ୍ଭବ ହେଲା ଯେ, ମୁଁ ଆପଣଙ୍କର ସଙ୍ଗ ଲାଭ ପାଇଲି । ବୋଧହୁଏ, ଏହା ଆପଣଙ୍କର ମୋ ପ୍ରତି ଅହୈତୁକି କୃପା । ତାହା ନହେଲେ, ଆପଣ ବିନା ଦ୍ୱିଧାରେ, ମୋଠାରେ ବ୍ରାହ୍ମଣ ଗୁଣର ଯୋଗ୍ୟତା ଅଛି କି ନାହିଁ, କିଛି ବିଚାର ନକରି ଆପଣ ମୋତେ ଯଜ୍ଞ ଉପବୀତ ପ୍ରଦାନ କରିଥିଲେ । ତାହାର ପ୍ରତିଦାନ ବଦଳରେ, ମୁଁ ଆପଣଙ୍କୁ କିଛି ଦେଇପାରି ନାହିଁ ବରଂ ମୁଁ ମୋର କାୟମନ ଓ ବାକ୍ୟରେ ଆପଣଙ୍କୁ ଖାଲି ଉଦ୍‌ବିଗ୍ନ ପ୍ରଦାନ କରିଆସିଛି । ଗୁରୁଦେବ, ସେଥିପାଇଁ ଏ ମୁର୍ଖ ପାପୀ ଆପଣଙ୍କର ପାଦପଦ୍ମରେ ସତତ୍ କ୍ଷମାଭିକ୍ଷା କରୁଛି । କିନ୍ତୁ ମୁଁ ହତଭାଗା ଆପଣଙ୍କର ଋଣ କିପରି ପରିଶୋଧ କରିବି ତାହା ଏ ଜନ୍ମରେ ହୋଇପାରିବ ନାହିଁ, ଅନ୍ତତଃ କିଛି ଲାଘବ କରିପାରିବି । କେବଳ ଆପଣଙ୍କର ଆଦେଶ ଆଉ ଉପଦେଶକୁ, ମୁଁ ଯେପରି ନିଃସନ୍ଦେହରେ ପାଳନ କରିପାରିବି । ଏହା ହେଉ ମୋର ଜୀବନର ଆଦର୍ଶ ଆଉ ଲକ୍ଷ୍ୟ । ଏ ପାପୀ ପ୍ରତି ଏତିକି କୃପା କରନ୍ତୁ, ମୁଁ ଯେପରି ଆପଣଙ୍କର ଉପସ୍ଥିତି ମୋର ଚତୁଃପାର୍ଶ୍ୱରେ ଅନୁଭବ କରିପାରିବି ।

*ଆପଣଙ୍କର ଅଧମ ସେବକ*
***ପ୍ରେମନିକେତନ ଦାସ***

# ବହୁ ଶ୍ରମ ସ୍ୱୀକାର କରି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା
ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଗୁରୁଦେବ। ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥିଅବସରରେ ଆପଣଙ୍କର ଶ୍ରୀଚରଣରେ ଏଇ ଅଧମ ଦାସୀର ଶତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ହେ ଗୁରୁଦେବ ଅସୀମ ଗୁଣଧାରୀ ଆପଣଙ୍କ ଭଳି ଭଗବାନଙ୍କ ନିଜଜନଙ୍କ ଗୁଣଗାନ କରିବାକୁ ମୋତେ ପ୍ରତ୍ୟେକ ବର୍ଷ ବ୍ୟାସପୂଜାରେ ସୁଯୋଗ ମିଳୁଛି, ସେଥିପାଇଁ ମୁଁ ନିଜକୁ ବହୁତ ଭାଗ୍ୟବତୀ ମନେକରୁଛି। ମୁଁ ଏଥିରେ ଜଣାଇବାକୁ ଚାହୁଁଛି ଯେ, ମୋର ଗୁରୁଦେବ ବହୁ ଶ୍ରମ ସ୍ୱୀକାର କରି ଆମକୁ କୃଷ୍ଣଚେତନାଶୀଳ ଗତି ଆଡ଼କୁ ଅଗ୍ରସର କରାଇଛନ୍ତି ଏବଂ ଏହା ଏକ ପ୍ରାମାଣିକ ଶ୍ଳୋକ ଦ୍ୱାରା ଦର୍ଶାଉଛି।

ଶ୍ରୁତସ୍ୟ ପୁଂସାଂ ସୁଚିର଼-ଶ୍ରମସ୍ୟ
ନନ୍ୱଞ୍ଜସା ସୁରିଭିରୀ ତୋଽର୍ଥଃ ।
ତତ୍-ତଦ୍-ଗୁଣାନୁଶ୍ରବଣଂ ମୁକୁନ୍ଦ-
ପଦାରବିନ୍ଦ ହୃଦୟେଷୁ ଯେଷାମ୍ ॥

*(ଶ୍ରୀମଦ୍ ଭାଗବତମ୍ ୩.୧୩.୪)*

ଯେଉଁମାନେ ବହୁ ସମୟ କିମ୍ବା ବହୁ ଶ୍ରମକରି ଗୁରୁଙ୍କଠାରୁ ଶ୍ରବଣ କରୁଛନ୍ତି ବା ତଦ୍ରୁପ କ୍ରିୟାରେ ନିଯୁକ୍ତି ଅଛନ୍ତି, ସେମାନେ ଶୁଦ୍ଧ ଭକ୍ତମାନଙ୍କ ମୁଖରୁ ଶୁଦ୍ଧ ଭକ୍ତମାନଙ୍କ କଥା ଶ୍ରବଣ କରିବା ଉଚିତ ଶୁଦ୍ଧ ଭକ୍ତଗଣ ସର୍ବଦା ମୁକୁନ୍ଦଙ୍କର ପଦାରବିନ୍ଦକୁ ସେମାନଙ୍କ ହୃଦୟରେ ଚିନ୍ତା କରୁଥାନ୍ତି।

ଗୁରୁଦେବ ହେଉଛନ୍ତି ଭଗବାନଙ୍କର ଅତିପ୍ରିୟ। ଗୁରୁଦେବ ଏହି କୃଷ୍ଣ ଚେତନାର ଶିକ୍ଷା ବହୁ ପରିଶ୍ରମ ଓ ସମୟ ଧରି ତାଙ୍କ ଗୁରୁଦେବଙ୍କଠାରୁ ଶିକ୍ଷାଗ୍ରହଣ କରିଛନ୍ତି ଯିଏକି ହେଉଛନ୍ତି ଜଣେ ପରମ ଶୁଦ୍ଧଭକ୍ତ। ମୁଁ ଏଠାରୁ ନିଜକୁ ବହୁ ମୂଲ୍ୟବାନ ମନେ କରୁଛି ଯେ ମୁଁ ଏହିଭଳି ଶୁଦ୍ଧଭକ୍ତମାନଙ୍କ ସଙ୍ଗ ଲାଭ କରିପାରୁଛି। ଗୁରୁଦେବ ବହୁ ଦୀର୍ଘକାଳରୁ ମୁକୁନ୍ଦଙ୍କ କଥା ଶ୍ରବଣ କରି ଆମକୁ ଏହି ମାର୍ଗରେ ଅଗ୍ରଗତୀ କରିବାରେ ସହାୟକ ହେଉଛନ୍ତି। ତେଣୁ ମୁଁ ଜଣାଉଛି ଯେ ଶୁଦ୍ଧ ଭକ୍ତଗଣ ଭଗବାନଙ୍କର ବିଦ୍ୟମାନତାକୁ ଅନୁଭବ କରି ପାରନ୍ତି ଏବଂ ସେଥିପାଇଁ ସେମାନେ ସର୍ବଦା ଭଗବାନଙ୍କର ପାଦପଦ୍ମକୁ ସେମାନଙ୍କ ହୃଦୟରେ ଦେଖିପାରନ୍ତି। ଭଗବାନ୍ ନିଜେ କହିଛନ୍ତି ଯେ ସେମାନେ ତୁଲ୍ୟ ପୂଜ୍ୟ ବା ତାଙ୍କଠାରୁ ଅଧିକ ପୂଜ୍ୟ ଅଟନ୍ତି। ଭଗବାନଙ୍କ ଆରାଧନା ଅପେକ୍ଷା ଭକ୍ତ ଆରାଧନା ଅଧିକ ଶକ୍ତିଶାଳୀ ଅଟେ। ଏତିକିରେ ମୁଁ ବିଶ୍ରାମ ଜ୍ଞାପନ କରୁଛି।

*ଆପଣଙ୍କ ଶିଷ୍ୟା*
***ପ୍ରିୟସଖୀ ଦେବୀଦାସୀ***
*ବ୍ରହ୍ମପୁର*

# ଗୁରୁମହାରାଜଙ୍କ ସାକ୍ଷାତ୍କାର: ମୋ ଅନୁଭୂତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଶ୍ରୀଗୁରଚଣେ ବନ୍ଦନା

ଶ୍ରୀ ଶ୍ରୀ ଗୁରୁ ଚରଣାରବିନ୍ଦକୁ ମୋର ନମସ୍କାର। ମୁଁ ଏକ ସାଧାରଣ ଜୀବ, ମୋର ଜୀବନରେ ଗୁରୁମହାରାଜଙ୍କ ଦୟା ଏବଂ କୃପା ନ ଥାନ୍ତା, ତେବେ ମୁଁ କୌଣସି ଭାବେ କୃଷ୍ଣ ଭକ୍ତିକୁ ଅନୁସରି ପାରୁନଥାନ୍ତି। ମୁଁ ଗୁରୁମହାରାଜଙ୍କ ସଙ୍ଗେ ଯେବେ ପ୍ରଥମଥର ଦର୍ଶନ କରିଥିଲି, ମୋ ହୃଦୟରେ ଏକ ଅତ୍ୟନ୍ତ ଶାନ୍ତି ଏବଂ ଆନନ୍ଦ ଅନୁଭବ କରିଥିଲି। ସେଠିଠାରୁ ଆଜି ପର୍ଯ୍ୟନ୍ତ, ଗରୁଦେବଙ୍କ ଉପଦେଶ ଏବଂ ଶିକ୍ଷା ମୋ ଜୀବନର ଅଂଶ ହୋଇଯାଇଛି।

ହରେକୃଷ୍ଣ ! ଏହି ଲେଖା ମୋର ଗୁରୁମହାରାଜଙ୍କ ଉପରେ ଅପରିମିତ ଭକ୍ତି ଏବଂ ଆଦର ସହ ଲେଖାଯାଇଛି। ଗୁରୁମହାରାଜଙ୍କ ଦୟା ଏବଂ କୃପା ମୋର ଜୀବନରେ ଅନନ୍ୟ ଅନୁଭୂତି ଦେଇଛି।

ଏକ ଦିନ ମୁଁ ଇସ୍କନ ଢେଙ୍କାନାଳରୁ ଇସ୍କନ ଅନୁଗୁଳ ଯାଇଥିଲି। ମୋର ଉଦ୍ଦେଶ୍ୟ ଥିଲା ନୂଆ ମନ୍ଦିର ନିର୍ମାଣ ଏବଂ ଗୋଶାଳା ଦେଖିବା ସହିତ ଗୁରୁମହାରାଜଙ୍କ ପ୍ରବଚନ ଶ୍ରବଣ କରିବା। ଗୁରୁମହାରାଜଙ୍କ ସାମ୍ନାସାମ୍ନି ହେବା ଏକ ଚ୍ୟାଲେଞ୍ଜ ଥିଲା, କିନ୍ତୁ ଏହା ମୋ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ହୋଇ ରହିଲା।

ପ୍ରବଚନ ଶେଷରେ ଏକ ଛୋଟ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୁରୁମହାରାଜଙ୍କ ହସ୍ତରୁ ତିନୋଟି ଉପହାର ପ୍ରଦାନ କରାଯାଉଥିଲା। ମୁଁ ମନେମନେ ପ୍ରାର୍ଥନା କଲି, "ହେ କୃଷ୍ଣ, ମୋତେ ଶେଷ ପ୍ରଶ୍ନର ଉତ୍ତର ଦେବାର ଶକ୍ତିଦିଅ, ଯାହାଦ୍ୱାରା ମୁଁ ଗୁରୁମହାରାଜଙ୍କ ସାମ୍ନାସାମ୍ନି ପହଞ୍ଚିପାରିବି।" ହେ ଅଦ୍ଭୁତ ! ମୋର ପ୍ରାର୍ଥନା ଶୁଣାଗଲା। ମୁଁ ଶେଷ ପ୍ରଶ୍ନର ଉତ୍ତର ଦେଇ ବୀଜୟ ହେଲି।

ଏହି ବୀଜୟ ସହ ଗୁରୁମହାରାଜଙ୍କ ନିକଟରେ ପହଞ୍ଚିଲି ଏବଂ ତାଙ୍କ ହସ୍ତରୁ 'ଜନ୍ମ-ମୃତ୍ୟୁ-ଚକ୍ର' ନାମକ ଗ୍ରନ୍ଥ ଗ୍ରହଣ କଲି। ଏହି ମୁହୂର୍ତ୍ତ ମୋ ପାଇଁ ଅତ୍ୟନ୍ତ ଆନନ୍ଦମୟ ଏବଂ ଅବିସ୍ମରଣୀୟ ହୋଇ ରହିଲା। ଏହା ମୋ ଜୀବନର ସେହି ଅନୁଭୂତି, ଯାହା କୃଷ୍ଣଙ୍କ ଅନନ୍ତ କୃପା ଏବଂ ଗୁରୁ ଚରଣର ଦୟାରୂପେ ମୋ ପାଖରେ ରହିଛି।

ଶେଷ ଅଭିବାଦନ: ମୁଁ ଗୁରୁ ଚରଣକୁ ପୁନଃ ପୁନଃ ପ୍ରଣାମ କରୁଛି। ତାଙ୍କ ଆଶୀର୍ବାଦ ଏବଂ ଶିକ୍ଷା ମୋର ଜୀବନର ଆଲୋକ। ଶ୍ରୀ ଗୁରୁମହାରାଜ କି ଜୟ !

*ପୃଥ୍ୱୀରାଜ ମହାପାତ୍ର*
*ଇସ୍କନ୍, ଢେଙ୍କାନାଳ*

# ଗୁରୁଦେବଙ୍କ ଅହେତୁକୀ କୃପା

**ନମସ୍ତେ ଗୁରୁଦେବାୟ ସର୍ବସିଦ୍ଧି ପ୍ରଦାୟିନେ
ସର୍ବମଙ୍ଗଳ ରୂପାୟ ସର୍ବାନନ୍ଦ ବିଧାୟିନେ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ, ପରମ ଆରାଧ୍ୟ ଶ୍ରୀଲଗୁରୁଦେବଙ୍କ ଚରଣକମଳରେ ଆମ୍ଭ ଦୁଇ ଦାସଙ୍କର କୋଟି କୋଟି ଦଣ୍ଡବତ ପ୍ରଣାମ। ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ଦିବସରେ ଆପଣଙ୍କ ପରି ଗୁରୁଦେବଙ୍କର ଗୁଣଗାନ କରିବାର ଯୋଗ୍ୟତା ଆମ ଦୁହିଁଙ୍କ ପାଖରେ ନାହିଁ। ଆପଣଙ୍କ ପରି ସଦ୍‌ଗୁରୁ ପ୍ରାପ୍ତି ଆମ ଦୁହିଁଙ୍କ ଜୀବନର ଅମୂଲ୍ୟ ଶ୍ରେଷ୍ଠ ଧନ। ତଥାପି ଆପଣଙ୍କର ଏ ଦୁଇ ଅଧମ ଗୁଣଗାନ ନକରି ରହିପାରୁ ନାହୁଁ।

ହେ ଗୁରୁଦେବ! ଆପଣ ହେଉଛନ୍ତି ଭଗବାନ କୃଷ୍ଣଙ୍କ ପ୍ରତିନିଧି। ଆମ୍ଭମାନଙ୍କଭଳି ବଦ୍ଧଜୀବମାନଙ୍କୁ ଉଦ୍ଧାର କରିବାପାଇଁ ଭଗବାନ ଆପଣଙ୍କୁ ଏ ଧରାଧାମକୁ ପ୍ରେରଣ କରିଛନ୍ତି। ବ୍ୟାସପୂଜାରେ ଆପଣଙ୍କର ଗୁଣଗାନ କରିବାପାଇଁ, ଶିଷ୍ୟ, ଶିଷ୍ୟାମାନଙ୍କୁ ସୁଯୋଗ ମିଳିଥାଏ। ଗୁରୁଦେବଙ୍କ ପ୍ରତି ଅନନ୍ୟ ଭକ୍ତିର ପରାକାଷ୍ଠା ତଥା ନିଜର ଭାବପୂର୍ଣ୍ଣ କଥା ଓ ଅନୁଭୂତିକୁ ଗୁରୁଦେବଙ୍କ ନିକଟରେ ବ୍ୟକ୍ତ କଲାପରେ, ଅପାର ଆନନ୍ଦ ହୃଦୟରେ ଅନୁଭବ ହୁଏ। ସାଧୁ, ଗୁରୁ, ବୈଷ୍ଣବଙ୍କର ଗୁଣଗାନ କରିବାଦ୍ୱାରା ଭକ୍ତିମାର୍ଗରେ ଅଗ୍ରଗତି ହୋଇଥାଏ। ହେ ଗୁରୁଦେବ, ଆପଣଙ୍କର ଶ୍ରୀଚରଣ କମଳର ଆମ୍ଭ ଦୁହିଁଙ୍କ ମନରେ, ଧୈର୍ଯ୍ୟର ସଞ୍ଚାର ହୁଏ, ଅନେକ ବିପତ୍ତିରୁ ଉଦ୍ଧାର ପାଇଛୁ।

ହେ ଗୁରୁଦେବ, ଆମେ ଦୁହେଁ ଅତି ତୁଚ୍ଛ, ଅଜ୍ଞାନ ଓ ଅଜ୍ଞାନୀ ଏବଂ ଅଯୋଗ୍ୟ ଓ ଅଯୋଗ୍ୟା। ଏ ଆଧ୍ୟାତ୍ମିକ ମାର୍ଗରେ ଆସିଲାପରେ ଆମେ ଦୁହେଁ ଭାବିପାରିଲୁ କେତେ ଯେ ଆନନ୍ଦକୁ ପ୍ରାପ୍ତ ହୋଇଛି। ଏ ସବୁ ଆପଣଙ୍କ କୃପା ହେତୁ ସମ୍ଭବ ହୋଇପାରିଛି। ଆପଣଙ୍କ ହସ ହସ ମୁଖ ଦେଖିବା ଓ ସ୍ମରଣ କରିବା ମାତ୍ରେ, ଯେତେ ସବୁ ଭୌତିକ ଦୁଃଖ କଷ୍ଟ ଭୁଲିଯାଉଛୁ। ଏ ସବୁ ଆପଣଙ୍କ ଅହୈତୁକୀ କୃପା ହେତୁ ସମ୍ଭବ ହୋଇଛି। ତେଣୁ ହେ ଗୁରୁଦେବ, ଆପଣ ଏପରି ଆମମାନଙ୍କ ଉପରେ କୃପା ବର୍ଷଣ କରୁଥାନ୍ତୁ। ଯେପରି ଆମେ କେବେ ଗୁରୁକୃଷ୍ଣଙ୍କୁ ଭୁଲି ନ ଯାଉ।

"ତବ କୃପା କଣା ଆମାର ସମ୍ବଳ,
ତବ କୃପା ବିନା ନାହିଁ ଅନ୍ୟ ବଳ
କୃପାକର ପ୍ରଭୁ ଦିଆ ଚିଦ୍‌ବଲ,
ଦାସ ତୋମା ପ୍ରଣମୟ।"

ଆପଣଙ୍କପରି ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ। ଜୀବ ଏ ଭୌତିକ ସଂସାରରେ କୃଷ୍ଣଙ୍କୁ ଭୁଲି ଜନ୍ମ-ମୃତ୍ୟୁ ଚକ୍ରରେ ଦୁଃଖ ଭୋଗ କରୁଛି। ଗୁରୁଙ୍କ କୃପାରୁ କୃଷ୍ଣ ମିଳନ୍ତି, କୃଷ୍ଣଙ୍କ କୃପାରୁ ଗୁରୁ ମିଳନ୍ତି। ଶିଷ୍ୟତ୍ୱ ଜୀବ ଗ୍ରହଣ କରି ଯଦି ଗୁରୁଙ୍କ ଚରଣକମଳରେ ଆଶ୍ରିତ ହୋଇ ବପୁ ସେବା ନ କଲେ ସୁଦ୍ଧା ବାଣୀସେବା ଶିଷ୍ୟର ପ୍ରଧାନ କର୍ତ୍ତବ୍ୟ। ଏହି ୭୨ତମ ଶୁଭ ଆବିର୍ଭାବ ଦିନରେ ଆପଣଙ୍କ ଦୀର୍ଘ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ ପାଇଁ ଆମେ ଦୁହେଁ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର ଓ ଶ୍ରୀଶ୍ରୀ ରାଧାମଦନମୋହନଙ୍କ ଠାରେ କୃପାଭିକ୍ଷା କରୁଛୁ। ପରିଶେଷରେ ଗୁରୁଦେବଙ୍କ ଚରଣକମଳରେ ସାଷ୍ଟାଙ୍ଗ ପ୍ରଣତି ନିବେଦନ କରୁ, 'ଯଦି' କିଛି ତ୍ରୁଟି ଥାଏ କ୍ଷମା କରିବେ।

*ଆପଣଙ୍କର ଶ୍ରୀଚରଣ ଆଶ୍ରିତ*
***ବଳରାମ ଦାସ, ସୁକଣ୍ଠି ଦେବୀଦାସୀ***
*ଇସ୍କନ୍ ଖଳିସାହି, ନୟାଗଡ଼*

# ଜନ୍ମେ ଜନ୍ମେ ଗୁରୁରୂପେ ପାଇବି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଯତ୍ କୃପା ତମହଁ ବନ୍ଦେ ଶ୍ରୀଗୁରୁ ଦୀନ ତାରିଣମ୍। ହେ ମୋର ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଳ ଗୁରୁଦେବ ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି। ଏହି ଶୁଭଅବସରରେ ଆପଣଙ୍କର ପାଦପଦ୍ମରେ ଦଣ୍ଡବତ ପ୍ରଣାମ। ସମସ୍ତ ବୈଷ୍ଣବ ବୈଷ୍ଣବୀ ଭକ୍ତମାନଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ। ହେ ଗୁରୁଦେବ ଆପଣଙ୍କ ଅଶେଷ କୃପାରୁ ଆପଣଙ୍କ ଗୁଣଗାନ କରିବାକୁ ପ୍ରୟାସ କରୁଛି। ଭଗବାନଙ୍କର ଆବିର୍ଭାବ ଯେପରି ପବିତ୍ର ଗୁରୁଦେବଙ୍କର ଆବିର୍ଭାବ ମଧ୍ୟ ସେହିପରି ପବିତ୍ର ଅଟେ। ଭଗବାନ ସର୍ବଦା ଆପଣଙ୍କ ହୃଦୟରେ ବିରାଜମାନ, ଗୁରୁଦେବ ଆପଣ କୃପାକରି ମୋ ହୃଦୟରେ ଶକ୍ତି ସଂଚାର କରନ୍ତୁ। ଯାହାଦ୍ୱାରା ମୁଁ ଆପଣଙ୍କୁ ଜନ୍ମେଜନ୍ମେ ଗୁରୁରୂପେ ପାଇବି। ମୋ ପରି ଏକ ବଦ୍ଧଜୀବଙ୍କୁ ଉଦ୍ଧାର କରିବାପାଇଁ ଆପଣ ଆଜିର ଦିନରେ ପ୍ରକଟ ହୋଇଛନ୍ତି। ଗୁରୁଦେବ ମୁଁ ଏହି ଜଡ଼ ଚକ୍ଷୁଦ୍ୱାରା ଯେପରି ଭଗବାନଙ୍କ ସ୍ୱରୂପ ଦେଖିବା ଅସମ୍ଭବ ସେହିପରି ଏ ଜଡ଼ ଜିହ୍ୱାଦ୍ୱାରା ଆପଣଙ୍କ ଗୁଣଗାନ କରିବାକୁ ମୁଁ ଅକ୍ଷମ। ହେ ପତିତ ପାବନ ଗୁରୁଦେବ, ବାସ୍ତବିକ ଯଦି ପ୍ରକୃତ ସମ୍ପଦ ଦେଖାଯାଏ, ତାହାହେଲେ ଗୁରୁ, ଶିଷ୍ୟ ସମ୍ବନ୍ଧ ନିତ୍ୟ, ଅନ୍ୟସବୁ ସମ୍ବନ୍ଧ କ୍ଷଣିକ। ତେଣୁ ମୋର ସମସ୍ତ ଭୁଲକୁ କ୍ଷମାକରି ମୋ ଉପରେ କୃପାଦୃଷ୍ଟି ରଖିଥିବେ। ଶେଷରେ ରାଧାରାଧାକାନ୍ତଙ୍କ ଠାରେ ଏତିକି ଅଳି, ସେ ସବୁବେଳେ ଆପଣଙ୍କୁ ସୁସ୍ଥ ଓ ଦୀର୍ଘାୟୁ ରଖନ୍ତୁ।

*ଆପଣଙ୍କ ଚରଣାଶ୍ରିତା ଦାସୀ*
**ବସନ୍ତ ରାସ ଦାସ**

# ବ୍ୟାସପୂଜା-୨୦୨୫

**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଇତି ନାମିନେ ।**
**ଶ୍ରୀମତେ ତମାଳ କୃଷ୍ଣ ଗୋସ୍ୱାମୀ ଇତି ନାମିନେ**
**ଶ୍ରୀମତେ ଭକ୍ତିବେଦାନ୍ତ ସ୍ୱାମୀ ଇତି ନାମିନେ।**

ପରମପୂଜ୍ୟ ଗୁରୁମହାରାଜ, ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥିରେ ଏ ଅଧମ ବନିତା ଆପଣଙ୍କ ଶ୍ରୀଚରଣ କମଳରେ କୋଟିକୋଟି ପ୍ରଣାମ ଜଣାଉଛି। ଗୁରୁମହାରାଜ ତଥା ଏହି ବ୍ୟାସପୂଜା ମହୋତ୍ସବରେ ଉପସ୍ଥିତ ସମସ୍ତ ପୂଜ୍ୟ ସନ୍ନ୍ୟାସୀବୃନ୍ଦ, ବରିଷ୍ଠ ଭକ୍ତବୃନ୍ଦ ଓ ସମସ୍ତ ବୈଷ୍ଣବ-ବୈଷ୍ଣବୀମାନଙ୍କୁ ମୋର ବିନମ୍ର ପ୍ରଣାମ। ଗୁରୁମହାରାଜ ଆପଣଙ୍କ ଭଳି ଶୁଦ୍ଧ ସାଧଗୁରୁ ବୈଷ୍ଣବଙ୍କର ଗୁଣଗାନ କରିବାକୁ ଏ ଅଧମର କୌଣସି ଯୋଗ୍ୟତା ନାହିଁ। କେବଳ ଆପଣଙ୍କ କୃପାକୁ ପାଥେୟ କରି କିଛି ଗୁଣଗାନ କରିବାକୁ ଚେଷ୍ଟା କରୁଛି। 'କୃଷ୍ଣ କୃପାରେ ଗୁରୁ ମିଳେ, ଗୁରୁ କୃପାରେ କୃଷ୍ଣ ମିଳେ। ଗୁରୁମହାରାଜ ଆପଣଙ୍କ ଭଳି ଜଣେ ମହାନ୍ ପରମଦୟାଳୁଙ୍କ ହୃଦୟରେ ସଦାସର୍ବଦା ଗୋବିନ୍ଦ ବିଶ୍ରାମ କରିଥାନ୍ତି। ଭଗବାନ କୁହନ୍ତି ଏମିତି ସାଧୁ ମହାତ୍ମା ମୋର ପ୍ରାଣ, ଆପଣଙ୍କର

ଚରଣକମଳରେ ମୁଁ ଆଶ୍ରୟପ୍ରାପ୍ତ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି।

ଗୁରୁମହାରାଜ ଆପଣ ଆସିଥିଲେ ହାଇଦ୍ରାବାଦ। ତା'ପରେ ଆପଣଙ୍କ ମୁଖର ପ୍ରବଚନ ଶ୍ରବଣ କଲୁ, ପରେ ପ୍ରସାଦ ନେଲୁ, ତାହାପରେ ଆପଣଙ୍କୁ ଦେଖା କରିବାକୁ ଯାଇଥିଲୁ, ରାତ୍ର ସମୟରେ ସେଠି ଆପଣଙ୍କୁ ଦେଖାକରି ନିଜକୁ ଧନ୍ୟ ମନେକଲି ଗୁରୁମହାରାଜ। ଗୁରୁମହାରାଜ ଆପଣଙ୍କ ମହିମା ଅନେକ, ଆପଣଙ୍କ କୃପାବିନା ଆମର ଅନ୍ୟଗତି ନାହିଁ। ଆଜିର ବ୍ୟାସପୂଜାରେ ଆପଣଙ୍କର ପାଦପଦ୍ମରେ ମୋର ଏତିକି ମାତ୍ର ନିବେଦନ, ମୋତେ କୃପା କରନ୍ତୁ। ମୋର ସେବାପୂଜା, ଭଜନ କୀର୍ତ୍ତନ, ଜପ-ତପ ଆଦିରୁ ସମସ୍ତ ଅବହେଳା ଓ ଅସ୍ଥିରତା ଦୂର ହୋଇ ଆପଣଙ୍କ ପାଦପଦ୍ମରେ ଲୟ ଓ ଧ୍ୟାନ ସ୍ଥିର ରହୁ। ଆପଣଙ୍କର ଆଶୀର୍ବାଦ ଓ ସ୍ନେହ ଆମପ୍ରତି ସର୍ବଦା ରହିଥାଉ।

*ବନିତା ଲେଙ୍କା*

# ଏକମାତ୍ର ଉଦ୍ଧାରକର୍ତ୍ତା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ, ଚିତ୍ତର ନମସ୍ୟ ଶ୍ରୀଲ ଗୁରୁଦେବ। ଆଜି ଆପଣଙ୍କର ଏହି ପବିତ୍ରତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣ କମଳରେ ଏ ପତିତ ଅଧମର ଶତକୋଟି ଦଣ୍ଡବତ ପ୍ରଣାମକୁ ସାଦରେ ଗ୍ରହଣ କରିବେ। ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରେ ଆପଣଙ୍କୁ ସଦାସର୍ବଦା ନିରାମୟ ଦୀର୍ଘାୟୁ କରିଥାନ୍ତୁ।

ହେ ମୋର ଗୁରୁଦେବ ଏ ଅଧମ ଜୀବକୁ ଆପଣ ଉଦ୍ଧାର କରି ନିଜ ଚରଣରେ ସ୍ଥାନ ପ୍ରଦାନ କରିଛନ୍ତି। ଆପଣ ପତିତପାବନ ଏହି ଭୌତିକ ଜଗତରେ ପ୍ରତି ମୁହୂର୍ତ୍ତରେ ପୀଡ଼ିତ, ନିଷ୍ପେସିତ ମୋ ପରି ଅକିଞ୍ଚନମାନଙ୍କର ଆପଣ ଏକମାତ୍ର ଉଦ୍ଧାରକର୍ତ୍ତା। ଏ ଅଧମ ନାମକୁମାତ୍ର ଶିଷ୍ୟ, ଆପଣଙ୍କ ବାଣୀକୁ ଠିକ୍‌ଭାବେ ପାଳନ କରିପାରୁ ନାହିଁ। ମୋପାଇଁ ତ ଜନ୍ମଜନ୍ମାନ୍ତର କୃଷ୍ଣପ୍ରେମ ଲାଭ କରିବା ଅସମ୍ଭବ। ଯଦି ଆପଣଙ୍କ କୃପାହେତୁ ମୋତେ କିଛି ସେବା ମିଳିପାରିଲା ଏ ଅଧମ ନିଜକୁ ଧନ୍ୟ ମନେକରିବ। ମୁଁ ଅନୁଭବ କରିପାରୁଛି ଆପଣଙ୍କ ଚରଣାଶ୍ରିତ ହୋଇନଥିଲେ ଏ ଜୀବନ ବୃଥା ହୋଇଯାଇଥାନ୍ତା। ଆପଣଙ୍କ କୃପା ହେତୁ ମୁଁ ମୋର ଜୀବନର ଲକ୍ଷ୍ୟ ବୁଝିପାରିଛି। ଅଜ୍ଞାନରୂପୀ ଅନ୍ଧକାରରୁ ମୋତେ ଜ୍ଞାନରୂପକ ଆଲୋକ ପ୍ରଦାନ କରିଛନ୍ତି। ହେ ମୋର ଗୁରୁଦେବ ଆପଣଙ୍କ କୃପା ବିନା ଆଧ୍ୟାତ୍ମିକ ମାର୍ଗରେ ଉନ୍ନତି କରିବା ଅସମ୍ଭବ। ତେଣୁ ହେ ମୋର ଗୁରୁଦେବ, ଆପଣଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା କରୁଛି ସଦାସର୍ବଦା ଭଜନ କୀର୍ତ୍ତନ ଏବଂ ହରିକଥା ଶ୍ରବଣ କରିବାର ସୁଯୋଗ ପ୍ରାପ୍ତ ହେଉ ଏବଂ ଆପଣଙ୍କ ନିକଟରେ ସମ୍ପୂର୍ଣ୍ଣ ଶରଣାଗତି ପ୍ରାପ୍ତିପାଇଁ ଆଶୀର୍ବାଦ କରନ୍ତୁ। ଯଦି ଆପଣଙ୍କ କୃପାରୁ କିଛି ସେବା ମିଳିଲେ ଆନ୍ତରିକତାର ସହିତ କରିପାରିବି। ମୋତେ କୃପା କରନ୍ତୁ, ଗୁରୁ, କୃଷ୍ଣ ଓ ଭକ୍ତଙ୍କର ସେବାରେ ମୋର ଦିନକଟୁ। ପତିତ ପାବନ ପରମଦୟାଳୁ, ବୈଷ୍ଣବ ଚୂଡ଼ାମଣୀ ଶ୍ରୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜାଙ୍କର ଶୁଭ ଆବିର୍ଭାବ ତିଥି କି ଜୟ। ହରେକୃଷ୍ଣ।

*ଆପଣଙ୍କ ଚରଣାଶ୍ରିତ*
***ବିଜୟ କୃଷ୍ଣ ଦାସ***

# ଆଚାର ହିଁ ପ୍ରଚାର

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ଆମ ପରମ ଆରାଧ୍ୟ ଗୁରୁମହାରାଜ, ଆଜି ଏହି ପବିତ୍ର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଶ୍ରୀ ଚରଣ କମଳରେ ଏହି ହୀନ ପତିତ ଜୀବର ବିନମ୍ର ଓ ଶ୍ରଦ୍ଧାପୂର୍ଣ୍ଣ ଦଣ୍ଡବତ ପ୍ରଣାମ ନିବେଦନ କରୁଛି। ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ ଶ୍ରୀ ଚରଣରେ ଆମ ନିବେଦନ ଓ ପ୍ରାର୍ଥନା ଆପଣଙ୍କ ସ୍ୱାସ୍ଥ୍ୟ ଓ ଆୟୁ- ସ୍ୱସ୍ଥ ଓ ବର୍ଦ୍ଧିତ ହେଉ। ଆପଣଙ୍କ ଚରଣରେ ବିନମ୍ର କୃତଜ୍ଞତା ଜଣାଉଛି, ଏ ଅଧମକୁ ଆପଣଙ୍କ ଚରଣକମଳ ଦ୍ୱୟରେ ଆଶ୍ରୟ ପ୍ରଦାନ କରିଥିବାରୁ।

ହେ ଗୁରୁମହାରାଜ୍ ବ୍ୟକ୍ତି କ'ଣ କହୁଛି ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ତା କାର୍ଯ୍ୟ ଅପେକ୍ଷା, କାର୍ଯ୍ୟ ହିଁ ବ୍ୟକ୍ତିର ଚରିତ୍ର ନିର୍ଦ୍ଧାରଣ କରିଥାଏ। ଭୌତିକ ସଂସାରରେ ରହି, ଧୀରେଧୀରେ ଅଭିଜ୍ଞତା ବୃଦ୍ଧି ହେବାରେ ଲାଗୁଛି କିନ୍ତୁ ସ୍ୱବାକ୍ୟକୁ ସ୍ୱକାର୍ଯ୍ୟରେ ପରିଣତ କରିବାର କୌଶଳ ଓ ଜୀବନଶୈଳୀକୁ ଆପଣଙ୍କ ବ୍ୟତିରେକ ଅନ୍ୟ କାହାଙ୍କ ପାଖରୁ ଅତ୍ୟଧିକ ଶିକ୍ଷା ମିଳି ନାହିଁ ବା ଆଗକୁ ମିଳିପାରିବ ନାହିଁ। ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ ଅର୍ଜୁନଙ୍କୁ କହୁଛନ୍ତି-

ଯଦ୍‌ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନାଃ ।
ସଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତତେ।

ଅର୍ଥ- ଯେତେବେଳେ ଶ୍ରେଷ୍ଠ ବ୍ୟକ୍ତି ଯାହା କରନ୍ତି, ଇତର ବ୍ୟକ୍ତି ତାହା ଅନୁସରଣ କରନ୍ତି। ହେ ଗୁରୁମହାରାଜ୍ ଆପଣଙ୍କ ସ୍ୱଳ୍ପ ସଂସ୍ପର୍ଶରେ ଆସି ମୁଁ ଏହା ଶିକ୍ଷା କରିଛି, ଶ୍ରେଷ୍ଠ ବ୍ୟକ୍ତି ବାସ୍ତବିକ୍ ସେହି ବ୍ୟକ୍ତି ଯେଉଁ ବ୍ୟକ୍ତି ତାହାର ଆଦେଶକର୍ତ୍ତା ଓ ଶାସ୍ତ୍ର ସିଦ୍ଧାନ୍ତକୁ ସର୍ବପ୍ରକାରେ ପାଳନ କରିବାକୁ ପ୍ରୟାସରତ ଥାଏ। ଏହି ପ୍ରୟାସରତ ବ୍ୟକ୍ତିମାନଙ୍କ ମଧ୍ୟରୁ କ୍ୱଚିତ୍ ସୁଦୁର୍ଲଭ ବ୍ୟକ୍ତି ସଫଳତା ପ୍ରାପ୍ତ ହୁଅନ୍ତି। ଏପରି ଜଣେ ମହାନ୍ ସୁଦକ୍ଷ, ସୁନିଷ୍ଠାବାନ୍, ସୁସରଳ, ସୁପଣ୍ଡିତ ବୁଦ୍ଧିମାନ ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ସୁଜନ ଭକ୍ତଙ୍କୁ ମୁଁ ମୋ ଗୁରୁମହାରାଜଙ୍କ ରୂପରେ ପ୍ରାପ୍ତହୋଇ ଜୀବନ କୃତାର୍ଥ କରିଛି।

ଆପଣଙ୍କ ସ୍ୱଳ୍ପ ସଙ୍ଗ ପ୍ରାପ୍ତ ହୋଇ ବ୍ୟକ୍ତି କାଚଖଣ୍ଡ ପାଇବାର ଆଶା ବାସ୍ତବିକ୍ ରୂପରେ ଦୂରୀଭୂତ ହୋଇଯାଏ, କାରଣ ଆପଣ ବାସ୍ତବିକ୍ ଅତ୍ୟନ୍ତ ମୂଲ୍ୟବାନ୍ ହୀରା ସଦୃଶ। ବ୍ୟକ୍ତିଗତ ଅନୁଭୂତି ଅଛି ମୋର- ଅତ୍ୟନ୍ତ ଦୁଃଖଦ ଓ ନୈରାଶ୍ୟପୂର୍ଣ୍ଣ ପରିସ୍ଥିତିଟିଏ ଆସିଥିଲା ଜୀବନରେ, କିନ୍ତୁ ଆପଣଙ୍କ ସ୍ୱଳ୍ପସଙ୍ଗ ଦ୍ୱାରା ତାହା ସୂର୍ଯ୍ୟଙ୍କୁ ଢାଙ୍କି ରହିଥିବା ବାଦଲ ପରି ଅଳ୍ପ ସମୟ ପରେ ଦୂରୀଭୂତ ହୋଇଯାଇଥିଲା।

ଶ୍ରୀମଦ୍ ଭାଗବତମ୍‌ରେ ପ୍ରହ୍ଲାଦ ମହାରାଜ ବର୍ଣ୍ଣନା କରୁଥିବା ଭଳି ବ୍ୟକ୍ତି ବାରମ୍ବାର ଚର୍ବିତ ବସ୍ତୁ ଚର୍ବଣ ଦ୍ୱାରା ପାଉଥିବା ଆନନ୍ଦ ବାସ୍ତବିକ୍ ତାକୁ ନର୍କ ପଥର ପଥିକ ହିଁ କରିଥାଏ। ଆପଣଙ୍କ ସରଳତା ଓ ନିଷ୍କପଟତା ହୃଦୟକୁ ଜିଣିବା ପାଇଁ ଏ ଅଧମ ସର୍ବଦା ପ୍ରସ୍ତୁତ ରହନ୍ତି। ସମସ୍ତ ପରିସ୍ଥିତିରେ କିପରି ବ୍ୟକ୍ତି ସ୍ଥିରତା ଓ ଅବିଚଳିତ ରହି ଭଗବାନଙ୍କ ପାଇଁ ପୂର୍ଣ୍ଣପ୍ରାଣର ସହ ଚେଷ୍ଟିତ ହେବ ତାହା କେବଳ ଆପଣଙ୍କଠାରୁ ହିଁ ଶିକ୍ଷା ଲାଭ କରିହେବ।

ଆପଣ ଭଗବାନଙ୍କ ନିତ୍ୟ ସେବାକୁ ଛାଡ଼ି ମୋ ପରି ଅଧମମାନଙ୍କୁ ଉଦ୍ଧାର ଉଦ୍ଦେଶ୍ୟରେ ଆସି ଏ ଧରାପୃଷ୍ଠରେ ଯେଉଁ ଆଲୋକର ଆଭାସ ଆସିବା ଭଳି ପ୍ରତୀୟମାନ ହୁଏ, ଭଗବାନ ଶ୍ରୀକୃଷ୍ଣ ଶ୍ରୀଚୈତନ୍ୟ ମହାପ୍ରଭୁ ରୂପ ଧରି ଆସିଲାଭଳି ଆପଣ କୌଣସି ସାଧାରଣ ବ୍ୟକ୍ତିତ୍ୱ ରୂପରେ ଆସିଲା ଭଳି ପ୍ରତୀୟମାନ ହେଲେ ସୁଦ୍ଧା, ଭଗବାନଙ୍କ ନିତ୍ୟପାର୍ଷଦ, ଏହା ମୋର ବ୍ୟକ୍ତିଗତ ଓ ଶାସ୍ତ୍ର ପ୍ରମାଣ ଦ୍ୱାରା ପଠିତ ଉଦାହରଣ ସ୍ୱରୂପ ଅଟନ୍ତି।

ସମୟର ସଦୁପଯୋଗ ବାସ୍ତବିକ ଆପଣଙ୍କ ନିକଟରୁ ଶିକ୍ଷାଯୋଗ୍ୟ ଓ କାମିନୀ, କାଞ୍ଚନ ଓ ପ୍ରତିଷ୍ଠାକୁ ଦୂର କରିବାର ଅତ୍ୟନ୍ତ କଷ୍ଟକର ପ୍ରୟାସରେ ହେ ଗୁରୁଦେବ ମୋତେ ସହାୟକ ହେବେ ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣଙ୍କ ସ୍ୱପ୍ନକୁ ସାକାର କରିବାର ଶକ୍ତି ପ୍ରଦାନ କରିବେ।

*ଆପଣଙ୍କ ଅଧମ*
**ବିଶ୍ୱଜିତ୍ ସାହୁ**

# ବ୍ରଜ ଧୂଳି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମ ଆରାଧତମ ଶ୍ରୀଲ ଗୁରୁଦେବ ! ଆଜି ଆପଣଙ୍କର ୭୨ତମ ପବିତ୍ର ବ୍ୟାସପୂଜା ତିଥିଅବସରରେ ଶ୍ରୀଶ୍ରୀରାଧାରାଣୀଙ୍କର କୃପାଭିକ୍ଷା କରି ଆପଣଙ୍କ ଚରଣ କମଳରେ ଏ ଦୀନହୀନ ଅଧମର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଜଣାଉଛି ଏବଂ ଉପସ୍ଥିତ ସନ୍ନ୍ୟାସ, ବୈଷ୍ଣବ, ବୈଷ୍ଣବୀ ଭକ୍ତ ବୃନ୍ଦଙ୍କୁ ସାଦରେ ବିନମ୍ର ପ୍ରଣାମ । ଦୀର୍ଘଦିନ ପ୍ରତିକ୍ଷା ପରେ ନିତ୍ୟ ଲୀଳା ବୃନ୍ଦାବନ ଧାମରେ ପ୍ରଥମଥର ଲାଗି ଗୁରୁଦେବଙ୍କର ପ୍ରିୟ ଶିଷ୍ୟ ଓ ଶିଷ୍ୟାମାନଙ୍କ ଦ୍ୱାରା ଏଇ ମହାନ୍ ବ୍ୟାସପୂଜା ମହାସମାରୋହରେ ପାଳନ କରାଯାଉଛି । ଏହା ଖୁବ୍ ଆନନ୍ଦର କଥା । କାରଣ ବୃନ୍ଦାବନରେ କ୍ଷଣେ ମାତ୍ର ଜୀବ ପକ୍ଷରେ ବସବାସ କରିବା ବଡ଼ ସୌଭାଗ୍ୟର କଥା । ଯାହା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଛି । ଏହା କେବଳ ସମ୍ଭବ ହୋଇପାରିଛି ଆମ୍ଭର ପ୍ରିୟ ଗୁରୁଦେବଙ୍କର ଅହୈତୁକୀ କୃପା ପ୍ରଦର୍ଶନ ଯୋଗୁଁ, ତେଣୁ ଆମ୍ଭେମାନେ ସମସ୍ତେ ଧନ୍ୟ, ସ୍ୱୟଂ ଭଗବାନଙ୍କର ଆବିର୍ଭାବ ଓ ତିରୋଭାବ ତିଥି ଯେପରି ପବିତ୍ର ଓ ମହାନ୍, ସେଇପରି ଆରାଧାତମ ଶ୍ରୀଲ ଗୁରୁଦେବଙ୍କର ପୂଜା ଓ ଆରାଧନା ଦିବ୍ୟ । ତେଣୁ ଶାସ୍ତ୍ରରେ କୁହାଯାଇଛି- 'ଈଶ୍ୱରେର ଜନ୍ମତିଥି ଯେହେନ ପବିତ୍ର, ବୈଷ୍ଣବର ଜନ୍ମତିଥିସେହେନ ପବିତ୍ର ।'

ହେ ଗୁରୁଦେବ, ଆପଣଙ୍କର ଗୁଣ ଅସୀମ ଓ ଅନନ୍ତ ଅଟେ । ଆପଣଙ୍କର ଗୁଣ ଓ ଲୀଳାକୁ ବର୍ଣ୍ଣନା କରିବା ଏ ଦୀନହୀନ ଅଧମ ପକ୍ଷରେ ଅସମ୍ଭବ । ଏ ଅଧମର କୌଣସି ଲେଶମାତ୍ର ଶକ୍ତିସାମର୍ଥ୍ୟ ମଧ ନାହିଁ ଆପଣଙ୍କର ଗୁଣାବଳୀକୁ ଚରିତାର୍ଥ କରିବାପାଇଁ । ତଥାପି, ଆପଣଙ୍କର କୃପାକୁ ପାଥେୟ କରି ନିଜର ଅନୁଭୂତିକୁ କିଛି ଅବତାରଣା କରିବାକୁ ମନ ଓ ହୃଦୟରେ ବୃଥା ପ୍ରୟାସ କରିଅଛି । ଶାସ୍ତ୍ରରେ କୁହାଯାଇଛି- 'ବୈଷ୍ଣବର ଗୁଣଗାନ କରିଲେ ଜୀବେର ତ୍ରାଣ, ଶୁନିଅଛି ସାଧୁଗୁରୁ ମୁଖ ।'

ପ୍ରାୟ ୨୦୦୧ ରୁ ୨୦୦୩ ମସିହା ମଧ କଥା । ସେତେବେଳେ ଗୁରୁଦେବ ଗିରିଗୋବର୍ଦ୍ଧନ ପରିକ୍ରମା ରାସ୍ତାର ଏକ ଇସ୍କନ ସେଣ୍ଟରରେ ରହୁଥାନ୍ତି । ଭୁବନେଶ୍ୱର ଇସ୍କନ ମନ୍ଦିର ତରଫରୁ ୭୦/୮୦ ଜଣ ଭକ୍ତଙ୍କୁ ନେଇ ପବିତ୍ର ବୃନ୍ଦାବନ ଧାମ ଦର୍ଶନାର୍ଥେ ଏକ ତୀର୍ଥ ଯାତ୍ରାର ଆୟୋଜନ କରାଯାଇଥିଲା । ଏ ଅଧମ ସହିତ ମାତାଜୀ ମଧ ଏହି ପ୍ରାଣରେ ସାମିଲ ହୋଇଥିଲେ । ଦିନେ ଶ୍ରୀ ରାଧାକୁଣ୍ଡ ଶ୍ୟାମକୁଣ୍ଡ ସମୀପରୁ ଗିରିଗୋବର୍ଦ୍ଧନ ପରିକ୍ରମା କରିବା ପାଇଁ ଏକ ସଂକୀର୍ତ୍ତନ ପଦଯାତ୍ରାର ଆୟୋଜନ କରାଯାଇଥିଲା ଏବଂ ପରିକ୍ରମା ରାସ୍ତାରେ ଭକ୍ତମାନଙ୍କ ଦ୍ୱାରା କରତାଳ, ମୃଦଙ୍ଗ, ହରିବୋଲ ଓ ହୁଳହୁଳ ମାଧ୍ୟମରେ ପଦଯାତ୍ରାଟି ଖୁବ୍, ଭକ୍ତିମୟ ହୋଇଥିଲା । ଇତ୍ୟବସରେ, ଗୁରୁଦେବ ରହୁଥିବା ଆଶ୍ରମ ନିକଟରେ ସଂକୀର୍ତ୍ତନ ପଦଯାତ୍ରା ପହଞ୍ଚିଥିଲା । ସେଠାରେ ଗୁରୁଦେବ ଆମ୍ଭମାନଙ୍କୁ ଆଶ୍ରମ ଭିତରକୁ ଅତି ସାଦରେ ପାଛୋଟି ନେଇଥିଲେ ଏବଂ ଗିରିରାଜଙ୍କ ସମ୍ବନ୍ଧରେ ଆମ୍ଭମାନଙ୍କୁ କିଛି କ୍ଷଣପାଇଁ ଭକ୍ତି ସମ୍ବନ୍ଧୀୟ କଥା ଆଲୋକପାତ କରିଥିଲେ । ତା'ପରେ ଗୁରୁଦେବ ଆମ୍ଭମାନଙ୍କୁ ଗିରିରାଜଙ୍କର ପ୍ରସାଦସେବନ କରିବା ପାଇଁ ସ୍ୱ-ହସ୍ତରେ ପ୍ରଦାନ କରିଥିଲେ । ଏଇ ଅବସର ସମୟରେ ଗୁରୁଦେବଙ୍କର ଏ ଅଧମ ପ୍ରତି ଟିକେ କୃପାଦୃଷ୍ଟି ପଡ଼ିଲା । ଗୁରୁଦେବ ଏ ଅଧମ ହସ୍ତରେ ଗିରିରାଜଙ୍କ ପ୍ରସାଦ ପ୍ରଦାନ କରିବା ସମୟରେ ଏ ପାପୀରୁ ପଚାରିଲେ, "ତୁମର ବେଶ ଏପରି କ'ଣ ହୋଇଛି ? ତୁମେ କ'ଣ ଏଇ ବ୍ରଜ ଧୂଳିରେ ବୋଳି ହୋଇଆସିଛ ?" କାରଣ, ସେତେବେଳକୁ ଏ ଅଧମ ପରିକ୍ରମା ରାସ୍ତାରେ ଥିବା ବ୍ରଜମାଟି ଧୂଳିରେ ଗଡ଼ି ଦେହସାରା ଧୂଳିଧୂସର ହୋଇଯାଇଥିଲା । ଏ ଦାସ ଗୁରୁଦେବଙ୍କୁ କିଛି ଉତ୍ତର ଦେବାପୂର୍ବରୁ ସେଠାରେ ଉପସ୍ଥିତ ଥିବା ଭକ୍ତମାନେ କହି ଉଠିଲେ, ହଁ ଗୁରୁଦେବ । ଏ ପ୍ରଭୁ-ଜଣକ ଏଇ

ବ୍ରଜ ଧୂଳିରେ ଗଡ଼ି ତାଙ୍କର ଏପରି ବେଶ ହୋଇଛି। ଏ କଥା ଶୁଣିବା ପରେ ଗୁରୁଦେବ ତୁମେ ଏ ବ୍ରଜଧୂଳିରେ ଗଡ଼ି ଆସିଥିବାରୁ ତୁମକୁ ନିଶ୍ଚିତ ବ୍ରଜପ୍ରେମ ପ୍ରାପ୍ତ ହେବ। ଯାହାକି ଦୁର୍ଲଭ। ଏପରି କରିବା ଭଲ। ତୁମେ ଏହାକୁ ଜାରି ରଖ। ଏହାପୂର୍ବରୁ ଗୁରୁଦେବଙ୍କ ସହିତ କେବେ ବି ସାକ୍ଷାତ ହୋଇ ନଥିଲା। କିନ୍ତୁ ଗୁରୁଦେବଙ୍କ ସହିତ ସେଇ ଦିନରେ କେଇ ମୁହୂର୍ତ୍ତ ପାଇଁ ପ୍ରଥମ ସାକ୍ଷାତରେ ଏ ଅଧମର ମନ ଓ ହୃଦୟରେ ଗଭୀର ଭକ୍ତିଭାବ ଜାଗ୍ରତ ହୋଇଥିଲା। ସେଇଦିନଠାରୁ ଗୁରୁଦେବଙ୍କର ସେଇ ଅମୃତ ପ୍ରେମମୟ ବାଣୀକୁ ନିଜ ହୃଦୟରେ ଧରି ତାଙ୍କର ଶ୍ରୀଚରଣାବିନ୍ଦରେ ଆଶ୍ରିତ ହୋଇଅଛି।

ଗୁରୁଦେବ, ଏ ଅଧମର କୌଣସି ଯୋଗ୍ୟତା ନାହିଁ। କିନ୍ତୁ ଆପଣ ଏତେ ଦୟାଳୁ ଯେ, ଆପଣ କୃପା କରି ୨୦୦୭ ମସିହାରେ ପବିତ୍ର ରାମନବମୀ ତିଥିରେ ଏ ଅଧମ ଦାସକୁ ବୁର୍ଲାଠାରେ ଗାୟତ୍ରୀ ମନ୍ତ୍ରରେ ଦୀକ୍ଷିତ କରାଇଥିଲେ। ଗୁରୁଦେବ, ଆପଣଙ୍କ ଦ୍ୱାରା ପ୍ରଦତ୍ତ କୌଣସି ନୀତିନିୟମକୁ ଏ ନରାଧମ ଠିକ୍‌ରୂପେ ପାଳନ କରୁନାହିଁ। ବରଂ ରାଗ, ହିଂସା, ଲୋଭ, ମୋହ, କାମ ଆଦି ଆସୁରୀକ ସ୍ୱଭାବରେ ବିପଥଗାମୀ ହୋଇ ନର୍କଗାମୀ ହୋଇଅଛି। ଦିନକୁ ଦିନ ଭୌତିକ ମୋହରେ ଧାବିତ ହୋଇ ଆପଣଙ୍କ ପାଦପଦ୍ମରେ ଅପରାଧ କରିଚାଲିଛି। ଏ ଅଧମରେ ଅନେକ ଦୋଷଥିଲେ ମଧ୍ୟ ଅନ୍ୟର ଦୋଷ ଓ ଦୁର୍ବଳତାକୁ ଦେଖି ନିଜେ ଖୁସି ହେଉଛି। ଏ ପାପୀ କୌଣସି ଗୁଣରେ ପାପୀ ଅଜାମିଳ ଠାରୁ କମ୍ ନୁହେଁ।

ଗୁରୁଦେବ, ଆପଣ ଦୟାମୟ, କୃପାମୟ, ପତିତପାବନ ଅଟନ୍ତି। ଆପଣଙ୍କର ସମସ୍ତ ଆଦେଶକୁ ଯେପରି ଅପରାଧଶୂନ୍ୟ ଭାବରେ ନିଜର ଜୀବନରେ ଆଚରଣ କରି ପାଳନ କରିପାରିବି ସେଥିପାଇଁ ଏ ଅଧମ ଦାସକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସମସ୍ତ ଦୋଷ ଓ ଅପରାଧକୁ କ୍ଷମାଗୁଣରେ କ୍ଷମା ଦେଇ ଏ ଅଧମ ଅକିଞ୍ଚନ ନରାଧମକୁ ଆପଣଙ୍କ ଶ୍ରୀଚରଣ କମଳରେ ଆଶ୍ରୟ ପ୍ରଦାନ କରିବେ।

ଜୟ ପତିତପାବନ ଶ୍ରୀଲ ଗୁରୁଦେବ କି ଜୟ ।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ।

ଜୟ ନିତାଇ ଗୌର ପ୍ରେମାନନ୍ଦ ହରି ହରିବୋଲ।

*ଆପଣଙ୍କ ଚରଣାଶ୍ରିତ*

***ବୈଷ୍ଣବାନନ୍ଦ ଦାସ***

# ଶ୍ରୀ ଗୁରୁ କରୁଣା ସିନ୍ଧୁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ଆପଣଙ୍କ ଶୁଭ ଆବିର୍ଭାବ ଉତ୍ସବରେ ଏହି ଅଧମ ଆପଣଙ୍କ ଚରଣ କମଳରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ହେ ଗୁରୁଦେବ, ଆପଣଙ୍କର ଅନେକ ଗୁଣ ରହିଛି। ସବୁଗୁଣ ଗୁଡ଼ିକୁ ବର୍ଣ୍ଣନା କରିବା ମୋ ଭଳି ଅଜ୍ଞାନୀ ପକ୍ଷରେ ଅସମ୍ଭବ। ତଥାପି ଆପଣଙ୍କ କୃପାରୁ କିଛି ଲେଖିବାକୁ ଯାଉଛି।

ହେ ପୂଜ୍ୟ ଗୁରୁଦେବ, ଆପଣ ଆମ୍ଭମାନଙ୍କୁ ପୁନର୍ଜନ୍ମ ଦେଇ ଆମ୍ଭମାନଙ୍କ ହୃଦୟରେ ଥିବା ଅଜ୍ଞାନତା ପୂର୍ବକ ଘନ ଅନ୍ଧକାରକୁ ଦୂର କରିଥାନ୍ତି। ଆପଣଙ୍କ ଆଶୀର୍ବାଦ ବିନା ଏ ଜଞ୍ଜାଳମୟ କଷ୍ଟପୂର୍ଣ୍ଣ ଭୌତିକ ସଂସାରରୁ ମୁକ୍ତ ହୋଇ ଭଗବତ କୃପା ପ୍ରାପ୍ତ କରିବା ମରୁଭୂମିର ମରିଚିକା ସଦୃଶ। ଆପଣ ହେଉଛନ୍ତି ଭଗବାନଙ୍କ ନିତ୍ୟ ପାର୍ଷଦ ଓ ତାଙ୍କଠାରୁ ଅଭିନ୍ନ। ଯେତେବେଳେ ମୁଁ ଆପଣଙ୍କୁ ଦର୍ଶନ କରେ ମୁଁ ଆପଣଙ୍କ ଶାନ୍ତ ସୌମ୍ୟ ରୂପକୁ ଦର୍ଶନ କରି ମୋ ଚକ୍ଷୁରୁ ଲୋତକ ଝରିଆସେ ସତେ ଯେପରି ମୋ ଜୀବନରେ ଏକ ଆଲୋକ ପ୍ରଦୀପ ପ୍ରଜ୍ୱଳିତ ହେଲାପରି ଲାଗେ।

ହେ ଗୁରୁଦେବ, ମୁଁ ଆପଣଙ୍କୁ ବହୁତ ଭକ୍ତି ବିଶ୍ୱାସ କରେ। ଆପଣ କୃପା କରନ୍ତୁ ମୁଁ ଯେପରି ଆପଣଙ୍କ ପାଦପଦ୍ମରେ ପୂର୍ଣ୍ଣ ଶରଣାଗତ ହୋଇ କୃଷ୍ଣ ପ୍ରେମ ପ୍ରାପ୍ତିର ଅଧିକାରୀ ହୋଇପାରେ। ଅଧମର ଦୋଷ ଥିଲେ କ୍ଷମା କରିବେ। ମୁଁ ଶ୍ରୀ ରାଧା ରାଧାକାନ୍ତଙ୍କ ନିକଟରେ ପ୍ରାର୍ଥନା କରୁଛି, ଆପଣ ସର୍ବଦା ସୁସ୍ଥ ନିରୋଗ ଓ ଦୀର୍ଘାୟୁ ରୁହନ୍ତୁ। ଆମମାନଙ୍କ ପରି ବଦ୍ଧଜୀବ ଉପରେ କୃପା କରିଥାନ୍ତୁ।

*ଆପଣଙ୍କ ସଦା ଆଶୀର୍ବାଦ ଭିକ୍ଷା ଅଭିଳାସୀ*

***ବୃନ୍ଦାବନ ବାସିନୀ ଦେବୀଦାସୀ***

# ତାଙ୍କ ଆଶୀର୍ବାଦରୁ କିଛି ବିଘ୍ନ ହେବ ନାହିଁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁଦେବ। ଆପଣଙ୍କର ୭୨ତମ ଆବିର୍ଭାବ ତିଥିରେ ଏ ଅଧମ ପତିତର ଶତକୋଟି ଦଣ୍ଡବତ ପ୍ରଣାମ। ଏ ଅଧମ ଆପଣଙ୍କର ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ କାମନା କରୁଛି। ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ବଳଭଦ୍ର, ଶୁଭଦ୍ରା, ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଜଣାଉଛି। ଆପଣଙ୍କର ଗୁଣଗାନ କରିବାର ଏ ଅଧମର ଯୋଗ୍ୟତା ନାହିଁ, ଆପଣଙ୍କର କୃପାବିନା ଏହା ଅସମ୍ଭବ। ତଥାପି ଲେଖିବାକୁ କିଛି ପ୍ରୟାସ କରୁଛି, ହେ ଗୁରୁଦେବ, ଆପଣଙ୍କର ଗୁଣ ଅନନ୍ତ, ଅସୀମ। ଆପଣ ଏତେ ଦୟାଳୁ ଯେ ଆମପରି ଅଧମକୁ ଦୀକ୍ଷା ଦେଇଛନ୍ତି। ଆମଭଳି ପତିତ ଜୀବକୁ ଉଦ୍ଧାର କରିବାକୁ ଆପଣଙ୍କ ଭଳି ମହାନ୍ ବୈଷ୍ଣବଙ୍କର ଆବିର୍ଭାବ ହୋଇଛି। ହେ ଗୁରୁଦେବ ଆପଣ କୃପାମୟ, ଆପଣ ଶିଷ୍ୟ ମନର କଥା ଜାଣିପାରନ୍ତି। ହେ ଗୁରୁଦେବ ୨୦.୦୮.୨୦୨୪ରେ ଯେତେବେଳେ କେଉଁଝର ଯାଉଥିଲେ ସେଇ ସମୟରେ ଆମ ଗାଡ଼ି ଆକ୍ସିଡେଣ୍ଟ ହୋଇଥିଲା। ସେତେବେଳେ ସମୟ ସକାଳ ୧୦ଟା ୩୦, ପ୍ରଭୁ ମୋତେ ଫୋନ୍ କଲେ ଆମ ଗାଡ଼ି ଆକ୍ସିଡେଣ୍ଟ ହୋଇଯାଇଛି। ମୁଁ ପଚାରିଲି କାହାର କ'ଣ ହୋଇଛି, ସେ ମୋତେ କହିଲେ ସମସ୍ତେ ଠିକ୍ ଅଛନ୍ତି କିନ୍ତୁ ବହୁ ମୁଣ୍ଡରୁ ବହୁତ ବ୍ଲଡ଼ ବାହାରୁଛି କ'ଣ ହେବ ମୁଁ କହିପାରୁନି, ସେ ବହୁତ ଡରିଯାଇଥିଲେ ମୁଁ ସାରିଲାପରେ- ମୁଁ ମୋ ଗୁରୁଦେବ ଓ ରାଧାମାଧବ ପାଖରେ ବହୁତ କାନ୍ଦିଥିଲି କହିଲି ହେ ଗୁରୁଦେବ, ହେ ରାଧାମାଧବ ଯାହା କଷ୍ଟ ଦେବାକଥା ଦେଇସାରିଲେଣି, ଆଉ ଆଗକୁ ଯେପରି କିଛି ନ ହେଉ। ତା'ପରେ ଘରର ସମସ୍ତେ ଆମେ କେଉଁଝର ବାହାରିଲୁ ବାଟରେ ମୁଁ ପୁରୁଷୋତ୍ତମ ପ୍ରଭୁଙ୍କୁ ଫୋନ୍ କଲି ପ୍ରଭୁ ଆମ ଗାଡ଼ି କେଉଁଝର ଯାଉଥିଲା ଆକ୍ସିଡେଣ୍ଟ ହୋଇଯାଇଛି, ପ୍ରଭୁ ବହୁତ ବ୍ୟସ୍ତ ହୋଇପଡ଼ିଥିଲେ ଏବଂ ମୋତେ ତ କହିଲେ ମାତାଜୀ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଭଗବାନ ଅଛନ୍ତି, ଆମ ଗୁରୁଦେବ ଅଛନ୍ତି ତାଙ୍କ ଆଶୀର୍ବାଦରୁ କିଛି ହେବ ନାହିଁ। ମୁଁ ଯେତେବେଳେ ପ୍ରଭୁଙ୍କ ପାଖକୁ ଫୋନ୍ ଲଗାଇଲି ପ୍ରଭୁ କହିଲେ, ଡାକ୍ତର କହୁଛନ୍ତି ସିଟି ସ୍କାନ୍ ପରେ ଜଣାପଡ଼ିବ। ମୁଁ ଯେତେବେଳେ ସେଠାରେ ପହଞ୍ଚି ଦେଖିଲି ଦେହଗୋଟାଯାକ ରକ୍ତରେ ଭିଜି ଯାଇଛି, ଅନ୍ୟମାନଙ୍କର କିଛି କିଛି ଖଣ୍ଡିଆ ହୋଇଛି, କିନ୍ତୁ ପ୍ରଭୁଙ୍କର କିଛି ହୋଇ ନାହିଁ ବା ଛୋଟ ଛୁଆର କିଛି ହୋଇ ନାହିଁ। ସିଟିସ୍କାନ୍ ଆସିଲା, ଡାକ୍ତର କହିଲେ ବେଶି କିଛି ହୋଇନାହିଁ। ଉପର ଚମଡ଼ା ଛାଡ଼ି ଯାଇଛି ୨୫ଟା ଷ୍ଟିଚ୍ ପଡ଼ିଥିଲା। ତେଣୁ ସେଇଦିନ ମୁଁ ଜାଣିଗଲି ଯେ ମୋ ଗୁରୁଦେବଙ୍କର ଏ ଅଧମ ପ୍ରତି କିଛି କୃପା ଅଛି, ଆମପରି ଜଣେ ଅଧମ ଶିଷ୍ୟ ଆପଣଙ୍କର ଗୁଣ କୀର୍ତ୍ତନ କରିପାରୁନି। ହେ ଗୁରୁଦେବ ଏ ଅଧମ ଦୀନହୀନ ବୁଦ୍ଧିହୀନ, ପତିତ ଜୀବ ମୋର ଆପଣଙ୍କର ଗୁଣଗାନରେ ଯଦି ତ୍ରୁଟି ରହିଯାଇଥିବ, ତେବେ ମୋତେ କ୍ଷମା କରିଦେବେ। ଆପଣଙ୍କର ଚରଣକମଳ ତଳେ ଏ ତୁଚ୍ଛର କୋଟି କୋଟି କ୍ଷମା ପ୍ରାର୍ଥନା।

ହରେ କୃଷ୍ଣ

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ ! ଜୟ ଶ୍ରୀଲ ଗୁରୁଦେବ କି ଜୟ !

*ଆପଣଙ୍କର ଏ ଅଧମ ଶିଷ୍ୟ*
***ଶିଷ୍ୟ ବ୍ରଜେନ୍ଦ୍ର ନନ୍ଦନ ଦାସ***
***ଶିଷ୍ୟା ନିତ୍ୟା କିଶୋରି ଦେବୀଦାସୀ***

# ହରେ କୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ପରମପୂଜ୍ୟ ଗୁରୁଦେବ ! ଆଜି ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥି ଅବସରରେ ଏ ଅଧମ ଦାସୀ ଆପଣଙ୍କର ଶ୍ରୀଚରଣ ତଳେ ଭକ୍ତିପୂର୍ଣ୍ଣ ଦଣ୍ଡବତ ପ୍ରଣାମ ଜଣାଉଛି । କୃପାକରି ଗ୍ରହଣ କରିବେ । ଆଜିର ଏହି ମହା ଆନନ୍ଦମୟ ତିଥିରେ ଆପଣଙ୍କ ପରି ମହାନ୍ ବୈଷ୍ଣବ ଆଚାର୍ଯ୍ୟଙ୍କର ଗୁଣଗାନ କରିବା ଏ ନଗଣ୍ୟ ଜୀବ ପକ୍ଷରେ ସମ୍ଭବ ନଥିଲେ ମଧ୍ୟ ଆପଣଙ୍କ କୃପାରୁ ଯତ୍‌କିଞ୍ଚିତ୍ ପ୍ରୟାସ କରୁଛି । ହେ ଗୁରୁଦେବ ! ମହାଭାଗ୍ୟ ଫଳରେ ହିଁ ଆପଣଙ୍କପରି ମହାଭାଗବତର ସଙ୍ଗ ଲାଭ କରାଯାଇପାରେ । ଦୁଇଟି ଜିନିଷ ଦ୍ୱାରା ଜଣେ ମନୁଷ୍ୟ ଏ ଭବବନ୍ଧନରୁ ମୁକ୍ତି ପାଇପାରେ ।

ସାଧୁସଙ୍ଗ ହରିନାମ ଏହିମାତ୍ର ଚାଇ
ସଂସାର ଜନିତେ ଆର କୋନ ବସ୍ତୁ ନାଇ ।

ହେ ଗୁରୁଦେବ ! ଆପଣଙ୍କ ଚରଣ କମଳରେ ପୁଣି ମୋର କୋଟିକୋଟି ଦଣ୍ଡବତ ପ୍ରଣାମ ଏବଂ ମୋହନକୃଷ୍ଣ ପ୍ରଭୁଜୀଙ୍କୁ ବହୁତ ବହୁତ ଧନ୍ୟବାଦ, କାରଣ ଗୁରୁଜୀ ସକାଳୁ ସକାଳୁ ଟେଲିଗ୍ରାମ୍‌ରେ ଗୁରୁଦେବଙ୍କ ମୁଖରୁ କୃଷ୍ଣଙ୍କ କଥା ଶୁଣିବାର ସୁଯୋଗ ପ୍ରଦାନ କରୁଛନ୍ତି । ଆମ୍ଭେମାନେ ଗୃହସ୍ଥ ଏମିତି ଯେଉଁ ନିତ୍ୟ ଗୁରୁଦେବଙ୍କ ହସହସ ମୁଖରୁ ହରିକଥା ଶୁଣିବାର ପ୍ରୟାସ କରୁଛନ୍ତି ଏବଂ କହୁଛନ୍ତି ଜଣେ ପାଞ୍ଚ ଜଣଙ୍କୁ ଶୁଣିବାର ସୁଯୋଗ ଦିଅନ୍ତୁ, ଏଥିରେ ବହୁତ ଭକ୍ତ ଆଉ ମୁଁ ମଧ୍ୟ ଉପକୃତ ହେଉଛି । ଗୁରୁଦେବ, ଆପଣ ଯେଉଁ ବ୍ରଜଲୀଳା, ଗୋପକୁମାର ଲୀଳା, ଆଉ ଯେଉଁ କୃଷ୍ଣ ପ୍ରେରିତ କରୁଛନ୍ତି ଉଦ୍ଧବଙ୍କୁ ଗୋପୀମାନଙ୍କୁ, ବ୍ରଜବାସୀମାନଙ୍କୁ ସାନ୍ତ୍ୱନା ଦେବାପାଇଁ ଆଉ ମଧ୍ୟ ବଳରାମ ଯାଉଛନ୍ତି ବ୍ରଜଭୂମିକୁ ସେଠି ପହଞ୍ଚିଛନ୍ତି, ନନ୍ଦବାବା ବଳରାମଙ୍କୁ ଆଲିଙ୍ଗନ କରି ତାଙ୍କ ଅଶ୍ରୁରେ ବଳରାମଜୀଙ୍କୁ ଅଭିଷିକ୍ତ କରୁଛନ୍ତି ଏବଂ ଯଶୋଦା ମା' ବଳରାମଙ୍କୁ ଆଲିଙ୍ଗନ କରିବାର ଯେଉଁ ଦୃଶ୍ୟ ଆପଣ ବର୍ଣ୍ଣନା କରୁଛନ୍ତି, ସେତେବେଳେ ଆପଣଙ୍କ କଣ୍ଠରୁଦ୍ଧ ହେଇଯାଉଛି, ସେ ଲୀଳା ଶ୍ରବଣ କରି ମୋର ଲୋମ ଟାଙ୍କୁରୀ ହୋଇଯାଉଛି । ଗୋଡ଼ହାତ ଚଳୁନି କିଛି କରିବାପାଇଁ, ଆଉ ମଧ୍ୟ ଗୋପୀମାନଙ୍କର ବିରହ ବେଦନା ଏତେ ସୁନ୍ଦର ଭାବରେ ଆପଣ ବର୍ଣ୍ଣନା କରୁଛନ୍ତି ସତେ ଯେପରି ଆମେ ବ୍ରଜରେ ଅଛୁ । ଏତେ ପରିଷ୍କାର ଭାବରେ ଆପଣ ବର୍ଣ୍ଣନା କରୁଛନ୍ତି ସେତିକି ସମୟପାଇଁ ସଂସାରର କୌଣସି କଥା ମନେପଡୁନି ସେ ଲୀଳା ଏତେ ସୁନ୍ଦର ଲାଗୁଛି ଆପଣ ନିତ୍ୟ ଲୀଳାରେ ରହି ଆମକୁ କିପରି ସେ ଦୃଶ୍ୟ ଦେଖାଉଛନ୍ତି, ଆମ୍ଭେମାନେ କର୍ଣ୍ଣଚକ୍ଷୁରେ ସେ ବିରହଲୀଳା ଆସ୍ୱାଦନ କରୁଛୁ । ଗୁରୁଦେବ, ରାଧାରାଣୀ, ଗୋପୀମାନେ ଯେଉଁ ବଂଶୀକୁ ଭାଗ୍ୟଶାଳୀ ବୋଲି କହୁଛନ୍ତି କାରଣ ସେ ସବୁବେଳେ କୃଷ୍ଣଙ୍କର ଅଧର ଅମୃତ ପାନ କରୁଛି, ଆମ୍ଭେମାନେ ବି ବହୁତ ଭାଗ୍ୟଶାଳୀ ଆମେ ଗୁରୁଦେବଙ୍କ ହସହସ ମୁଖରୁ ଭଗବାନଙ୍କର ଏ ଅମୃତ ପାନ କରୁଛୁ । ହେ ଗୁରୁଦେବ ! ଆମେ କିପରି ଆପଣଙ୍କ ଶ୍ରୀପାଦପଦ୍ମ ଛାୟାରେ ସବୁବେଳେ ଆଶ୍ରୟ ନେଇପାରିବୁ ଏତିକି ଆମକୁ କୃପା କରନ୍ତୁ । ଆପଣଙ୍କର ଆଶୀର୍ବାଦ ଓ କୃପାରୁ ଆମର ଏ ଭୌତିକ ଜଗତରେ ସବୁ ଦୁଃଖ ଦୁର୍ଦ୍ଦଶା ଦୂର ହୋଇଯାଉଛି, ଠିକ୍ ଯେପରି ବିଶାଳ ବୃକ୍ଷର ଛାଇକୁ ଆସିଲେ ଆପେ ଆପେ ସୂର୍ଯ୍ୟଙ୍କର ପ୍ରଖର ତାପରୁ ଉପଶମ ମିଳେ ।

ଶେଷରେ ମୁଁ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦରଙ୍କୁ ପ୍ରାର୍ଥନା କରୁଛି ସେ ମୋ ଗୁରୁଦେବଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ । ଯାହାକିଛି ଜ୍ଞାତ ଓ ଅଜ୍ଞାତସାରରେ କରିଛି ମୋତେ କ୍ଷମା କରିଦେବେ ଗୁରୁଦେବ ! ଆପଣଙ୍କ ହୃଦୟକୁ କଷ୍ଟହେଲା ଭଳି କିଛି ଭୁଲ୍ ଯେମିତି ନ ହେଉ ସେଥିପାଇଁ ଆଶୀର୍ବାଦ କାମନା କରୁଛି । ମୁଁ ଆଉ ମୋର ପରିବାର କିପରି ଭକ୍ତିମାର୍ଗରେ ଲାଗିରହି ଭଗବାନଙ୍କ ସେବାରେ ସତତ୍ ଲାଗିହିବୁ ଏତିକି ଆଶୀର୍ବାଦ କରନ୍ତୁ ।

ଜୟ ଶ୍ରୀଲ ପ୍ରଭୁପାଦକୀ ଜୟ, ଜୟ ଶ୍ରୀ ଗୁରୁଦେବକୀ ଜୟ ।

*ଆପଣଙ୍କର ଅଧମ ଶିଷ୍ୟ, ଶିଷ୍ୟା*
***ବ୍ରଜରାଜ ଦାସ, ପଦ୍ମା ଦେବୀଦାସୀ***

# ରସମୟ ହରିକଥା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମାରାଧ୍ୟ ଗୁରୁଦେବ ଆପଣଙ୍କ ଏହି ୭୨ତମ ଶୁଭ ଆବିର୍ଭାବ ତିଥି ଅବସରରେ ଆପଣଙ୍କ ଶ୍ରୀ ଚରଣରେ ମୋର ଶତକୋଟି ଦଣ୍ଡବତ ପ୍ରଣାମ। ହେ ଗୁରୁଦେବ ଆପଣ ଗୁଣର ସାଗର ଏବଂ ଭଗବାନଙ୍କ ନିଜଜନ ଆପଣଙ୍କ ଗୁଣ ଗାନ କରିବାର ସୁଯୋଗ ପ୍ରତି ବର୍ଷ ବ୍ୟାସ ପୂଜାରେ ମିଳୁଛି, ସେଥିପାଇଁ ନିଜକୁ ବଡ଼ ଭାଗ୍ୟବାନ୍ ମନେକରୁଛି।

ଆମେ ଶୁଦ୍ଧ ଭକ୍ତି ଲାଭ କରିବାର ଏକମାତ୍ର ଉପାୟ ହେଉଛନ୍ତି ଆଧାତ୍ମିକ ଗୁରୁଙ୍କର ଶ୍ରୀଚରଣ କମଳରେ ଆଶ୍ରୟ ଗ୍ରହଣ କରିବା। ତେଣୁ ମୁଁ ସେଇ ପାଦପଦ୍ମରେ ଖୁବ୍ ସାବଧାନତା ସହକାରେ ମୋର ଦଣ୍ଡବତ ପ୍ରଣାମ ଜଣାଉଛି। ଆଧାତ୍ମିକ ଗୁରୁଦେବ କୃପା ଲାଭ ଫଳରେ ଜଣେ ଏ ଭୌତିକ ଦୁଃଖମୟ ସଂସାର ସାଗରକୁ ଅତିକ୍ରମ କରିପାରିବ।

ଶ୍ରୀ ଗୁରୁଦେବଙ୍କର ମୁଖ ପଦ୍ମରୁ ନିର୍ଗତ ହେଉଥିବା ରସମୟ ହରିକଥା ଶ୍ରବଣ କରି ମୋର ଚେତନା ଶୁଦ୍ଧ ହେଉ, ଏହା ହିଁ ମୋର ଏକମାତ୍ର କାମନା ଜୀବର ସମସ୍ତ ଆଶା ଓ ଆକାଙ୍କ୍ଷା ସେତେବେଳେ ପୂରଣ ହୁଏ ଏବଂ ଜଣେ ପରିପୂର୍ଣ୍ଣତା ଲାଭ କରେ, ଯେତେବେଳେ ତା'ର ଚିତ୍ତ ଗୁରୁଦେବଙ୍କର ଚରଣକମଳ ସେବାରେ ସମ୍ପୂର୍ଣ୍ଣରୂପେ ଲାଗିରହେ।

ହେ ଗୁରୁଦେବ ଆପଣ ଘନ ଅନ୍ଧକାରରେ ଥିବା ମୋର ଆଖି ଖୋଲି ଦେଇଛନ୍ତି ଏବଂ ମୋର ହୃଦୟରେ ଦିବ୍ୟଜ୍ଞାନର ଆଲୋକ ସଂଞ୍ଚାର କରିଛନ୍ତି। ଆପଣ ହେଉଛନ୍ତି ମୋର ଜନ୍ମଜନ୍ମାନ୍ତରର ପ୍ରଭୁ, ଆପଣଙ୍କଠାରୁ ହିଁ ଦିବ୍ୟପ୍ରେମରସ ନିର୍ଗତ ହୁଏ। ଆପଣଙ୍କ ଦ୍ୱାରା ହିଁ ଅବିଦ୍ୟାକୁ ନଷ୍ଟ କରାଯାଇପାରେ। ସମସ୍ତ ବୈଦିକ ଶାସ୍ତ୍ର ସମୂହ ଆପଣଙ୍କର ଗୁଣ କୀର୍ତ୍ତନ କରନ୍ତି।

ଆମ୍ଭର ଗୁରୁଦେବ ହେଉଛନ୍ତି ଦୟାର ସାଗର। ଦରିଦ୍ରମାନଙ୍କର ବନ୍ଧୁ ଏବଂ ଭକ୍ତମାନଙ୍କର ସେବ୍ୟ ବସ୍ତୁ ଏବଂ ପ୍ରଭୁ। ହେ ଗୁରୁଦେବ ! ମୋ ପ୍ରତି ଟିକେ କୃପା ପ୍ରଦର୍ଶନ କରନ୍ତୁ, ଆପଣଙ୍କ ଶ୍ରୀଚରଣ କମଳରେ ଛାୟା ଆଶ୍ରୟ ଦେଇଥିବାରୁ ନିଜକୁ ଧନ୍ୟ ମନେକରୁଛି।

ଆଜିର ଏହି ଶ୍ରାବଣ କୃଷ୍ଣ ତୃତୀୟା ତିଥି ଆପଣଙ୍କର ଶୁଭ ଆବିର୍ଭାବ ଉତ୍ସବରେ ମୁଁ ଶ୍ରୀଶ୍ରୀ ରାଧାକାନ୍ତଙ୍କୁ ଏହି ପ୍ରାର୍ଥନା କରୁଛି ସେ ଆପଣଙ୍କୁ ନିରାମୟ, ସୁସ୍ଥ ଶରୀର ଓ ଦୀର୍ଘାୟୁ କରନ୍ତୁ।

*ଆପଣଙ୍କ ଦାସାନୁଦାସ*
***ବୃନ୍ଦାବନ ଦାସ***
*ରାଧାକାନ୍ତ ନାମହଟ୍ଟ କେନ୍ଦ୍ର, ନିମଖଣ୍ଡି*

# ଶ୍ରୀ ଗୁରୁ କରୁଣା ସିନ୍ଧୁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ପୂଜ୍ୟ ଗୁରୁଦେବ, ଆପଣଙ୍କର ଚରଣ କମଳରେ ଶତକୋଟି ଦଣ୍ଡବତ ପ୍ରଣାମ। ମୁଁ ଆପଣଙ୍କର ଅଧମା ଶିଷା, ମୁର୍ଖ କହିଲେ ଚଳେ, ମୋର କିଛି ଯୋଗ୍ୟତା ନାହିଁ ଆପଣଙ୍କ ପରି ସୁଯୋଗ୍ୟ ଶୁଦ୍ଧସାଧୁ ଏବଂ ରାଧାରାଣୀଙ୍କର ପ୍ରୀୟ ସନ୍ତାନଙ୍କର ଗୁଣଗାନ କରିବାର ସେ ଯୋଗ୍ୟତା ମୋର ନାହିଁ।

ଗୁରୁଦେବ, ଆପଣ ହେଲେ ଭଗବାନଙ୍କର ସ୍ୱରୂପ, ଆପଣ ଏ ଭୌତିକ ସଂସାରକୁ ଆସିଛନ୍ତି ମୋଭଳି ମୁର୍ଖ ଜୀବମାନଙ୍କୁ ଉଦ୍ଧାର କରିବାକୁ। ସବୁବେଳେ ମୁଁ ଚାହିଁ ରହିଥାଏ ଗୁରୁଦେବ କେବେ ଆସିବେ, ଆପଣଙ୍କ ଅନୁପସ୍ଥିତିରେ ମୋତେ ଯେପରି ଲାଗେ ଭୁବନେଶ୍ୱର ଶ୍ରୀହୀନ ହୋଇଯାଇଛି। ଆପଣ ଯେବେ

ଭୁବନେଶ୍ୱର ଆସନ୍ତି ମୋତେ ଲାଗେ ବର୍ତ୍ତମାନ ଭୁବନେଶ୍ୱର ଭରାଭରା ହୋଇଗଲା। ଗୁରୁଦେବ ଆପଣଙ୍କର ବାଣୀ ମାଧ୍ୟମରେ ମୁଁ ଜୀବିତ ରହିଛି। ଆପଣଙ୍କ ସହିତ ଦୁଇପଦ କଥା ହୋଇଗଲେ ମନ ଆନନ୍ଦିତ ହୋଇଯାଏ। ଆପଣ କେତେ କୃପାମୟ ମୋପରି ଏକ କ୍ଷୁଦ୍ର କୀଟକୁ କୃପା ପ୍ରଦର୍ଶନ କରିଛନ୍ତି। ଜଡ଼ ଶରୀରରେ ଜଡ଼ ବୁଦ୍ଧିଦ୍ୱାରା ଏଇ ଜଡ଼ ଜଗତକୁ ଲଙ୍ଘନ କରିବାର ଶକ୍ତି ମୋର ନାହିଁ ଗୁରୁଦେବ। ଆପଣମାନେ କୃପା କରନ୍ତୁ ମୁଁ ଯେପରି ଆପଣଙ୍କର ସେବା କରିବାର ସୁଯୋଗ ପାଏ, ଗୁରୁଦେବ ବର୍ତ୍ତମାନ ମୋର ଚଞ୍ଚଳ ମନକୁ ସ୍ଥିର କରିବାର ଶକ୍ତି କେବଳ ଆପଣଙ୍କ ପାଖରେ ରହିଛି। ଏତିକି କୃପା କରନ୍ତୁ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ କେବଳ ଗୁରୁ, କୃଷ୍ଣ ଏବଂ ବୈଷ୍ଣବମାନଙ୍କର ସେବା କରିବାର ସୁଯୋଗ ପ୍ରାପ୍ତ ହୋଇପାରିବି।

ରାଧାଶ୍ୟାମସୁନ୍ଦରଙ୍କ ପାଖରେ ମୋର ଏତିକି ନିବେଦନ ସେ ସଦାସର୍ବଦା ଆପଣଙ୍କୁ ସୁସ୍ଥ ରଖିଥାନ୍ତୁ, ଯାହାଫଳରେ ଆପଣ ପୁରପଲ୍ଲୀରେ ସମସ୍ତ ଅଧମ ଜୀବମାନଙ୍କର ହୃଦୟରେ ହରି ନାମର ବନ୍ୟା ବୁହାଇଦେଇ ଏଇ ଅଜ୍ଞନତା ରୂପକ ଅନ୍ଧକାରରୁ ସମସ୍ତ ଜୀବମାନଙ୍କୁ ଉଦ୍ଧାର କରିବାର ସହାୟକ ହୋଇପାରନ୍ତୁ।

*ଆପଣଙ୍କର ଅଧମ ଝିଅ*

***ବୃନ୍ଦାରିକା ଦେବୀଦାସୀ***

# ଏ ଜୀବନ - ଶେଷ ଜୀବନ ହେଉ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁମହାରାଜ, ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଏ ଅଧମ ଅଯୋଗ୍ୟ ଶିଷ୍ୟ ଶ୍ରୀ ବେଣୁଧାରୀ ଦାସ କିଛି ସ୍ୱଳ୍ପ ଆକାରେ ଆପଣଙ୍କ ବିଷୟରେ ଲେଖିବାକୁ ପ୍ରୟାସ କରୁଅଛି। ହେ ଗୁରୁମହାରାଜ୍ ମୋର ଅହୋଭାଗ୍ୟ ଯେ, ଏ କଳିଯୁଗର ଭଗବାନ ମୋ ଉପରେ କୃପାବର୍ଷଣ କରିଛନ୍ତି, କି ଆପଣଙ୍କ ପରି ଗୁରୁପ୍ରଦାନ କରିଛନ୍ତି।

କଳିଯୁଗରେ ମନୁଷ୍ୟ ଜୀବନ ଅଳ୍ପାୟୁଷ ଏବଂ କ୍ଷଣଭଙ୍ଗୁର। ଏହି ଦୁର୍ଲ୍ଲଭ ମନୁଷ୍ୟ ଜନ୍ମପାଇ ଜୀବନର ଲକ୍ଷ କ'ଣ, କେଉଁଠୁ ଆସିଛେ, ମୃତ୍ୟୁପରେ କେଉଁଠିକୁ ଯିବା ଏହା ମନୁଷ୍ୟ ନିର୍ଦ୍ଧାରଣ କରିପାରେ ନାହିଁ।

କଳିଯୁଗରେ ଲୋକମାନେ ସୁଖ ପଛରେ ସର୍ବଦା ଧାବମାନ ହୁଅନ୍ତି, ସେମାନେ ଭାବନ୍ତି ଯେ ଆହାର, ନିଦ୍ରା, ଭୟ, ମୈଥୁନ ଏହା ଜୀବନର ଉପଯୁକ୍ତ ସୁଖ, କିନ୍ତୁ ଏହି ସୁଖ କ୍ଷଣସ୍ଥାୟୀ, କିନ୍ତୁ ତା'ର ପରମୁହୂର୍ତ୍ତରେ ପୁଣି ଦୁଃଖର ଅନୁଭୂତି ହୁଏ। ମୁଁ ମଧ୍ୟ ଏହା ଭାବୁଥିଲି। କିନ୍ତୁ ପରମୁହୂର୍ତ୍ତରେ ଆପଣଙ୍କ ପରି ଗୁରୁ ଗ୍ରହଣ କରି ଜୀବନର ଉପଯୁକ୍ତ ଲକ୍ଷ୍ୟ କ'ଣ ଜାଣିବାକୁ ପ୍ରାପ୍ତ ହେଲି। ଏ ଜନ୍ମମୃତ୍ୟୁ ଚକ୍ରରୁ କିପରି ଉଦ୍ଧାର ହେବି ଉପଯୁକ୍ତ ମାର୍ଗ ପ୍ରାପ୍ତ ହେଲି।

ହେ ଗୁରୁମହାରାଜ୍, ଆପଣ କୁହନ୍ତି ଯେ ଏ ଜୀବନ ଯେପରି ଆମ୍ଭର ଶେଷ ଜୀବନ ହେଉ ଏବଂ ପରମୁହୂର୍ତ୍ତରେ ଅନ୍ୟ ଏକ ଜୀବନ ପ୍ରାପ୍ତିର ରିସ୍କ୍ ନେବା ନାହିଁ ଏବଂ ବାରମ୍ବାର ଜନ୍ମମୃତ୍ୟୁ ଚକ୍ରରେ ନ ପଡ଼ିବା ପାଇଁ। ଏ ଜୀବନରେ ଯେପରି ଭକ୍ତିମାର୍ଗରେ ପାଦଦେଇ ଭଗବାନ କୃଷ୍ଣଙ୍କର ଧାମକୁ ପ୍ରାପ୍ତ ହୋଇ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ରୂପକ ଦୁଃଖକଷ୍ଟରୁ ଉଦ୍ଧାର ପାଇବା, ଏହି ମଙ୍ଗଳମୟ ଅନୁଭୂତି, ଆପଣଙ୍କର ବାକ୍ୟ ମୋ ପରି ଅଧମ ଶିଷ୍ୟର ହୃଦୟକୁ ସ୍ପର୍ଶ କରିଥିଲା। ସେହିଦିନଠୁ ମୁଁ ମୋର ମନୁଷ୍ୟ ଜୀବନର ଉପଯୁକ୍ତ ଲକ୍ଷ୍ୟ ପ୍ରାପ୍ତ ହେଲି, ଆପଣ ମୋତେ ଆଶିର୍ବାଦ କରନ୍ତୁ ମୁଁ ଯେପରି ଶୁଦ୍ଧ ଭକ୍ତିକୁ ପ୍ରାପ୍ତ ହେବି ଏବଂ ଆପଣଙ୍କର ଏହି ବାଣୀ ସେବାକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରି ମନୁଷ୍ୟ ଜୀବନର ଉପଯୁକ୍ତ ଲକ୍ଷ୍ୟ କ'ଣ, ଭକ୍ତିମୟ ଜୀବନର ମାର୍ଗ ଦେଖାଇ ପାରିବି।

ମୁଁ ଭଗବାନ କୃଷ୍ଣଙ୍କୁ ପ୍ରାର୍ଥନା କରୁଛି କି ଆମ୍ଭ

ଗୁରୁମହାରାଜଙ୍କୁ ସର୍ବଦା ଦୀର୍ଘାୟୁ ଏବଂ ସୁସ୍ଥ କରି ରଖିଥାନ୍ତୁ କି ମହାରାଜ୍ ସଦାବେଳେ ଭଗବାନ କୃଷ୍ଣଙ୍କ କଥା କହି କଳିଯୁଗର ପତୀତ ଜୀବମାନଙ୍କୁ ଘୋର ଅନ୍ଧକାର ଓ ଭୟଙ୍କର ରୂପକ ଜାଲରୁ ମୁକ୍ତିପ୍ରାପ୍ତର ବାଟ ଦେଖାନ୍ତୁ।

ଏ ଅଧମ, ଅଯୋଗ୍ୟ ଶିଷ୍ୟର ଆଉ ଅଧିକ ଆପଣଙ୍କ ବିଷୟରେ ଲେଖିବାର କ୍ଷମତା ନାହିଁ।

ହେ ଗୁରୁମହାରାଜ ଯେହେତୁ ମୁଁ ଅଳ୍ପ ବୁଦ୍ଧିସମ୍ପନ୍ନ ଆଉ ବା କ'ଣ ଅଧିକ ଆପଣଙ୍କ ବିଷୟରେ ଲେଖିବି। ଭୁଲ ଥିଲେ ଦୟାକରି କ୍ଷମା କରିବେ ଆପଣ।

*ଆପଣଙ୍କର ଅଯୋଗ୍ୟ ଶିଷ୍ୟ*

***ବେଣୁଧାରୀ ଦାସ***

*ଇସ୍କନ, ଢେଙ୍କାନାଳ*

# ଗୁରୁଙ୍କ ପାଇଁ ପଦେ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।।**

ହେ ଗୁରୁଦେବ ! ତବ ଶ୍ରୀଚରଣ ତଳେ ମୋର
ଶତକୋଟି ଦଣ୍ଡବତ ପ୍ରଣାମ ।
ଅନ୍ଧକାର ପଥରୁ ଘେନିନେଇ
ଆଲୋକ ପଥକୁ ନେଲ ଚଲାଇ ।।୧।।
ହୃଦୟରେ ମୋର ଅନେକ କଳଙ୍କ
କରୁଣା ବାରିରେ ଦେଇଛ ଧୋଇ ।
ତୁମରି କୃପାରେ ଭକତଙ୍କ ଭିତରେ
ପରିଗଣିତ କରିଛ ଦୟାକରି ।।୨।।
ହେ ଦୟାମୟ ତୁମରି ଗୁଣଗାନ
ବର୍ଣ୍ଣିବାକୁ ମୋର ନାହିଁ ତ ଜ୍ଞାନ ।
ଶୁଦ୍ଧ ଭକ୍ତ ତୁମେ ହରିଙ୍କର ପ୍ରିୟ
ତବ ପଦେ ମଥା ନୁଏଁ ବାର ବାର ।।୩।।
ମାୟାମମତା ବାଆକୁ ବତା
ଗୁରୁ ଏକା ମୋର ସାହା ।
ସେ ମହାଜ୍ୟୋତି ମୁଁ ଜ୍ୟୋତି କଣା
ହୃଦୟ କଥା ସବୁ ତାଙ୍କୁ ଜଣା ।।୪।।
ଧନ୍ୟ ହୋଇଛି ଏପରି ଗୁରୁ ପାଇ
ଭବ ସାଗରୁ କରିଦେବେ ପାରି ।
ସଂସାରରେ ଆଉ ଲାଗେନା ମନ
ରାଧାଶ୍ୟାମଙ୍କୁ କରେ ମୁଁ ଗଣ୍ଠିଧନ ।।୫।।
ଗୁରୁ ମୋର ପ୍ରାଣ ଗୁରୁ ମୋ ଜୀବନ
ସବୁ ତୁଚ୍ଛ ସାର ଏକା ହରିନାମ ।
ରାଧାରାଣୀଙ୍କ ପାଖେ ଏତିକି ଅଳି
ଗୁରୁଙ୍କୁ ରଖିବେ ପଣତେ ଘୋଡ଼ାଇ ।।୬।।
ଶେଷେ ମୋର ଏତିକି ଗୁହାରି
ଭକ୍ତିର ଜ୍ଞାନକୁ ହୃଦେ ଦିଅ ଭରି ।
ଅଜ୍ଞାନ ଅଧମ ଅବୋଧ ବାଳକ
ତ୍ରୁଟି କିଛି ଥିଲେ କ୍ଷମା କରିଦେବ ।।୭।।

*ଆପଣଙ୍କ ଶ୍ରୀଚରଣରେ ଦାସାନୁଦାସ*

***ବୃନ୍ଦାବନ ନାଥ ଦାସ***

*ଇସ୍କନ, ଢେଙ୍କାନାଳ*

# ହରେକୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ଗୁରୁମହାରାଜ ମୁଁ ଆପଣଙ୍କୁ ପ୍ରଥମେ ଦଣ୍ଡବତ ପ୍ରଣାମ ଜଣାଉଛି, ଆପଣଙ୍କ ଶ୍ରୀଚରଣକୁ ପ୍ରଣାମ ଜଣାଉଛି, ମୋର କିଛି ଭୁଲ ଓ ଅପରାଧକୁ କ୍ଷମା କରିଦିଅନ୍ତୁ।

ହେ ଗୁରୁମହାରାଜ, ମୁଁ ଇସ୍କନ୍ ପ୍ରଭୁପାଦଙ୍କ ଚରଣତଳେ ଆଶ୍ରୟ ନେବା ଆଜିକୁ ଚାରି ବର୍ଷ ହେଲା। ହେ ଗୁରୁମହାରାଜ ମୁଁ ଜଣେ ଅଧମଟିଏ ମୁର୍ଖଟି ଓ ଏଇ ଅଧମକୁ ଆପଣ ଚରଣରେ ସ୍ଥାନ ଦିଅନ୍ତୁ। ଗୁରୁମହାରାଜ ମୁଁ ଆପଣଙ୍କୁ ପ୍ରଥମେ ବ୍ରହ୍ମପୁରରେ ଦର୍ଶନ କରିଥିଲି। ମୁଁ ଆପଣଙ୍କ ଦର୍ଶନ ପାଇ ବହୁତ କୃପା ଲାଭ ପାଇଛି। ମୋତେ ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ, ମୋତେ ଆପଣ ଏହି ଭୌତିକ ଜଗତରୁ ଉଦ୍ଧାର କରିଦିଅନ୍ତୁ।

ହେ ଗୁରୁମହାରାଜ ମତେ ଆପଣ କୃପା କରନ୍ତୁ ମୁଁ ଆପଣଙ୍କ ଚରଣରେ ରହିବି ଆଉ ଆପଣଙ୍କ ଉପଦେଶ ଅକ୍ଷରେ ଅକ୍ଷରେ ପାଳନ କରିବି। ମୋର କିଛି ଭୁଲ ଥିଲେ କ୍ଷମା କରନ୍ତୁ ଗୁରୁମହାରାଜ।

*ଆପଣଙ୍କ ଚରଣାଶ୍ରିତ*
***ମଦନ ମୋହିନୀ ଦେବୀଦାସୀ***

# କରୁଣାର ଛତ୍ରଛାୟା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଲଗୁରୁଦେବଙ୍କ ୭୨ତମ ଶୁଭ ଆବିର୍ଭାବ ବ୍ୟାସପୂଜା ଉତ୍ସବ ଦିବସରେ ଭକ୍ତିପୂର୍ଣ୍ଣ ପ୍ରଣାମ ଅର୍ପଣ ଜଣାଉଛି। ମୋ ଅଯୋଗ୍ୟତା, ଅଜ୍ଞାନତା ସତ୍ତ୍ୱେ ମୋ ପରି ଅଧମକୁ ଅଜ୍ଞାନ ଅନ୍ଧାକାରରୂପୀ ସଂସାରରୁ ପଥପ୍ରଦର୍ଶନ କରିବା ପାଇଁ ମୋ ପରି ଅନେକ ପତିତକୁ ନିଜର ଭକ୍ତିମୟ, କୃପାମୟ ଆଶ୍ରୟରେ ଆଲୋକ ପ୍ରଦାନ କରିଥିବାରୁ ମୁଁ ଆପଣଙ୍କ ନିକଟରେ ଚୀରଋଣୀ। ଆପଣଙ୍କ ପରି ମହାନ୍‌ଆତ୍ମାର ଗୁଣଗାନ କରିବାପାଇଁ କିଛି ବି ଯୋଗ୍ୟତା ନାହିଁ। ମୋର ଛୋଟ ପ୍ରୟାସ ଓ ଅନୁଭୂତିକୁ ଆପଣଙ୍କ ଶୁଭ ଆବିର୍ଭାବ ଦିବସରେ ଭକ୍ତି ଅର୍ଘ୍ୟ ଜଣାଇବା ପାଇଁ ପ୍ରୟାସ କରୁଛି।

ଗୁରୁଦେବଙ୍କ ଦର୍ଶନ, ବାଣୀ, ଆଦେଶ ଶିଷ୍ୟର ଜୀବନର ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ମାର୍ଗରେ ସଦାସର୍ବଦା ନୂତନ ଭକ୍ତିପୂର୍ଣ୍ଣ ରାସ୍ତାର ଆଶ୍ରୟ ହୋଇଥାଏ। ଭଗବାନଙ୍କଠାରେ ଦୃଢ଼ବିଶ୍ୱାସ ଏବଂ ଶରଣାଗତି ହିଁ ଜୀବନର ଉଦ୍ଦେଶ୍ୟକୁ ପୂରଣ କରିବାର ଦୃଢ଼ତାକୁ

କେବଳ ଜଣେ ଶୁଦ୍ଧ ଆଧ୍ୟାତ୍ମିକ ଗୁରୁ ହିଁ କୃପା କରିଥାନ୍ତି, ଯାହା ଶିଷ୍ୟ ଜୀବନରେ ପଥପ୍ରଦର୍ଶନ କରିଥାଏ। ଶିଷ୍ୟର ସାମର୍ଥ୍ୟ ଅନୁସାରେ ଗୁରୁଙ୍କ ଆଦେଶ ଓ ଉପଦେଶ ଜୀବନର ଭକ୍ତିମୟ ଜୀବନକୁ ଅଗ୍ରସର କରିଥାଏ। ଗୁରୁଦେବ ଆପଣଙ୍କ କୃଷ୍ଣକୃପା କରୁଣା ସମସ୍ତଙ୍କ ଉପରେ ଛତ୍ରଛାୟା ପରି ରହିଥାଉ ଭଗବାନଙ୍କ ନିକଟରେ ଏହି ପ୍ରାର୍ଥନା କରୁଛି। ଅଯୋଗ୍ୟତା ପାଇଁ ଗୁଣଗାନର ତ୍ରୁଟି ମାର୍ଜନା କରିବେ।

*ଆପଣଙ୍କ ଅଧମ ଅଯୋଗ୍ୟ ଶିଷ୍ୟ*

***ମନମୋହନ ଦାସ***

*ଇସ୍କନ୍ ବାଟୋଳ (ଆଉଟ୍ ପୋଷ୍ଟ)*

# ବୈକୁଣ୍ଠ ପରିବେଶ ସୃଷ୍ଟି କରିବା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କର ୭୨ତମ ପ୍ରକଟ ଦିବସରେ ଏ ପତିତ ଅଧମ, ଅଯୋଗ୍ୟ ଶିଷ୍ୟ ଆପଣଙ୍କ ଶୀଚରଣରେ ପ୍ରଣତି ଜ୍ଞାପନ କରୁଛି।

ଏହି ଭୟଙ୍କର ଭବସାଗରରେ ଆପଣଙ୍କର ପାଦପଦ୍ମ ମୋର ଏକ ମାତ୍ର ଆଶ୍ରୟ। ଯେତେବେଳେ ମୁଁ ହରିନାମ ଜପ କରିବା ସମୟରେ ଚଞ୍ଚଳ ମନକୁ ସ୍ଥିର କରିବାର ପ୍ରୟାସରେ ବିଫଳ ହୁଏ, ସେତେବେଳେ ମୁଁ ଆପଣଙ୍କ ପାଦପଦ୍ମକୁ ସ୍ମରଣ କରେ, ସ୍ମରଣ କରିବା ମାତ୍ରେ ମନ ସମସ୍ତ ବିଷୟଭୋଗ ଚିନ୍ତାରୁ ବାହାରି ଆସି ନାମାଶ୍ରୟ କରେ।

ଯୋଗ୍ୟତା ବିଚାର କିଛୁ ନାହି ପାୟ ତୋମାର କରୁଣା ସାର
କରୁଣା ନ ହେଲେ କାନ୍ଦିୟା କାନ୍ଦିୟା ପ୍ରାଣ ନା ରାଖିବେ ଆର।

ମୋର ବ୍ୟକ୍ତିଗତ ଭାବେ କୌଣସି ଯୋଗ୍ୟତା ନାହିଁ, ମାତ୍ର ଆପଣଙ୍କର ଚିନ୍ତା ଦୂର କରିବାପାଇଁ ମୋ ମନ ମଧ୍ୟରେ ଏକ ତୀବ୍ର ଆଶା ରହିଛି। ଆପଣଙ୍କର ଶୁଦ୍ଧ ହରିକଥାର ଶ୍ରବଣ କୀର୍ତ୍ତନ ମାଧ୍ୟମରେ ଭକ୍ତମାନଙ୍କ ମଧ୍ୟରେ ଏକ ବୈକୁଣ୍ଠ ପରିବେଶ ସୃଷ୍ଟି କରିବା ମୋର ଉଦ୍ଦେଶ୍ୟ।

ମୋର ହୃଦୟରେ ଅସରନ୍ତି ଅନର୍ଥ ରହିଛି, କିନ୍ତୁ ମୁଁ ଆପଣଙ୍କ ଚରଣରେ ଆଶ୍ରିତ ଏକ ଦୀନଦୁଃଖୀ ଜୀବ, ମୋତେ ମାର୍ଜନ କରି ନିଜ ସେବାରେ ନିୟୋଜିତ କରାଇବାକୁ ଅନୁରୋଧ କରୁଛି।

ବୈଷ୍ଣବେର ପ୍ରତି ନିଷ୍କପଟ ମତି ଏଇ ଭାବ କେବେ ପାବ
କେବେ ଏ ସଂସାର ସିନ୍ଧୁ ପାରକରି ତବ ଗୋପୁରେ ଯାବ।

ଆପଣଙ୍କର ଦୀର୍ଘ ଓ ସୁସ୍ଥ ଜୀବନପାଇଁ ପ୍ରାର୍ଥନା କରି ରହୁଛି।

*ଆପଣଙ୍କର ଅଯୋଗ୍ୟ ଶିଷ୍ୟ*

***ମୋହନ କୃଷ୍ଣ ଦାସ***

# ଦୀକ୍ଷା ପାଇଁ ଜଗନ୍ନାଥଙ୍କର ଅନୁମୋଦନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହରେକୃଷ୍ଣ ଦଣ୍ଡବତ ପ୍ରଣାମ। ୨୦୨୦ ମସିହାରୁ ଆମେ ଇସ୍କନ ସଂସ୍ଥା ସହ ଜଡ଼ିତ ହୋଇଥିଲୁ। ଅନ୍‌ଲାଇନ୍ ପ୍ରବଚନ ଶୁଣୁଥିଲୁ କିନ୍ତୁ ସ୍ଥିର କରିପାରୁ ନଥିଲୁ ଦୀକ୍ଷା ନେବା କି ନାହିଁ। ରାଉରକେଲରୁ ଅନ୍ୟଆଡ଼େ ଦୀକ୍ଷା ନେବାକୁ କୁହାଗଲା କିନ୍ତୁ ଆମେ ରାଜି ନ ଥିଲୁ। ୨୦୨୪ରେ ଗୁରୁମହାରାଜ ରାଉରକେଲା ଆସିବାର ଖବର ପାଇଥିଲୁ। ତିନି ଦିନ ପାଇଁ ଗୁରୁମହାରାଜ ଆସିଥିବାରୁ କିଛି ସେବା ମଧ୍ୟ କରିଥିଲୁ। ଗୁରୁମହାରାଜଙ୍କୁ ଭେଟ କରିବାକୁ ଯାଇଥିଲୁ। ସେତେବେଳେ ଆମେ ଗୁରୁମହାରାଜଙ୍କ ମୁଖମଣ୍ଡଳର ତେଜ ଦେଖି ବହୁତ ଆକର୍ଷିତ ହୋଇଥିଲୁ ଏବଂ ବହୁତ କଥାବାର୍ତ୍ତା ମଧ୍ୟ ହେଲୁ। ଆମେ ଗୁରୁମହାରାଜଙ୍କୁ ଦୀକ୍ଷା ପାଇଁ ପ୍ରଶ୍ନ ପଚାରିବାରୁ ଗୁରୁମହାରାଜ ମୁଣ୍ଡ ହଲାଇଥିଲେ ଆଉ ସେତେବେଳେ କିଛି ଖୁସି ଅନୁଭୂତ ହୋଇଥିଲା କିନ୍ତୁ ଆମେ ଶ୍ରୀ ଜଗନ୍ନାଥଙ୍କ ସେବାରେ ଅଛୁ ଯେହେତୁ ଆମେ କିଛି ବି କରିବା ପୂର୍ବରୁ ଶ୍ରୀଜଗନ୍ନାଥଙ୍କୁ ପଚାରୁ ଆମେ ଏ କାମଟିକୁ କରିବୁ ନା ନାହିଁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆସି ଘରେ ଚତୁର୍ଦ୍ଧା ବିଗ୍ରହଙ୍କ ସମ୍ମୁଖରେ ବସି- କାର୍ପଣ୍ୟଦୋଷୋପହତ ସ୍ୱଭାବଃ ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢ଼ଚେତାଃ। ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ ଶିଷ୍ୟସ୍ତେଽହଂ ଶାଧି ମା ତ୍ୱଂ ପ୍ରପନ୍ନମ। କହି ଚିଟ୍‌ଟି ପକେଇଥିଲୁ ଦୀକ୍ଷା ନେବୁ କି ନାହିଁ ଏବଂ ଗୁରୁମହାରାଜଙ୍କ ନାମ ଲେଖିଥିଲୁ। ଚିଟ୍‌ଟି ଶ୍ରୀଜଗନ୍ନାଥଙ୍କ ଛାତି ପାଖରେ ଯେଉଁ ଚିଟ୍‌ଟି ରହିଲା ଆଣିକି ଦେଖିଲୁ ଗୁରୁମହାରାଜଙ୍କ ନାମଟି ବାହାରିଲା, ଆମେ ଏତେ ଖୁସି ହେଲୁ ଯେ କାରଣ ଗୁରୁକୃପା ଏବଂ କୃଷ୍ଣ କୃପା ବିନା ଦୀକ୍ଷା ହୋଇପାରିବନି। ମୁଁ ଶୁଣିଥିଲି କିନ୍ତୁ ଆମ ଉପରେ ଗୁରୁମହାରାଜଙ୍କ କୃପା ଏବଂ କୃଷ୍ଣ କୃପା କରିଥିବାରୁ ଆମେ ୨୦୨୪ ଜୁଲାଇ ୨୨ ତାରିଖରେ ପୁରୀ ଧାମରେ ମୁଁ ଆଉ ମୋ ସ୍ୱାମୀ ଦୁଇଜଣ ଦୀକ୍ଷା ନେଲୁ। ଜୟ ଶ୍ରୀଲ ଗୁରୁମହାରାଜ।

*ଆପଣଙ୍କର ଚରଣାଶ୍ରିତ*
***ମୁକୁନ୍ଦ ପ୍ରିୟା ଦେବୀଦାସୀ, ରଘୁବୀର ଦାସ***

# ବିଦ୍ୱେଷ ଶୂନ୍ୟ ହୃଦୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଆମର ନିତ୍ୟ ପ୍ରାତଃ ସ୍ମରଣୀୟ ପୂଜ୍ୟ ଆଦରଣୀୟ ଶ୍ରୀଲ୍ ଗୁରୁଦେବ ଆଜି ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦପଦ୍ମରେ ଅଯୋଗ୍ୟ ଅଯୋଗ୍ୟା ଶିଷ୍ୟ ଶିଷ୍ୟାଙ୍କର ଅଶେଷ କୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରନ୍ତୁ।

ହେ ଆମର ପ୍ରିୟ ଗୁରୁଦେବ! ଯଦି ବାର୍ଷିକ ଉତ୍ସବର ପରିକଳ୍ପନା ହୋଇ ନଥାନ୍ତା, ତାହାଲେ ଆମମାନଙ୍କ ପରି ଅଧମ ଶିଷ୍ୟ ଶିଷ୍ୟା ମାନେ ଆପଣଙ୍କର ପ୍ରତ୍ୟକ୍ଷ ସାନ୍ନିଧ୍ୟ ପାଇବାରୁ ବଞ୍ଚିତ ହୋଇଥାନ୍ତୁ। ଯାହାର ଫଳ ସ୍ୱରୂପ ଆପଣଙ୍କ କୃପାରୁ ଆମ୍ଭେମାନେ ଆପଣଙ୍କର ସେବାର ସୁଯୋଗ ପାଇଥାଉ। ଆପଣଙ୍କର ଶୁଭଦୃଷ୍ଟି ସଦାସର୍ବଦା ଆମ ଉପରେ ଥାଉ। ଯେପରିକି ଆପଣଙ୍କ ଉପଦେଶଙ୍କୁ ଆମ୍ଭେମାନେ ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଥାଉ। ଆପଣଙ୍କ ଶ୍ରୀମୁଖରୁ ପଦେ ରାଧାଜୀବନ ଓ କାଳେନ୍ଦୀ ଶବ୍ଦ ଶ୍ରବଣ ମାତ୍ରେ ଆମର ହୃଦୟ ସ୍ପନ୍ଦନ ବଢ଼ିଯାଏ।

ଚଳିତ ବର୍ଷ ବାତୋଳ ଆଉଟ୍‌ପୋଷ୍ଟ ମୋଟାରି, ପୁରୀ ବାର୍ଷିକ ଉତ୍ସବରେ ଆପଣଙ୍କର ଏକାନ୍ତ ଉପଦେଶ ଯଥା କାହା ପ୍ରତି ବିଦ୍ୱେଷ ଭାବ ରଖ ନାହିଁ। ଗୁରୁଦେବ କୁହନ୍ତି "ତୁମକୁ କିଏ ଗୁରୁତ୍ୱ ନ ଦେଉ କିମ୍ବା ତୁମପ୍ରତି ଅସହିଷ୍ଣୁତା ପ୍ରଦର୍ଶନ କରୁ ତଥାପି ତୁମେ କାହାପ୍ରତି ବିଦ୍ୱେଷ ଭାବ ପୋଷଣ କରିବ ନାହିଁ।

ହେ ଗୁରୁଦେବ ଆପଣଙ୍କର ମହାନତାର ପଟାନ୍ତର ନାହିଁ। ଭକ୍ତ ଓ ଭକ୍ତମାନଙ୍କ ମଧ୍ୟରେ ଥିବା ଅବୁଝାବଣାର ଏହି ଯେଉଁ ସହଜ ଓ ସରଳ ଉପାୟଟି ଏତେ ବୋଧଗମ୍ୟ ଥିଲା ଯେ ଫଳରେ ଦୁଇଜଣ ଶିଷ୍ୟ ଶିଷ୍ୟାଙ୍କର ନୀତିଦିନର ସମସ୍ୟା ସବୁଦିନ ପାଇଁ ସମାଧାନ ହୋଇଗଲା। ବାସ୍ତବରେ ଆପଣଙ୍କ ଭଳି ମହାନ୍ ଆତ୍ମା ଆମ୍ଭେ ଆମ ଜୀବନରେ ଆପଣଙ୍କୁ ଗୁରୁରୂପେ ପାଇଥିବାରୁ ଆମ ଜୀବନ ଧନ୍ୟ ହୋଇଯାଇଛି। ହେ ଗୁରୁଦେବ ଆମମାନଙ୍କୁ କୃପା କରନ୍ତୁ, ଯେପରି ଆପଣଙ୍କ ଆଦେଶକୁ ଯଥାଯଥ ଭାବରେ ପାଳନ କରିପାରୁ।

ଶେଷରେ ଆପଣଙ୍କର ଆଶୀର୍ବାଦର କରୁଣା ଭିକ୍ଷା କରୁଛୁ। ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର, କୃଷ୍ଣବଳରାମ ଏବଂ ଗୌରନିତାଇଙ୍କ ଚରଣରେ ଏତିକି ପ୍ରାର୍ଥନା କରୁଛୁ, ଗୁରୁଦେବଙ୍କୁ ଦୀର୍ଘାୟୁ ପ୍ରଦାନ କରିବା ସହିତ ସଦା ସର୍ବଦା ସୁସ୍ଥ ରଖିଥାନ୍ତୁ।

*ଆପଣଙ୍କର ଚରଣାଶ୍ରିତ*
*ଅଯୋଗ୍ୟ ଶିଷ୍ୟ ଶିଷ୍ୟା*
***ରାଧାଜୀବନ ଦାସ, କାଳନ୍ଦୀ ଦେବୀଦାସୀ***

# ମୋ ଭଳି ବଦ୍ଧ ଜୀବ ଉପରେ କୃପା କରନ୍ତୁ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**
**ନମଃ ଓଁ ବିଷ୍ଣୁ ପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ତମାଳକୃଷ୍ଣ ଗୋସ୍ୱାମୀ ନାମିନେ ॥**
**ନଃ ଓଁ ବିଷ୍ଣୁ ପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୂତଳେ ଶ୍ରୀମତେ ଭକ୍ତି ବେଦାନ୍ତ ସ୍ୱାମୀ ଇତି ନାମିନେ ॥**
**ନମସ୍ତେ ସାରସ୍ୱତେ ଦେବେ ଗୌରବାଣୀ ପ୍ରଚାରିଣେ ନିର୍ବିଶେଷ ଶୂନ୍ୟବାଦୀ ପାଶ୍ଚାତ୍ୟଦେଶେ ପରିଣେ ॥**
**ବାଞ୍ଛା କଳ୍ପତରୁ ଭ୍ୟାଶ୍ଚ କୃପାସିନ୍ଧୁଭି ଏଷହ ପତୋନା ବୈଷ୍ଣବେଭ୍ୟା ନମୋ ନମଃ ॥**
**ଜୟ ଶ୍ରୀକୃଷ୍ଣଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ ଶ୍ରୀଅଦ୍ୱୈତ ଗଦାଧର ଶ୍ରୀବାସାଦ ଗୌର ଭକ୍ତ ବୃନ୍ଦ ॥**
**ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେ ରାମ ହରେ ରାମ ରାମ ରାମ ହେରେ ହରେ ॥**

ସର୍ବ ପ୍ରଥମେ ଶ୍ରୀ ଗୁରୁଦେବଙ୍କ ଶ୍ରୀପାଦପଦ୍ମରେ ଏ ବଦ୍ଧଜୀବ ମନ୍ଦ ବୁଦ୍ଧିର ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ବ୍ରହ୍ମମାଧ୍ୱ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ସମସ୍ତ ଆଚାର୍ଯ୍ୟଙ୍କ ପଦକମଳରେ ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଓ ସମସ୍ତ ବୈଷ୍ଣବ, ବୈଷ୍ଣବୀ ଓ ଗୁରୁଭ୍ରାତା, ଗୁରୁଭଗ୍ନୀମାନଙ୍କୁ ଦଣ୍ଡବତ ପ୍ରଣାମ ଜଣାଉଛି।

ଶ୍ରୀଲ ଗୁରୁଦେବଙ୍କ ଗୁଣଗାନ କରିବା ପାଇଁ ମୋର କୌଣସି ଯୋଗ୍ୟତା ନାହିଁ। ତଥାପି ଏ ଅଧମ ନୀଚ ମନ୍ଦବୁଦ୍ଧି ସମ୍ପନ୍ନକୁ ଏକ ସୁଯୋଗ ମିଳିଛି ଯେତେବେଳେ ଶ୍ରୀଲ ଗୁରୁଦେବଙ୍ଗ ଗୁଣଗାନ କରିବାପାଇଁ, ତେଣୁ ଶ୍ରୀଲ ଗୁରୁଦେବଙ୍କ କୃପା ଭିକ୍ଷାକରି କିଛି ମୋର ଅନୁଭୂତିର କଥା ବର୍ଣ୍ଣନା କରିବି।

ଭଗବାନ କୃଷ୍ଣଙ୍କ ଗୁଣଗାନ ଅନନ୍ତ, ଠିକ୍ ସେହିପରି ଶ୍ରୀଲ ଗୁରୁଦେବଙ୍କ ଗୁଣଗାନ ଅନନ୍ତ। ଶ୍ରୀଲ ଗୁରୁଦେବ ସାଧାରଣ ମନୁଷ୍ୟ ନୁହଁନ୍ତି। ଭଗବାନ ଜଗନ୍ନାଥଙ୍କ କଥା ଅମୃତମୟ ଆନନ୍ଦମୟ ଦିବ୍ୟ ପ୍ରେମମୟ ଅଧିକରୁ ଅଧିକ ବର୍ଦ୍ଧିତ ହୁଏ ଯେତେବେଳେ ଗୁରୁଦେବଙ୍କ ଶ୍ରୀମୁଖରୁ ଶ୍ରବଣ କରେ।

ଶ୍ରୀଲ ଗୁରୁଦେବଙ୍କୁ ୨୦୧୯ ମସିହା ରାମ ନବମୀ ତିଥିରେ (ମର୍ଯ୍ୟାଦା ପୁରୁଷ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଉତ୍ସବ ତିଥି) ଅନୁଗୁଳ ଇସ୍କନ ମନ୍ଦିରରେ ଦୀକ୍ଷା ଉତ୍ସବରେ ବ୍ୟାସ ଆସନରେ (ବଦ୍ଧଜୀବ) ଶ୍ରୀଲ ଗୁରୁଦେବଙ୍କୁ ଦର୍ଶନ କରି, କଥା ଶ୍ରବଣ କରି ପ୍ରଭାବିତ ହୋଇଥିଲି ଓ ସ୍ଥିର କରିଥିଲି ଗୁରୁଦେବଙ୍କ ଶ୍ରୀଚରଣରେ ସଦାସର୍ବଦା ସେବକ ହେବାପାଇଁ ଏହା ଜଗନ୍ନାଥଙ୍କ ଇଚ୍ଛା।

କୃଷ୍ଣ କୃପା କଲେ ଗୁରୁ ପାଏ, ଗୁରୁ କୃପା କଲେ କୃଷ୍ଣ ପାଏ।

ଭଗବାନ କୃଷ୍ଣ ନିଜେ ଗୁରୁ ରୂପରେ ଆସନ୍ତି। ଶ୍ରୀଲ ଗୁରୁଦେବଙ୍କୁ ପାଇ ମୋର ମନୁଷ୍ୟ ଜନ୍ମ ଧନ୍ୟ। କିନ୍ତୁ ମୋର କୌଣସି ଯୋଗ୍ୟତା ନାହିଁ। କାରଣ ମୁଁ ଏତେ ପତିତ, ବଦ୍ଧଜୀବ, ମନ୍ଦବୁଦ୍ଧି ସମ୍ପନ୍ନ ଯେ, ମୁଁ ଠିକ୍‌ଭାବେ ଭକ୍ତି କରିପାରୁନି। ଚାରି ନିୟମ ପାଳନ କରୁଛି। ଏକାଦଶୀ ବ୍ରତ କରୁଛି, ଶ୍ରୀଲ ଗୁରୁଦେବଙ୍କ ଶ୍ରୀମୁଖରୁ ଶ୍ରୀମଦ୍ ଭଗବତଗୀତା, ଶ୍ରୀମଦ୍ ଭାଗବତମ୍, ଶ୍ରୀଚୈତନ୍ୟ ଚରିତ୍ରାମୃତ ଆଦି ମହାନ୍ ପବିତ୍ର ଅମୃତମୟ ଗ୍ରନ୍ଥ ଇତ୍ୟାଦିର ଜ୍ଞାନ ଶ୍ରବଣ କରୁଛି। ତଥାପି ମନ ବିଚଳିତ ହୋଇଯାଉଛି। ଶ୍ରୀଲ ଗୁରୁଦେବ ସୂର୍ଯ୍ୟଙ୍କ ଭଳି ତେଜମୟ ଶିଷ୍ୟ ଚାହାନ୍ତି। ମୋତେ କ୍ଷମା କରିଦେବ ମୁଁ ଶୁଦ୍ଧ ଭକ୍ତି କରିପାରୁନି।

ହରି ସ୍ଥାନେ ଅପରାଧେ ତାରେ ହରିନାମ
ତୋମାର ସ୍ଥାନେ ଅପରାଧେ ନାହିଁ ପରିତ୍ରାଣ।

ଶ୍ରୀଲ ଗୁରୁଦେବ ସମସ୍ତଙ୍କ ପ୍ରତି ସମଭାବାପନ୍ନ, ବହୁତ ଶାନ୍ତ, ପ୍ରାରବ୍ଧନାମ। ଶ୍ରୀଲ ଗୁରୁଦେବ ଓଡ଼ିଶା, ଗୁଜୁରାଟ, ଉତ୍ତରପ୍ରଦେଶ ଭାରତବର୍ଷର ବିଭିନ୍ନ ରାଜ୍ୟ ଭ୍ରମଣ କରି ଏହି କୃଷ୍ଣ ଚେତନା ଆନ୍ଦୋଳନ, ବୈଷ୍ଣବ ଧର୍ମର ପ୍ରଚାରପ୍ରସାର କରି ଲକ୍ଷଲକ୍ଷ ବଦ୍ଧଜୀବମାନଙ୍କୁ କୃଷ୍ଣଭକ୍ତି ମାର୍ଗରେ ଅନୁପ୍ରାଣିତ କରିଛନ୍ତି। ପଦ୍ମ ପୁରାଣରେ କୁହାଯାଇଛି-

ଅବୈଷ୍ଣବ ମୁଖତାବର୍ଣ୍ଣ ଯୁକ୍ତ ହରି କଥାମୃତ
ଶ୍ରବଣ ନୈଷା କର୍ତ୍ତବ୍ୟମ୍ ସର୍ପୋଶିଷସ୍ଥ ଯଥା ପୟମ୍।

ଯେଉଁମାନେ ବୈଷ୍ଣବ ନୁହଁନ୍ତି ଗୁରୁ ପରମ୍ପରାରେ ଆସୁନାହାନ୍ତି, ସେମାନଙ୍କ ମୁଖରୁ ହରିନାମ ଯେତେ ଶ୍ରେଷ୍ଠ ହୋଇଥିଲେ ମଧ୍ୟ ଶ୍ରବଣ କରାଯିବ ନାହିଁ। କାରଣ ସେ ନିଜ ଜୀବନରେ ଆଚରଣ କରନ୍ତି ନାହିଁ। ସର୍ପ ଯେପରି କ୍ଷୀରରେ ମୁହଁ ମାରିଲେ ଖୀର ଯେପରି ବିଷ ହୋଇଯାଏ। ଜ୍ୱାଳାମୁଖରୁ ଶ୍ରବଣ କଲେ ସେଇଆ ହେବ।

କିନ୍ତୁ ଶ୍ରୀଲ ଗୁରୁଦେବଙ୍କ ଶାସ୍ତ୍ର ସିଦ୍ଧାନ୍ତ ଅନୁସାରେ ବୈଷ୍ଣବ ପରମ୍ପରାର ଜଣେ ମହାନ୍ ଆଚାର୍ଯ୍ୟ। ଶ୍ରୀଲ ଗୁରୁଦେବଙ୍କ ବାଣୀର ପ୍ରଭାବ ପଡ଼ିଥାଏ, ଯାହାଦ୍ୱାରା ମୋଭଳି ବଦ୍ଧଜୀବ ପରିବର୍ତ୍ତନ ହୋଇଛି।

ମହାମାରୀ କରୋନା ସମୟରେ ମୁଁ ବହୁତ ଚିନ୍ତିତ ଥିଲି। ଅନୁଗୁଳ ଇସ୍କନ ମନ୍ଦିରର ସମସ୍ତ ଭକ୍ତମାନେ କରୋନା ଆକ୍ରାନ୍ତ ହୋଇଥିଲେ। ଜଗନ୍ନାଥଙ୍କ ସେବକ ଦୁଇ ତିନି ଜଣଙ୍କୁ ଛାଡ଼ି ଓ ଶ୍ରୀଲ ଗୁରୁଦେବ ସୁସ୍ଥ ଥିଲେ। ଶ୍ରୀଲ ଗୁରୁଦେବଙ୍କ କୃପା ପ୍ରଭୁପାଦଙ୍କ କୃପା ସମସ୍ତ ବୈଷ୍ଣବ ଆଚାର୍ଯ୍ୟଙ୍କ କୃପା ଓ ଜଗନ୍ନାଥ ରାଧାରାଣୀଙ୍କ କୃପାରୁ ସମସ୍ତେ ସୁସ୍ଥ ହୋଇଥିଲେ। ସମସ୍ତ ଅନୁଗୋଳ ଭକ୍ତ ପ୍ରସାଦ ନିଜେ ସବୁ ପାଳିକରି ସବୁଦିନ ମନ୍ଦିରରେ ଦେଉଥିଲେ ଓ ଗୁରୁଭ୍ରାତା ଗୁରୁଭଗ୍ନୀମାନେ ଯାହା ମେଡ଼ିସିନ୍ ଦରକାର ସେମାନେ ସବୁ ବ୍ୟବସ୍ଥା କରିଥିଲେ, ନିଜ ପ୍ରାଣକୁ ଖାତିର ନ କରି।

ଦିନେ ରାତିରେ ସ୍ୱପ୍ନ ଦେଖିଲି ଗୁରୁଦେବ କହୁଛନ୍ତି ମୋତେ ସ୍ୱପ୍ନରେ, ରାଧାପ୍ରିୟ ମୁଁ ଆଜି ବୃନ୍ଦାବନ ଯାଉଛି। ତା'ପର ଦିନ ପ୍ରେମକିଶୋର ପ୍ରଭୁଜୀଙ୍କ ପଚାରିଲି ଶ୍ରୀଲ ଗୁରୁଦେବ ଅଛନ୍ତି 'ଇସ୍କନ ଅନୁଗୁଳରେ ନା ବୃନ୍ଦାବନ ଗଲେ। ପ୍ରେମକିଶୋର ପ୍ରଭୁଜୀ କହିଲେ ଯେ ଆଜି ବୃନ୍ଦାବନ ଗଲେ।

ଏ ଭୌତିକ ସଂସାରରେ ସମସ୍ତେ ସ୍ୱାର୍ଥପର, ନିଜ ସ୍ୱାର୍ଥରେ ବାଧା ହେଲେ ସଙ୍ଗେ ସଙ୍ଗେ ଅପ୍ରିୟ, ସମ୍ପର୍କ ଛିନ୍ନ, ଏହା ମୁଁ ବୁଝିଯାଇଛି ଓ ଅନୁଭବ ମଧ୍ୟ କରୁଛି।

ଧ୍ରୁବ ମହାରାଜ ଯେତେବେଳେ ଭଗବାନ ବିଷ୍ଣୁଙ୍କୁ ଦର୍ଶନ କଲେ, ଧ୍ରୁବ ମହରାଜ କହୁଛନ୍ତି, ମୁଁ ଆସିଥିଲି ଭୌତିକ ରାଜ୍ୟ କାମନା କରି କିନ୍ତୁ ଆପଣଙ୍କ ଭଳି ଦିବ୍ୟରତ୍ନ ପାଇଛି ମୋର ଆଉ କିଛି ଦରକାର ନାହିଁ।

ସ୍ଥାନାଭିଳାଷୀ ତପସି ସ୍ଥିତୋଽହଂ
ତ୍ୱାଂ ପ୍ରାପ୍ତବାନ୍ ଦେବ ମୁନୀନ୍ଦ୍ରଗୁହ୍ୟଂ
କାଚଂ ବିଚିନ୍ୱନ୍ ଅପି ଦିବ୍ୟ ରତ୍ନଂ
ସ୍ୱାମୀ କୃତାର୍ଥଅସ୍ମି ବରଂନା ଯାଚେ।

ତେଣୁ ମୁଁ ଶ୍ରୀଲ ଗୁରୁଦେବଙ୍କୁ ପାଇଛି। ଯିଏ ଦିବ୍ୟରତ୍ନ ଆଉ ମୋର କ'ଣ ଦରକାର। ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ଆପଣଙ୍କ କୃପାଦ୍ୱାରା ଯଥାସମ୍ଭବ ଚେଷ୍ଟା କରିବି କୃଷ୍ଣଚେତନା ଆନ୍ଦୋଳନରେ ସହଯୋଗ ପାଇଁ। ସେପରି ମୋର କୌଣସି ବ୍ୟକ୍ତିଗତ ଯୋଗ୍ୟତା ନାହିଁ।

ଥରେ ମୋର ଗୋଟିଏ ଜନ୍ମର (ସ୍ତ୍ରୀ) ଧର୍ମପତ୍ନୀ ସେବତୀ ଦେବୀ ଦାସୀଙ୍କର ଶରୀର ଅସୁସ୍ଥ ହୋଇଥିଲା, ନିଶ୍ୱାସ ପ୍ରଶ୍ୱାସ ନେଇ ପାରୁନଥିଲେ, ବକ୍ଷଦେଶରୁ ରକ୍ତ ମଧ୍ୟ ବାହାରୁଥିଲା। ଶ୍ରୀଲ ଗୁରୁଦେବଙ୍କ କୃପାରୁ ସୁସ୍ଥ ହୋଇଥିଲା। ରାଧେଶ୍ୟାମ ପ୍ରଭୁ ଓ ପ୍ରିୟା କିଶୋରୀ ମାତାଜି ଶ୍ରୀଲ ଗୁରୁଦେବଙ୍କୁ ଜଣାଇଥିଲେ। ଶ୍ରୀଲ ଗୁରୁଦେବ କହିଥିଲେ ରାଧାପ୍ରିୟାକୁ କୁହ ସିଏ ପୂର୍ଣ୍ଣ ଶରଣାଗତି ଯାଉ ଜଗନ୍ନାଥଙ୍କର, ସ୍ୱସ୍ତିକ ହସ୍‌ପିଟାଲ ଯିଏ ଦେଇଛନ୍ତି ଆମର ଗୁରୁଭ୍ରାତା ପୁରୁଷୋତ୍ତମ ପ୍ରଭୁଜୀ ବହୁତ ସାହାଯ୍ୟ କରିଥିଲେ।

ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କ ଚରଣରେ, ଶ୍ରୀମତୀ ରାଧାରାଣୀଙ୍କ ଚରଣରେ ପ୍ରାର୍ଥନା ମୁଁ ଯେବେ ଶୁଦ୍ଧଭକ୍ତି କରିବି ଗୋଲକ ବୃନ୍ଦାବନ ଯିବି ସେଠି ମଧ୍ୟ ଶ୍ରୀଲ ଗୁରୁଦେବଙ୍କୁ ପ୍ରାପ୍ତ ହୁଏ, ଶ୍ରୀ ଗୁରୁଦେବଙ୍କ ସେବା ପ୍ରଥମେ।

ଆଜିର ଏଇ ଶୁଭ ଆବିର୍ଭାବ ତିଥିରେ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର, ଗୌରହରି ନିତାଇ, ଶ୍ରୀଶ୍ରୀ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ମହାରାଣୀଙ୍କ ଶ୍ରୀଚରଣକମଳରେ ପ୍ରାର୍ଥନା ଶ୍ରୀଲ ଗୁରୁଦେବଙ୍କ ଶରୀର ସଦାସର୍ବଦା ସୁସ୍ଥ ରହିଥାଉ ଓ ଦୀର୍ଘାୟୁ ହୁଅନ୍ତୁ। ମୋଭଳି ବଦ୍ଧଜୀବଙ୍କ ଉପରେ କୃପା କରନ୍ତୁ ମୁଁ ଯେପରି ସଦାସର୍ବଦା ଆପଣଙ୍କୁ ଦର୍ଶନ କରୁଥାଏ।

*ଆପଣଙ୍କର ସେବକ (ଦାସ)*

***ରାଧାପ୍ରିୟ ଦାସ***

*ଇସ୍କନ୍, ଢେଙ୍କାନାଳ*

# ଗୁରୁଦେବଙ୍କ ଦର୍ଶନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ପୂଜ୍ୟ ଗୁରୁଦେବ ଆପଣଙ୍କର ଆଜି ୭୨ତମ ଶୁଭ ଆବିର୍ଭାବ ତିଥି। ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣକମଳରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ମୋର ପ୍ରଣାମ ସ୍ୱୀକାର କରିବେ।

ମୋର ପରମ ପୂଜ୍ୟ ଗୁରୁଦେବ, ଆପଣଙ୍କ କୃପାରୁ ଆପଣଙ୍କ ଆବିର୍ଭାବ ତିଥିରେ ଏହି ଅଯୋଗ୍ୟା ଶିଷ୍ୟା କିଛି ଗୁଣଗାନ କରିବାକୁ ପ୍ରୟାସ କରୁଛି। ମୋର ସ୍ୱଳ୍ପ ବୁଦ୍ଧିରେ ମୁଁ ଯାହାକିଛି ଗୁଣଗାନ କରୁଛି ଭୁଲ ପାଇଁ ଆପଣଙ୍କ ଚରଣ କମଳରେ କ୍ଷମା ପ୍ରାର୍ଥନା କରୁଛି।

ଗୁରୁଦେବ ଥରେ ଆପଣ ଇସ୍କନ ଅନୁଗୁଳଠାରେ ଥିଲେ, ମୋର ଆପଣଙ୍କ ଦର୍ଶନ କରିବାପାଇଁ ବହୁତ ଇଚ୍ଛା ଥିଲା, କିନ୍ତୁ କେମିତି ଦର୍ଶନ କରିପାରିବି ଜାଣି ନଥିଲି, ମୋର ବଡ଼ବାପା ଝିଅଙ୍କ ଘର ତାଳଚେରଠାରେ, ସେ ହଠାତ୍ ଆମକୁ ଫୋନ୍ କରି କହିଲେ ତୁମେମାନେ ଆସ, ଆମେ ମିଶିକି ଅନୁଗୁଳ ଇସ୍କନ ଯିବା। ଏହି କଥା ଶୁଣି ମତେ ବହୁତ ଖୁସି ଲାଗିଲା, ତା'ପରେ ଆମ ତାଙ୍କ ଘରକୁ ଗଲୁ କିନ୍ତୁ ତାଙ୍କର ଘର କିଛି ଅସୁବିଧା ପାଇଁ ସେ ଆମକୁ ଇସ୍କନ ନେବାକୁ ମନା କରିଦେଲେ। ଏହି କଥାଶୁଣି ଲାଗିଲା ଗୁରୁଦେବଙ୍କ ଦର୍ଶନ ସହଜରେ ପ୍ରାପ୍ତ ହୁଏ ନାହିଁ। ଦର୍ଶନ ପାଇବା ପାଇଁ ଗୁରୁ କୃଷ୍ଣଙ୍କ କୃପା ଆବଶ୍ୟକ। କେମିତି ଦର୍ଶନ କରିବି ଭାବିଭାବି କଷ୍ଟ ଅନୁଭବ ହେଉଥିଲା, ମୁଁ କୃଷ୍ଣଙ୍କୁ ପ୍ରାର୍ଥନା କରୁଥିଲି, ମତେ ଗୁରୁଦେବଙ୍କ ଦର୍ଶନ ମିଳିଯାଉ କାରଣ ଗୁରୁମହାରାଜ ଆପଣ ଅନୁଗୁଳ ଇସ୍କନ ପରେ ବୃନ୍ଦାବନ ଚାଲିଯିବେ ଆଉ ୩ କି ୪ ମାସ ଯାଏ ଦର୍ଶନ ମିଳିବ ନାହିଁ। ସେଦିନ ଥିଲା- Sunday feast programme ଆଉ ଗୁରୁମହାରାଜ ଆପଣଙ୍କ ପ୍ରବଚନ ମଧ୍ୟ ସେଦିନ ଥିଲା। ଏହି କଥା ଜାଣି ଆହୁରି ଦର୍ଶନ କରିବାର ଇଚ୍ଛା ଓ ପ୍ରବଚନ ଶୁଣିବାର ଇଚ୍ଛା ବଢ଼ିଯାଇଥିଲା। କିନ୍ତୁ ଦର୍ଶନ କରିବାକୁ କେମିତିଯିବି ଜାଣିନଥିଲି, କେତେ ସମୟ ପରେ ଜଣେ ଭାଇ ମତେ ଇସ୍କନ ନେବାକୁ ରାଜି ହୋଇଗଲେ, କିନ୍ତୁ ସେ କହିଲେ, ଦୁଇ ଘଣ୍ଟା ଭିତରେ ଆମେ ଫେରିଆସିବା ଇସ୍କନରୁ କିନ୍ତୁ ପ୍ରବଚନର ସମୟ ଥିଲା ଦିନ ୧୧ରେ ସେ ପ୍ରବଚନ ଶୁଣିବାକୁ ମନାକରିଦେଲେ। ମୋର ଇଚ୍ଛା ଥିଲା ଆପଣଙ୍କ ଦର୍ଶନ ମିଳିଯାଉ ଗୁରୁଦେବ। ପ୍ରଭୁଜୀ କହିଲେ ଯଦି ଆପଣ ଦର୍ଶନ ଆରତିରେ ପହଞ୍ଚିବେ ତେବେ ଗୁରୁ ମହରାଜଙ୍କ ଦର୍ଶନ ମିଳିବ ଯଦି ବିଳମ୍ବ ହେବ ଗୁରୁଦେବଙ୍କ ଦର୍ଶନ ମିଳିବ ନାହିଁ। ମୁଁ ଏହି କଥା ଶୁଣି କୃଷ୍ଣଙ୍କୁ ପ୍ରାର୍ଥନା କରୁଥିଲି କୃପା କରନ୍ତୁ ମୁଁ ଯେମିତି ଗୁରୁଦେବଙ୍କ ଦର୍ଶନ କରିପାରିବ। କିନ୍ତୁ ଗୁରୁମହାରାଜ ମୁଁ ଇସ୍କନରେ ପହଞ୍ଚିବାବେଳେ ମୋର ବିଳମ୍ବ ହୋଇଯାଇଥିଲା। ମୁଁ ବହୁତ ଦୁଃଖି ହୋଇଯାଇଥିଲି କାରଣ ଆପଣଙ୍କ ଦର୍ଶନ ଆଉ ମିଳିବ ନାହିଁ ବୋଲି, କିନ୍ତୁ ମୁଁ ଯେତେବେଳେ ଟେମ୍ପୁଲ ହଲ୍‌କୁ ଗଲି ଗୁରୁମହାରାଜ ଆପଣ ଟେମ୍ପୁଲ ହଲରୁ ବାହାରକୁ ଆସି ଚରଣାମୃତ ପାନ କରୁଥିଲେ। ମୁଁ ଆପଣଙ୍କ ଦର୍ଶନ ପାଇ ବହୁତ ଖୁସି ହୋଇଗଲି ଓ ଆଶ୍ଚର୍ଯ୍ୟ ମଧ୍ୟ ହୋଇଗଲି। ମୁଁ ଆପଣଙ୍କୁ ପ୍ରଣାମ କଲି। ଆପଣ ଆପଣଙ୍କ ପଦ୍ମମୁହରେ ହରେ କୃଷ୍ଣ କହିଲେ। ଆଉ କିଛି ପଚାରିଲେ ମଧ୍ୟ। ତା'ପରେ ଆପଣ ମତେ କହିଥିଲେ କଥା ଶ୍ରବଣ ପାଇଁ ତଥାପି ମୁଁ ହିଁ କରିଦେଇଛି। ତା'ପରେ ଆପଣ ରୁମ୍‌କୁ ଚାଲିଗଲେ। ମୁଁ ଟେମ୍ପୁଲ ହଲ୍‌କୁ ଗଲି ଓ ଭାବୁଥିଲି ମୁଁ ଗୁରୁମହାରାଜ ଦର୍ଶନ କେମିତି ପାଇଗଲି ମୁଁ ତ ବିଳମ୍ବରେ ପହଞ୍ଚିଥିଲି। କିଛି ସମୟପରେ ଲକ୍ଷ୍ମୀପତି ପ୍ରଭୁଜୀ ଆସିଲେ ଆଉ ମୁଁ ତାଙ୍କୁ କିଛି ପଚାରି ବି ନଥିଲି ସେ ଆସି କହିଲେ- ଆଜି କୃଷ୍ଣଙ୍କ ଶୃଙ୍ଗାର କରିବା ଡେରି ହୋଇଗଲା, ସେଥିପାଇଁ ଗୁରୁମହାରାଜ ବି ଅପେକ୍ଷା କରିଥିଲେ ଦର୍ଶନ ଆରତି ପାଇଁ ଏହି କଥା ଶୁଣି ଲାଗୁଥିଲା ଗୁରୁମହାରାଜ ଏସବୁ ଆପଣଙ୍କ କୃପା ମୋ ପରି ଅଧମା, ପତିତକୁ ଦର୍ଶନ ଦେଇ କୃପା କରିବାକୁ ଚାହିଁଥିଲେ। ତା'ପରେ ମତେ ଘର ଲୋକ ଫୋନ୍ କରି କହିଲେ ମତେ ଯିଏ ଇସ୍କନକୁ ଛାଡ଼ିବା ପାଇଁ ଆସିଥିଲେ ସେ ମଧ୍ୟ କହିଲେ ତୁ କଥା

ଶ୍ରବଣ କରିସାରିବା ପରେ ଇସ୍କନରୁ ଆସିବୁ । ଗୁରୁମହାରାଜ ଏସବୁ ଆପଣଙ୍କର ହିଁ କୃପା ଆପଣଙ୍କ କୃପା ପାଇ ମୁଁ ଆପଙ୍କ ଦର୍ଶନ ଆଶୀର୍ବାଦ ଓ କୃଷ୍ଣକୃପା ପ୍ରାପ୍ତ ହୋଇପାରିଲି । ଗୁରୁମହାରାଜ ମୋତେ ଗୁଣଗାନ କରିଆସେ ନାହିଁ ଆପଣ କ୍ଷମା କରିଦିଅନ୍ତୁ । ସବୁବେଳେ ଆପଣଙ୍କ ପାଦପଦ୍ମରେ ଆଶ୍ରୟ ଦିଅନ୍ତୁ । କୃପା କରନ୍ତୁ ମୁଁ ଆପଣଙ୍କ ଆଦେଶ ଠିକ୍‌ଠିକ୍ ଭାବେ ପାଳନ କରିପାରିବି ଓ ଆପଣଙ୍କ ସେବା କରିପାରିବ । ବୈଷ୍ଣବ ଅପରାଧ ଓ ସବୁ ପ୍ରକାର ଅପରାଧରୁ ଯେମିତି ବଞ୍ଚିକି ରହିପାରିବି । ଜପ, ଶ୍ରବଣ, ଶାସ୍ତ୍ର ନିଷ୍ଠାବାନ ହୋଇ ସାଧନା କରିପାରିବି । ଆପଣ କୃପା କରନ୍ତୁ ଗୁରୁମହାରାଜ ମୋ ମନ ସବୁବେଳେ ଗରୁ ଓ କୃଷ୍ଣଙ୍କ ଚରଣରେ ଲାଗିକି ରହୁ । ଆଜିର ଏହି ପବିତ୍ର ଜନ୍ମ ତିଥିରେ ମୁଁ ରାଧାଗୋବିନ୍ଦ, ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର, ଶ୍ରୀଶ୍ରୀଗୌରନିତାଇ, ଶ୍ରୀଶ୍ରୀକୃଷ୍ଣ ବଳରାମ, ଜଗନ୍ନାଥ ବଳରାମ, ଦାଉ ସୁଭଦ୍ରା ମହାରାଣୀ, ନୃସିଂହ ଦେବ ଭଗବାନଙ୍କ ଚରଣରେ ପ୍ରାର୍ଥନା କରୁଛି ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ ।

ଶ୍ରୀଲ ଗୁରୁଦେବଙ୍କ ପାଦପଦ୍ମରେ ମୋର ମନ ସର୍ବଦା ନିୟୋଜିତ ରହୁ ଗୁରୁ କୃଷ୍ଣଙ୍କ ଠାରେ ମୋ ମତି ରହୁ । ଆପଣଙ୍କ କୃପାରୁ ହିଁ ମୁଁ ଏସବୁ କରିପାରିବି ଗୁରୁଦେବ । ମୋ ପ୍ରାର୍ଥନା ସ୍ୱୀକାର କରନ୍ତୁ ଗୁରୁଦେବ । ଜୟ ଶ୍ରୀଲ ଗୁରୁଦେବ କୀ ଜୟ ।

*ଆପଣଙ୍କ ଚରଣାଶ୍ରିତା*

***ରାଧିକା କିଶୋରୀ ଦେବୀଦାସୀ***

# ଶ୍ରୀ ଗୁରୁ ଚରଣ ପଦ୍ମ

**ପରମପୂଜ୍ୟ ଶ୍ରୀଶ୍ରୀମଦ୍ ଭକ୍ତିଗୌରବ ନାରାୟଣ ସ୍ୱାମୀ ମହାରାଜ କି ଜୟ**

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଗୁରୁ... ଏହି ଶବ୍ଦଟି ସହିତ ଆମେ ସମସ୍ତେ ପରିଚିତ । ମନୁଷ୍ୟ ଜୀବନରେ ବିଭିନ୍ନ ପର୍ଯ୍ୟାୟରେ ଭିନ୍ନଭିନ୍ନ ଗୁରୁଙ୍କ ସଂସ୍ପର୍ଶରେ ସମସ୍ତେ ଆସିଥାଆନ୍ତି । କିନ୍ତୁ ପ୍ରକୃତ ଗୁରୁ କିଏ ? ଏହି ପ୍ରଶ୍ନ ନେଇ ଜୀବନର ଅନେକ ବର୍ଷ ବିତିଗଲାଣି ମୋର । କିଏ କହେ ଜନ୍ମ ପରେ ମାତା ଗୁରୁ, କିଏ କହେ ପିତା ଗୁରୁ, ପୁଣି କିଏ କହେ ଯିଏ ଶିକ୍ଷାଦାନ କରନ୍ତି ସେ ହେଉଛନ୍ତି ଗୁରୁ । କିନ୍ତୁ କେଉଁଠି ନା କେଉଁଠି ଅସମ୍ପୂର୍ଣ୍ଣ ଲାଗେ ଏହି ଶବ୍ଦଟି । ଜୀବନର ୪୦ ବର୍ଷ ବିତିବା ପରେ ହଠାତ୍ ପ୍ରକୃତ ଗୁରୁଙ୍କ ସହ ଯେ ଭେଟ ହୋଇଯିବ ତାହା କିଏ ଅବା ଜାଣିବ ! କେବଳ କୃଷ୍ଣଙ୍କ କୃପା ହେଲେ ହିଁ ଜଣେ ପ୍ରକୃତ ଗୁରୁଙ୍କ ସାନ୍ନିଧ ଲାଭ କରିପାରିବ । ଏହା ପ୍ରମାଣିତ ହୋଇଛି, ଆଉ ସେହିଭଳି ପରିସ୍ଥିତି ଦେଇ ଗତି କରିଛୁ ଆମେ ସପତ୍ନୀକ । ଅନେକ ସ୍ଥାନରେ ପିତାମାତା ଭକ୍ତି କରିବାପାଇଁ ସାଙ୍ଗରେ ନିଜ ସନ୍ତାନମାନଙ୍କୁ ନେଇଯାଆନ୍ତି, ଆମ କ୍ଷେତ୍ରରେ କିନ୍ତୁ ତା'ର ସମ୍ପୂର୍ଣ୍ଣ ଓଲଟା ଘଟଣା ହିଁ ଘଟିଛି । ନିଜର ଏକମାତ୍ର ସନ୍ତାନ ଭକ୍ତି କରିବା ପରେ ଯାଇ ଆମେ ଭକ୍ତି ସମ୍ପର୍କରେ ଜାଣିବାକୁ ପାଇବା ସହ ଗୁରୁଙ୍କ ଦର୍ଶନ ପାଇବାର ସୌଭାଗ୍ୟ ପାଇଛୁ, ଗୁରୁ ଶ୍ରୀ ଶ୍ରୀମଦ୍ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ପ୍ରତ୍ୟକ୍ଷ ସାନ୍ନିଧ ପାଇବାର ସୌଭାଗ୍ୟ ପାଇଛୁ । ଗୁରୁଙ୍କ ସଂସ୍ପର୍ଶରେ ଆସିବା ପରେ ଭକ୍ତି ଓ ଭକ୍ତିରେ ଦୃଢ଼ତା ସମ୍ପର୍କରେ ଜ୍ଞାନ ପାଇବା ପାଇଁ ଚେଷ୍ଟା ଚଳାଇଛୁ । ଗୁରୁଙ୍କ ସହିତ ପ୍ରଥମ ସାକ୍ଷାତ ପୂର୍ବରୁ ମନରେ ଥିବା ଦ୍ୱନ୍ଦ୍ୱ, ଭୟ ସବୁ ଏବେ ଭକ୍ତିରେ ପରିଣତ ହୋଇଛି । ଗୁରୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପାଇବା ପରେ ଆତ୍ମବିଶ୍ୱାସ ଦ୍ୱିଗୁଣିତ ହୋଇଛି । ଯା ଭିତରେ ଆମର ଏକମାତ୍ର ସନ୍ତାନ ଗୁରୁଙ୍କ ଠାରୁ ଦୀକ୍ଷା ଗ୍ରହଣ କରି ଜୟ ଗୋପୀନାଥ ଦାସ ଭାବରେ ନୂତନ ପରିଚୟ ପାଇଛି । ଜୀବନ ଥିବାଯାଏଁ ଗୁରୁଙ୍କ ଶ୍ରୀଚରଣ ତଳେ ରହି ଗୁରୁଙ୍କ ସେବା କରିବା ବ୍ୟତିରେକ ଅନ୍ୟ କୌଣସି ଆଗ୍ରହ ନାହିଁ । ଗୁରୁଙ୍କ ସାନ୍ନିଧ ପାଇବା ଓ ଭକ୍ତି ମାର୍ଗରେ ଆଗକୁ ବଢ଼ିବା ହିଁ ଜୀବନର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିଯାଇଛି ।

*ଗୁରୁଙ୍କ ଶ୍ରୀ କମଳ ତଳେ କୋଟି ବନ୍ଦନା ସହିତ*

***ରାଜଶ୍ରୀ ଶତପଥୀ***

*ଇସ୍କନ୍, ଢେଙ୍କାନାଳ*

# ପରମ ପୂଜ୍ୟ ଗୁରୁମହାରାଜ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁମହାରାଜ ଆପଣଙ୍କର ୭୨ତମ ପବିତ୍ର ଶୁଭ ଆବିର୍ଭାବ ତିଥିରେ ଏହି ଅଧମ ଆପଣଙ୍କ ପାଦପଦ୍ମରେ ଭକ୍ତିପୂଜ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହିତ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି।

ଗୁରୁମହାରାଜ ଆପଣ ସବୁବେଳେ ଶ୍ରୀଲ ପ୍ରଭୁପାଦଙ୍କ ପୁସ୍ତକ ସଂଗ୍ରହ କରି ସେଥିରୁ କୃଷ୍ଣ କଥା ପ୍ରସ୍ତୁତ କରିଥାନ୍ତି। ମୁଁ ଆପଣଙ୍କଠାରୁ ପ୍ରେରଣା ପାଇଥାଏ। ଆପଣ ଶ୍ରୀଲ ପ୍ରଭୁପାଦଙ୍କର ନିୟମକୁ କଡ଼ାକଡ଼ି ଭାବେ ପାଳନ କରନ୍ତି। ଆପଣ ପ୍ରତ୍ୟେହ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହି ମଧ୍ୟ ଶିଷ୍ୟମାନଙ୍କ କଥାକୁ ଭୁଲି ନାହାନ୍ତି। ସେମାନଙ୍କ ପାଇଁ ସମୟ ଦେଇଥାନ୍ତି। ଏହା ଆମର ପରମ ସୌଭାଗ୍ୟ।

ହେ ଗୁରୁଦେବ, ଆପଣ ମହାନ୍, ପରମ ଦୟାଳୁ, ପରମ କୃପାଳୁ ଅଟନ୍ତି। ଆପଣଙ୍କ ହୃଦୟରେ ସର୍ବଦା ଗୋବିନ୍ଦ ବାସ କରନ୍ତି। ଆପଣ ଏମିତି ଜଣେ ସାଧୁ ମହାତ୍ମା, ଯାହାଙ୍କର ସଙ୍ଗଲାଭ କରି ପ୍ରତ୍ୟେକ ଶିଷ୍ୟ ନିଜକୁ ଭାଗ୍ୟବାନ ମନେକରନ୍ତି।

ଗୁରୁମହାରାଜ ଆପଣ ମୋ ଭଳି ଗୋଟେ ଅପଦାର୍ଥକୁ ଶିଷ୍ୟ ରୂପେ ଗ୍ରହଣ କଲେ ଏହା ମୋର ପରମ ସୌଭାଗ୍ୟ। ଆପଣଙ୍କ ଆଶୀର୍ବାଦରୁ ମୁଁ ବୈଷ୍ଣବ ପରମ୍ପରାରେ ଜଡ଼ିତ ହୋଇପାରିଛି। ମୁଁ ଏପରି ଏକ ଶିଷ୍ୟ ଆପଣଙ୍କର ଉଚିତ୍ ରୂପେ ସେବା କରିପାରୁ ନାହିଁ, ଭାବୁଛି ଆଜି ବାକ୍ୟ ମାଧ୍ୟମରେ ଆପଣଙ୍କର କିଛି ଗୁଣଗାନ କରିବାକୁ।

ଗୁରୁଦେବ ! ମୋର ମନେ ଅଛି ଦୀକ୍ଷା ପୂର୍ବରୁ ଆପଣ ଆନୁଆଲ ଫଙ୍କସନ୍‌ରେ ଯୋଗ ଦେବାପାଇଁ ଇସ୍କନ୍ ବାତୋଳ ଆଉଟ୍‌ପୋଷ୍ଟ ସେଣ୍ଟରକୁ ଆସିଥିଲେ। ଦୁଇଦିନିଆ ପ୍ରୋଗ୍ରାମ ଥିଲା। ତା'ପରଦିନ ୧୧ଟା ସମୟରେ ଆମ୍ଭମାନଙ୍କର ଦୀକ୍ଷା ମିଟିଙ୍ଗ୍ ରଖାଯାଇଥିଲା। ସେହି ମିଟିଙ୍ଗ୍‌ରେ ଆପଣ ସର୍ବପ୍ରଥମେ ମୋତେ ତିଲକ ମନ୍ତ୍ର ପଚାରିଥିଲେ। ହେଲେ ମୁଁ କହିବାବେଳେ ମୋର ତିଲକ ମନ୍ତ୍ର ଭୁଲ ହୋଇଯାଇଥିଲା। ତା'ପରେ ଅନ୍ୟମାନଙ୍କୁ ପ୍ରଶ୍ନ ପଚରାଯାଇଥିଲା। କିଛି ସମୟ ପରେ ମିଟିଙ୍ଗ ସରିଯାଇ ଥିଲା। କିନ୍ତୁ ମୁଁ ଭାବି ନେଇଥିଲି ଯେ ଆପଣଙ୍କର ଏହି ପରୀକ୍ଷାରେ ମୁଁ ଉତ୍ତୀର୍ଣ୍ଣ ହୋଇପାରି ନଥିବି। କିନ୍ତୁ କିଛିଦିନ ପରେ ଶିକ୍ଷାଗୁରୁ ବିନ୍ଦୁ ମାଧବ ପ୍ରଭୁ ମୋତେ କହିଲେ ଗୁରୁଦେବ ତୁମକୁ ଦୀକ୍ଷା ନେବାପାଇଁ ଚୟନ କରିଛନ୍ତି। ତା'ପରେ ମୋର ଖୁସି କହିଲେ ନସରେ। ସେହିଦିନଠାରୁ ମୁଁ ଜାଣିପାରିଲି ଆପଣ କେତେ ଦୟାଳୁ। ଆପଣଙ୍କ କୃପାଯୋଗୁଁ ମୁଁ ପୁରୀ ଇସ୍କନ୍ ସେଣ୍ଟରରେ ୨୦୨୪ ଜୁଲାଇ ୨୨ ତାରିଖରେ ଆପଣ ସାନ୍ନିଧ୍ୟରେ ଦୀକ୍ଷା ଗ୍ରହଣ କଲି।

ଗୁରୁମହାରାଜ ଆପଣଙ୍କର ଗୁଣଗାନ କରିବାକୁ ମନ୍ଦିର ପରିଚାଳକ ମୋତେ ଯୋଗ୍ୟ ମନେ କରିଥିବାରୁ, ମୁଁ ନିଜକୁ କୃତଜ୍ଞ ମଣୁଛି।

ଗୁରୁଦେବ ଆଜି ଆପଣଙ୍କର ପବିତ୍ର ଶୁଭ ଆର୍ବିଭାବ ତିଥିରେ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟପାଇଁ ଜଗନ୍ନାଥ, ବଳଦେବ, ମା' ସୁଭଦ୍ରାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛି।

ଗୁରୁମହାରାଜ ମୋତେ ଆଶୀର୍ବାଦ କରିବେ ଦାସାନୁଦାସ ଭାବରେ, ଶ୍ରୀଲ ପ୍ରଭୁପାଦଙ୍କ ଆନ୍ଦୋଳନରେ ଆପଣଙ୍କ ଆଦେଶ ଅନୁସାରେ ଜୀବନ ଅତିବାହିତ କରିବି।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ, ଶ୍ରୀଲ ଗୁରୁଦେବ କି ଜୟ।

*ଆପଣଙ୍କର ଅଧମ ଶିଷ୍ୟ*
***ରସିକ ରାଜ ଦାସ***

# ଆପଣଙ୍କ ସ୍ମରଣ ମାତ୍ରେ ସବୁ ଦୁଃଖ ଦୂର ହୋଇଯାଏ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା
ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥
ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ
ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଗୁଣଗାନ କରିବାକୁ ସୁଯୋଗ ମିଳିଛି। ହେ ଶ୍ରୀଲ ଗୁରୁଦେବ, ଆପଣଙ୍କର ତ ଅନେକ ଗୁଣ ରହିଛି, ମୋର ଯୋଗ୍ୟତା ନାହିଁ ସେ ସବୁ ଗୁଣ ବର୍ଣ୍ଣନା କରିବା ପାଇଁ, ତଥାପି ମୁଁ ଅଧମା ଚେଷ୍ଟା କରୁଛି, ଆପଣଙ୍କର କିଞ୍ଚିତ୍ ଗୁଣ ବର୍ଣ୍ଣନା କରିବା ପାଇଁ। ଆପଣଙ୍କ ସୁମଧୁର ବାଣୀ, ସରଳ ହୃଦୟ ମୋତେ ସର୍ବଦା ଆକର୍ଷିତ କରିଥାଏ। ହେ ଶ୍ରୀଲ ଗୁରୁଦେବ, ମୋର କୌଣସି ଯୋଗ୍ୟତା ନ ଥିଲା ଦୀକ୍ଷା ଗ୍ରହଣ କରିବାପାଇଁ, ଆପଣ ମୋ ଭଳି ଗୋଟେ ଅଧମା, ଅଯୋଗ୍ୟା ବଦ୍ଧ ଜୀବକୁ କୃପା ପରବଶ ହୋଇ ଆପଣଙ୍କର ଚରଣକମଳରେ ଆଶ୍ରୟ ପ୍ରଦାନ କରି ଧନ୍ୟ କରିଛନ୍ତି। ମୁଁ ବହୁତ ବଡ଼ ଭାଗ୍ୟଶାଳିନୀ ଯେ ଆପଣଙ୍କ ଭକ୍ତି ପରମ କାରୁଣିକ, ପରମ କୃପାମୟ ଗୁରୁଦେବଙ୍କୁ ପାଇଛି, ମୋ ଜୀବନ ସାର୍ଥକ ହୋଇଯାଇଛି, ଆଉ କିଛି ଲୋଡ଼ା ନାହିଁ ଗୁରୁଦେବ। ହେ ଶ୍ରୀଲ ଗୁରୁଦେବ ବ୍ରାହ୍ମଣ ଦୀକ୍ଷା ପାଇ ମଧ୍ୟ ମୋର କୌଣସି ଯୋଗ୍ୟତା ନଥିଲା। ଆପଣ ମୋ ଉପରେ କୃପା କରି ବ୍ରାହ୍ମଣ ଦୀକ୍ଷା ପ୍ରଦାନ କରିଛନ୍ତି। ଯେତେବେଳେ ଶ୍ରୀ ପ୍ରେମ୍‌କିଶୋର ପ୍ରଭୁଜୀ କହିଲେ ବ୍ରାହ୍ମଣ ଦୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତୁ, ମୁଁ ପ୍ରଭୁଜୀଙ୍କୁ ହଁ କି ନାହିଁ କିଛି କହିପାରିଲି ନାହିଁ, ମନେମନେ ଭାବିଲି ମୁଁ କ'ଣ ବ୍ରାହ୍ମଣ ଦୀକ୍ଷା ନେଇପାରିବି। ମୋର ବ୍ରାହ୍ମଣଙ୍କର କୌଣସି ଗୁଣ ନାହିଁ। କେମିତି ବ୍ରାହ୍ମଣ ଦୀକ୍ଷା ନେଇପାରିବି। ପ୍ରଭୁଙ୍କୁ ମନା କରିବି ବୋଲି ଭାବିଲି। ପୁଣି ଭାବିଲି ମୋ ଶିକ୍ଷା ଗୁରୁଙ୍କ ଆଦେଶ ପାଳନ କରିବାକୁ ପଡ଼ିବ। ତା'ପରେ ବ୍ରାହ୍ମଣ ଦୀକ୍ଷା ପାଇଁ ପ୍ରସ୍ତୁତ ହେଲି, ବ୍ରାହ୍ମଣ ଦୀକ୍ଷା ପାଇଁ କିଛି ପରୀକ୍ଷା ଦେବାକୁ ପଡ଼ିଲା। ଭାବିଲି ଏ ପରୀକ୍ଷାରେ ଫେଲ ହେଇଯିବି, ଉତ୍ତୀର୍ଣ୍ଣ ହୋଇ ପାରିବିନି। ମୋର ଶ୍ଲୋକ ମନେ ରହେନି। ଆଉ ବ୍ରାହ୍ମଣଙ୍କର ଗୁଣ ମଧ୍ୟ ମୋ ପାଖରେ ନାହିଁ। ମୁଁ ବ୍ରାହ୍ମଣ ଦୀକ୍ଷା ନେଇ ପାରିବିନି। କିନ୍ତୁ ହେ ଶ୍ରୀଲ ଗୁରୁଦେବ, ଆପଣଙ୍କୁ ପ୍ରାର୍ଥନା କରି ପରୀକ୍ଷା ଦେଲି। ଆପଣଙ୍କ କୃପାରୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲି। ଆଉ ଆପଣ ମୋତେ ବ୍ରହ୍ମଣ ଦୀକ୍ଷା ପ୍ରଦାନ କଲେ। ସବୁ ଆପଣଙ୍କର କୃପା ଗୁରୁଦେବ। ନ ହେଲେ ମୋ ଭଳି ଗୋଟେ ଅଜ୍ଞାନୀ, ମୂର୍ଖ କେବେବି ଆପଣଙ୍କର ଚରଣ କମଳରେ ଆଶ୍ରୟ ପାଇ ପାରିନଥାନ୍ତା। ହେ ଶ୍ରୀଲ ଗୁରୁଦେବ। ଆପଣଙ୍କ ନିକଟରେ ଏ ଅଧମାର ପ୍ରାର୍ଥନା ସର୍ବଦା ଆପଣଙ୍କର ଆଦେଶ ପାଳନ ନିମିତ୍ତ ତତ୍‌ପର ରହୁ। ଯେବେ କିଛି କାରଣ ପାଇଁ ମୋ ମନ ଦୁଃଖଥାଏ, ଆପଣଙ୍କର ସ୍ମରଣ ମାତ୍ରେ ମୋର ସବୁଦୁଃଖ ଦୂର ହୋଇଯାଇଥାଏ। ଆପଣଙ୍କ ପ୍ରବଚନ ଶୁଣିବା ମାତ୍ରେ ସବୁ ପ୍ରଶ୍ନର ଉତ୍ତର ମିଳିଯାଏ, ମନ ବହୁତ ଆନନ୍ଦିତ ହୋଇଯାଏ। ଲାଗେ ଯେମିତି ମରି ଯାଉଥିବା ବୃକ୍ଷକୁ ଜୀବନ ମିଳିଗଲା। ହେ ଶ୍ରୀଲ ଗୁରୁଦେବ, କୌଣସି ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ଏ ମୋର ଶରୀର ବିଚଳିତ ନ ହେଉ। ଏ ଅଧମାକୁ ସର୍ବଦା ଆପଣଙ୍କର ଚରଣ କମଳ ସ୍ମରଣ ରହୁ। ଏହି କୃପା କରନ୍ତୁ। ମୋର ଶକ୍ତି ନାହିଁ ଆପଣଙ୍କର ଦିବ୍ୟଗୁଣ ବର୍ଣ୍ଣନା କରିବାକୁ। ମୁଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି କି ଆପଣଙ୍କର ସ୍ୱାସ୍ଥ୍ୟ ସର୍ବଦା ଭଲ ରହୁ ଏବଂ ଆପଣଙ୍କର ଆୟୁଷ ଦୀର୍ଘାୟୁ ହେଉ।

*ଆପଣଙ୍କର ଅଯୋଗ୍ୟା ଶିଷ୍ୟା*
***ରତିପ୍ରଭା ଦେବୀଦାସୀ***
*ଇସ୍କନ, ଢେଙ୍କାନାଳ*

# ହରେ କୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଗୁରୁଦେବ, ଆପଣଙ୍କର ଏହି ମଙ୍ଗଳମୟ ତଥା ଶୁଭ ଆବିର୍ଭାବ ତିଥିରେ ଏହି ଅଧମା ଶିଷ୍ୟ ଆପଣଙ୍କର ଚରଣରେ ଦଣ୍ଡବତ ପ୍ରଣାମ ଜଣାଉଛି । ହେ ଗୁରୁଦେବ ଆପଣ ହେଉଛନ୍ତି ଭଗବାନଙ୍କ ପ୍ରତିନିଧି ସ୍ୱରୂପ ଏବଂ ପ୍ରତ୍ୟେକ ଜୀବର ହିତ ପାଇଁ କଲ୍ୟାଣକର ଉପଦେଶ ଦେଇଥାନ୍ତି । ଆମଭଳି ଅଧମ ଜୀବମାନଙ୍କୁ ଉଦ୍ଧାର କରିବାପାଇଁ ଜୀବନରେ କେତେ କଷ୍ଟ ଏବଂ ବାଧାବିଘ୍ନକୁ ସହ୍ୟ କରି ଭଗବାନଙ୍କ ବାଣୀ ପ୍ରଚାର କରୁଛନ୍ତି ।

ମୁଁ ପ୍ରଥମେ ରାଧାଷ୍ଟମୀକୁ ନୂତନ କରି ଆସିଥିଲି ଢେଙ୍କାନାଳ ମନ୍ଦିରକୁ, ସେହିଦିନ ମନ୍ଦିରର ଉନ୍ନତ ଭକ୍ତ ପ୍ରେମକିଶୋର ପ୍ରଭୁ କଥା କହୁଥିଲେ ଏବଂ କଥାରେ ଗୋଲକ ଧାମର କଥା କହୁଥିଲେ । ପ୍ରଥମ କରି ଜଣେ ଶୁଦ୍ଧସାଧୁଙ୍କ ମୁଖରୁ ହରି କଥା ଶ୍ରବଣ କରି ହୃଦୟ ଆନନ୍ଦିତ ହୋଇ ଉଠିଲା । କଥା ଶେଷରେ ମୁଁ ପ୍ରେମକିଶୋର ପ୍ରଭୁଙ୍କ ସହ ସାକ୍ଷାତ୍ କରିଥିଲି ଏବଂ ସେ ମୋତେ ପ୍ରତି ରବିବାର କାର୍ଯ୍ୟକ୍ରମରେ ଆସିବାକୁ କହିଥିଲେ । ତା'ପରେ ରବିବାର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲି ଏବଂ ସେହିଦିନ ମଧ୍ୟ କଥା, କୀର୍ତ୍ତନ, କିଚେନ୍‌ର କିଛି ନୂତନ ସେବା କରି ବହୁତ ଖୁସି ଲାଗିଥିଲା, ଏହିପରି ଭାବରେ ଗୀତା ପ୍ରଚାର ମଧ୍ୟ ଭକ୍ତମାନଙ୍କ ସଙ୍ଗରେ କରିବାକୁ ସୁଯୋଗ ମିଳିଲା ଏବଂ ପ୍ରଚାରରେ ନୂତନ ଅଭିଜ୍ଞତା ଆଉ ଖୁସି ଲାଗିଲା ।

କିଛିଦିନ ଗଲାପରେ ଗୁରୁମହାରାଜ ଢେଙ୍କାନାଳ ମନ୍ଦିରକୁ ଆସିଥିଲେ, ପ୍ରଥମକରି ଗୁରୁଦେବଙ୍କ ସହ ଅତି ନିକଟରେ ଦର୍ଶନ କରି ଆନନ୍ଦିତ ଲାଗିଥିଲା ଏବଂ ଗୁରୁମହାରାଜ ରହିବାର ଚାରିଦିନ ମଧ୍ୟ ଆମେ କିଛି ଭକ୍ତମାନେ ମନ୍ଦିରରେ ଅବସ୍ଥାନ କରିଥିଲୁ । ମନ୍ଦିରରେ ଗୁରୁଦେବଙ୍କ ଶ୍ରୀମୁଖରୁ ହରି କଥା ଶ୍ରବଣର ମଧ୍ୟ ସୁଯୋଗ ମିଳିଥିଲା । କଥା ଶେଷରେ ଗୁରୁଦେବ ପ୍ରେମକିଶୋର ପ୍ରଭୁଜୀଙ୍କ ଗୁଣ ବର୍ଣ୍ଣନା କରିଥିଲେ, କିଭଳି ସେ ପୂର୍ଣ୍ଣ ସମର୍ପଣ ସହ ଭକ୍ତି କରନ୍ତି । ପ୍ରତିଦିନ ବ୍ରହ୍ମ ମୁହୂର୍ତ୍ତରେ ଜପ କରିବାକୁ ଗୁରୁମହାରାଜ ସେହି କଥାରେ କହିଥିଲେ, ଯାହାକି ମୋ ଜୀବନର ମାନଦଣ୍ଡ ରୂପେ ମୁଁ ଗ୍ରହଣ କରିନେଲି ଏବଂ ସେହିଦିନଠାରୁ ପ୍ରତି ବ୍ରହ୍ମ ମୁହୂର୍ତ୍ତରେ ମୁଁ ମୋର ଷୋହଳମାଳ ଜପ ସମାପ୍ତ କରେ । ଧୀରେଧୀରେ ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ଜପ କ୍ଲାସରେ ମୁଁ ଜଏନ୍ କରିଥିଲି, ଜପ ଶେଷରେ ଗୁରୁଦେବଙ୍କ ଅନ୍‌ଲାଇନ୍ ପ୍ରବଚନ ମଧ୍ୟ ସେଥିରୁ ଶ୍ରବଣ କରିବାର ସୁଯୋଗ ମଧ୍ୟ ମିଳିଥାଏ । ମନ୍ଦିରରେ ରହିଥିବା ସମୟରେ ଦୀକ୍ଷା ଉତ୍ସବର ମଧ୍ୟ ଅନୁଷ୍ଠାନ ସଙ୍ଗଠିତ ହୋଇଥିଲା ଏବଂ ମୁଁ ସେଠାରେ ଉପସ୍ଥିତ ରହି ବହୁ ଆନନ୍ଦ ସହକାରେ ଦର୍ଶନ କରୁଥାଏ ଏବଂ ମନ ଭିତରେ ଉଙ୍କିମାରୁଥାଏ ମୁଁ କେଉଁ ଦିନ ଏପରି ଯଜ୍ଞରେ ବସି ଗୁରୁଦେବଙ୍କ ଠାରୁ ଦୀକ୍ଷା ନେବି, ଆଉ ଭାବୁଥାଏ ମୋର ତ ସେପରି କିଛି କଞ୍ଚିତ୍ ଯୋଗ୍ୟତା ନାହିଁ, ଯାହାକୁ ଦେଖି ଗୁରୁଦେବ ମୋଭଳି ଅଧମାକୁ ଦୀକ୍ଷା ଦେବେ । ମୋ ପାଖରେ ତ କିଛି ବି ଶାସ୍ତ୍ର ଜ୍ଞାନ ନାହିଁ, କେବଳ ନାମଜପ, ତଥା ଶ୍ରବଣ ଦ୍ୱାରା ଭକ୍ତି ଜୀବନ ଅଭ୍ୟାସ କରୁଛି । ଆପଣ ଦୟାକରି ଏହି ଅଧମାକୁ କୃପାଦୃଷ୍ଟି ବର୍ଷଣ କରି ନିଜର ଶିଷ୍ୟରୂପେ ଗ୍ରହଣ କରନ୍ତୁ ।

ହେ ଗୁରୁଦେବ ! ମୁଁ ଆପଣଙ୍କୁ ବହୁତ ଭକ୍ତି, ବିଶ୍ୱାସ ଓ ସମ୍ମାନ କରେ, ଆପଣ ଏତିକି କୃପା କରନ୍ତୁ ମୁଁ ଯେପରି ଆପଣଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଆପଣଙ୍କ ପାଦପଦ୍ମରେ ଶରଣାଗତି ହୋଇପାରେ । କୃଷ୍ଣପ୍ରେମ ପ୍ରାପ୍ତିର ଅଧିକାରୀ ହୋଇପାରେ । ମୁଁ ତ ଅଧମା କିଛି ଜାଣିନି ଗୁରୁଦେବ, ଯଦି ମୋ ଦ୍ୱାରା ଭୁଲ ହୋଇଥାଏ ତେବେ ମୋତେ କ୍ଷମା କରିବେ ।

*ଆପଣଙ୍କର ଚରଣାଶ୍ରିତା ଅଧମା ଦାସୀ*
**ରତ୍ନ ପ୍ରଭା**

# ମୋ ଭାଗ୍ୟରେ କେବେ ଏ ସୁଯୋଗ ଆସିବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପ୍ରିୟ ଗୁରୁଦେବ ! ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥି ତଥା ବ୍ୟାସପୂଜା ମହୋତ୍ସବରେ ଆପଣଙ୍କ ଶ୍ରୀ ପାଦପଦ୍ମରେ ମୋର ଶତକୋଟି ଭୂମିଷ୍ଠ ପ୍ରଣାମ। ଆପଣଙ୍କ ପରି ଶୁଦ୍ଧ ସାଧୁଗୁରୁ ବୈଷ୍ଣବଙ୍କର ଗୁଣଗାନ କରିବାକୁ ଏ ପତିତ ଅଧମ ଶିଷ୍ୟାର ଯୋଗ୍ୟତା ନାହିଁ। ଆପଣଙ୍କର କୃପା ହେଲେ ଏ ଅଧମ କିଛି ଗୁଣଗାନ କରିବ। ଶାସ୍ତ୍ରରେ ଅଛି ଶୁଦ୍ଧ ବୈଷ୍ଣବଙ୍କର ଦର୍ଶନ ହେଲେ, ପ୍ରାରବ୍ଧ ପାପସବୁ ମୋଚନ ହୋଇଯାଏ ଏବଂ କୃଷ୍ଣଙ୍କର କୃପାଦୃଷ୍ଟି ପଡ଼ିଥାଏ। ନରୋତ୍ତମ ଦାସ ଠାକୁର କହିଛନ୍ତି-

"ତୋମାର ହୃଦୟେ ସଦା ଗୋବିନ୍ଦ ବିଶ୍ରାମ,
ଗୋବିନ୍ଦ କହେନ ମମ ବୈଷ୍ଣବ ପରାଣ।"

ହେ ଗୁରୁଦେବ ଆପଣଙ୍କ ପରି ଜଣେ ମହାନ୍ ପରମ ଦୟାଳୁ, ସରଳ ନିଷ୍କପଟ ହୃଦୟରେ ସର୍ବଦା ଗୋବିନ୍ଦ ବିଶ୍ରାମ କରିଥାନ୍ତି। ହେ ଗୁରୁଦେବ ମୋର ବଡ଼ଭାଗ୍ୟ ଯେ ଏମିତି ଶୁଦ୍ଧ ସାଧୁଙ୍କ ଚରଣ କମଳରେ ଆଶ୍ରୟ ପ୍ରାପ୍ତ ହୋଇଛି ଏବଂ ପୂର୍ବଜନ୍ମର ସ୍ୱୀକୃତି ବଳରେ ଆପଣଙ୍କର ଦର୍ଶନ ପାଇଛି। ଶାସ୍ତ୍ରରେ କୃଷ୍ଣ କୃପାକଲେ ଗୁରୁ ମିଳନ୍ତି ଏବଂ ଗୁରୁ କୃପାକଲେ କୃଷ୍ଣ ମିଳନ୍ତି। ଆପଣଙ୍କ କୃପାରୁ ଏହି ଆଧ୍ୟାତ୍ମିକ ପଥରେ ଆସି ଭଗବାନ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦରଙ୍କ କୃପାରୁ ଏ ଅଧମ ଦାସୀ ଅନେକ ଆନନ୍ଦ ପ୍ରାପ୍ତ ହୋଇଛି। ଆପଣଙ୍କ ଆଦେଶ ମୁତାବକ ନିୟମିତ ଶ୍ରବଣ, କୀର୍ତ୍ତନ, ଜପ, ଗୀତାପାଠ, ଭାଗତ ପାଠ, ସାଧୁସଙ୍ଗ କରି ଆପଣ ପ୍ରଦାନ କରିଥିବା ଭକ୍ତିଲତା ବୀଜଟିର ଅଙ୍କୁରୋଦ୍‌ଗମ କରିବାକୁ ଚେଷ୍ଟା କରୁଛି। ଏସବୁ କେବଳ ଆପଣଙ୍କର ଅହୈତୁକୀ କୃପାହେତୁ ସମ୍ଭବ ହୋଇପାରୁଛି।

ଏସବୁ ଜାଣିବା ପରେ ମଧ୍ୟ ମାୟା ଯେମିତି ମୋ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଥିଲା, କିଛିଦିନ ପାଇଁ ମୁଁ ମଧ୍ୟ ଗୁରୁଦେବଙ୍କୁ ଭୁଲ ବୁଝିଥିଲି, ଯେମିତି ଗୁରୁଦେବ କ୍ଲାସ ଶେଷରେ ସମସ୍ତଙ୍କୁ କୃପାମାଳା ପ୍ରଦାନ କରନ୍ତି। ହେଲେ ମୁଁ ହାତ ବଢ଼େଇ ଆଣିପାରେ ନାହିଁ, ବଡ଼ ବଡ଼ ହାତ ଯେଉଁମାନେ ବଲକୁ ଖେଳରେ କ୍ୟାଚ ଧରିଲା ପରି ଧରିପକାନ୍ତି। ମୋତେ ଟିକେ ଦୁଃଖ ଲାଗେ ମୁଁ ଗୋଟେ ଅଯୋଗ୍ୟ ଶିଷ୍ୟା ମୋର ବୋଧେ କିଛି ସେବା, ଭକ୍ତି କି ପୁଣ୍ୟଫଳ ନାହିଁ, ସେଥିପାଇଁ ବୋଧେ ଗୁରୁଦେବଙ୍କ କୃପାମଳା ପାଇବାପାଇଁ ଅଧିକ କିଛି ସେବାଭକ୍ତି କରିବାକୁ ପଡ଼ିବ ଭାବି ଚୁପ୍ ରହେ ମନ କଥା ମନରେ ଥାଏ।

ସମୟ ଆସିଲା ବ୍ରାହ୍ମଣଦୀକ୍ଷା ପାଇଁ ପ୍ରେମକିଶୋର ପ୍ରଭୁ ମୋ ନାମ ଦେଲେ। କ୍ଷମାସାଗର ପ୍ରଭୁଙ୍କୁ କହିଲି ମୋ ନାମ ବ୍ରାହ୍ମଣ ଦୀକ୍ଷାପାଇଁ ପ୍ରଭୁଜୀ ଦେଇଛନ୍ତି, ମତେ କାହିଁ ନବାକୁ ଇଚ୍ଛା ହେଉ ନାହିଁ। ପ୍ରଭୁଜୀ ପଚାରିଲେ କାହିଁକି ? ମୁଁ କହିଲି ଗୁରୁଦେବ ତ ମୋତେ ଭଲଭାବରେ ଚିହ୍ନି ନ ଥିବେ, ମୁଁ ତ ଗୁରୁଦେବଙ୍କ ପାଇଁ କିଛି ବି ସେବା କରିପାରିବୁନି, ବ୍ରାହ୍ମଣ ଦୀକ୍ଷା ଏତେ ଶୀଘ୍ର ନେବା କ'ଣ ଠିକ୍ ହେବ ? ପ୍ରଭୁଜୀ କହିଲେ ଗୁରୁଦେବ ତୁମକୁ ଚିହ୍ନି ନାହାନ୍ତି ତ ଦୀକ୍ଷା କେମିତି ନେଲ ? ସମୟ ହାତଛଡ଼ା କରନି ପ୍ରେମ କିଶୋର ପ୍ରଭୁ କ'ଣ ଜାଣି ନାହାନ୍ତି ତୁମେ କ'ଣ କରୁଛ କ'ଣ ନାଇଁ ତାଙ୍କୁ ଛୋଟ ପିଲାଭାବନି। ଏତେ ସବୁ ଶୁଣିଲା ପରେ ହଉହେଲା ମୁଁ ବ୍ରାହ୍ମଣ ଦୀକ୍ଷା ନେବି। ଆଉ ଦୀକ୍ଷା ପାଇଁ ପ୍ରସ୍ତୁତ ହେଲି, ସମୟ ଆସିଲା ବ୍ରାହ୍ମଣ ଦୀକ୍ଷା ସରିଲା, ଗୁରୁଦେବ ସମସ୍ତଙ୍କୁ ଜଣଜଣ କରି ଗାୟତ୍ରୀ ମନ୍ତ୍ର ପ୍ରଦାନ କଲେ। ମୋର ବି ପାଳି ପଡ଼ିଲା ମୁଁ ଭିତରକୁ ଗଲି, ଭିତରେ ଶ୍ୟାମକୃପା ପ୍ରଭୁ ତଳେ ବସିଥାନ୍ତି। ଗୁରୁଦେବ ଚେୟାର ଉପରେ ବସିଥାନ୍ତି। ପ୍ରଣାମ କରି ଗୁରୁଦେବଙ୍କ ମୁଖକୁ ଦର୍ଶନ କଲାବେଳେ ସତେ ଯେମିତି ଗୁରୁଦେବ ବର୍ଣ୍ଣନା କରନ୍ତି ଚୈତନ୍ୟ ପ୍ରଭୁଙ୍କ ସେଇ ତପ୍ତକାଞ୍ଚନ ଗୌରବର୍ଣ୍ଣ ସୁନ୍ଦର ଉଜ୍ଜ୍ୱଳମୟ ଶରୀର ଦିବ୍ୟ ଏକ ପାଖରୁ ଦେଖି କିଛି ସମୟ ସ୍ଥିର ହୋଇ ଦର୍ଶନ କରୁଥାଏ। ଗୁରୁଦେବ ଡାକିଲେ ରୁକ୍ମିଣୀ କ'ଣ ହେଲା ବ୍ରହ୍ମ ମୁହୂର୍ତ୍ତରେ ଉଠୁଛ ତ ! ମୁଁ ଯାହା କହିବି ଧ୍ୟାନପୂର୍ବକ ଶୁଣିବ। ଗୁରୁଦେବ ଯାହା କହିଲେ ଆଜ୍ଞା କରୁଥାଏ। ଖୁସିରେ

ଯେମିତି ଆଖିରୁ ଅଶ୍ରୁ ବାହାରିଆସୁଥାଏ। ସେତେବେଳେ ଭାବିଲି ସତରେ ଗୁରୁଦେବ ପ୍ରେମ କିଶୋର ପ୍ରଭୁଜୀ ପାଇଁ ବନ୍ଧନ, ଶିଷ୍ୟର ମନକଥା ଜାଣିପାରନ୍ତି ସେଦିନ ବୁଝିପାରିଲି। ଆଉ ସେତିକି ନୁହେଁ ସେହି ଦିକ୍ଷା ଦିନ ଯେତେବେଳେ ଘରକୁ ଫେରିବା ଉଦ୍ଦେଶ୍ୟରେ ମନ୍ଦିରକୁ ଆସିଲି ବ୍ୟାଗଧରି ଯିବାପାଇଁ ଭାବିଲି ଯାଉଛି ଗୁରୁଦେବଙ୍କୁ ଟିକେ ପ୍ରଣାମ କରିଯିବି। ମନ୍ଦିରରେ ଢେଙ୍କାନାଳର ଭକ୍ତ କେହି ନ ଥାନ୍ତି। ସମସ୍ତେ ଟାଉନ୍ ହଲରେ। ଯେଉଁ କେତେଜଣ ଗାଡ଼ିରେ ଆସିଲୁ ସମସ୍ତେ ରୁମ୍‌ରେ। ମୁଁ ଆସିଲି ରୋଷେଇ ଘର ଆଡ଼େ ଗୁରୁଦେବଙ୍କୁ ଦେଖା ନ ହେଲେ ବାହାରୁ ପ୍ରଣାମ କରିକି ଯିବି। ରାଧାନାଥ ପ୍ରଭୁ ବାହାରିଲେ ତୁମେ କୁଆଡ଼େ ? ଗୁରୁଦେବଙ୍କୁ ପ୍ରଣାମ କରିକି ଘରକୁଯିବି, ପ୍ରଭୁଜୀ କହିଲେ ଗୁରୁଦେବ ବିଶ୍ରାମ କରୁଛନ୍ତି ବାହାରେ ପ୍ରଣାମ କର। ଆଉ ସେଠି ମହାମହା ଅଛି ପାଇବ ଯାଅ। ସତେ ଖୁସିରେ ମୋ ଗୋଡ଼ ତଳେ ଲାଗୁନଥାଏ। ସତରେ ଦୀର୍ଘ ୭ ବର୍ଷ ପାଖାପାଖି ହେବ ଦୀକ୍ଷା ନେବାର, ହେଲେ ମୁଁ କେବେ ବି ଗୁରୁଦେବଙ୍କର ମହାମହା ପ୍ରଥମ କରି ମୋତେ ମିଳି ନ ଥାଏ। ସବୁବେଳେ ଭାବେ ରାଧିକା ମାତାଜୀ, ସଖୀ ମାତାଜୀ,, ପରାପ୍ରକୃତି ମାତାଜୀ, ମହାମହା ଆଣି ପାଇଛନ୍ତି ମୋ ଭାଗ୍ୟରେ କେବେ ଏ ସୁଯୋଗ କ'ଣ ଆସିବ ? ଏକଥା ମୋ ରାଧାଶ୍ୟାମସୁନ୍ଦରଙ୍କୁ କହେ, ଆଉ ମନଦୁଃଖରେ ରହେ। ସତରେ ଗୁରୁଦେବ ଆଉ ରାଧାଶ୍ୟାମସୁନ୍ଦର ମୋର ମନକଥା ବୁଝିପାରିଛନ୍ତି। ଏହା ବ୍ୟତୀତ ଆଉ କିଛି ଅଭିଳାସ ନାହିଁ।

ହେ ଗୁରୁଦେବ ଦୟାକରି ଆପଣ ମୋତେ କୃପା କରନ୍ତୁ, ଆପଣଙ୍କ ଚରଣରେ ସଦାସର୍ବଦା ବୈଷ୍ଣବ ଅପରାଧରୁ ମୁକ୍ତ ହୋଇ ଗୁରୁ କୃଷ୍ଣଙ୍କ ସେବାରେ ହିଁ ଏ ଜୀବନ ବିତିଯାଉ। ଏହି ପିଣ୍ଡରେ ପ୍ରାଣଥିବା ଯାଏ ଏ ଅଧମ ଶିଷ୍ୟା ଆପଣଙ୍କର ଗୁଣକୀର୍ତ୍ତନ କରୁଥାଉ। ଏ ଅଧମ ଦାସୀର ଅପରାଧ ମାର୍ଜନା କରନ୍ତୁ।

ଶେଷରେ ରାଧା ଶ୍ୟାମସୁନ୍ଦର, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମହାରାଣୀ ଗୌର ନିତାଙ୍କ ପାଦପଦ୍ମରେ ପ୍ରାର୍ଥନା କରି ଆପଣଙ୍କର ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରୁଅଛି। ଯାହାଫଳରେ କୃଷ୍ଣ ଚେତନାର ପ୍ରଚାର-ପ୍ରସାର ଓ ବଦ୍ଧଜୀବମାନଙ୍କର ଉଦ୍ଧାର ହୋଇପାରିବ।

ଶ୍ରୀଲ ପ୍ରଭୁପାଦକି ଜୟ। ଶ୍ରୀଲ ଗୁରୁଦେବ କି ଜୟ

*ଆପଣଙ୍କର ଚରଣକମଳର*
*ସେବାଭିଳାସୀ*
***ରୁକ୍ମିଣୀ ଦେବୀଦାସୀ***

# ଗୁରୁଙ୍କ ବିନା ଆତ୍ମଜ୍ଞାନ ଲାଭ କରିବା କଠିନ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଶ୍ରୀଗୁରୁମହାରାଜଙ୍କୁ ମୋର ପ୍ରଥମେ ପାଦପଦ୍ମକମଳରେ ମୋର କୋଟି କୋଟି ପ୍ରଣାମ। ସନାତନ ଧର୍ମରେ ଗୁରୁଙ୍କୁ ଅତି ଉଚ୍ଚସ୍ଥାନ ଦିଆଯାଇଛି। ଗୁରୁ କେବଳ ଜ୍ଞାନଦାତା ନୁହଁନ୍ତି, ଗୁରୁ ହେଉଛନ୍ତି ଆଧାତ୍ମିକ ପଥ ପ୍ରଦର୍ଶକ ଏବଂ ଜୀବନର ମାର୍ଗଦର୍ଶକ ଅଟନ୍ତି। ଗୁରୁମହାରାଜଙ୍କୁ ସାକ୍ଷାତ୍ ବ୍ରହ୍ମ, ଈଶ୍ୱରଙ୍କ ପ୍ରତିନିଧି ଏବଂ ଜ୍ଞାନର ଉତ୍ସ ମନାଯାଇଥାଏ। ଗୁରୁଙ୍କ ବିନା ଆତ୍ମଜ୍ଞାନ ଲାଭ କରିବା ଅତି କଠିନ। ଗୁରୁଙ୍କ ମହତ୍ତ୍ୱ ବୁଝିବା ପାଇଁ ଆମେ, ଶାସ୍ତ୍ର, ଉପନିଷଦ ପାଠ କରିବା ଉଚିତ। ଶ୍ରୀଗୁରୁଙ୍କ ବିନା ଜ୍ଞାନ ସମ୍ଭବ ନୁହେଁ।

ଗୁର୍ରୁବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରୁର୍ଦେବୋ ମହେଶ୍ୱରଃ ।
ଗୁରୁଃ ସାକ୍ଷାତ୍ ପରମବ୍ରହ୍ମ ତସ୍ମୈ ଶ୍ରୀଗୁରୁବେ ନମଃ।

*ଆପଣଙ୍କର ଚରଣାଶ୍ରିତ*
***ରୁନୁ ମଲ୍ଲିକ***
*ଇସ୍କନ, ଢେଙ୍କାନାଳ*

# ଇସ୍କନ୍ ଅଭିମୂଖେ ପ୍ରେରିତ କରୁଥିଲା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ମୋର ପ୍ରାଣପ୍ରିୟ ଗୁରୁଦେବ ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ, ବ୍ୟାସପୂଜା ଅବସରରେ ଆପଣଙ୍କର ଚରଣାଶ୍ରିତ ଲକ୍ଷ୍ମୀ ସେବିକା ଦାସୀ ଆପଣଙ୍କର ଚରଣ କମଳରେ କୋଟିକୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦରଙ୍କୁ ପ୍ରାର୍ଥନା କରେ କି ଆପଣଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ପ୍ରଦାନ କରନ୍ତୁ। ଗୁରୁଦେବ ଆପଣ ମୋତେ ଚକ୍ଷୁଦାନ ଦେଇ ହୃଦୟରେ ଦିବ୍ୟଜ୍ଞାନ ପ୍ରକାଶ କରାଇଛନ୍ତି। ହେ ଗୁରୁଦେବ ଆପଣଙ୍କୁ ମୋର ପାରମ୍ପରିକ ଗୁରୁରୂପେ ପାଇ ନିଜକୁ ଧନ୍ୟ ମନେକରୁଛି। ଗୁରୁଦେବ ଆପଣ ସରଳତା, ଦୟା, ନମ୍ରତା, କ୍ଷମା ଓ ଉଦାରତାର ପ୍ରତୀକ ଅଟନ୍ତି। ଆପଣ ମୋର ପଥ ପ୍ରଦର୍ଶକ ଗୁରୁଦେବ, ମୁଁ ଇସ୍କନ ଅନୁଗୁଳର ପଦ୍ମା ମାତାଜୀଙ୍କ ନିର୍ଦ୍ଦେଶରେ ୨୦୨୨ ମସିହାରେ ଜନ୍ମାଷ୍ଟମୀ ଉତ୍ସବରେ ଗୋପୀନାଥ ଗାର୍ଡେନ୍ ଅଭିମୁଖେ ପ୍ରଥମେ ଅଗ୍ରସର ହୋଇଥିଲି। ତା'ପରେ ଜନ୍ମାଷ୍ଟମୀ ଉତ୍ସବର ସେହି ପ୍ରଥମ ରାତ୍ରିରେ ମୋର ଶିକ୍ଷାଗୁରୁ ପ୍ରେମକିଶୋର ପ୍ରଭୂଜୀଙ୍କ ବାଣୀ ପ୍ରଥମଥର ପାଇଁ ଶୁଣିବାର ସୁଯୋଗ ପ୍ରାପ୍ତ ହୋଇଥିଲି, ଯାହାଙ୍କ ବାଣୀ ମୋ ପାଇଁ ଏତେ ସ୍ମୃତିମଧୁର ହୋଇଥିଲା ଯାହାଙ୍କ ବାଣୀପାଇଁ ମୁଁ ବାରବାର ଇସ୍କନ ଅଭିମୁଖେ ଯାତ୍ରା କରୁଥିଲି, ଯାହାଙ୍କ ବାଣୀ ଯୋଗୁଁ ମୁଁ ଆପଣଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିଲି ଆଉ ସେହି ଶିକ୍ଷାଗୁରୁଙ୍କ ପ୍ରବଚନ ମାଧ୍ୟମରେ ଜାଣିବାର ସୁଯୋଗ ପାଇଥିଲି କି ଗୁରୁବିନା ଜୀବନ ନିରର୍ଥକ। ଶିକ୍ଷାଗୁରୁଙ୍କ ମାଧ୍ୟମରେ ମୁଁ ଆପଣଙ୍କୁ ୨୦୨୨ର କାର୍ତ୍ତିକ ପୂର୍ଣ୍ଣିମାରେ ଆଧ୍ୟାତ୍ମିକ ଦର୍ଶନ ପାଇବାର ପରମ ସୌଭାଗ୍ୟ ଲାଭ କରିଥିଲି। ସେହି ଦର୍ଶନ ମାତ୍ରକେ ମୁଁ ଅନୁଭବ କରୁଥିଲି କି ଆପଣଙ୍କ ମୁଖମଣ୍ଡଳରୁ ନିର୍ଗତ ହେଉଥିଲା ଯେମିତି ଦିବ୍ୟ ଜ୍ୟୋତି। ସେହି ପ୍ରଥମ ଦର୍ଶନ ହିଁ ମୋତେ ଯେମିତି କହୁଥିଲା ବାରବାର କହୁଥାଏ ଆପଣ ହିଁ ମୋର ମନରେ ଭକ୍ତି ଦିଗର ଉଦ୍ରେକ କରାଇ ଦେଇପାରିବେ। ବାସ ଗୁରୁଦେବ କାହିଁକି କେଜାଣି ମୁଁ ଆପଣଙ୍କୁ ପାଇବା ପରେ ମନ କେବଳ ବ୍ୟାକୁଳିତ ହୋଇଉଠୁଥାଏ କୃଷ୍ଣ ସେବା, ଭଜନ, କୀର୍ତ୍ତନ, ଆଉ ପ୍ରଚାର ପାଇଁ ଆପଣ ମୋ ପରି ବଦ୍ଧଜୀବକୁ କୃପାକରି ପଥ ପ୍ରଦର୍ଶନ କରାଇଛନ୍ତି। ଅନନ୍ତ କୋଟି ଦଣ୍ଡବତ ପ୍ରଣାମ ଗୁରୁଦେବ।

ହେ ଗୁରୁଦେବ ଆପଣଙ୍କ ମହାନତା ବର୍ଣ୍ଣନା କରିବାପାଇଁ ଏ ଅଧମା ଶିଷ୍ୟାର କୌଣସି ଯୋଗ୍ୟତା ନାହିଁ। ଆପଣଙ୍କ ପରି ମହାମହିମାମୟ ବୈଷ୍ଣବର ଗୁଣ ବର୍ଣ୍ଣନ ପାଇଁ ଏ ଅଧମା ଦାସୀ ଅକ୍ଷମା ଗୁରୁଦେବ। ହେ ଦୟାମୟ ଗୁରୁଦେବ ଆପଣଙ୍କ ଅଶେଷ କରୁଣାରୁ ଭଗବାନଙ୍କ ଅଶେଷ କୃପାରୁ ଆପଣ ମୋର ଗୁରୁରୂପେ ଭଗବତ ଧାମରୁ ଅବତୀର୍ଣ୍ଣ ହୋଇ ଏ ପାଷାଣ ହୃଦୟରେ ଭଗବତ ପ୍ରାପ୍ତି ନିମନ୍ତେ ସ୍ନେହ, ଶ୍ରଦ୍ଧା ଏବଂ ଭକ୍ତିର ଭାବନାକୁ ଜାଗ୍ରତ କରାଇଛନ୍ତି। ଆପଣଙ୍କ ଅଶେଷ କୃପାରୁ ମୁଁ ଆଜି ଦୀକ୍ଷା ନେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ମୋପରି ଅଧମା, ପତିତା, ଅଜ୍ଞାନୀ ଆପଣଙ୍କ ପରି ପରମଦୟାଳୁ କୃପାମୟ ଗୁରୁଙ୍କୁ ପ୍ରାପ୍ତ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ଯେଉଁ ଶିକ୍ଷାଗୁରୁଙ୍କ ବାଣୀ ମୋତେ ବାରମ୍ବାର ଇସ୍କନ ଅଭିମୁଖେ ପ୍ରେରିତ କରୁଥିଲା (ଢେଙ୍କାନାଳ ଇସ୍କନ୍) ସେହି ଶିକ୍ଷାଗୁରୁଙ୍କ ବାଣୀର ଶକ୍ତି ମାଧ୍ୟମରେ ମୁଁ ଆପଣଙ୍କୁ ପାଇଚି, ଗୁରୁଦେବ। ପ୍ରତ୍ୟେକ ଥର ମୁଁ ଅନୁଭବ କରୁଥିଲି କି ଗୁରୁବିନା ଜୀବନ ନିରର୍ଥକ। ତେଣୁ ସେହି ଶିକ୍ଷାଗୁରୁଙ୍କୁ ମଧ୍ୟ ମୋର କୋଟି ଦଣ୍ଡବତ ପ୍ରଣାମ, କାରଣ ମୁଁ ଆପଣଙ୍କୁ ପାଇବାର ସେହି ଶିକ୍ଷାଗୁରୁ ମୋର ମାଧ୍ୟମ।

ଜଣେ ଉପଯୁକ୍ତ ପୁତ୍ର ଯେପରି ତା'ର ପିତାର ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ, ତଥା ବାଣୀକୁ ସୂଚାରୁ ରୂପେ ତୁଲାଇଥାଏ। ଠିକ୍ ସେହିପରି ଆପଣ ଭଗବାନ କୃଷ୍ଣଙ୍କ ବାଣୀକୁ ଅର୍ଥାତ୍ ଗୌରବାଣୀର

ଜଣେ ଦକ୍ଷତା ସେନାପତିଭାବେ ପ୍ରଚାର ଓ ପ୍ରସାର କରି ସମଗ୍ର ଜଗତକୁ କୃଷ୍ଣମୟ କରି ହଜାର ହଜାର ପତିତମାନଙ୍କୁ ଉଦ୍ଧାର କରିଦେଇଛନ୍ତି ବାସ୍ତବରେ ଗୁରୁଦେବ ଆପଣ। କୃଷ୍ଣ ତନୟ ରୂପେ ଏ ଧରାକୁ ଏମିତି ଜାଜ୍ଜ୍ୱଲ୍ୟମାନ ଓ ଦୀପ୍ତିମାନ କରୁଥାନ୍ତୁ। ମୁଁ ଆପଣଙ୍କୁ ମୋର ପାରମ୍ପାରିକ ଗୁରୁରୂପେ ପାଇ ନିଜକୁ ଧନ୍ୟ ମନେକରୁଛି। ଆପଣଙ୍କ ଦିବ୍ୟ ଶ୍ରୀଚରଣରେ ସର୍ବଦା ମୋର ପ୍ରାର୍ଥନା କି ମୋ ସେବା କେବେ ବି ବିସ୍ମରଣ ନ ହେଉ।

ଶେଷରେ ଏତିକି କହିବି କି ମୋ ପରି ହଜାର ହଜାର ଅଧମ, ପତିତମାନଙ୍କୁ ଓ ଅଜ୍ଞାନୀମାନଙ୍କୁ ଆପଣ ଏମିତି ଶିକ୍ଷା-ଦୀକ୍ଷା ଓ କୃପା ମାଧ୍ୟମରେ ଉଦ୍ଧାର କରି ଏ ଜଗତକୁ କୃଷ୍ଣମୟ କରି ଶ୍ରୀଲ ପ୍ରଭୁପାଦଙ୍କ ଗୌରବାଣୀ-ସାମ୍ରାଜ୍ୟକୁ ଦୃଢ଼ୀଭୂତ କରିଦିଅନ୍ତୁ- ମୁଁ ଜାଣିଛି ଗୁରୁଦେବ ମୋର କୌଣସି ଯୋଗ୍ୟତା ନାହିଁ କି ମୁଁ ଆପଣଙ୍କ ଗୁଣଗାନ କରିପାରିବି। ତେଣୁ ଯଦି କିଛି ଭୁଲ ଥାଏ ଆପଣଙ୍କ ଦୟାର୍ଦ୍ର ହୃଦୟରେ ମୋର ତ୍ରୁଟିକୁ ଆପଣ ମାର୍ଜନ କରିବେ ଗୁରୁଦେବ। ଜୟ ଗୋବିନ୍ଦ, ଜୟ ଗୁରୁଦେବ, ଜୟ ପ୍ରଭୁପାଦ, ଜୟ ଗୌରଭକ୍ତବୃନ୍ଦ।

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ।
ହରେ ରାମ ହରେ ରାମ ରାମ ରାମ ହରେ ହରେ।

*ଆପଣଙ୍କର ଚରଣାଶ୍ରିତ*
***ଲକ୍ଷ୍ମୀ ସେବିକା ଦାସୀ***
*ଇସ୍କନ, ଢେଙ୍କାନାଳ*

# ଗୁରୁଦେବ ଭକ୍ତର ମନକଥା ବୁଝିପାରନ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ! ଆଜି ଆପଣଙ୍କର ଏ ଶୁଭ ଆବିର୍ଭାବ ତିଥିରେ ଏ ଅଧମା ଶିଷ୍ୟା ଆପଣଙ୍କ ଶ୍ରୀଚରଣକମଳରେ କୋଟିକୋଟି ପ୍ରଣାମ ଜଣାଉଛି।

ଗୁରୁଦେବ ତଥା ଏଇ ବ୍ୟାସପୂଜା ମହୋତ୍ସବରେ ଉପସ୍ଥିତ ସମସ୍ତ ପୂଜ୍ୟ ସନ୍ନ୍ୟାସୀବୃନ୍ଦ, ବରିଷ୍ଠ ଭକ୍ତବୃନ୍ଦ ଓ ସମସ୍ତ ବୈଷ୍ଣବ-ବୈଷ୍ଣବୀମାନଙ୍କୁ ମୋର ବିନମ୍ର ପ୍ରଣାମ। ଗୁରୁଦେବ ଆପଣଙ୍କ ଭଳି ଶୁଦ୍ଧ ସାଧୁଗୁରୁ ବୈଷ୍ଣବଙ୍କର ଗୁଣଗାନ କରିବାକୁ ଏ ଅଧମାର କୌଣସି ଯୋଗ୍ୟତା ନାହିଁ, ତଥାପି ଆପଣଙ୍କ କୃପାରୁ କିଛି ଗୁଣଗାନ କରିବାକୁ ଚେଷ୍ଟା କରୁଛି।

ଗୁରୁଦେବ, ମୁଁ ଯେତେବେଳେ ଆପଣଙ୍କୁ ବୃନ୍ଦାବନରେ ଦର୍ଶନ କରିବାକୁ ଯାଏ, ସେତେବେଳେ ମୁଁ ଯିବାପୂର୍ବରୁ ବହୁତ କିଛି ଭାବିଥାଏ ଯେ ଆଜି ମୋ ମନ ଭିତରେ ଥିବା ସମସ୍ତ ପ୍ରଶ୍ନର ଉତ୍ତର ମୁଁ ଗୁରୁମହାରାଜଙ୍କ ଠାରୁ ପାଇବି, କିନ୍ତୁ ଆପଣଙ୍କୁ ଦର୍ଶନ କରିବା ମାତ୍ରେ ସେ ସବୁକିଛି ମୁଁ ଭୁଲିଯାଇ ଗୋଟିଏ ପ୍ରଶ୍ନ କରେ ଯେ, "ଗୁରୁମହାରାଜ, ଆମେ କିପରି ଭକ୍ତି ମାର୍ଗରେ ଆଗକୁ ବଢ଼ିବୁ ଓ କିପରି ବୈଷ୍ଣବ ଅପରାଧରୁ ବଞ୍ଚିତ ହେବୁ?" ଆପଣ ସର୍ବଦା ମତେ ଉପଦେଶ ଦିଅନ୍ତି ଯେ ତୁମେମାନେ ଜପ ଠିକ୍‌ଭାବରେ କର, କ୍ଲାସ ଶୁଣ ଓ ଶାସ୍ତ୍ର ଅଧ୍ୟୟନ କର। ପ୍ରତି ରବିବାର ବେସ୍‌କୁ ଯାଇ ସେବା କର ଓ ଭକ୍ତମାନଙ୍କ ସଙ୍ଗ ଲାଭକର। ଆପଣଙ୍କ ଉପଦେଶ ଆମପାଇଁ ଶିରୋଧାର୍ଯ୍ୟ।

ଗୁରୁଦେବ ଆପଣଙ୍କ ଶ୍ରୀଚରଣରେ ଏହି ବିନତୀ କରୁଛି ଆପଣଙ୍କ ଏହି ଦାସୀକୁ ସଦାସର୍ବଦା ଆପଣଙ୍କ ଚରଣରେ ସ୍ଥାନ ଦିଅନ୍ତୁ। ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ଗୌରନିତାଇ ଓ କୃଷ୍ଣ ବଳରାମଙ୍କ ନିକଟରେ ଆପଣଙ୍କ ସୁସ୍ଥ ଶରୀରର କାମନା କରୁଛି।

ଜୟ ଶ୍ରୀଲ ପ୍ରଭୁପାଦ କି ଜୟ! ଜୟ ଶ୍ରୀଲ ଗୁରୁଦେବ କି ଜୟ!

*ଆପଣଙ୍କର ଅଧମା ଶିଷ୍ୟା*
***ଲୀଳା ମାଧୁରୀ ଦେବୀଦାସୀ***
*ଗୁଡ଼ଗାଓଁ, ଦିଲ୍ଲୀ*

# ଗୁରୁଙ୍କ ମୁଖର ଅମୃତ ବାଣୀ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ! ଆଜି ଆପଣଙ୍କ ଶୁଭ ଆବିର୍ଭାବ ଦିବସରେ ଏଇ ଅଯୋଗ୍ୟ ସେବିକାର ପ୍ରଣାମ ଗ୍ରହଣ କରନ୍ତୁ। ଆଜି ଏହି ପରମ ପବିତ୍ର ଦିବସରେ ମହାନ୍ ବୈଷ୍ଣବଙ୍କ ଗୁଣଗାନ କରିବା ମୋ ପରି ଏକ ବଦ୍ଧଜୀବ ପକ୍ଷରେ ସମ୍ଭବ ନ ଥିଲେ ମଧ୍ୟ ଆପଣଙ୍କ କୃପାରୁ କିଛି ପ୍ରୟାସ କରୁଛି ଭୁଲ ଥିଲେ କ୍ଷମା କରିଦେବେ।

ଗୁରୁଦେବ! ମୁଁ ଆପଣଙ୍କର ଚରଣାଶ୍ରିତ ହୋଇ ମୋର ଜୀବନ ଧନ୍ୟ ହୋଇଯାଇଛି। ଆପଣଙ୍କର ଶୁଦ୍ଧ ବୈଷ୍ଣବଙ୍କୁ ଗୁରୁରୂପେ ପାଇବା ଏତେ ସହଜ ନୁହେଁ। ଭଗବାନ ଶ୍ରୀକୃଷ୍ଣ ଏତେ ଦୟାଳୁ ଯେ ମୋ ପରି ଜଣେ ଅଯୋଗ୍ୟ ଉପରେ ନିଜର ଅପାର କୃପା କରିଥିବାରୁ ମୁଁ ଆପଣଙ୍କର ଶିଷ୍ୟା ହୋଇପାରିଛି। ଗୁରୁଦେବ! ଆପଣ ସାକ୍ଷାତ ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ୱରୂପ। ଗୋଲକର ପ୍ରେମଧନ ଓ କୃପାର ଭଣ୍ଡାର। ଆପଣ ପତିତ ପାବନ। ପତିତମାନଙ୍କୁ ଉଦ୍ଧାର କରିବାପାଇଁ ଏ ଧରାପୃଷ୍ଠରେ ଅବତରଣ କରିଛନ୍ତି।

ହେ ଗୁରୁଦେବ! ମତେ ସର୍ବଦା, ଆପଣଙ୍କ ସେବାରେ ଲଗାନ୍ତୁ। ଶେଷରେ ଗୁରୁଦେବଙ୍କ ନିକଟରେ ଯଦି କିଛି ଅପରାଧ କରିଥାଏ, ମୋତେ କ୍ଷମା କରିଦିଅନ୍ତୁ। ଶ୍ରୀଶ୍ରୀ ରାଧାରାଧାକାନ୍ତଙ୍କୁ ଏହି ପ୍ରାର୍ଥନା କରୁଛି। ଆଜି ଏହି ଶୁଭ ଆବିର୍ଭାବ ତିଥିରେ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦର, ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମହାରାଣୀ, ଶ୍ରୀ ନରସିଂହଦେବ ଆପଣଙ୍କୁ ସର୍ବଦା ସୁସ୍ଥ ଏବଂ ଦୀର୍ଘାୟୁ ରଖନ୍ତୁ।

*ଆପଣଙ୍କର ଅଧମ ଶିଷ୍ୟା*
***ଲୀଳାବତୀ ଦେବୀଦାସୀ***
*ନାମହଟ୍ଟ କେନ୍ଦ୍ର ଶ୍ରୀ ରାଧାରାଧାକାନ୍ତ ମନ୍ଦିର,*
*ନିମଖଣ୍ଡି*

# ମୋ ଗୁରୁଦେବଙ୍କ ଅଭୁଲା ସ୍ମୃତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପ୍ରାତଃ ସ୍ମରଣୀୟ ବନ୍ଦନୀୟ ପୂଜନୀୟ ପରମ ପୂଜ୍ୟ ଶ୍ରୀଲ ଗୁରୁଦେବଙ୍କ ଚରଣକମଳରେ ଏଇ ଅଧମ ସେବକର ଅନନ୍ତ କୋଟିକୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରନ୍ତୁ ଗୁରୁମହାରାଜ। ଆଜିର ଏହି ପବିତ୍ର ୭୨ତମ ଶୁଭ ଆବିର୍ଭାବ ତିଥିରେ ମନ ଆନନ୍ଦରେ ନାଚି ଉଠୁଛି।

ହେ ଗୁରୁଦେବ ଆପଣ ହେଉଛନ୍ତି ଶୁଦ୍ଧ ପବିତ୍ର ଭଗବାନଙ୍କର ଦାସ। ଏହି କଥାକୁ ନେଇ ମୁଁ ପଦଟିଏ କହିବି। ହେ ଗୁରୁଦେବ ମୁଁ ଆପଣଙ୍କର ଦର୍ଶନ କରିବାର ସୌଭାଗ୍ୟ ଖୁବ୍ କମ୍ ପାଇଛି। ହେ ଗୁରୁଦେବ ମୋର ଶିକ୍ଷାଗୁରୁ ପ୍ରେମକିଶୋର ପ୍ରଭୁଜୀଙ୍କ ସହିତ ମୁଁ ପ୍ରଥମେ ଆମ ଗାଁରେ ଦେଖାକରିଥିଲି ସେହିଦିନ ପ୍ରଥମଥର ପାଇଁ

ମୋର ଶିକ୍ଷା ଗୁରୁଙ୍କ ମୁହଁରୁ ଆପଣଙ୍କ ବିଷୟରେ ଶୁଣିଥିଲି । ସେ ସବୁବେଳେ ଆପଣଙ୍କର ଗୁଣ କୀର୍ତ୍ତନ କରନ୍ତି ପ୍ରତ୍ୟେକଟି କାର୍ଯ୍ୟ ଆପାଣଙ୍କ କୃପାରୁ ହୋଇପାରିଛି ଏହି ସବୁ ଶୁଣିଥିଲି । ସେତେବେଳେ ହେ ଗୁରୁଦେବ ଆପଣଙ୍କ ଆମ ଜୀବନରେ ରହିବାଟା କେତେ ମୂଲ୍ୟବାନ ଜାଣି ନଥିଲି । ଆପଣଙ୍କ ଗୁରୁତ୍ୱକୁ ବୁଝି ନଥିଲି । ଧୀରେଧୀରେ ମୋର ଶିକ୍ଷାଗୁରୁଙ୍କ ସହିତ ରହି ଆପଣଙ୍କର ମୋ ଜୀବନରେ କେତେ ମୂଲ୍ୟବାନ ଜାଣିପାରିଲି । ସେହିଦିନଠାରୁ ମୁଁ ମନେମନେ ଭାବେ କି ଗୁରୁମହାରାଜଙ୍କୁ ଦେଖା କରିବାର ସୌଭାଗ୍ୟ ମୋତେ କେବେ ମିଳିବ । ଏହିକଥା ଭାବିବାର ଦୁଇଦିନ ପରେ ପ୍ରେମକିଶୋର ପ୍ରଭୁଜୀ ମୋତେ ଫୋନ୍ କରି ଇସ୍କନ୍ ଅନୁଗୁଳର ଉତ୍ସବକୁ ଡାକିଥିଲେ ସେଦିନ ମୁଁ ଜାଣିନଥାଏ ଆପଣଙ୍କ ସହିତ ଦେଖାକରିବି ବୋଲି, ସେହିଦିନ ପ୍ରଥମର ପାଇଁ ଆପଣଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେଲି । ଆଉ ଆପଣଙ୍କ ମୁଖରୁ ଆମ ଜୀବନରେ କ'ଣ ଉଦ୍ଦେଶ୍ୟ ଉପରେ ଥିବା କଥାକୁ ବହୁତ ଭଲଭାବରେ ବୁଝିପାରିଲି । ସେହିଦିନ ହିଁ ଆପଣଙ୍କ ଚରଣ ସ୍ପର୍ଶ କରିପାରିଲି । କିନ୍ତୁ ହେ ଗୁରୁଦେବ ଆପଣଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟରୁ ବଞ୍ଚିତ ରହିଲି । ସେହିଦିନଠାରୁ ଆପଣଙ୍କ ବାଣୀ ମୁଁ ମୋବାଇଲ୍ ମାଧ୍ୟମରେ ଶ୍ରବଣକରେ । ତା'ପରେ ମୁଁ ଚାକିରି ପାଇଁ ଚେନାଇ ଚାଲିଗଲି । ମୁଁ ଧୀରେଧୀରେ ବହୁତ ଏକୁଟିଆ ଓ ଦୁଃଖଭାବ ଅନୁଭବ କରିଲି । ବହୁତ ଅସୁବିଧା ମୋ ଜୀବନରେ ଥିଲେ ମଧ୍ୟ ଭକ୍ତି କରିପାରୁ ନଥାଏ । ମୋବାଇଲ୍ ମାଧ୍ୟମରେ ମୁଁ ଜଡ଼ିତ ଥିଲେ ମଧ୍ୟ ଭକ୍ତି କରିପାରୁ ନଥାଏ । ପ୍ରାୟ ଦୁଇବର୍ଷ ପରେ ମୁଁ ଚେନ୍ନାଇରୁ ଆସିଲି ଓ ଇସ୍କନ୍ ଢେଙ୍କାନାଳରେ ପୁଣିଥରେ ଆପଣଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇପାରିଲି । ସେହିଦିନ ପ୍ରେମକିଶୋର ପ୍ରଭୁଜୀ ମୋତେ ଡାକିଲେ ଏବଂ ଆପଣଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ପ୍ରଦାନ କରିଲେ । ଆପଣଙ୍କ ପାଖକୁ ଯିବା ପୂର୍ବରୁ ମୋତେ ବହୁତ ଡର ଲାଗୁଥାଏ ଆଉ ସତେ ଯେମିତି ମୋ ଭିତରେ ଥିବା ପାପ ଶକ୍ତି ଦୂର ହୋଇପାରିଥିଲା । ଏମିତି ପ୍ରତୀତ ହେଉଥିଲା ଯେମିତି କିଛି ଦିବ୍ୟଶକ୍ତି ମୋ ଚାରିପାଖରେ ଅଛି । ଏହିଭଳି ଭାବରେ ଆପଣଙ୍କ ସମ୍ମୁଖରେ ମୁଁ ବସିଲି । ଆପଣ ମୋତେ ପ୍ରଶ୍ନ ପଚାରିଲେ । କେତେମାଳା ଜପ କରନ୍ତି । ଆମିଷ ଭକ୍ଷଣ କରୁଛନ୍ତି କି ନାହିଁ । ଆଉ ମୁଁ କ'ଣ କାମ କରେ । ମୁଁ ଉତ୍ତରରେ ୮ମାଳା ଜପ କରେ ଆଉ ଆମିଷ ଭକ୍ଷଣ କରେ ନାହିଁ । କିନ୍ତୁ ବାହାରେ ରହୁଥିବାରୁ ପିଆଜ ରସୁଣ ଛାଡ଼ିପାରେନି ବୋଲି କହିଥିଲି । ତା'ପରେ ହେ ଗୁରୁଦେବ ଆପଣ ହସିହସି ମୋ ଉପରେ ଖୁସି ହୋଇ ଆଗକୁ ୧୬ ମାଳା ଜପ କରିବାକୁ ଆଦେଶ ଦେଇଥିଲେ । ଆଉ ପିଆଜ ରସୁଣ ଛାଡ଼ିବାପାଇଁ ଆଦେଶ ଦେଇଥିଲେ ।

ହେ ଗୁରୁଦେବ ଆପଣ ଦେଇଥିବା ଆଦେଶ ପାଇ ମୁଁ ସେହିଦିନଠାରୁ ଦୃଢ଼ତାର ସହିତ ୧୬ ମାଳା ଜପ କରିପାରିଲି । ସେହିଦିନ ଆପଣ ମୋ ଜୀବନରେ କେତେ ମୂଲ୍ୟବାନ ବୁଝିପାରିଲି । ଆପଣଙ୍କ କୃପାରୁ ମୁଁ ୧୬ ମାଳା ଜପ କରୁଛି ।

ମୁଁ ପ୍ରାର୍ଥନା କରୁଛି ଆପଣଙ୍କ ଛତ୍ରଛାୟା ତଳେ ଏହି ଅଧମକୁ କୃପା କରନ୍ତୁ ଯେମିତି ଭକ୍ତିମାର୍ଗରେ ଆଗକୁ ବଢ଼ିପାରିବି ।

ପ୍ରଭୁ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର ତଥା ପ୍ରଭୁ ଜଗନ୍ନାଥଙ୍କୁ ଏତିକି ପ୍ରାର୍ଥନା କରୁଛି ଆପଣଙ୍କୁ ଦୀର୍ଘାୟୁ ପ୍ରଦାନ କରି ସୁସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ।

ହେ ଗୁରୁଦେବ ଶେଷରେ ଆପଣଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା କରୁଛି । ଆପଣ ମୋ ପାଇଁ ପରଂବ୍ରହ୍ମ ସନାତନଙ୍କ ଅଂଶ, ତେଣୁକରି ହେ ଗୁରୁଦେବ ମୋର ଦୋଷାଦୋଷକୁ କ୍ଷମା କରି ଲେଖାରେ କିଛି ତ୍ରୁଟି ଥିଲେ ମାର୍ଜନା କରି ଏଇ ଶୁଭ ତିଥିରେ ଶୁଭବେଳରେ ଏଇ ବିନତୀକୁ ସାଦର ସ୍ୱୀକାର କରନ୍ତୁ ।

ଗୁରୁ ପରଂବ୍ରହ୍ମ ସନାତନ... ।

*ଆପଣଙ୍କର ଚରଣାଶ୍ରିତ*
***ଶ୍ରୀତମ୍ ପରିଡ଼ା***
*ଇସ୍କନ୍, ଢେଙ୍କାନାଳ*

# ମୋର ହୃଦୟକୁ ଛୁଇଁଥିଲା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପ୍ରଥମେ ମୁଁ ମୋର ପରମ ଆରାଧ୍ୟ ଗୁରୁଦେବଙ୍କ ପାଦପଦ୍ମରେ କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି । ଗୁରୁଦେବ ମୁଁ ଯେବେ ଇସ୍କନରେ ଆସିଲି ଆପଣଙ୍କର ଗୋଟେ ପ୍ରବଚନ ମୁଁ ଶୁଣିଥିଲି, ଯାହା ଅତ୍ୟନ୍ତ ମୋର ହୃଦୟକୁ ଛୁଇଁଥିଲା । ସେ ପ୍ରବଚନରେ ଆପଣ ତ୍ରିତାପ ବିଷୟରେ ପ୍ରବଚନ ଦେଉଥିଲେ । ଯେଉଁ ତ୍ରିତାପ ଦ୍ୱାରା ମନୁଷ୍ୟ କଷ୍ଟ ପାଉଛି, ଯାହା ମୋର ହୃଦୟକୁ ଅତ୍ୟନ୍ତ ଛୁଇଁଥିଲା, କିନ୍ତୁ ତା' ପୂର୍ବରୁ ମୁଁ କେବେ ଆପଣଙ୍କୁ ଦର୍ଶନ କରିନଥିଲି । ତା'ପରେ ଆପଣଙ୍କୁ ମୁଁ ଆମ୍ଭ ବାସଭବନ ଠାରେ ଏକ ପ୍ରବଚନରେ ଦର୍ଶନ କରିଥିଲି ସେତେବେଳେ ଜାଣିପାରିଲିକି ମୁଁ ଶୁଣିଥିବା ପ୍ରବଚନ ଆପଣଙ୍କର ବୋଲି ତାହା ମୋତେ ଆନନ୍ଦ ଦେଇଥିଲା । ତେଣୁ ଆପଣଙ୍କୁ ଗୁରୁରୂପେ ପାଇ ନିଜକୁ ମୁଁ ଧନ୍ୟ ମନେକରେ, ଏବେ ବି ଅନେକ ଭୁଲ ହେଉଛି ଗୁରୁଦେବ । ଜାଣତରେ ହେଉବା ଅଜାଣତରେ, ତେଣୁ ଆପଣ ମୋତେ କୃପା କରନ୍ତୁ କି ମୁଁ ଆପଣଙ୍କର ଉପଦେଶ ସଦାସର୍ବଦା ଠିକ୍ ଭାବେ ପାଳନ କରିପାରିବି ।

*ଆପଣଙ୍କ ଦାସ*
***ଶ୍ରୀରାମ ଦାସ***
*ଇସ୍କନ, ଢେଙ୍କାନାଳ*

# ଶରୀର ଥିବା ଯାଏଁ ଗୁରୁ କୃଷ୍ଣଙ୍କ ସେବା କରିବି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥିରେ ଏ ଅଧମ ଦାସର ଆପଣଙ୍କ ଶ୍ରୀଚରଣରେ ସତକୋଟି ଦଣ୍ଡବତ ପ୍ରଣାମ ଜଣାଇ କୃପା ଆଶୀର୍ବାଦ କାମନା କରୁଛି । ମୁଁ ଜାଣେ ଗୁରୁଦେବ ଆପଣଙ୍କ ଗୁଣକୀର୍ତ୍ତନ କରିବା ପାଇଁ ଅକ୍ଷମ ତଥାପି ଆପଣ ଆମକୁ କୃପା କରିକି ଆମକୁ ସୌଭାଗ୍ୟ ପ୍ରଦାନ କରୁଛନ୍ତି ବହୁତ ବହୁତ ଧନ୍ୟବାଦ । ଶ୍ରୀଲ ଗୁରୁଦେବ ମୁଁ ସମସ୍ତଙ୍କଠୁ ବହୁତ ଅଧମ ଶିଷ୍ୟ । ଆଗରୁ ମୁଁ ବହୁତ ନୀଚ ସ୍ଥାନରେ ଥିଲି, ଆଜି ଯାହା ବି ପାଇଛି ଯୋଉଠି ବି ଅଛି କେବଳ ଆପଣଙ୍କ କୃପା । ଆଉ ସବୁବେଳେ ଆପଣ ମତେ ଉପଦେଶ ସହିତ ସାମର୍ଥ୍ୟ ଦେଇଛନ୍ତି, ଆଜି କୃଷ୍ଣଙ୍କର ଯାହା ବି ସେବା କରୁଛି ଆପଣଙ୍କର କୃପାରୁ ଏ ପାପୀ ଉପରେ କୃପା କରିକି ଆପଣଙ୍କ ସେବା କରିବାର ସୁଯୋଗ ଦେଇଛନ୍ତି । ଗୁରୁଦେବ ଆପଣ ମତେ ଏତିକି କୃପା କରନ୍ତୁ ଯେମିତି ଗୁରୁ କୃଷ୍ଣଙ୍କର ସେବା ଏ ଶରୀର ଥିଲା ପର୍ଯ୍ୟନ୍ତ କରିବି । ଏତିକି ଆପଣଙ୍କ ଚରଣରେ ମୋର ବିନମ୍ର କାମନା ଓ ଶ୍ରୀଲ ପ୍ରଭୁପାଦଙ୍କ ଶ୍ରୀଚରଣରେ ଶ୍ରୀଶ୍ରୀ ଗୌର ନିତାଇ କୃଷ୍ଣ ବଳରାମ, ଜଗନ୍ନାଥ ବଳଭଦ୍ର ସୁଭଦ୍ରା ମହାରାଣୀଙ୍କ ଚରଣରେ ମୁଁ ପ୍ରାର୍ଥନା କରୁଛି ଆପଣଙ୍କ ଶରୀର ସୁସ୍ଥ ରହୁ, କୃଷ୍ଣ ବଳରାମ ଆପଣଙ୍କୁ ଦୀର୍ଘାୟୁ ପ୍ରଦାନ କରନ୍ତୁ । ଆପଣ ଆମ୍ଭମାନଙ୍କୁ ଅମିତଭକ୍ତି ରାସ୍ତାରେ ପ୍ରେରଣା ଦିଅନ୍ତୁ ।

ଆପଣଙ୍କର ଅଯୋଗ୍ୟ ଶିଷ୍ୟ
**ଷଡ଼ଭୁଜ ଦାସ**
ଭୁବନେଶ୍ୱର

# ଚାତକ ପରି ଚାହିଁଥାଏ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ ଆଜି ଆପଣଙ୍କର ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣକମଳ ତଳେ ମୋର କୋଟିକୋଟି ଦଣ୍ଡବତ ପ୍ରଣାମ ଗ୍ରହଣ କରନ୍ତୁ ଏବଂ ସମସ୍ତ ଗୁରୁଭାଇ ଓ ଭଉଣୀମାନଙ୍କୁ ମୋର ଦଣ୍ଡବତ ପ୍ରଣାମ।

ହେ ଗୁରୁଦେବ ଆପଣଙ୍କର ଗୁଣ ଅତିଉଚ୍ଚ। ଆପଣଙ୍କ ମହତ୍‌ଗୁଣ ବର୍ଣ୍ଣନା କରିବାର ଯୋଗ୍ୟତା ମୋର ନାହିଁ, ତଥାପି ମୁଁ କିଛି ଲେଖିବାକୁ ପ୍ରୟାସ କରୁଛି। ଗୁରୁଦେବ ଆପଣ ବହୁତ ସରଳ। କାରଣ ଆମର ସମସ୍ତ ଭକ୍ତମାନଙ୍କର ଦୁଃଖ-କଷ୍ଟ ସେମାନଙ୍କର ଦୁର୍ଗୁଣଗୁଡ଼ିକୁ ମାର୍ଜିତ କରି ଭକ୍ତିମାର୍ଗରେ ଅଗ୍ରସର କରିବାର ସୁଯୋଗ ପ୍ରଦାନ କରନ୍ତି, ଗୁରୁଦେବ ଆପଣ ଏତେ ଦୟାଳୁ ଯେ ନିଜର ଶିଷ୍ୟମାନଙ୍କୁ ସେବା କରିବା ସୁଯୋଗ ପ୍ରଦାନ କରନ୍ତି। ଯେବେଠାରୁ ଆପଣ ମୋତେ ଆପଣଙ୍କ ଚରଣ କମଳରେ ଆଶ୍ରୟ ଦେଇଛନ୍ତି। ସେବେଠାରୁ ମୁଁ ନିଜକୁ ଧନ୍ୟ ମନେକରେ। ସବୁଥରଭଳି ଆସିବେ ଗୁରୁମହାରାଜ, ଯେତେବେଳେ ଟିକିଏ ଦର୍ଶନର ଝଲକ ମିଳିଲେ ମନ ଆନନ୍ଦରେ ଗଦ୍‌ଗଦ୍ ହୋଇଉଠେ। ଜୀବନର ମୋର କିଛି ପାଇବାର ଇଚ୍ଛା ତାହା ଯଥା ଶୀଘ୍ର ପୂରଣ କରନ୍ତି। ଭଗବାନ ସଦାସର୍ବଦା ଆପଣଙ୍କ ଶରୀର ସୁସ୍ଥ ରଖିଥାନ୍ତୁ। ଆମପରି ଅନେକ ଦୀନପତିତମାନଙ୍କୁ ଭକ୍ତି ମାର୍ଗରେ ଅଗ୍ରଗତି କରିବାର ସୁଯୋଗ ପ୍ରଦାନ କରନ୍ତୁ।

*ଆପଣଙ୍କର ଅଯୋଗ୍ୟ ଶିଷ୍ୟା*
***ସବ୍ୟା ଦେବୀଦାସୀ***
*ନିମଖଣ୍ଡି ନାମହଟ୍ଟ କେନ୍ଦ୍ର, ବ୍ରହ୍ମପୁର*

# ଜଗତ ଗୁରୁ ଶ୍ରୀଲ ପ୍ରଭୁପାଦ କି ଜୟ
# ପତିତ ପାବନ ଶ୍ରୀଲ ଗୁରୁଦେବ କି ଜୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ।।**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ।।**

ହେ ମୋର ପରମ ଆରାଧ୍ୟ ଶ୍ରୀଲ ଗୁରୁଦେବ। ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଚରଣ କମଳରେ ଅନନ୍ତ କୋଟି ପ୍ରଣାମ ନିବେଦନ କରୁଛି। କୃପାକରି ସ୍ୱୀକାର କରନ୍ତୁ।

ଗୁରୁମହାରାଜ ଏହିଥର ବ୍ୟାସପୂଜା ବୃନ୍ଦାବନ ଧାମରେ ଅନୁଷ୍ଠିତ ହେଉଛି। ସମସ୍ତ ଭକ୍ତ ବହୁତ ଉତ୍ସାହିତ ଅଛନ୍ତି ମୁଁ ମଧ୍ୟ ଉତ୍ସାହି ଅଛି। ବ୍ୟାସପୂଜାରେ ଗୁରୁମହାରାଜଙ୍କ ଦର୍ଶନ ବୃନ୍ଦାବନ ଧାମରେ କରିବା ପାଇଁ ରାଧାଶ୍ୟାମସୁନ୍ଦରଙ୍କ ସହିତ କିନ୍ତୁ ଗୁରୁମହାରାଜ ମୁଁ ଏ ପର୍ଯ୍ୟନ୍ତ ଜାଣିନି ବ୍ୟାସ ପୂଜାରେ ମୁଁ ବୃନ୍ଦାବନ ଧାମରେ ଉପସ୍ଥିତ ରହିପାରିବି କି ନାହିଁ। ବୃନ୍ଦାବନ ଧାମରେ ପ୍ରବେଶ ତ କେବଳ ଗୁରୁଦେବ ଓ ରାଧାରାଣୀଙ୍କ କୃପାରୁ ପ୍ରାପ୍ତ ହୋଇଥାଏ। ଗୁରୁମହାରାଜ ମୋ ଉପରେ କୃପା କରନ୍ତୁ। ଯେପରି ମୋ ମନ ସର୍ବଦା ବୃନ୍ଦାବନ, ଗୁରୁଦେବ ରାଧା କୃଷ୍ଣ ଓ ବୈଷ୍ଣବ ସେବାରେ ଲାଗିରହୁ। ଗୋଟିଏ ମୁହୂର୍ତ୍ତ ବି ମୁଁ ଏହାକୁ ବିସ୍ମୃତ ନ ହୁଏ। ଗୁରୁଦେବ ମତେ କୃପା କରନ୍ତୁ ମୁଁ ଯେପରି ଆପଣ ଦେଇଥିବା ପ୍ରତ୍ୟେକ ଆଦେଶକୁ ନିଷ୍ଠାର ସହ ପାଳନ କରି ଭଗବାନଙ୍କ ପ୍ରତି ଆସକ୍ତି ବୃଦ୍ଧି କରିପାରେ। ଗୁରୁମହାରାଜ ବହୁତ ସାରା ଭକ୍ତମାନେ ମଧ୍ୟ ଆମ ଭକ୍ତି କରିବାରେ ଭଗବାନଙ୍କ ସେବା କରିବାରେ କୌଣସି ପରିସ୍ଥିତିରେ ବିଚଳିତ ନ ହୋଇ କେବଳ ଗୁରୁଦେବ ଓ ଭଗବାନଙ୍କ ଚରଣ କମଳରେ ବିଶ୍ୱାସର ସହିତ ସ୍ଥିର ରହିବାରେ ଆମକୁ ସାହାଯ୍ୟ କରୁଛନ୍ତି। ଗୁରୁମହାରାଜ କୃପା କରି ସେ ଭକ୍ତମାନଙ୍କୁ ବି କୃପା କରନ୍ତୁ ଯେପରି ତାଙ୍କ ମନ ବି ସର୍ବଦା ଗୁରୁକୃଷ୍ଣଙ୍କ ଚରଣକମଳରେ ଲାଗି ରହିବ। ତାଙ୍କ ମାନଙ୍କୁ ବି କୃଷ୍ଣଙ୍କର ଶୁଦ୍ଧପ୍ରେମ ପ୍ରାପ୍ତ ହେବ।

ଗୁରୁମହାରାଜ ଆପଣଙ୍କ ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ଶ୍ରୀଶ୍ରୀରାଧାଶ୍ୟାମସୁନ୍ଦର ଶ୍ରୀଶ୍ରୀ କୃଷ୍ଣବଳରାମ, ଶ୍ରୀଶ୍ରୀଗୌରନିତାଇ ଜଗନ୍ନାଥ ବଳରାମ ଆଉ ମା' ସୁଭଦ୍ରା ନୃସିଂହ ଦେବ ଭଗବାନ୍‌ଙ୍କ ଚରଣରେ ପ୍ରାର୍ଥନା କରୁଛି ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ।

*ଆପଣଙ୍କ ଚରଣାଶ୍ରିତା*
***ସଖି ଦେବୀଦାସୀ***

# ଶାନ୍ତ ଭାବ ଓ ହସ ହସ ମୁଖ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

'ଶ୍ରୀ ଗୁରୁଚରଣ ପଦ୍ମ କେବଲ ଭକତି ସଦୃଶ ଗୁରୁଙ୍କର ପାଦପଦ୍ମରେ ଶରଣ ନେବା ହିଁ ହେଉଛି ଭକ୍ତି। ଗୁରୁଙ୍କର ପଦାଙ୍କ ଅନୁସରଣକରି ଏବଂ ତାଙ୍କ ବାଣୀ ଶ୍ରବଣ କରି ଜଣେ ଭଗବତ୍ ପ୍ରାପ୍ତି କରିପାରେ। ଗୁରୁଙ୍କ ପାଖରେ ବହୁତ କମ୍ ସମୟ ଦେଖିଥିଲେ ମଧ୍ୟ, ସେହି କମ ସମୟରେ ଦୂରରୁ ଦେଖି ମଧ୍ୟ 'ଗୁରୁଙ୍କ ଶାନ୍ତଭାବ ଓ ହସମୁଖ ଦେଖି ମୁଁ ବହୁତ ଭକ୍ତିମାର୍ଗରେ ଆଗକୁ ବଢ଼ିବା ପାଇଁ ପ୍ରେରିତ ହୋଇଛି। ଜପ ଓ ଚାରିନିୟମ ପାଳନ କରୁଥିଲେ ମଧ୍ୟ ମୋ ପାଖରେ ଗୁରୁଭକ୍ତି ନାହିଁ। ତେଣୁ ହେ ଗୁରୁଦେବ ଆପଣଙ୍କ ପାଦପଦ୍ମରେ ମୋର ପ୍ରାର୍ଥନା ଗୁରୁଭକ୍ତି ଦିଅନ୍ତୁ ଓ ଭକ୍ତିମାର୍ଗରେ ଆଗକୁ ବଢ଼ିବା ପାଇଁ ଆଶୀର୍ବାଦ ଦିଅନ୍ତୁ।

*ଆପଣଙ୍କର ଚରଣାଶ୍ରିତ*
***ସନ୍ତୋଷ କୁମାର ସ୍ୱାଇଁ***

# ଆଶୀର୍ବାଦଂ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମ ପୂଜ୍ୟ ଗୁରୁଦେବଃ । ଅଦ୍ୟ ଭବତାମ୍ ଦ୍ୱିସପ୍ତତିତମ ଜନ୍ମୋତ୍ସବଃ । ଅସ୍ମିନ୍ନେବ ଶୁଭ ଅବସରେ ଭବତାମ୍ କମଳ ପାଦୟୋଃ ଭକ୍ତିପୂତ ଦଣ୍ଡବତ୍ ପ୍ରଣାମଃ ଦଦାମି । ଅହଂ ବହ୍ୱାନନ୍ଦମସ୍ମି । ଭବତାମ୍ କୃପାଶୀର୍ବାଦଃ ସର୍ବେଷ୍ଣୁ ଶିଷ୍ୟେଷୁ ପ୍ରସରିସ୍ୟତି ଇତି ଅହଂ ମନ୍ୟେ। ଦୂରତଃ ସେବଂ ଦାତୁ ନ ପାରୟାମି ପରଂ ଅହର୍ନିଶମ୍ ଭବତ୍ ଚିନ୍ତୟାମି। ଅନୁଶୋଷମି ଭୂୟୋଃପି।

ଜନ୍ମଜନ୍ମାନ୍ତରେ ଭବତାମ୍ ଇବ ଗୁରୁଃ ପ୍ରାପ୍ନୋମି ପରନ୍ତୁ ମମବେ ଅଧମଃ କୃତଘ୍ନ ଶିଷ୍ୟଂ ନ ପ୍ରାପ୍ତବ୍ୟମ୍। ଗରୁବଚନା ବଧୀରଣମ୍ ମହାନ୍ ଅପରାଧଃ ଏବ ଅତଃ କ୍ଷମସ୍ୱମାମ୍। ଦ୍ୱିସପ୍ତତିତମ ବର୍ଷେ ପଦାର୍ପଣଂ କୃତ୍ୱାଂପି ଭବତାମ୍ ଶୁଭାବିର୍ଭାବ ତିଥୌ ଅହଂ ଭଗବତେ ପ୍ରଣମାମି ଯତ୍ ଭବନ୍ତଃ ଦୀର୍ଘାୟୁ ନିରୁଜା ଚ ଭବନ୍ତୁ। ଭବନ୍ତଃ ମମ ଚିରସ୍ମରଣୀୟ। ବିସ୍ମରଣାତ୍ ନିର୍ଜୀବଇବ ଭବିଷ୍ୟାମି। କ୍ଷତାମପି ସ୍ଥାତୁଂ ନ ଶକ୍ନୋମି। ଭବନ୍ତଃ ମମ ଦିଗ୍‌ଦର୍ଶକଃ ସାକ୍ଷାତ୍ ପରମବ୍ରହ୍ମ ମମ ପୁରୁତଃ ପ୍ରତିଭାତି। ଅନୁଭବାମି ଅହଂ ଭବତାମ୍ କୃପା ଅବିଶ୍ରାନ୍ତମେବ ମମ ଉପରି ନିଝରମିବ ଅସକୃତ୍ ସ୍ରବତି। ଯାନି ଦ୍ରବ୍ୟାଣି ଅପରା ବିଦ୍ୟାୟାଃ ଗୁରୁଭ୍ୟଃ ନ ପ୍ରାପ୍ତବ୍ୟାନି ତାନି ସର୍ବାଣି ଭବଦ୍ଭ୍ୟଃ ପ୍ରାପ୍ତବ୍ୟାନି। ଅହଂ ଅଜଳଂ ସ୍ନାନଂ କୃତ୍ୱା ପରମ ବୈଦ୍‌ଗଧେନ ଦିବସଂ ନୟାମି। ମାଂ ଆଶୀର୍ବାଦଂ କୁର୍ବନ୍ତୁ ପ୍ରଭୋ ଯତଃ ଆଧାତ୍ମିକ ମାର୍ଗେ ସର୍ବଦା ଗମିଷ୍ୟାମି, ବିଚ୍ୟୁତଂ ନ ଭବିଷ୍ୟାମି। ଅଳମତି ବିସ୍ତରେଣ। ଇତି ଶମ୍।

*ଭବତାମ୍ ଅଧମଃ ସେବକଃ*
***ସର୍ବସାକ୍ଷୀ ଦାସଃ***
*ଯୋରନ୍ଦା, ମହିମା ଗାଦିଃ*

# ଦୀକ୍ଷା ପ୍ରାପ୍ତି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁମହାରାଜ। ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ତିଥିରେ ଆପଣଙ୍କର ଏହି ଅଯୋଗ୍ୟ ଶିଷ୍ୟା ଆପଣଙ୍କର ଶ୍ରୀ ଚରଣକମଳରେ ଅନନ୍ତକୋଟି ଦଣ୍ଡବତ ପ୍ରଣାମ ଜଣାଉଛି, ହେ ଗୁରୁଦେବ, କୃପାକରି ସ୍ୱୀକାର କରନ୍ତୁ। ଆଜିର ଏହି ପବିତ୍ର ତିଥିରେ ମୁଁ ରାଧାଶ୍ୟାମସୁନ୍ଦର, ଗୌରନିତାଇଙ୍କ ପାଖରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି।

ସାଧୁସଙ୍ଗ କୃପା କୃଷ୍ଣେର କୃପାୟ
କାମାଦି ଦୁଃସଙ୍ଗ ଛାଡ଼ି ଶୁଦ୍ଧ ଭକ୍ତି ପାୟ।

କୌଣସି ବୈଷ୍ଣବ ଗୁରୁଙ୍କ କୃପାବଳରେ ଏବଂ କୃଷ୍ଣଙ୍କ ସ୍ୱତନ୍ତ୍ର କୃପାବଳରେ ମନୁଷ୍ୟ ଭକ୍ତି ସ୍ତରକୁ ଉନ୍ନୀତ ହୋଇଥାଏ। ସେହି ସ୍ତରରେ ସେ ସମସ୍ତ ଭୌତିକ କାମନା ଓ ଅବାଞ୍ଛିତ ଲୋକଙ୍କ ସଙ୍ଗ ପରିତ୍ୟାଗ କରି ଶୁଦ୍ଧ ଭକ୍ତି ରସ ଆସ୍ୱାଦନ କରିଥାଏ।

ମୁଁ ଦୀର୍ଘଦିନ ଧରି ଅପେକ୍ଷାରେ ଥିଲି ଯେ, ମୋତେ ଗୁରୁ ଦୀକ୍ଷା ମିଳିବ କି ନାହିଁ। ସ୍ୱୟଂ ଭଗବାନ ରାଧାମାଧବଙ୍କ କୃପାରୁ ଏବଂ ଆପଣଙ୍କ ଦୟାରୁ ଏ ଅଜ୍ଞାନୀ ଅଧମକୁ ଗୁରୁଦୀକ୍ଷା ଗ୍ରହଣ କରିବାକୁ ସୁଯୋଗ ମିଳିଲା। ଆପଣଙ୍କ ପାଦପଦ୍ମ ଚରଣ ତଳେ ମୁଁ ସର୍ବଦା ଚିରକୃତଜ୍ଞ ଋଣୀ ହୋଇ ରହିଲି।

ଚକ୍ଷୁଦାନ ଦିଲ ଯେଇ, ଜନ୍ମେ ଜନ୍ମେ ପ୍ରଭୁ ସେଇ
ଦିବ୍ୟଜ୍ଞାନ ହୃଦେ ପ୍ରକାଶିତ।
ପ୍ରେମ ଭକ୍ତି ଯାହାଁ ହୈତେ ଅବିଦ୍ୟା ବିନାଶ ଯାତେ
ବେଦେ ଗାୟ ଯାହାର ଚରିତ ॥
ଶ୍ରୀଗୁରୁ କରୁଣା ସିନ୍ଧୁ ଅଧମ ଜନର ବନ୍ଧୁ
ଲୋକନାଥ ଲୋକେର ଜୀବନ
ହା ହା ପ୍ରଭୁ କର ଦୟା ଦେହ ମୋର ପଦଛାୟା
ଏବେ ଯଶ ଘୁଷୁକ୍ ତ୍ରିଭୁବନ ॥

ହେ ଜଗନ୍ନାଥ, ବଳଦେବ, ସୁଭଦ୍ରା ମାଁ ହେ ରାଧାମାଧବ ଭଗବାନ ଆମ ଗୁରୁଦେବଙ୍କୁ ସଦା ସର୍ବଦା ସୁସ୍ଥ ରଖିଥାନ୍ତୁ। ଯେପରି ଏ ବଦ୍ଧ ଜୀବ ଆପଣଙ୍କ ଦର୍ଶନ ପାଇ ଆମ ଜୀବନ ସଫଳ ହେବା ସହିତ ଆପଣଙ୍କର ସେବା ଆମକୁ ସର୍ବଦା ପ୍ରାପ୍ତ ହେଉ। ଆଜିର ଏ ପବିତ୍ର ବ୍ୟାସପୂଜା ତିଥିରେ ଆପଣଙ୍କର ଶ୍ରୀଚରଣ ତଳେ ଏତିକି ପ୍ରାର୍ଥନା।

*ଆପଣଙ୍କ ଅଧମ ଦାସୀ*
***ସରିତା ଶ୍ରେଷ୍ଠା ଦେବୀଦାସୀ***
*ନାମହଟ୍ଟ କେନ୍ଦ୍ର, ନିମଖଣ୍ଡି, ବ୍ରହ୍ମପୁର*

# ହରେ କୃଷ୍ଣ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ଗୁରୁଦେବ ଆପଣଙ୍କ ଚରଣ କମଳରେ ଅନନ୍ତ କୋଟି ଦଣ୍ଡବତ ପ୍ରଣାମ। ଆପଣଙ୍କର କୃପା ବିନା ମୋ ଜୀବନରେ ଆସୁଥିବା ବାଧାବିଘ୍ନକୁ ସାମ୍ନା କରିବା ମୋ ପାଇଁ ଅସମ୍ଭବ ଥିଲା, ଆପଣଙ୍କର ସେହି କୃପାଦୃଷ୍ଟି ମୋ ପରି ଅଧମ ଉପରେ ଥାଉ। ମୋର ଏମିତି ସମୟ ଆସିଥିଲା ଯେତେବେଳେ ମୁଁ କ'ଣ କରିବି ଜାଣିପାରୁ ନଥିଲି। ସେତେବେଳେ ମୁଁ ଭାବିଥିଲି ଯେ ବ୍ୟାଙ୍କରେ ଆଉ ଚାକିରି ନ କରି ଗୋଟେ ବ୍ୟବସାୟ କରିବି, କିନ୍ତୁ ସେ ସମୟରେ ଗୋଟେ ବ୍ୟବସାୟ ଆରମ୍ଭ କରିବା ସମ୍ଭବପର ହୋଇନଥିଲା। ସେହି ସମୟରେ ମତେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ଆପଣଙ୍କ କୃପାରୁ ପୁଣି ମୁଁ ଚାକିରି କରିବା ପାଇଁ ଇଣ୍ଟରଭ୍ୟୁ ପାଇଁ ଯାଇଥିଲି ଏବଂ ଆକ୍ସିସ୍ ବ୍ୟାଙ୍କରେ ମଧ୍ୟ ଚାକିରି ମିଳିଗଲା। କିନ୍ତୁ ସେହି ସମୟ ଥିଲା ମୋ ଜୀବନର ସବୁଠୁ କଠିନ ସମୟ। ଯେତେବେଳେ ମୋତେ କିଏବି ସାହାଯ୍ୟ କରିପାରି ନ ଥିଲେ ବରଂ ମୋ ଅସୁବିଧାର ମଜା ବନେଇଥିଲେ। ସେହି ସମୟରେ ମୋତେ ସେସବୁ ସହ୍ୟ କରିବା ପାଇଁ ଯେଉଁ ଶକ୍ତି ମିଳିଥିଲା, ସେ ହିଁ ଆପଣଙ୍କର କୃପା। ସେହି ସମୟରେ ରାଧାନାଥ ପ୍ରଭୁଙ୍କୁ କହିଥିଲି। ରାଧାନାଥ ପ୍ରଭୁ ବି ଆପଣଙ୍କୁ ଜଣେଇଛନ୍ତି ବୋଲି କହିଥିଲେ। ସେହି କଥାଟି ମତେ ବହୁତ ଶକ୍ତି ଯୋଗାଇଥିଲା।

ଗୁରୁଦେବ ଆପଣଙ୍କର ପ୍ରତ୍ୟେକ ଶିଷ୍ୟକୁ ସମୟ ଦେବା ଏବଂ ଶିଷ୍ୟମାନଙ୍କ ସହ ଜୋରଜୋର କରି ହସିବା ଏବଂ ବାର୍ତ୍ତାଳାପ କରିବା ଏହା ମତେ ବହୁତ ଆକୃଷ୍ଟ କରିଛି। ମୁଁ ପ୍ରାୟ ସେହି ସମୟକୁ ମନେ ପକାଇ ବହୁତ ଖୁସିହୁଏ। ପ୍ରକୃତରେ ମୋର ସେମିତି କୌଣସି ଯୋଗ୍ୟତା ନାହିଁ ଆପଣଙ୍କର ଗୁଣଗାନ କରିବା ପାଇଁ। ମୋର ଯଦି କୌଣସି ତ୍ରୁଟି ଥାଏ ମୋତେ କ୍ଷମା କରିବେ।

*ଆପଣଙ୍କର ଦାସ*
***ସାର୍ବଭୌମ ଦାସ***

# ଚରଣରେ ଆଶ୍ରୟ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମଆରାଧ୍ୟ ଗୁରୁଦେବ ଆଜି ଆପଣଙ୍କ ୭୨ତମ ଶୁଭ ଆବିର୍ଭାବ ତିଥି। ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ଚରଣ କମଳରେ ମୁଁ ଦଣ୍ଡବତ ପ୍ରଣାମ ଜଣାଉଛି, ମୋର ପ୍ରଣାମ ସ୍ୱୀକାର କରିବେ। ମତେ ଆପଣଙ୍କ ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି।

ହେ ଗୁରୁମହାରାଜ ଯେତେବେଳେ ମୁଁ ଇସ୍କନ ସଂସ୍ପର୍ଶରେ ଆସିନଥିଲି ଓ ମୁଁ ପୋଲିସ ଚାକିରି କରି ସବୁବେଳେ ବ୍ୟସ୍ତ ରହୁଥିଲି ସେତେବେଳେ ମୁଁ ମନୁଷ୍ୟ ଜୀବନର ଲକ୍ଷ କ'ଣ ଜାଣି ନଥିଲି, ଆହାର, ନିଦ୍ରାରେ ଲିପ୍ତ ହୋଇ ମନୁଷ୍ୟ ଜୀବନକୁ ବୃଥାରେ କଟାଇ ଚାଲିଥିଲି, ଯେତେବେଳେ ପ୍ରେମକିଶୋର ପ୍ରଭୁଜୀ, ତରୁଣକୃଷ୍ଣ ପ୍ରଭୁଜୀ ଓ ପରମହଂସ ପ୍ରଭୁଜୀଙ୍କ ସଂସ୍ପର୍ଶରେ ଆସିଲି ସେତେବେଳେ ଜାଣିଲି ଜୀବନର ପ୍ରକୃତ ଲକ୍ଷ କ'ଣ ଓ ହରିନାମର ମହିମା କ'ଣ ସେତେବେଳେ ମୁଁ ଜପ କରିବା ଆରମ୍ଭ କଲି। ଗୁରୁମହାରାଜ ତା'ପରେ ମୁଁ ଆପଣଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କଲି ଓ

ଆପଣ ଆପଣଙ୍କ ଚରଣରେ ମତେ ଆଶ୍ରୟ ପ୍ରଦାନ କଲେ ଓ ହରିନାମ ଦେଇ ମତେ ଦୀକ୍ଷୀତ କଲେ। ଗୁରୁଦେବ ଆପଣଙ୍କ କୃପାରୁ ଏହି ହରିନାମ ଜପକରି ମୁଁ ବହୁତ ବୃଥା ଚିନ୍ତାରୁ ମୁକ୍ତ ହୋଇପାରୁଛି।

ଗୁରୁମହାରାଜ ଆପଣ ସବୁବେଳେ ଆପଣଙ୍କ ଚରଣକମଳରେ ମତେ ଆଶ୍ରୟ ପ୍ରଦାନ କରନ୍ତୁ। ଆଜିର ଏହି ଶୁଭ ଆବିର୍ଭାବ ତିଥିରେ ମୁଁ ରାଧାଶ୍ୟାମସୁନ୍ଦରଙ୍କ ଚରଣରେ ପ୍ରାର୍ଥନା କରୁଛି ଆପଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ।

*ଆପଣଙ୍କ ଚରଣଆଶ୍ରୀତ*

***ସତ୍ୟକାମ ଦାସ***

*ଢେଙ୍କାନାଳ*

# କୃଷ୍ଣଙ୍କ ଉପରେ ବିଶ୍ୱାସ ରଖ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁପାଦାୟ କୃଷ୍ଣ ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ବେଦାନ୍ତ ସ୍ୱାମୀନିତି ନାମିନେ ॥**

ପରମାରାଧ୍ୟ ଶ୍ରୀଲ ଗୁରୁଦେବ। ଆଜିର ଏହି ପବିତ୍ର ତିଥିରେ ଆପଣଙ୍କ ଶ୍ରୀଚରଣରେ ଆମର କୋଟି କୋଟି ପ୍ରଣାମ। ଉପସ୍ଥିତ ଥିବା ସମସ୍ତ ବୈଷ୍ଣବ-ବୈଷ୍ଣବୀ ବୃନ୍ଦ-ସାଧୁ ସନ୍ନ୍ୟାସୀ ତଥା ଭକ୍ତବୃନ୍ଦଙ୍କ ଚରଣରେ ପ୍ରଣାମ ଜଣାଉଛୁ।

ପରମାରାଧ୍ୟ ଗୁରୁଦେବ ଆପଣ ଅନନ୍ତ ଗୁଣର ଅଧିକାରୀ। ଅଧମ ଶିଷ୍ୟ କିପରି ଗୁରୁଙ୍କ ଗୁଣ ଜାଣି ତାହା ବର୍ଣ୍ଣନା କରିପାରିବ। କୋଟି କୋଟି ଜନ୍ମର ପୁଣ୍ୟବଳରେ ଜୀବ ସଦ୍‌ଗୁରୁ ପ୍ରାପ୍ତ ହୋଇଥାଏ। ଆମେ ସେହି ଜୀବମାନଙ୍କ ମଧ୍ୟରୁ ଜଣେ ଜଣେ। ବହୁ ଜନ୍ମର ପୁଣ୍ୟବଳରେ ଆଜି ଆମେ ଗୁରୁ ଚରଣାଶ୍ରିତ ହୋଇଛୁ।

ହେ ଗୁରୁଦେବ ମୋର ଜଡ଼ବୁଦ୍ଧି ଆପଣଙ୍କ ଶୀତଳ ପାଦପଦ୍ମରେ ଆଶ୍ରୟ ଗ୍ରହଣ କରିଛି। ସେହିଦିନଠାରୁ ମୁଁ ପ୍ରତି ସମୟ, ପ୍ରତି ମୁହୂର୍ତ୍ତରେ ଆପଣଙ୍କ କୃପା ପ୍ରତି ନିର୍ଭର କରୁଛି। ଆଧାତ୍ମିକ ଗୁରୁଙ୍କ ପାଦପଦ୍ମରେ ଆଶ୍ରୟ ଗ୍ରହଣ କରି ଏକ ତୁଚ୍ଛ ଜୀବ ସମସ୍ତ ବିପଦରୁ ମୁକ୍ତ ହୋଇପାରେ।

ଉପେନ୍ଦ୍ର ମିଶ୍ର ଦାସ ପ୍ରଭୁ (ମୋର ସ୍ୱାମୀ)ଙ୍କ ଶରୀର ହଠାତ୍ ଅସୁସ୍ଥ ହେଲା, ସେ ହୃଦ୍‌ରୋଗରେ ପୀଡ଼ିତ ହେଲେ, ମୁଁ ଏକା ତାଙ୍କ ପାଖରେ ଥାଏ। ମୁଁ ବ୍ୟତିବ୍ୟସ୍ତ ହୋଇପଡ଼ିଲି, ଡାକ୍ତର କହିଲେ ସର୍ଜରୀ ହେବ। ଆହୁରି ଉଭୟଙ୍କ ମନରେ ଭୟ ଜାତ ହେଲା। ମୁଁ ଆପଣଙ୍କୁ ସ୍ମରଣ କରୁଥାଏ। ସେହି ସମୟରେ ଫୋନ୍ ମାଧ୍ୟମରେ ଆପଣଙ୍କୁ ସବୁକଥା ଜଣାଇଲି। ଆପଣ କହିଲେ ସବୁ ଠିକ୍ ହୋଇଯିବ। କୃଷ୍ଣଙ୍କ ଉପରେ ବିଶ୍ୱାସ ରଖ, ଆମେ ଆପଣଙ୍କ ଆଶୀର୍ବାଦବାଣୀ ଶୁଣି ଆଶ୍ୱସ୍ତ ହେଲୁ। ଆପଣ କହିଲେ ଉପେନ୍ଦ୍ର ପ୍ରଭୁଙ୍କୁ ୧୬ ମାଳା ସାରି (ଓଟି)କୁ ଯିବାକୁ କୁହ। ସେଠାରେ ମୋର ଗୁରୁଭାଇ-ଭଉଣୀମାନେ ଆମକୁ ଧୈର୍ଯ୍ୟର ସହିତ ଗୁରୁକୃଷ୍ଣଙ୍କୁ ଭରସା କରିବାକୁ କହୁଥାନ୍ତି।

ଡାକ୍ତରଖାନାରେ ଥିବା ସମୟରେ ଆନନ୍ଦମୟୀ ମାତାଜୀ ଆମକୁ ଗୁରୁକୃଷ୍ଣଙ୍କ ଦିବ୍ୟ ଦ୍ରବ୍ୟ କିଛି ପ୍ରଦାନ କରିଥିଲେ ଓ ଆମର ଆରୋଗ୍ୟ କାମନା କରିଥିଲେ। ଆମକୁ ସର୍ବଦା କହୁଥାଆନ୍ତି ଗୁରୁକୃଷ୍ଣଙ୍କ ଗହଣରେ ମନ ଲଗାଇ ରଖିବାକୁ। ଆପଣଙ୍କ ଆଶୀର୍ବାଦରୁ ସବୁକିଛି ଠିକ୍ ହୋଇଗଲା।

ମୁଁ ସେହି ସମୟରେ ଅନୁଭବ କରିଲି, ଗୁରୁଙ୍କ ବାକ୍ୟ ଚିରକାଳ ସତ୍ୟ ଆଉ ସତ୍ୟ। ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କ କୃପାଭିକ୍ଷା ତଥା ଆପଣଙ୍କ କୃପା ଏପରି ଆମର ଶିଷ୍ୟ ଭକ୍ତମାନଙ୍କ ଉପରେ ଥାଉ। ଶ୍ରୀ ରାଧାରାଧାକାନ୍ତ ଆପଣଙ୍କୁ ଦୀର୍ଘାୟୁ କରି ରଖନ୍ତୁ। ଏହା ହିଁ ଆମର କାମନା।

*ଆପଣଙ୍କ ଅଧମ ଶିଷ୍ୟ ଶିଷ୍ୟା*

***ସତ୍ୟବତୀ ଦେବୀଦାସୀ***

***ଶ୍ରୀ ଉପେନ୍ଦ୍ର ମିଶ୍ର ଦାସ***

# ସଦୟ ହୁଅ ହେ ଆରାଧ୍ୟ ପିତା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ପରମ ପୂଜ୍ୟ ନିତ୍ୟବନ୍ଦନୀୟ ପ୍ରାତଃ ସ୍ମରଣୀୟ ଚିର ବନ୍ଦନୀୟ ପ୍ରାଣର ଆରାଧ୍ୟତମ ଶ୍ରୀଲ ଗୁରୁମହାରାଜ ଆପଣଙ୍କ ଆଲୋକ ଅଭୟ ଚରଣତଳେ ୭୨ତମ ବ୍ୟାସପୂଜା ଅବସରରେ ଏ ଦାସର ଅନନ୍ତ କୋଟି ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ। ବୃନ୍ଦାବନ ଧାମରେ ଉପସ୍ଥିତ ସାଧୁ ବୈଷ୍ଣବମାନଙ୍କୁ ମୋର ଦଣ୍ଡବତ ପ୍ରଣାମ। ବ୍ୟାସପୂଜାରେ ଭକ୍ତି ଅର୍ଘ୍ୟ ଉପସ୍ଥାପନା କରିବାକୁ ଆପଣଙ୍କ କୃପାଥିବାରୁ ଲେଖା ପ୍ରସ୍ତୁତ କରୁଛି। ତ୍ରୁଟିଥିଲେ ମାର୍ଜନା କରିବେ।

ଜୟ ଜୟ ଗୁରୁଦେବ ପତିତ ପାବନ ।
ଅଭୟ ଚରଣ ତଳେ କରେ ନିବେଦନ ॥
ଅବିଶ୍ୱାସୀ ଦୁରାଚାରୀ ମୁଁ ପତିତ ଜୀବ ।
ମୋ ପ୍ରତି ସଦୟ ହୁଅ ଆହେ ଗୁରୁଦେବ ॥
ଶୋଧନ କିପରି ହେବ ମୋ ମନ ଶରୀର ।
ଭକ୍ତିପଥେ ଯେମନ୍ତେ ମନ ଝୁରିବ ନିରନ୍ତର ॥
ସେହି କୃପା କର ମୋତେ ହେ ପରମ ପିତା ।
ଏହି ମାତ୍ର ଭିକ୍ଷା କରେ ହେ ପରମତ୍ରାତା ॥
ଭକ୍ତି ରାଜ୍ୟର ଅବଗାହନର ସ୍ୱାଦ ।
ଦୃଢ଼ମନେ କରେ କିପରି ଅସାଧ୍ୟ କାର୍ଯ୍ୟ ॥
ସେତିକି ସଦୟ ହୁଅ ହେ ଆରାଧ୍ୟ ପିତା ।
ଶ୍ରୀଗୁରୁ ବୈଷ୍ଣବ ସେବାରେ ମନ ହେଉ ଉନମତା ॥
ଶୁଭ ଆବିର୍ଭାବ ତିଥିପାଳନ ଅବସରରେ ।
ଏହି ଭିକ୍ଷା ମାଗେ ମୁହିଁ ବୃନ୍ଦାବନ ଧାମରେ ॥
ରାଙ୍ଗାପାଦେ ନା ଠେଲିବ ଆହେ ଗୁରୁଦେବ ।
ଅଧମ ଅକ୍ଷମ ପୁତ୍ରର ଦୋଷ ମାର୍ଜନା କରିବ ॥

ଜୟ ଶ୍ରୀଶ୍ରୀମଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଗୁରୁମହାରାଜ କୀ ଜୟ। ହରେକୃଷ୍ଣ।

*ଆପଣଙ୍କ ଅଧମ ସେବକ*
***ସିହାଂଚଳ ନୃସିଂହ ଦାସ***
*ଆଙ୍କୁଶପୁର, ବ୍ରହ୍ମପୁର*

# ଦୀର୍ଘଦିନ ଅପେକ୍ଷାରେ...

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପ୍ରିୟ ଆଦରଣୀୟ ଗୁରୁମହାରାଜ ଆପଣଙ୍କ ୭୨ତମ ବ୍ୟାସପୂଜାରେ ଏ ଅଯୋଗ୍ୟକୁ କିଛି କହିବା ପାଇଁ ସୁଯୋଗ ଦେଇଥିବାରୁ ଏଇ ଅଯୋଗ୍ୟ ଆପଣଙ୍କ ନିକଟରେ ଚୀରଋଣୀ। ହେ ଗୁରୁମହାରାଜ ଆପଣଙ୍କ ବିଶାଳ ଗୁଣଗାନ କେମିତି କରିବି ବୋଲି ଏହି ଅଯୋଗ୍ୟ ଭାବୁଛି। ଆପଣ କୃପା କରିଥିବାରୁ କିଛି କହିପାରିବି ସେଥିପାଇଁ ଆପଣଙ୍କ ନିକଟରେ ଚୀର କୃତଜ୍ଞ। ମୁଁ ଏହି ଧରାଧାମକୁ ଆସିଲି ସତ କିନ୍ତୁ ପ୍ରକୃତ ଜନ୍ମ ଆପଣଙ୍କଠାରୁ ଦୀକ୍ଷା ନେଲାପରେ ହୋଇଛି। ଏହି ପରମ ଆନନ୍ଦର ବ୍ୟାଖ୍ୟା ସାମାନ୍ୟ ଲେଖନୀ ଓ ଶବ୍ଦଦ୍ୱାରା କରାଯାଇପାରିବ ନାହିଁ। ଆପଣ ହେଉଛନ୍ତି ଭଗବାନଙ୍କ ପ୍ରତିନିଧି। ମୁଁ ଦୀର୍ଘଦିନ ଧରି ଅପେକ୍ଷାରେ ଥିଲି ଯେ, ମୋତେ ଗୁରୁ ଦୀକ୍ଷା ମିଳିବ କି ନାହିଁ। ସ୍ୱୟଂ ଭଗବାନ ଶ୍ରୀ ରାଧାକାନ୍ତଙ୍କ କୃପାରୁ ଏବଂ ଆପଣଙ୍କ ଦୟାରୁ ଏ ଅଜ୍ଞାନୀ ଅଧମକୁ ଗୁରୁ ଦୀକ୍ଷା ଗ୍ରହଣ କରିବାକୁ ସୁଯୋଗ ମିଳିଲା, ଆପଣଙ୍କ ପାଦପଦ୍ମଚରଣ ତଳେ ମୁଁ ଜନ୍ମଜନ୍ମ ଧରି ଚୀରକୃତ ଋଣୀ ହେଇ ରହିଲି।

ଶ୍ରୀ ଗୁରୁ ଚରଣ ପଦ୍ମ କେବଳ ଭକତି ସଦ୍ମ
ବନ୍ଦୋ ମୁଇଁ ସାବଧାନ ମତେ ।
ଯାଁହାର ପ୍ରସାଦେ ଭାଇ ଏ ଭବ ତରିୟା ଯାଇ
କୃଷ୍ଣ ପ୍ରାପ୍ତି ହୟ ଯାଁହା ହଇତେ ॥
ଗୁରୁ ମୁଖ ପଦ୍ମ ବାକ୍ୟ ଚିତ୍ତେତେ କରିୟା ଐକ୍ୟ
ଆର ନା କରିହ ମନେ ଆଶା ।
ଶ୍ରୀଗୁରୁ ଚରଣେ ରତି ଏହି ସେ ଉତ୍ତମ ଗତି
ଯେ ପ୍ରସାଦେ ପୂରେ ସର୍ବ ଆଶା ॥

ଆଜିର ଏହି ପବିତ୍ର ତିଥିରେ ମୁଁ ଶ୍ରୀଶ୍ରୀରାଧାକାନ୍ତ, ଗୌର ନିତାଇଙ୍କ ପାଖରେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପାଇଁ ପ୍ରାର୍ଥନା କରୁଛି ।

*ଆପଣଙ୍କ ଅଯୋଗ୍ୟ ଶିଷ୍ୟ*
***ସୀତାପତି ଦାସ***

# ଯେ ପ୍ରସାଦେ ପୁରେ ସର୍ବ ଆଶା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁମହାରାଜ । ଆପଣଙ୍କର ଏହି ଶୁଭ ଆବିର୍ଭାବ ତିଥିରେ ଆପଣଙ୍କ ପାଦପଦ୍ମରେ ଏ ଅଯୋଗ୍ୟର ଭକ୍ତିପୂର୍ଣ୍ଣ ପ୍ରଣାମ ସ୍ୱୀକାର କରନ୍ତୁ । ମୋର କରୁଣାର ସାଗର ଗୁରୁଦେବ । ଆପଣଙ୍କର ଗୁଣଗାନ କରିବାକୁ ଏ ଅଯୋଗ୍ୟ ସକ୍ଷମ ନୁହେଁ, କିନ୍ତୁ ଆପଣଙ୍କର ଏହି ୭୨ତମ ବ୍ୟାସପୂଜା ଅବସରରେ ଏ ଅଧମ ଶ୍ରୀଶ୍ରୀ ରାଧାଶ୍ୟାମସୁନ୍ଦରଙ୍କୁ ପ୍ରଣାମ ନିବେଦନ କରି ଆପଣଙ୍କର ଗୁଣଗାନ କରିବାପାଇଁ ପ୍ରୟାସ କରୁଛି ।

ଗୁରୁଦେବ ଆପଣଙ୍କ ସ୍ମରଣରେ କିଛି ଅନୁଭୂତି- ପ୍ରାୟ କେତେ ବର୍ଷ ଧରି ମୁଁ ଅପେକ୍ଷା କରିଥାଏ ଡିସେମ୍ବର ମାସକୁ । କେବେ ପିକ୍‌ନିକ୍ ସମୟ ଆସିବ ଆଉ ମୁଁ ପୁରୀ ଯିବି, ଜଗନ୍ନାଥଙ୍କ ଦର୍ଶନ କରିବି, କିନ୍ତୁ ମୋର ଏ ଆଶା ପୁରୁଣ ହୁଏନି । ଦୀର୍ଘ କେତେ ବର୍ଷ ପରେ ଜଗାର ଡୋରି ଲାଗିଥିଲା, କିନ୍ତୁ ମନରେ ଭୟ ଥିଲା କି ଏ ଅଧମ ଜଗନ୍ନାଥଙ୍କ ଦର୍ଶନ କରିପାରିବ ତ ? ପୁଣି ପଞ୍ଚୁକର ଭିଡ଼... ସତରେ ଏ ଅଧମ ଜଗନ୍ନାଥଙ୍କ ଦର୍ଶନ କରିପାରିଲା ନାହିଁ । ମନରେ ଥାଏ ବିରହର ଦୁଃଖ ଏବଂ ଚକ୍ଷୁରେ ଥାଏ ଅଶ୍ରୁ । ନାଁ ମୁଁ ତାଙ୍କ ଦୁଆରୁ ଫେରି ଆସିପାରୁଛି ନା ମୁଁ ଦର୍ଶନ ପାଇଁ ଆଗକୁ ବଢ଼ିପାରୁଛି । ସେଇଠି ଜଗାର ଦୁଆରେ ଥାଇ କାନ୍ଦି କାନ୍ଦି ଆପଣଙ୍କୁ ସ୍ମରଣ କରୁଥାଏ, ଗୁରୁଦେବ ପ୍ରାର୍ଥନା କରୁଥାଏ । ଆପଣଙ୍କ କୃପାରୁ ଏପରି କିଛି ହେଲା ମନ୍ଦିର ଭିତରୁ ଜଣେ ଭକ୍ତଙ୍କ ମାଧ୍ୟମରେ ଏ ଅଧମ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ମାଙ୍କ ସୁନ୍ଦର ଦର୍ଶନ କରିବାର ସୁଯୋଗ ପ୍ରାପ୍ତ ହେଲି ।

ଗୁରୁଦେବ ସେହିଦିନଠାରୁ ମୁଁ ଅନୁଭବ କଲି ଆପଣ ସେହି ସ୍ଥାନରେ ଉପସ୍ଥିତ ଥାଆନ୍ତୁ କିମ୍ବା ନ ଥାଆନ୍ତୁ ଆପଣ ସଦାସର୍ବଦା ଆପଣଙ୍କ ଶିଷ୍ୟଙ୍କୁ ସହାୟତା ହୋଇଥାଆନ୍ତି । ଗୁରୁଦେବ ସେହିଦିନ ଆପଣଙ୍କ ଅହେତୁକି କୃପାରୁ ଏ ଅଧମ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମାଙ୍କ ଦର୍ଶନ କରିବାର ଆଶା ପୁରଣ ହେଲା ।

ଶ୍ରୀଗୁରୁ ଚରଣେ ରତି, ଏଇ ସେ ଉତ୍ତମ ଗତି
ଯେ ପ୍ରସାଦେ ପୁରେ ସର୍ବ ଆଶା... ।

ଗୁରୁଦେବ ଏ ଅଧମର ଯେତେ ବି ଆଧ୍ୟାତ୍ମିକ ଅଗ୍ରଗତିରେ ବାଧା ସୃଷ୍ଟି ହୁଏ, ଏ ଅଧମ ଆପଣଙ୍କୁ ସ୍ମରଣ / ପ୍ରାର୍ଥନା କରେ ଏବଂ ସେହି ବାଧାରୁ ରକ୍ଷାପାଏ । ଏହିପରି ଅନେକ ଆଧାତ୍ମିକ ଆଶା ମଧ୍ୟ ପୂର୍ଣ୍ଣ ହୁଏ । ଗୁରୁଦେବ ମୁଁ ରାଧାଶ୍ୟାମସୁନ୍ଦରଙ୍କ ନିକଟରେ ପ୍ରାର୍ଥନା କରୁଛି ଆପଣ ସଦାସର୍ବଦା ନିରୋଗ ରୁହନ୍ତୁ, ଦୀର୍ଘାୟୁ ହୁଅନ୍ତୁ ।

ଶେଷରେ ଏତିକି ଆଶା ଗୁରୁଦେବ, ଏହି ଅଧମ, ମୂର୍ଖ, ତୁଚ୍ଛ ଜୀବ ଉପରେ ଦୟା କରନ୍ତୁ । ଏ ଅଧମ ଯେପରି ଆପଣଙ୍କ ପ୍ରତ୍ୟେକ ଉପଦେଶ ଦୃଢ଼ତାର ସହ ପାଳନ କରିପାରେ ଏବଂ ଭକ୍ତିମୟ ଜୀବନରେ ଅଗ୍ରଗତି କରିପାରେ ।

*ଆପଣଙ୍କ ଚରଣାଶ୍ରିତା*
***ସ୍ମାଇଲ୍ ଓଝା***
*ଇସ୍କନ୍, ଢେଙ୍କାନାଳ*

# ଗୁରୁଙ୍କ ସେବା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଗୁରୁଦେବ ଆପଣଙ୍କର ଏହି ୭୨ତମ ଶୁଭ ଆବିର୍ଭାବ ବ୍ୟାସପୂଜା ମହୋତ୍ସବରେ ଏ ଦାସୀ ଆପଣଙ୍କର ଶ୍ରୀଚରଣକମଳରେ ଭକ୍ତିପୂତ ପ୍ରଣାମ ଜଣାଉଛି । ହେ ଗୁରୁଦେବ ଆପଣଙ୍କ ଗୁଣକୀର୍ତ୍ତନ କରିବା ମୋ ପରି ଜଣେ ବଦ୍ଧଜୀବ ପକ୍ଷେ ସମ୍ଭବ ନୁହେଁ । ଆପଣଙ୍କ ଭଳି ମହାନ୍ ସାଧୁଙ୍କୁ ଗୁରୁରୂପେ ପାଇ ମୋ ଜୀବନ ଧନ୍ୟ ହୋଇଯାଇଛି । ଗୁରୁଦେବଙ୍କ ପ୍ରବଚନ ସବୁଦିନ ଶୁଣି ମୁଁ ନିଜକୁ ଧନ୍ୟ ମନେକରୁଛି । ମୁଁ ମନ୍ଦିରରେ ଅମୁଣିଆଁ ସେବା କରୁଛି, ଗୀତା ପ୍ରଚାର କରୁଛି, ମନ୍ଦିର ଝାଡୁ ବି କରୁଛି, ପ୍ରଭୁଜୀମାନେ ମନ୍ଦିରରେ ଯାହା କୁହନ୍ତି ତାଙ୍କ କଥା ମାନି ସେବାକରେ । ମୁଁ ସବୁବେଳେ ମନ୍ଦିର ଯାଇପାରୁ ନାହିଁ । ଗୁରୁଦେବଙ୍କ ପ୍ରେରଣା ଓ ମାର୍ଗରେ ନିଜକୁ ମୁଁ ଜଣେ ସେବିକା ବା ଦାସୀ ହୋଇ ଆପଣଙ୍କ ଆଦେଶକୁ ଶିରୋଧାର୍ଯ୍ୟ ପାଳନ କରିବି । ହେ ଗୁରୁଦେବ ଏତିକି ଏଇ ଅଧମକୁ କୃପା କରନ୍ତୁ । ମୋର ଭୁଲଥିଲେ ମୋତେ କ୍ଷମା କରିବେ । ମୁଁ ଶ୍ରୀଜଗନ୍ନାଥ ଏବଂ ଶ୍ରୀ ରାଧାକୃଷ୍ଣଙ୍କ ଚରଣରେ ପ୍ରାର୍ଥନା କରୁଛି ମୋର ପରମପୂଜ୍ୟ ଗୁରୁଦେବଙ୍କୁ କୋଟି ପରମାୟୁ ଦିଅନ୍ତୁ । ଏବଂ ସୁସ୍ଥ ରଖନ୍ତୁ । ଜୟ ଶ୍ରୀଲ ଗୁରୁଦେବ କି ଜୟ ।

*ଆପଣଙ୍କର ଅଯୋଗ୍ୟା ଶିଷ୍ୟା*
***ସୃଷ୍ଟି ଦେବୀଦାସୀ***
*ମଲ୍ଲୀବନ୍ଧ, ତାଳଚେର*

# ଶିଷ୍ୟବତ୍ସଳ ଶ୍ରୀଗୁରୁଦେବ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ଶ୍ରୀଲ ଗୁରୁଦେବଙ୍କ ଚରଣମଳରେ କୋଟି ଦଣ୍ଡବତ ପ୍ରଣାମ । ସେ ମୋ'ଭଳି ଜଣେ ଅଧମକୁ ଶିଷ୍ୟରୂପେ ଗ୍ରହଣ କରିଥିବାରୁ ମୁଁ ତାଙ୍କଠାରେ ଚୀରଋଣୀ । ସେ ଜଣେ ଅତ୍ୟନ୍ତ ଦିବ୍ୟବକ୍ତି ସମ୍ପନ୍ନ । ତାଙ୍କଠାରେ ବହୁତ ଶାସ୍ତ୍ରଜ୍ଞାନ ରହିଛି, ତାଙ୍କର ପ୍ରବଚନ ଶୁଣିବାରେ ବହୁତ ଆନନ୍ଦ ଲାଗେ । ତାଙ୍କର ପ୍ରବଚନ ଶ୍ରବଣ କରିବା ପରେ ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୁଏ, ଭକ୍ତି ଜାଗ୍ରତ ହୁଏ, ସେ ପରମତତ୍ତ୍ୱବେତା ସେ କେବେହେଲେ କୌଣସି ଭକ୍ତଙ୍କ ଉପରେ ରାଗନ୍ତି ନାହିଁ । ସମସ୍ତ ଶିଷ୍ୟ, ଶିଷ୍ୟାମାନଙ୍କୁ ବହୁତ ସ୍ନେହ କରନ୍ତି । ତାଙ୍କର ଦର୍ଶନ କଲେ ଆତ୍ମାକୁ ବହୁତ ଶାନ୍ତି ଲାଗେ । ସେ ଜଣେ ସର୍ବଗୁଣ ସମ୍ପନ୍ନ ଗୁରୁ ଅଟନ୍ତି । ତାଙ୍କର ଗୁଣଗାନ କରିବାକୁ ମୋର ଯୋଗ୍ୟତା ନାହିଁ । ତାଙ୍କର ଦିବ୍ୟମୁଖରେ ସବୁବେଳେ ହସ ଭରି ରହିଥାଏ । ସେ ମନ୍ଦିର ଗୃହକୁ ଯାଆନ୍ତି ସେଠାରେ ପରବର୍ତ୍ତି ସମୟରେ ବହୁତ ଉନ୍ନତି ହୁଏ । ସେ ଜଣେ ମହାନ୍ ଆଚାର୍ଯ୍ୟ । ସେ ଜଣେ ଶିଷ୍ୟବତ୍ସଳ ଗୁରୁ । ତାଙ୍କ ଶିଷ୍ୟ, ଶିଷ୍ୟାମାନଙ୍କୁ ସେ ବହୁତ ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତି । ତାଙ୍କର ପ୍ରବଚନ ଅତ୍ୟନ୍ତ, ବିଜ୍ଞାନ, ତତ୍ତ୍ୱପୂର୍ଣ୍ଣ ହୋଇଥାଏ । ମୁଁ ସବୁବେଳେ ତାଙ୍କ ଦର୍ଶନ କରୁଥାଏ । ଏହା ହିଁ ମୋର ଭଗବାନଙ୍କ ପାଖରେ ପ୍ରାର୍ଥନା ।

*ଅନନ୍ତକୋଟି ଦଣ୍ଡବତ ପ୍ରଣାମ*
***ସୁଦର୍ଶନ ଦାସ***
*ଇସ୍କନ, ଢେଙ୍କାନାଳ*

# ଭଗବାନଙ୍କ ପ୍ରତିନିଧି

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆପଣଙ୍କ ଏହି ୭୨ତମ ଶୁଭ ବ୍ୟାସପୂଜା ଅବସରରେ ଆପଣଙ୍କର ଶ୍ରୀଚରଣ କମଳରେ ମୋର କୋଟି କୋଟି ଦଣ୍ଡବତ ପ୍ରଣାମ ଜଣାଉଛି। ହେ ଗୁରୁଦେବ ଆପଣଙ୍କ ମହାନତା ବର୍ଣ୍ଣନା କରିବାର ମୋର ଯୋଗ୍ୟତା ନାହିଁ। ଆମ୍ଭମାନଙ୍କ ସୌଭାଗ୍ୟ ଯେ ଆପଣ ଗୋଲକଧାମରୁ ଆସିଛନ୍ତି ଆମ ପରି ବଦ୍ଧଜୀବମାନଙ୍କୁ ଉଦ୍ଧାର କରିବା ଲାଗି। ଆପଣଙ୍କ ଭଳି ଭକ୍ତଙ୍କର ଗୁଣଗାନ କରିବାର ସୁଯୋଗ ମିଳିଥିବାରୁ କିଛି କହିବାର କିଞ୍ଚିତ ପ୍ରୟାସ କରୁଛି।

ହେ ଗୁରୁଦେବ ମୁଁ ଏତେ ଅଜ୍ଞାନୀ ଯେ ଆପଣଙ୍କ ମହାନତାକୁ ହୃଦୟଙ୍ଗମ କରିବାର ମୋର ଯୋଗ୍ୟତା ନାହିଁ। ହେ ଗୁରୁଦେବ ଆପଣ ହେଉଛନ୍ତି ଭଗବାନଙ୍କ ପ୍ରତିନିଧି ଆମ୍ଭମାନଙ୍କ ଭଳି ବଦ୍ଧ ଜୀବମାନଙ୍କୁ ଉଦ୍ଧାର କରିବାର ଲାଗି ଭଗବାନ ଆପଣଙ୍କୁ ଏହି ଧରାଧାମକୁ ପଠାଇଛନ୍ତି। ମୋର ପୂର୍ବରୁ କେତେ ଯେ ଜନ୍ମ ବିତିଛି। ମୁଁ ଏହି ଭୌତିକ ତ୍ରିତାପ ଜନିତ ଦୁଃଖ ଯନ୍ତ୍ରଣା ଭୋଗ କରୁଛି। ତେଣୁ ଆପଣଙ୍କ କୃପାରୁ ମୋ ଭଳି ଦୀନହୀନ ପାପୀଙ୍କୁ ଆପଣଙ୍କ ଚରଣରେ ସ୍ଥାନ ଦେଇ ମତେ ଶିଷ୍ୟ ରୂପେ ଗ୍ରହଣ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି।

ହେ ଗୁରୁଦେବ ମୁଁ ଆପଣଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି ଯେ, ମୁଁ କିଭଳି ସଦାସର୍ବଦା ଗୁରୁ ଏବଂ କୃଷ୍ଣଙ୍କ ପ୍ରୀତି ବିଧାନାର୍ଥେ ସାଧୁ ଓ ବୈଷ୍ଣବମାନଙ୍କ ସେବାରେ ନିଯୁକ୍ତି ହେବି ଆପଣ ଏତିକି କୃପା କରନ୍ତୁ। ଆଜିର ଏହି ଶୁଭ ଆବିର୍ଭାବ ତିଥିରେ ଭଗବାନ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମହାରାଣୀ, ଶ୍ରୀ ନରସିଂହ ଦେବ ଏବଂ ରାଧା ରାଧାକାନ୍ତଙ୍କ ପାଖରେ ମୋର ଏତିକି ବୀନତି, ଭଗବାନ ଆପଣଙ୍କୁ ସର୍ବଦା ସୁସ୍ଥ ଏବଂ ଦୀର୍ଘାୟୁ କରାନ୍ତୁ। ଆପଣଙ୍କୁ ମହାପ୍ରଭୁଙ୍କର ବାଣୀକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର ପାଇଁ ଦୃଢ଼ ଶକ୍ତି ପ୍ରଦାନ କରନ୍ତୁ। ଏହି ଭୌତିକ ଜଗତରେ ରହୁଥିବା ଆମଭଳି ପାପୀ, ଅଧମମାନେ ଆପଣଙ୍କର ସାଧୁସଙ୍ଗ ଲାଭକରି ଏହି ଅମୂଲ୍ୟ ମଣିଷ ଜୀବନକୁ କୃଷ୍ଣଚେତନାରେ ନିୟୋଜିତ କରିପାରନ୍ତୁ। ଏହା ହିଁ ମୋର ଭଗବାନଙ୍କ ଚରଣକମଳରେ ପ୍ରାର୍ଥନା।

*ଆପଣଙ୍କର ଶ୍ରୀଚରଣାଶ୍ରିତା ଦାସୀ*
***ସୁମିତ୍ରା ଦେବୀଦାସୀ***
*ନାମହଟ୍ଟ କେନ୍ଦ୍ର, ନିମଖଣ୍ଡି, ବ୍ରହ୍ମପୁର*

# ଦକ୍ଷ ନାବିକ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଲେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ହେ ମୋର ପରମ ଆରାଧ୍ୟ, ପତିତପାବନ ଶ୍ରୀଲ ଗୁରୁମହାରାଜ। ଆଜିର ଏହି ୭୨ତମ ପବିତ୍ର ଆବିର୍ଭାବ ତିଥିରେ ଆପଣଙ୍କର ଚରଣକମଳରେ ଶତକୋଟି ପ୍ରଣାମ ଜଣାଉଛି। ଉପସ୍ଥିତ ସମସ୍ତ ବୈଷ୍ଣବ ବୈଷ୍ଣବୀମାନଙ୍କୁ ମୋର ପ୍ରଣାମ। ଆପଣଙ୍କ ମହନୀୟ ଗୁଣକୁ କୀର୍ତ୍ତନ କରିବା ମୋଭଳି ବିଷୟୀ ଜୀବର କୌଣସି ଯୋଗ୍ୟତା ନାହିଁ। ତଥାପି ଆପଣଙ୍କ କୃପାକୁ ପାଥେୟ କରି କିଛି ପ୍ରୟାସ କରୁଛି।

"କୃଷ୍ଣ କୃପାରୁ ଗୁରୁ ମିଳେ, ଗୁରୁ କୃପାରୁ କୃଷ୍ଣ ମିଳେ।"

ଗୁରୁଦେବ ଆପଣଙ୍କ ପ୍ରଥମ ଦର୍ଶନ ପୂର୍ବରୁ ମୁଁ ଅନେକ ଠକ ସାଧୁଙ୍କର ସଂସ୍ପର୍ଶରେ ଆସି ଅନେକଥର ଠକିଯାଇଛି। ମନେମନେ ଭଗବାନଙ୍କୁ ପ୍ରାର୍ଥନା କଲି ହେ ଭଗବାନ ମୋତେ ଶୁଦ୍ଧ ସାଧୁଙ୍କର ସଙ୍ଗ ଲାଭ ହେଉ। ୧୯୧୩ ମସିହାରେ ଆମ ଘର ପାଖ ସେଣ୍ଟରରେ ଆପଣଙ୍କର ଭାଗବତ କଥା ହେଉଥାଏ। ଆମର ଦୁଇପୁତ୍ର ଏବଂ ମାତାଜି ସବୁଦିନ କଥା ଶୁଣିବାକୁ ଯାଉଥାନ୍ତି। ମୁଁ କିନ୍ତୁ ଦୋକାନ କାମ ଯୋଗୁଁ ଯାଇପାରୁ ନ ଥାଏ। ସେମାନେ ଆସି କୁହନ୍ତି ତୁମେ ଥରେ କଥା ଶୁଣିବାକୁ ଚାଲ ଦେଖିବ କିଭଳି ଋଷି ପ୍ରତିମ ସାଧୁ, ତାଙ୍କର କଥା କେତେ ସୁନ୍ଦର, ତାଙ୍କର ଦର୍ଶନ କେତେ ସୁନ୍ଦର ଯାହାକି ଜଣକୁ ପରମାର୍ଥିକ ଦିଗରେ ନିଶ୍ଚୟ ଅଗ୍ରସର କରିବ। ତା ପରଦିନ ସକାଳ ୯ ଘଟିକା ସମୟରେ ସେହି ପାଖ ସେଣ୍ଟରରେ ଆପଣଙ୍କୁ ସାକ୍ଷାତ କରିଥିଲି। ଆପଣଙ୍କର ଦିବ୍ୟ ଦର୍ଶନ ଏବଂ କେଇପଦ ସ୍ନେହଭରା କଥା ଆଜି ପର୍ଯ୍ୟନ୍ତ ମାନସପଟରେ ସଞ୍ଚିତ ହୋଇ ରହିଯାଇଛି। ସେହିଦିନ ମୋତେ ଶୁଦ୍ଧଗୁରୁ ମିଳିଯାଇଛି ବୋଲି ଭଗବାନଙ୍କୁ ଅଶେଷ ଧନ୍ୟବାଦ ଜଣାଇଲି। ଦୀର୍ଘ ବାରବର୍ଷ ପୂର୍ବେ ଆପଣଙ୍କୁ ଯେପରି ଦର୍ଶନ କରିଥିଲି ଏବଂ ଆପଣଙ୍କର ସ୍ନେହଭରା କଥା ଶୁଣିଥିଲି ଆଜି ବି ଅବିକଳ ସେହିପରି ଆପଣଙ୍କ ଦର୍ଶନ ରହିଛି। ଭଗବାନଙ୍କୁ ପ୍ରାର୍ଥନା କରୁଛି ଆପଣ ସେହିପରି ଜ୍ୟୋତିର୍ମୟ ହୋଇ ସବୁ ସମୟରେ ରହିଥାନ୍ତୁ ଏବଂ ଆମ୍ଭମାନଙ୍କୁ ଆଶୀର୍ବାଦ ବର୍ଷଣ କରୁଥାନ୍ତୁ। ଗୁରୁଦେବ ଆପଣଙ୍କର ଭାଗବତ କଥା ଅତ୍ୟନ୍ତ ସ୍ମୃତିମଧୁର, ପ୍ରତିଟି ଶବ୍ଦ ଏକ ନିର୍ଦ୍ଦିଷ୍ଟ ମାପଚୂପରେ ହୋଇଥାଏ। ଆପଣ ଯେଉଁ ଭାଷାରେ କଥାକଲେ ମଧ୍ୟ ଏକାପରିକା ଲାଗେ। କୃଷ୍ଣ ଚେତନା ଆନ୍ଦୋଳନ ସମସ୍ତଙ୍କ ହୃଦୟରେ ଥିବା ସୁପ୍ତକୃଷ୍ଣ ଚେତନାକୁ ଜାଗ୍ରତ କରିବାପାଇଁ ଉଦ୍ଦିଷ୍ଟ। ଯାହାକି ଅତ୍ୟନ୍ତ ଭୌତିକବାଦୀ ଜୀବନ କାଟୁଥିବା ପାଶ୍ଚାତ୍ୟ ଦେଶର ଲୋକମାନେ ଏହାକୁ ଗ୍ରହଣ କରି ତ୍ୟାଗପୂର୍ଣ୍ଣ ଭକ୍ତିମୟ ଜୀବନର ପଥିକ ହୋଇପାରିଛନ୍ତି।

ତ୍ରିତାପ ଜର୍ଜରିତ ଜୀବମାନଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀଲ ପ୍ରଭୁପାଦଙ୍କ କୃଷ୍ଣଚେତନା ଆନ୍ଦୋଳନକୁ ନିଜର ଜୀବନ ଓ ପ୍ରାଣଭାବେ ଗ୍ରହଣ କରି ଏକ ଆଧ୍ୟାତ୍ମିକ ବିପ୍ଳବ ସୃଷ୍ଟି କରିଛନ୍ତି। ଯାହାର ଫଳସ୍ୱରୂପ ଆଜି ଅଗଣିତ ବଦ୍ଧଜୀବ, ମାନବ ଜୀବନର ମୂଳ ଲକ୍ଷ୍ୟକୁ ହୃଦୟଙ୍ଗମ କରି ଏଥିରେ ସାମିଲ ହୋଇପାରିଛନ୍ତି। ତ୍ରିତାପ ଜର୍ଜରିତ ମାନବ ଆଜି ଗୋଟିଏ ପରିବାର ମଧ୍ୟରେ ଏକତ୍ରିତ ହୋଇ ରହିପାରୁ ନଥିବା ଅବସ୍ଥାରେ ଆପଣଙ୍କ ଦ୍ୱାରା ନିର୍ମିତ ଗୋଟିଏ ଛାତତଳେ ସମଗ୍ର ଜଗତର ଲୋକମାନେ ଏକତ୍ରିତ ହୋଇ ଆଶ୍ରୟ ଗ୍ରହଣ କରିଛନ୍ତି। ବାସ୍ତବିକ ଆପଣ ଆଧୁନିକ ଯୁଗର ପରମ ମଣିତୁଲ୍ୟ। ଏହା ନ ହୋଇଥିଲେ ଆମଭଳି ଅସଂଖ୍ୟ ପତିତ ଜୀବମାନଙ୍କୁ ଏ ଭବ ସାଗରରୁ ଉଦ୍ଧାର କରି ଏକ ଭକ୍ତିମୟ ଜୀବନର ଆଲୋକ ଆଉ କିଏ ଦେଇପାରିଥାନ୍ତା। ମଣିଷ ଜୀବନର ଲକ୍ଷ୍ୟ କ'ଣ, ଜୀବର ଭଗବାନଙ୍କ ସହିତ ସମ୍ବନ୍ଧ-କ'ଣ ତାହା ଆଜି ଆପଣଙ୍କ ଯୋଗୁଁ ଆମ୍ଭେମାନେ ବୁଝିବାରେ ସକ୍ଷମ ହୋଇପାରିଛୁ। ଆପଣ ଏକଦା କହିଥିଲେ "ଜଣେ ଉତ୍ତମ ଶିଷ୍ୟ ହିଁ ଜଣେ ଉତ୍ତମ ଗୁରୁ ହୋଇପାରିବ।"

ଏହି କ୍ରମରେ ଆପଣ ଶିଷ୍ୟ ଓ ଆଧ୍ୟାତ୍ମିକ ଗୁରୁ ମାଧ୍ୟମରେ ଏକ ଆଦର୍ଶ ସମ୍ପର୍କର ପରାକାଷ୍ଠା ଦେଖାଇପାରିଛନ୍ତି। ସେଥିପାଇଁ ଜଣେ ପ୍ରକୃତ ଶିଷ୍ୟ ସେବା ମନୋଭାବକୁ ଧାରଣ କରି ସ୍ୱୀୟ ଗୁରୁଙ୍କର ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିପାରିଲେ ତା'ର ସାଧନ ପରିପକ୍ୱ ହୋଇପାରିବ। ଏହା ଆମ୍ଭମାନଙ୍କ ପାଇଁ ମୁଖ୍ୟ

ସୂତ୍ର। ଏହି ଭୟଙ୍କର ଭବସାଗରକୁ ପାରି ହେବାପାଇଁ ଆପଣ ଆମ୍ଭମାନଙ୍କ ପାଇଁ ଘାଟ ଦେଇଛନ୍ତି, ଡଙ୍ଗାର ବ୍ୟବସ୍ଥା କରିଛନ୍ତି ଏବଂ ଦକ୍ଷ ନାବିକର ବ୍ୟବସ୍ଥା ମଧ କରିଛନ୍ତି, କେବଳ ଆମ ମନର ଅନୁକୂଳ ଭାବନା ଆବଶ୍ୟକ। ଆଜି କଳିର ପ୍ରଭାବରେ ବହୁଧର୍ମ ବହୁ ଶାସ୍ତ୍ର ବହୁ ମନୋଧର୍ମ ସୃଷ୍ଟି କରାଯାଇଛି। ବିଷୟକୁ ଭୁଲି ଜନ୍ମ ମୃତ୍ୟୁ ଜରାବ୍ୟାଧିର ଚକ୍ରକୁ ଅତିକ୍ରମ କରିବାପାଇଁ ତଥା ଭାଗବତ ଧର୍ମର ଶ୍ରେଷ୍ଠ ରହସ୍ୟକୁ ଅନୁଶୀଳନ କରିବାପାଇଁ ଆପଣଙ୍କ ଭଳି ଅନନ୍ୟ ସାଧୁ ଏହାକୁ ଆଚରଣ କରି ଆମ୍ଭମାନଙ୍କୁ ଶିକ୍ଷା ପ୍ରଦାନ କରିପାରିବେ।

ଶ୍ରୀଲ ଗୁରୁଦେବ ଆପଣଙ୍କର ଏହି ପବିତ୍ର ବ୍ୟାସପୂଜା ଦିବସରେ ଏତିକି ପ୍ରାର୍ଥନା, ଆପଣଙ୍କ ପ୍ରଦତ୍ତ ଶିକ୍ଷା ଓ ଆଦର୍ଶକୁ ମୁଁ ଜୀବନର ଶେଷ ପର୍ଯ୍ୟନ୍ତ ପାଳନ କରିବା ପାଇଁ ମୋତେ କୃପା ପ୍ରଦାନ କରନ୍ତୁ। ହରେକୃଷ୍ଣ।

*ଆପଣଙ୍କର ଅଧମ ଦାସାନୁଦାସ*

***ସୁମୁଖ ଦାସ***

# ଜନ୍ମେ ଜନ୍ମେ ଆପଣଙ୍କ ସେବା

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁଦେବ, ଆଜି ଆପଣଙ୍କର ୭୨ତମ ଶୁଭ ଆବିର୍ଭାବ ଦିବସ ବ୍ୟାସପୂଜା ମହୋତ୍ସବ ରୂପେ ମହାସମାରୋହରେ ପାଳନ କରାଯାଇଛି। ଏହି ପରମ ପବିତ୍ର ବ୍ୟାସ ପୂଜା ଉତ୍ସବରେ ଏ ଅଧମ ଦାସି ଆପଣଙ୍କ ଶ୍ରୀଚରଣ ତଳେ ଶତକୋଟି ଭୂମିଷ୍ଠ ପ୍ରଣାମ ଅର୍ପଣ କରୁଛି। କୃପାକରି ସାଦରେ ଗ୍ରହଣ କରିବେ। ଉପସ୍ଥିତ ମୋର ସମସ୍ତ ଗୁରୁଭ୍ରାତା, ଗୁରୁଭଗ୍ନୀ ଓ ଅନ୍ୟାନ୍ୟ ଗୁରୁଜନମାନଙ୍କୁ ମୋର ବିନମ୍ର ପ୍ରଣାମ ଜଣାଉଛି। ଗୁରୁଦେବ, ଆପଣଙ୍କ ପରି ମହାମହିମ ବୈଷ୍ଣବ ଶିରୋମଣିଙ୍କର ଗୁଣକୀର୍ତ୍ତନ, କରିବାପାଇଁ ଏ ଅଧମ ଦାସୀ ସମ୍ପୂର୍ଣ୍ଣ ଅଯୋଗ୍ୟ। ଆଜିର ଏହି ପରମ ପବିତ୍ର ଦିବସରେ ନିଜର କଲ୍ୟାଣ କରିବାପାଇଁ ଆପଣଙ୍କର କୃପାପ୍ରାର୍ଥନା କରୁଛି। ଯୁଗେ ଯୁଗେ ଲୀଳାମୟ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ସ୍ୱରୂପରେ ଏ ଧରାଧାମରେ ଆବିର୍ଭୂତ ହୋଇ ପତିତ ଜୀବମାନଙ୍କୁ ଉଦ୍ଧାର କରିଥାଆନ୍ତି। ଏହି କାର୍ଯ୍ୟ ସାଧନ ନିମିତ୍ତ ସେ ବଳେବେଳେ ବିଭିନ୍ନ ଅବତାର ରୂପରେ ଆସନ୍ତି କିମ୍ବା ତାଙ୍କର ଶ୍ରେଷ୍ଠ ପାର୍ଷଦମାନଙ୍କୁ ଶକ୍ତିସଂଚାର ପୂର୍ବକ ଏ ଧରାଧାମକୁ ପ୍ରେରଣ କରିଥାନ୍ତି। ଗୁରୁଦେବ, ଆପଣ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟତମ ଭକ୍ତ। ବୈଷ୍ଣବ ଆଚାର୍ଯ୍ୟ ଶ୍ରୀମଦ୍ ଏସି, ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ମହାରାଜାଙ୍କର ଜଣେ ସୁଯୋଗ୍ୟ ଶିଷ୍ୟ ଶ୍ରୀଶ୍ରୀମଦ୍ ତମାଲ କୃଷ୍ଣ ଗୋସ୍ୱାମୀ ମହାରାଜଙ୍କର ପ୍ରିୟ ଶିଷ୍ୟ ରୂପେ ଆପଣ ଆମପରି ପତିତ ଜୀବମାନଙ୍କୁ ଉଦ୍ଧାର କରିପାଇଁ ଏ ଧରାଧାମକୁ ଆସିଥିଲେ। ଆପଣ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ଭାଗବତ ଧର୍ମ ପ୍ରଚାର ଓ ପ୍ରସାର କରିଛନ୍ତି। ଜଣେ ସଫଳ ଆଧାତ୍ମିକ ଗୁରୁଭାବରେ ଆପଣ ଅଗଣିତ ଶିଷ୍ୟ-ଶିଷ୍ୟାମାନଙ୍କୁ କୃଷ୍ଣଭକ୍ତି ଯୋଗ ବିଜ୍ଞାନ ଶିକ୍ଷା ପ୍ରଦାନ କରିଛନ୍ତି, ଆପଣଙ୍କ ଅନୁଗୁଳରେ ପ୍ରତିଷ୍ଠିତ ଆଧାତ୍ମିକ କେନ୍ଦ୍ର ତଥା ରାଧାଶ୍ୟାମସୁନ୍ଦର ଆଜି ଶହ ଶହ ଲୋକଙ୍କର ଜୀବନଶୈଳୀ ପରିବର୍ତ୍ତନ ଆଣି ସେମାନଙ୍କୁ ମୁକ୍ତିର ପଥିକ କରାଇ ପାରିଛି। ଗୁରୁଦେବ, ଏ ଅଧମ ପରମାର୍ଥିକ ମାର୍ଗରେ ସମ୍ପୂର୍ଣ୍ଣ ଅଜ୍ଞ। ଆଜିର ଏ ପବିତ୍ରତମ ଦିବସରେ ଆପଣଙ୍କ ପାଦପଦ୍ମରେ ଏତିକିମାତ୍ର ନିବେଦନ ଏ ଅଧମ ଚୀରଦିନ ଆପଣଙ୍କର ସେବକ-ସେବିକା ହୋଇଥିବୁ ଏବଂ ଜନ୍ମେଜନ୍ମେ ଆପଣଙ୍କର ସେବା କରୁଥିବୁ। ଆପଣଙ୍କର କୃପା ହେଲେ ଭଗବାନଙ୍କ କୃପା ପାଇପାରିବୁ। ଆପଣଙ୍କ ଆଶୀର୍ବାଦରୁ ଏ ଦାସ, ଦାସୀର ମନରେ ଯେପରି କୌଣସି ଗୁରୁଭାଇ ଓ ଭଉଣୀମାନଙ୍କ ପ୍ରତି ଦ୍ୱେଷଭାବ ନଆସୁ ଶେଷରେ ଆପଣଙ୍କର ଶ୍ରୀଚରଣ କମଳ ତଳେ ମୋର ବିନମ୍ର ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ ଜଣାଇ ଭକ୍ତି ଅର୍ଘ୍ୟ ସମର୍ପଣ କଲି। ହରେକୃଷ୍ଣ।

***ଆପଣଙ୍କର ଚରଣାଶ୍ରିତ***

***ସୁନ୍ଦର ଶ୍ୟାମ ପ୍ରଭୁ, ଲକ୍ଷ୍ମୀ ଦେବୀଦାସୀ***

***ଇସ୍କନ, ଭୁବନେଶ୍ୱର***

# ଶ୍ରୀମୁଖର ଅମୃତବାଣୀ

**ଓଁ ଅଜ୍ଞାନ-ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଲାକୟା**
**ଚକ୍ଷୁର୍ ଉନ୍ମୀଲିତଂ ଯେନ ତସ୍ମୈ ଶ୍ରୀ-ଗୁରବେ ନମଃ ॥**
**ନମଃ ଓଁ ବିଷ୍ଣୁ-ପାଦାୟ କୃଷ୍ଣ-ପ୍ରେଷ୍ଠାୟ ଭୂତଳେ**
**ଶ୍ରୀମତେ ଭକ୍ତି ଗୌରବ ନାରାୟଣ ସ୍ୱାମିନ୍ ଇତି ନାମିନେ ॥**

ପରମପୂଜ୍ୟ ଶ୍ରୀଲ ଗୁରୁମହାରାଜ। ଆଜି ଆପଣଙ୍କ ଶୁଭ ଆବିର୍ଭାବ ଦିବସରେ ଏହି ଅଯୋଗ୍ୟ ସେବିକାର ପ୍ରଣାମ ଗ୍ରହଣ କରନ୍ତୁ। ଆଜି ଏହି ପରମ ପବିତ୍ର ତିଥିରେ ଆପଣଙ୍କ ପରି ମହାନ୍ ବୈଷ୍ଣବଙ୍କ ଗୁଣଗାନ କରିବା ମୋ ପରି ଏକ ବଦ୍ଧଜୀବ ପକ୍ଷରେ ସମ୍ଭବ ନ ଥିଲେ ମଧ୍ୟ ଆପଣଙ୍କ କୃପାରୁ କିଛି ପ୍ରୟାସ କରିଛି। ଭୁଲ୍‌କୁ କ୍ଷମା କରିବେ କରୁଣାନିଧାନ।

ହେ ଶ୍ରୀଲ ଗୁରୁଦେବ। ଏହି ଭୌତିକ ଜଗତ ବିପଦରେ ପରିପୂର୍ଣ୍ଣ, କଳିଯୁଗରେ ଏହି ତ୍ରିତାପରୁ ବଞ୍ଚିବାର ଏକମାତ୍ର ଆଧାର ଆପଣଙ୍କର ଶ୍ରୀମୁଖର ଅମୃତବାଣୀ। ଗୃହସ୍ଥ ଜୀବନରେ ଥାଇ ମୁଁ ବହୁତ ଥର ଅନୁଭବ କରିଛି ମାୟାର ପ୍ରଭାବ, ଭକ୍ତିର ପରୀକ୍ଷା; ଭଗବାନ ମଧ୍ୟ ଶୁଦ୍ଧ ଭକ୍ତି ଓ ଭକ୍ତିର ପରୀକ୍ଷା। ବେଳେବେଳେ କିଛି ସମୟରେ ବହୁତ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଯାହାବି ମୁଁ ବହୁତଥର ଅନୁଭବ କରିଛି, ଠିକ୍ ସେହି ସମୟରେ ମନରେ ବହୁତ ପ୍ରଶ୍ନ, ବିଚଳିତ ହେଉଥାଏ। କିନ୍ତୁ ଭଗବାନ କୃଷ୍ଣଙ୍କ କୃପା ଓ ଗୁରୁକୃଷ୍ଣଙ୍କ କୃପା ହେତୁ ଶ୍ରୀ ଗୁରୁମୁଖ ପଦ୍ମବାକ୍ୟରେ ସେହି ସମସ୍ୟାର ସମାଧାନ ଆପଣଙ୍କ ଶ୍ରୀମୁଖରୁ ପ୍ରବଚନ ସ୍ୱରୂପ ଶୁଣିବାକୁ ମିଳେ, ଠିକ୍ ସେହିପରି ଥରେ ସାଧନ ଓ ଜପକୁ ନେଇ ମୋ ମନରେ ସନ୍ଦେହ ଓ ବିଚଳିତ ହୋଇଥିଲି। ଠିକ୍ ସେହିଦିନ ଶ୍ରୀ ଚୈତନ୍ୟ ଚରିତାମୃତର ପ୍ରଥମ ଖଣ୍ଡର ଅନ୍ତ୍ୟଲୀଳାର ତୃତୀୟ ପରିଚ୍ଛେଦରେ ଥିବା ଶ୍ରୀ ହରିଦାସ ଠାକୁରଙ୍କର ଗୁଣଗାନ ସେହି ପ୍ରବଚନରେ ହରିଦାସ ଠାକୁରଙ୍କର ଲୀଳା ବର୍ଣ୍ଣନା ଥିଲା।

